R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୩୦
ତିଥି: ସପ୍ତମୀ
୦୪ ସେପ୍ଟେମ୍ବର ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 330
04 September 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




## ନେପାଳ ବନ୍ୟା : ପାଣି ଛାଡ଼ିବା ପରେ ଛାତିଥରା ଦୃଶ୍ୟ

# ମିଳୁନି ଶବ, କୁଶପୁତ୍ତଳିକା ଜାଳି ଅନ୍ତିମ ସଂସ୍କାର

ନୂଆଦିଲ୍ଲୀ, ୩।୯ : ନେପାଳର ବିଧ୍ୱସ୍ତକାରୀ ବନ୍ୟା ପରେ ସେଠାକାର ଦୃଶ୍ୟ ଛାତିଥରା ହୋଇଛି । ପର୍ଯ୍ୟଟନ ଭୂମି ତ୍ରିଶୁଳୀ ଏବେ ଖାଁ ଖାଁ । କାହାର ଘର

### ପର୍ଯ୍ୟଟନ ଭୂମି ଏବେ ଖାଁ ଖାଁ

### ଏଯାଏ ୧୨୫୦ ମୃତ, ୫ ହଜାର ନିଖୋଜ

ଭାଙ୍ଗିଛି ତ କିଏ ଅଧା ଭଙ୍ଗାଘରେ ଜୀବନ କାଟୁଛି । ଆତ୍ମୀୟସ୍ୱଜନଙ୍କୁ ହରାଇ କୋହ ଓ ଲୁହଭରା ମୁହଁ ଚାରିଆଡ଼େ ଦେଖିବାକୁ ମିଳୁଛି । ଶବ ମିଳୁନଥିବାରୁ କୁଶପୁତ୍ତଳିକା ଜାଳି ଅନ୍ତିମ ସଂସ୍କାର କରାଯାଉଛି । ହସ ଖୁସିର ସଂସାର ସବୁ



ଉଜୁଡ଼ି ଯାଇଛି । ଏଭଳି ଛାତିଛରା ଦୃଶ୍ୟ ଏବେ ନେପାଳରେ ଦେଖିବାକୁ ମିଳୁଛି । ମୃତ୍ୟୁ ସଂଖ୍ୟା ୧୨୫୦ ଛୁଇଁଥିବାବେଳେ ନିଖୋଜଙ୍କ ସଂଖ୍ୟା ୫ ହଜାର ଟପିଛି । ଟନେଲ ମଧ୍ୟରୁ ଜୀବନ ଖୋଜାଯାଉଛି । ନେପାଳ ( ୯ ପୃଷ୍ଠାରେ)

## ସାପୁଆ ନଦୀରେ ଭାସିଯାଇ ଦୁଇ ଭାଇ ମୃତ

ଆଠଗଡ଼, ୩।୯ (ସବ୍ୟୁ) : ବାପା, ମା' ହରାଇଲେ ଦୁଇ ଭେଣ୍ଡିଆ ପୁଅ । ପୁଅକୁ ହରାଇ ମା' ଏବଂ ବାପା ପାଗଳ ପରି ହେଉଛନ୍ତି । ଏଭଳି ଏକ ଘଟଣା ଘଟିଛି ଆଠଗଡ଼ ଥାନା ଅନ୍ତର୍ଗତ ଇଚ୍ଛାପୁର ଗ୍ରାମରେ । ଗୁରୁବାର ଅପରାହ୍ନରେ ସାପୁଆ ନଦୀ ରେ ଗାଧୋଇବା ବେଳେ ଭାସିଯାଇ ଦୁଇ ଭାଇଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି ।

ଇଚ୍ଛାପୁର ଗ୍ରାମର ମହେଶ୍ୱର ସାମଲଙ୍କ ଦୁଇ ପୁଅ ସୌମ୍ୟରଞ୍ଜନ ସାମଲ ଓରଫ ମଣ୍ଟୁ (୩୫) ଏବଂ ପିଣ୍ଟୁ ସାମଲ (୩୦) ବିଲରେ କାମ ସାରି ନିକଟସ୍ଥ ସାପୁଆ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ । ତେବେ ଗାଧୋଉଥିବା ସମୟରେ ଗୋଡ ଖସିଯିବାରୁ ଉଭୟ ଭାସି ଯାଇଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ମୁମୂର୍ଷୁ ଅବସ୍ଥାରେ ମଣ୍ଟୁ କୁ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ( ୯ ପୃଷ୍ଠାରେ)

# ୨୨ରୁ ବିଧାନସଭା

ଭୁବନେଶ୍ୱର, ୩।୯ (ସବ୍ୟୁ) : ସେପ୍ଟେମ୍ବର ୨୨ରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବ । ଏହା ଅକ୍ଟୋବର ୩ ଯାଏ ଚାଲିବ । ଏଥର

### ୮ ସରକାରୀ, ଗୋଟିଏ ବେସରକାରୀ କାର୍ଯ୍ୟ ଦିବସ

### ଅକ୍ଟୋବର ୩ରେ ସରିବ ମୌସୁମୀ ଅଧିବେଶନ

### ଏଥର ଅଧିବେଶନ ହେବ ସରଗରମ

ଅଧିବେଶନରେ ୯ଟି କାର୍ଯ୍ୟ ଦିବସ ରହିଛି । ବିଧାନସଭା ସଚିବାଳୟ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ୮ଟି ସରକାରୀ କାର୍ଯ୍ୟ ଦିବସ ଥିବାବେଳେ ଗୋଟିଏ ବେସରକାରୀ କାର୍ଯ୍ୟ ଦିବସ ଏଥର ସୂଚିପତ୍ରରେ ସ୍ଥାନ ପାଇଛି । ୨୫ ଓ ୨୭ ତାରିଖ ଶନିବାର ଥିବାରୁ ବିଧାନସଭା ବନ୍ଦ ରହିବ ବୋଲି ସ୍ଥିର ହୋଇଥିବାବେଳେ ଅକ୍ଟୋବର ୨ ତାରିଖ ଛୁଟିଦିନ ରହିଛି ।

ତେବେ ଏଥର ବିଧାନସଭାର ମୌସୁମୀ ଅଧିବେଶନ ବେଶ୍ ସରଗରମ ହେବ ବୋଲି ସୂଚନା ମିଳୁଛି । ବିରୋଧୀ କଂଗ୍ରେସ ଓ ବିଜେଡି ବିଧାନସଭା ଅଧିବେଶନ ଲାଗି ରଣନୀତି ପ୍ରସ୍ତୁତରେ ଲାଗିପଡ଼ିଛନ୍ତି । ଏମ୍ଏମ୍ଡିଆର ସଂଶୋଧିତ ଆଇନ୍‌କୁ ନେଇ ଏବେ ବିଜେଡି ଓ କଂଗ୍ରେସ ସରକାରଙ୍କୁ ଘେରିବା ଆରମ୍ଭ କରିଛନ୍ତି । ଏହାର ପ୍ରତିଫଳନ ବିଧାନସଭାରେ ଦେଖିବାକୁ ମିଳିବ ବୋଲି ସୂଚନା ମିଳିଛି । ଏମ୍ଏମ୍ଡିଆର ସଂଶୋଧନ ଆଇନ୍ ଅନୁଯାୟୀ ରାଜ୍ୟ ସରକାର ଖଣି ଓ ଖଣିଜ ପଦାର୍ଥ ଥିବା ଜମିରୁ କୌଣସି ଟିକସ ଆଦାୟ କରିପାରିବେ ନାହିଁ । ଏପରିକି ବାକିଥିବା ଟିକସ ମଧ୍ୟ ଆଦାୟ ହୋଇପାରିବ ନାହିଁ । ( ୯ ପୃଷ୍ଠାରେ)

## ଆଜି ଆସିବ ସିଏମ୍ କିଷାନ୍ ଅର୍ଥ

ଭୁବନେଶ୍ୱର, ୩।୯ (ସବ୍ୟୁ) : ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ 'ସିଏମ୍-କିଷାନ' (ରବି ୨୦୨୬-୨୭) ଯୋଜନା ଅନ୍ତର୍ଗତ ଆର୍ଥିକ ସହାୟତା ରାଶି ହସ୍ତାନ୍ତର କାର୍ଯ୍ୟକ୍ରମ ଆସନ୍ତାକାଲି ପ୍ରଦାନ କରାଯିବ । ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ଏହି ବିଶେଷ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଏହି ଆର୍ଥିକ ସହାୟତା ରାଶି ପ୍ରଦାନ ହେବ ।

ଏହି ଯୋଜନା ମାଧ୍ୟମରେ ରାଜ୍ୟର ୪୧ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର, ନାମମାତ୍ର, ବିଶେଷ ଭାବେ ଅନୁନ୍ନତ ଜନଜାତି ସମୂହ ଏବଂ ଭୂମିହୀନ କୃଷକ ପରିବାର ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ । ମୋଟ ୮୩୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଡିବିଟି ( ୯ ପୃଷ୍ଠାରେ)





# ଜନ୍ମାଷ୍ଟମୀ



ଶ୍ରୀକୃଷ୍ଣଙ୍କର ଜନ୍ମତିଥିକୁ ପୂରା ଦେଶରେ ଜନ୍ମାଷ୍ଟମୀ ଭାବେ ପାଳନ କରାଯାଇଥାଏ । ଏହି ଦିନ ସମସ୍ତେ ବେଶ୍ ଶ୍ରଦ୍ଧାରେ କୃଷ୍ଣ ଜନ୍ମ ପାଳନ କରିଥାଆନ୍ତି । ପ୍ରତିବର୍ଷ ଏହା ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପାଳନ ହୋଇଥାଏ । ପୁରାଣରେ ବର୍ଣ୍ଣିତ କଥା ଅନୁସାରେ ଯେତେବେଳେ ବି ଧରାରେ ଅସୁରଶକ୍ତି ଓ ଦୁଷ୍ଟ ଶକ୍ତିଙ୍କ ପ୍ରାଦୁର୍ଭାବ ବଢିଥାଏ ସେହି ସମୟରେ ଭଗବାନ ଅବତାର ନେଇଥାଆନ୍ତି । ବିଷ୍ଣୁଙ୍କର ଅନେକ ଅବତାର ମଧ୍ୟରୁ ଗୋଟିଏ ହେଲା କୃଷ୍ଣ । ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀରେ ଭଗବାନ ଶ୍ରୀ ବସୁଦେବ ଓ ଦେବକୀଙ୍କ କୋଳମଣ୍ଡନ କରିଥିଲେ ଶ୍ରୀକୃଷ୍ଣ ରୂପରେ । କୃଷ୍ଣ ଲୀଳାକୁ ନେଇ ପୁରାଣରେ ଅନେକ କଥା ବର୍ଣ୍ଣିତ । ତେବେ ସେହିସମୟରେ କଂସର ରାଜା ବହୁ ଅନ୍ୟାୟ ଅତ୍ୟାଚାର କରିବାରୁ ତା' ଭୟରେ ଦେବତା ଓ ପୃଥିବୀବାସୀ ସମସ୍ତେ ଭୟଭୀତ ହୋଇଥିଲେ । ଯାହାଫଳରେ କଂସର ବିନାଶ ପାଇଁ ପ୍ରଭୁ ଅବତାର ନେଇଥିଲେ । ଭାଦ୍ରବମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି ରୋହିଣୀ ନକ୍ଷତ୍ରରେ ରାତ୍ରିର ଅନ୍ଧକାରରେ ପ୍ରଭୁ ଯଶୋଦାଙ୍କ କୋଳରୁ ପ୍ରକଟ ହେଲେ । ତେବେ କଂସ ପୂର୍ବରୁ ଜାଣିଥିଲା ଯଶୋଦାଙ୍କର ଅଷ୍ଟମ ଗର୍ଭ ତା ମୃତ୍ୟୁର କାରଣ । ତେଣୁ ସେ ନିଜ ଭଉଣୀ ଯଶୋଦାଙ୍କୁ ବନ୍ଦୀ ବନାଇ ରଖି ତାଙ୍କର ସମସ୍ତ ଛୁଆଙ୍କୁ ଜନ୍ମ ହେବା କ୍ଷଣି ମାରିଦେଉଥିଲା । ହେଲେ କୃଷ୍ଣ ଜନ୍ମ ହେବା ପରେ ତାଙ୍କୁ ବସୁଦେବ ନେଇ ଗୋପରେ ନନ୍ଦ ରାଜା ଓ ଯଶୋଦାଙ୍କ ପାଖରେ ଛାଡି ଆସିଥିଲେ । କୃଷ୍ଣଙ୍କ ବଦଳରେ ସେହିସ୍ଥାନରେ ବିଜୁଳୀ କନ୍ୟାଙ୍କୁ ରଖିଦିଆଯାଇଥିଲା । ପରଦିନ କଂସ ଛୁଆକୁ ମାରିବା ସମୟରେ କୃଷ୍ଣଙ୍କ ସ୍ଥାନରେ ବିଜୁଳି କନ୍ୟାଙ୍କୁ ମାରିଥିଲା, ଯିଏ ତା ହାତରୁ ଖସିଯାଇ ଏକ ଭବିଷ୍ୟ ବାଣୀ କରିଥାରେ ତାର ମୃତ୍ୟୁର ସୂଚନା ତାକୁ ଦେଇଥିଲେ । ଏହାପରେ ଶ୍ରୀକୃଷ୍ଣ ଗୋପପୁରରେ ବଢିବା ସହିତ କଂସର ସଂହାର ମଧ୍ୟ କରିଥିଲେ । ଏହିପରି ଭାବେ ଶ୍ରୀକୃଷ୍ଣଙ୍କ ଲୀଳା ବର୍ଣ୍ଣିତ । ଜନ୍ମାଷ୍ଟମୀ ଦିନ ମଧ୍ୟରାତ୍ରୀରେ କୃଷ୍ଣଙ୍କର ପୂଜା କରାଯାଇଥାଏ । କୃଷ୍ଣଙ୍କୁ କ୍ଷୀରରେ ସ୍ନାନ କରାଯାଇ ନୂତନ ବସ୍ତ୍ର ପିନ୍ଧାଯାଇଥାଏ । ଏହାପରେ ରୀତିନୀତି ଅନୁସାରେ ପୂଜା କରାଯାଇ ଭୋଗ କରାଯାଇଥାଏ । ଏହାପରେ ଆଣ୍ଠୁଆ ଗୋପାଳଙ୍କୁ ଦୋଳିରେ ଝୁଲା ଯାଇଥାଏ । ଏହି ପୂଜା ଅତ୍ୟନ୍ତ ଆନନ୍ଦଦାୟକ ହୋଇଥାଏ । ଏଥିରେ କୃଷ୍ଣଙ୍କର ଆଣ୍ଠୁଆ ଗୋପାଳ ମୂର୍ତ୍ତିକୁ ପୂଜା କରାଯାଇଥାଏ ।

## କେଉଁଠି କିଭଳି

**ମହାରାଷ୍ଟ୍ର**
ମହାରାଷ୍ଟ୍ରରେ ଜନ୍ମାଷ୍ଟମୀ ଖୁବ୍ ଧୁମ୍ଧାମରେ ପାଳନ ହୋଇଥାଏ । ଗୋଟିଏ ସ୍ଥାନରେ ଅନେକ ଲୋକ ଏକାଠି ହୋଇ ଦହି ହାଣ୍ଡି ଭାଙ୍ଗନ୍ତି । କୃଷ୍ଣଙ୍କର ପ୍ରିୟ ଲହୁଣି କିମ୍ବା ଦହିକୁ ଏକ ହାଣ୍ଡିରେ ରଖି ହାଣ୍ଡିକୁ ଏକ ଉଚ୍ଚସ୍ଥାନରେ ଟଙ୍ଗା ଯାଇଥାଏ । ତାକୁ ଏକାଠି ହୋଇଥିବା ଲୋକ ପିରାମିଡ୍ ଭଳି ଜଣେ ଜଣଙ୍କ ଉପରେ ଚଢି ହାଣ୍ଡି ପର୍ଯ୍ୟନ୍ତ ପହଞ୍ଚିଥାଆନ୍ତି ଏବଂ ଏହାକୁ ଭାଙ୍ଗିବାକୁ ଚେଷ୍ଟା କରନ୍ତି । ଏଥିରେ ଅନେକ ଦଳ ଭାଗ ନେଇଥାଆନ୍ତି । ଯିଏ ହାଣ୍ଡି ଭାଙ୍ଗିଥାଏ ସେ ଏହି ପ୍ରତିଯୋଗିତା ଜିତିଥାଏ । ସେହିଭଳି ଗୁଜୁରାଟ ଓ ରାଜସ୍ଥାନରେ ଧୁମ୍ଧାମରେ ଜନ୍ମାଷ୍ଟମୀ ପାଳନ କରାଯାଇଥାଏ ।

**ଉତ୍ତର ଭାରତ**
ମଥୁରାରେ ଜନ୍ମାଷ୍ଟମୀ ଏକ ବଡ ଉତ୍ସବ । ହିନ୍ଦୁ ପୁରାଣ ଅନୁସାରେ ମଥୁରାରେ ହିଁ କୃଷ୍ଣଙ୍କର ଜନ୍ମ ହୋଇଥିଲା । ଏଠାରେ ଥିବା କୃଷ୍ଣ ମନ୍ଦିର ଏହି ଦିନ ସଜା ହେବା ସହ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥାଏ । ଶ୍ରଦ୍ଧାଳୁ ମାନେ ସାରା ରାତି ଏଠାରେ କୃଷ୍ଣଙ୍କୁ ପୂଜା କରିବା ସହିତ ଜପ ଉପାସନା କରିଥାଆନ୍ତି । ସେହିଭଳି କେତେକ ସ୍ଥାନରେ ଏହି ଦିନ ବିଭିନ୍ନ ନାଟକରେ କୃଷ୍ଣଙ୍କ ଜନ୍ମ ବୃତ୍ତାନ୍ତକୁ ଚିତ୍ରଣ ମଧ୍ୟ କରାଯାଇଥାଏ । ସମସ୍ତେ ଖୁବ୍ ଶ୍ରଦ୍ଧାରେ ଏହି ପର୍ବକୁ ପାଳନ କରନ୍ତି ।

**ଓଡ଼ିଶା**
ଓଡିଶାରେ ମଧ୍ୟ ଖୁବ୍ ଧୁମ୍ଧାମରେ ଏହା ପାଳନ ହୋଇଥାଏ । ଶ୍ରୀମନ୍ଦିରରେ କୃଷ୍ଣ ଜନ୍ମ ସମସ୍ତ ରୀତିନୀତି ହିସାବରେ ପାଳନ ହୋଇଥାଏ । ଏହାସହ ଓଡିଶାରେ ଥିବା ସମସ୍ତ ମନ୍ଦିରରେ ଶ୍ରଦ୍ଧାଳୁ ମାନେ ରାତି ଉଜାଗର ରହି ପୂଜା କରନ୍ତି । ମହାରାଷ୍ଟ୍ରରେ କୃଷ୍ଣଙ୍କ ଜନ୍ମକୁ ଖୁବ୍ ଶ୍ରଦ୍ଧାର ସହ ପାଳନ କରନ୍ତି । ସେହିଭଳି ଏଠାରେ ପରଦିନ ନନ୍ଦୋତ୍ସବ ମଧ୍ୟ ପାଳନ ହୋଇଥାଏ । ଏଠାରେ ସେହିଦିନ କୃଷ୍ଣଙ୍କୁ ନଡିଆ ଓ ରାଶିରେ ପ୍ରସ୍ତୁତ ଲଡୁ ଭୋଗ କରାଯାଇଥାଏ ।

## ଘରେ ସଜାନ୍ତି ଦୋଳି



ଜନ୍ମାଷ୍ଟମୀରେ ଖାଲି ମନ୍ଦିରରେ ଗହଳି ହୁଏ ତାହା ନୁହେଁ ଘରେ ମଧ୍ୟ ଅନେକ ଶ୍ରୀକୃଷ୍ଣଙ୍କ ଜନ୍ମଦିନ ପାଳିଥାଆନ୍ତି । ପୂରା ରୀତିନୀତିରେ ଜନ୍ମାଷ୍ଟମୀ ପୂଜା କରିଥାଆନ୍ତି । ତେବେ କୃଷ୍ଣଙ୍କର ଝୁଲାକୁ ସମସ୍ତେ ସଜାଇବା ପାଇଁ ଚାହିଁ ଥାଆନ୍ତି । ସେହିଭଳି କିଛି ଉପାୟ ଅଛି ଯାହାକୁ ଅନୁକରଣ କରି ଖୁବ୍ ସୁନ୍ଦର ଝୁଲା ସଜାଯାଇ ପାରିବ ।


**ଫୁଲ ଝୁଲା**
ସମସ୍ତ ଭଗବାନଙ୍କୁ ଫୁଲରେ ପୂଜା କରାଯାଇଥାଏ । ଠାକୁରଙ୍କ ନାଁ ଉଠିଲେ ଆଗ ଉଠେ ଫୁଲ କଥା । ତେଣୁ କୃଷ୍ଣଙ୍କ ଝୁଲାକୁ ଫୁଲରେ ଖୁବ ସୁନ୍ଦରରେ ସଜାଯାଇପାରିବ । ଯେ କୌଣସି ଛୋଟ ଧଳା ରଙ୍ଗର ଫୁଲ ଏଥିନିମନ୍ତେ ଉପଯୁକ୍ତ ହେବ । ସେହିଭଳି ଫୁଲ ମାଳ ମଧ୍ୟ ବ୍ୟବହାର କରାଯାଇପାରିବ ।



**ମୋତି ଓ ଝାଲର**
ସେହିଭଳି ଯଦି କିଛି ସ୍ୱତନ୍ତ୍ର କରିବାକୁ ଚାହୁଁଛନ୍ତି ତେବେ ଫୁଲ ସହିତ ମୋତି ଓ ଝାଲର ବ୍ୟବହାର କରିପାରିବେ । ଯେଉଁଠାରେ ଭଗବାନଙ୍କୁ ସ୍ଥାପନ କରିବେ ସେହି ସ୍ଥାନକୁ ଝାଲର ଓ ମୋତିରେ ସଜାଇପାରିବେ । ଏହାର ସାମନା ପଟେ ଝାଲର ଲଗାନ୍ତୁ ଏହା ଝୁଲାକୁ ବେଶ୍ ସୁନ୍ଦର କରିବ । ସେହିଭଳି ନିଜ ମନପସନ୍ଦର ଫୁଲର ଝାଲର ଲଗାଇପାରିବେ ।

**ମୟୂର ପୁଚ୍ଛ**
କୃଷ୍ଣଙ୍କର ମୟୂର ପୁଚ୍ଛ ପସନ୍ଦ ବୋଲି ପୁରାଣରେ ବର୍ଣ୍ଣନା ରହିଛି । ତେଣୁ ତାଙ୍କ ଝୁଲା ସଜାଇବା ସମୟରେ ଏହାକୁ ବ୍ୟବହାର କରନ୍ତୁ । ବେଶ୍ ସୁନ୍ଦର ହେବ । ଝୁଲାର ଅଗ୍ରଭାଗରେ ଏହି ପୁଚ୍ଛକୁ ବ୍ୟବହାର କରନ୍ତୁ । ମୋତି, ଲେସ୍, ଫୁଲ ସହିତ ମୟୂର ପୁଚ୍ଛକୁ ସଜାନ୍ତୁ ଏହା ଝୁଲାକୁ ବେସ୍ ମାନିବ ।

## କୃଷ୍ଣ ଭୂମିକାରେ ଅଭିନୟ କରିବେ ବିଜୟ



ଗୁଜରାଟୀ ବ୍ଲକବଷ୍ଟର ସିନେମା 'ଲାଲୋ: କୃଷ୍ଣ ସଦା ସହାୟତେ'ର ତେଲୁଗୁ ରିମେକରେ ଚର୍ଚ୍ଚିତ ଅଭିନେତା ବିଜୟ ଦେବରକୋଣ୍ଡା ଭଗବାନ ଶ୍ରୀକୃଷ୍ଣଙ୍କ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି । ପୂର୍ବରୁ ଏହି ଚରିତ୍ର ପାଇଁ ରାମ ଚରଣଙ୍କ ନାମକୁ ନେଇ ଚର୍ଚ୍ଚା ହେଉଥିବା ବେଳେ, 'ବଲିଉଡ ହଙ୍ଗାମା'ର ରିପୋର୍ଟ ଅନୁସାରେ ବିଜୟ ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକା ହାସଲ କରିଛନ୍ତି । ଅଙ୍କିତ ସାଖିୟାଙ୍କ ଦ୍ୱାରା ନିର୍ଦ୍ଦେଶିତ ମୂଳ କାହାଣୀରେ ଜଣେ ଅଟୋ-ରିକ୍ସା ଚାଳକ ଚୋରି କରିବା ଉଦ୍ଦେଶ୍ୟରେ ଏକ ନିର୍ଜନ ପ୍ରାସାଦରେ ପଶି ଆବଦ୍ଧ ହୋଇଯାଏ, ଜଣେ ଅଜଣା ବ୍ୟକ୍ତି ତାଙ୍କୁ ଉଦ୍ଧାର କରିବା ପରେ ସେହି ବ୍ୟକ୍ତି ଜଣକ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ବୋଲି ଜଣାପଡନ୍ତି । ୧୦ ଅକ୍ଟୋବର ୨୦୨୫ରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମଟି ପ୍ରାରମ୍ଭରେ ଭଲ ବ୍ୟବସାୟ କରିନଥିଲେ ବି, ପରେ ଆଶାତୀତ ସଫଳତା ହାସଲ କରିଥିଲା । ଅପରପକ୍ଷରେ, ବିଜୟଙ୍କ ଆଗାମୀ ସିନେମା ଗୁଡ଼ିକ ମଧ୍ୟରେ ରଶ୍ମିକା ମନ୍ଦାନାଙ୍କ ସହ 'ରଣବାଲି', କୀର୍ତ୍ତି ସୁରେଶଙ୍କ ସହ 'ରାଉଡି ଜନାର୍ଦ୍ଦନ' ଭଳି ଅନେକ ଫିଲ୍ମ ରହିଛି ।

## ଇତିହାସ

୧୮୨୫- ପ୍ରମୁଖ ରାଜନୀତିଜ୍ଞ ଦାଦାଭାଇ ନାଉରୋଜୀଙ୍କ ଜନ୍ମ ।
୧୮୮୦- ପ୍ରସିଦ୍ଧ ଭାରତୀୟ କ୍ରାନ୍ତିକାରୀ, ଲେଖକ ତଥା ସମାଜଶାସ୍ତ୍ରୀ ଭୂପେନ୍ଦ୍ରନାଥ ଦତ୍ତଙ୍କ ଜନ୍ମ ।
୧୮୮୮- ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଇଂଲଣ୍ଡ ପାଇଁ ସାମୁଦ୍ରିକ ଯାତ୍ରା ଆରମ୍ଭ ।
୧୯୦୬- ପ୍ରସିଦ୍ଧ ହିନ୍ଦୀ ପତ୍ରକାର, ସମୀକ୍ଷକ, ସାହିତ୍ୟିକ, ଆଲୋଚକ ନନ୍ଦଦୁଲାରେ ବାଜପେୟୀଙ୍କ ଜନ୍ମ ।
୨୦୦୦- ସିଡ୍ନୀରେ ୨୭ତମ ଅଲିମ୍ପିକ୍ ଖେଳର ଶୁଭାରମ୍ଭ ।
୨୦୦୫- ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ଗିରିଜା ପ୍ରସାଦ କୋଇରାଲାଙ୍କୁ ଗିରଫ ।
୨୦୦୯- କୋଇଲା କମ୍ପାନୀ ଏସ୍ଇସିଏଲ୍କୁ ମିନି ରତ୍ନ କମ୍ପାନୀ ସମ୍ମାନ ପ୍ରଦାନ କରାଗଲା ।
୨୦୦୯- ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ଉପରେ ଯଶବନ୍ତ ସିଂହଙ୍କ ଲିଖିତ ବହି ଉପରୁ ଗୁଜୁରାଟ ହାଇକୋର୍ଟ ପ୍ରତିବନ୍ଧକ ହଟାଇଲେ ।
୨୦୧୨- ପାରା ଅଲିମ୍ପିକ ଖେଳରେ ଗିରିଶ ହୋସଙ୍ଗାରା ନାଗରାଜେ ଗୌଡ ଭାରତକୁ ପ୍ରଥମ ପଦକ ଦେଲେ ।

## ସିସି ଟିଭିକୁ ଚକମା ଦେଉଛି ସାର୍ଟ

ଜର୍ମାନୀର ଜଣେ ଡିଜିଟାଲ୍ ଆର୍ଟିଷ୍ଟ ସାଇମନ୍ ୱେକର୍ଟ 'ଡିଜିଟାଲ୍ କ୍ୟାମୋଫ୍ଲାଜ୍' ନାମକ ଏକ ସ୍ୱତନ୍ତ୍ର ସାର୍ଟ ତିଆରି କରିଛନ୍ତି, ଯାହା ସିସିଟିଭି କ୍ୟାମେରା ଏବଂ ଏଆଇକୁ ଚକମା ଦେବାରେ ସକ୍ଷମ । ମଣିଷ ଆଖିକୁ ଏହି ସାର୍ଟର ବିଭିନ୍ନ ରଙ୍ଗ ଓ ସେପ୍ ରଙ୍ଗବେରଙ୍ଗୀ ଦେଖାଯାଉଥିଲେ ହେଁ, ଏହାର ନିପୁଣ ଡିଜାଇନ୍ ମଣିଷର ମୁଣ୍ଡ, କାନ୍ଧ ଓ ଶରୀରର ଆକୃତିକୁ ଏଆଇ ସିଷ୍ଟମ୍ ନିକଟରେ ଅସ୍ପଷ୍ଟ କରିଦିଏ । ଫଳରେ ସିସିଟିଭି କ୍ୟାମେରା ଏହାକୁ ପିନ୍ଧିଥିବା ବ୍ୟକ୍ତିଙ୍କୁ ଜଣେ ମଣିଷ ଭାବେ ଚିହ୍ନଟ କରିପାରେ ନାହିଁ । ୱେକର୍ଟ ଅନ୍ୟ ଏକ ଏଆଇ ସାହାଯ୍ୟରେ ବିଭିନ୍ନ ପାଟର୍ନ ପରୀକ୍ଷା କରି ଏହାକୁ ନିର୍ମାଣ କରିବା ସହ 'ୟୋଲୋ' ନାମକ ରିୟଲ୍-ଟାଇମ୍ ଏଆଇ ମଡେଲ୍ରେ ଏହାର ସଫଳ ପରୀକ୍ଷଣ କରିଛନ୍ତି । ତେବେ ୱେକର୍ଟଙ୍କ ଅନୁସାରେ, ଏଆଇକୁ ଲକ୍ଷ ଲକ୍ଷ ଫଟୋ ମାଧ୍ୟମରେ ମଣିଷର ଆକୃତି ଚିହ୍ନିବା ପାଇଁ ପ୍ରଶିକ୍ଷଣ ଦିଆଯାଇଥାଏ । ଏହି ସାର୍ଟ ସେହି ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଥିଲେ ସୁଦ୍ଧା, ଏହା ସବୁ ପ୍ରକାରର କ୍ୟାମେରାକୁ ଚକମା ଦେବା ପାଇଁ ତିଆରି ହୋଇନାହିଁ ।





**ମେଷ:** ଅଯଥା ଅଶାନ୍ତି, ଲୋକସମ୍ପର୍କରେ ଉନ୍ନତି, ପାରିବାରିକ ସହଯୋଗ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ଶତ୍ରୁସମସ୍ୟା, ଗୁରୁଜନଙ୍କ ଆଶୀର୍ବାଦ । ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଭୁବନେଶ୍ୱରୀ ।

**ବୃଷ:** ମାନସମ୍ମାନ ଲାଭ, ଶୁଭଖବର, ବ୍ୟବସାୟରେ ଉନ୍ନତି, ସମ୍ପତ୍ତିଲାଭ, ଶତ୍ରୁ ପରାଜିତ, ଦେବଦର୍ଶନରେ ସନ୍ତୁଷ୍ଟ, ସମ୍ପର୍କରେ ସୁଧାର । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୦, ଆରାଧନା-ପ୍ରଭୁ ହନୁମାନ ।

**ମିଥୁନ:** ଖର୍ଚ୍ଚବୃଦ୍ଧି, ପାରିବାରିକ ଶାନ୍ତି, ଦ୍ରବ୍ୟକ୍ରୟ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ବ୍ୟବସାୟରେ ସନ୍ତୁଷ୍ଟ, ଅଯଥା କଳହ, କର୍ମକ୍ଷେତ୍ରେ ପରିଶ୍ରମ, ଋଣ କରିପାରନ୍ତି, ଶରୀର ସୁସ୍ଥ । ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା- ମହାଲକ୍ଷ୍ମୀ ।

**କର୍କଟ:** ଆୟ ଉତ୍ତମ ରହିବ, ଶୁଭଖବର, ଦୂରଯାତ୍ରା ସଫଳ, ଲୋକସମ୍ପର୍କ ବୃଦ୍ଧି. ବନ୍ଧୁଲାଭ, ସ୍ୱାସ୍ଥ୍ୟସମସ୍ୟା, ଅଯଥା ଖର୍ଚ୍ଚ । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ ।

**ସିଂହ:** କର୍ମକ୍ଷେତ୍ରେ ଖୁସି, ବନ୍ଧୁସାହାଯ୍ୟ, ଦାମ୍ପତ୍ୟସୁଖ, ଶରୀର ସୁସ୍ଥ, ଅର୍ଥଲାଭ, ଗୃହେ ଉତ୍ସବ, ସମ୍ପର୍କରେ ସୁଧାର, ବିଦ୍ୟାରେ ସଫଳ, ଦେବଦର୍ଶନ, ମାନସିକ ଶାନ୍ତି । ପୂର୍ବାପାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ମାଟିଆ, ସଂଖ୍ୟା- ୯, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** ଆୟବୃଦ୍ଧି, ଋଣ ପରିଶୋଧ, ପୁରାତନ ବନ୍ଧୁଦର୍ଶନ, ଦୂରଯାତ୍ରା, ଶୁଭଆଲୋଚନା, ସମସ୍ୟା ସମାଧାନ, ଅଯଥା କଳହ, ପାରିବାରିକ ସହଯୋଗ, ଶରୀର ସୁସ୍ଥ, କାର୍ଯ୍ୟ ସଫଳ, । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୬, ଆରାଧନା-ମା' ଭଗବତୀ ।

**ତୁଳା:** ଯାତ୍ରାରେ ସତର୍କ, ମାନସିକକଷ୍ଟ, ଦାମ୍ପତ୍ୟ କଳହ, ଅର୍ଥସମସ୍ୟା, ଶରୀର ସୁସ୍ଥ, ଦେବଦର୍ଶନ, ଉତ୍ସବକୁ ନେଇ ଦ୍ୱନ୍ଦ୍ୱ, ବ୍ୟବସାୟରେ ସ୍ୱଳ୍ପ ଲାଭ, ସନ୍ତାନଲାଭ । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା-ଶଙ୍କର ଭଗବାନ ।

**ବିଛା:** ଦ୍ରବ୍ୟ ଲାଭ, ଶୁଭଖବର, ଦେବକାର୍ଯ୍ୟରେ ଆଗ୍ରହ, ବାଣିଜ୍ୟେ ଲାଭ, ଶତ୍ରୁସମସ୍ୟା ସମାଧାନ, ସମ୍ପତ୍ତିଲାଭ, ମାନସିକ ଶାନ୍ତି, ଶରୀର ସୁସ୍ଥ, ପରିବାରରେ ଖୁସିଖବର । ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା- ୯, ଆରାଧନା-ଭଗବାନ ବିଷ୍ଣୁ ।

**ଧନୁ:** ସୁସମ୍ବାଦ ପ୍ରାପ୍ତି, କିଛି କାର୍ଯ୍ୟରେ ବିଳମ୍ବ, ଅର୍ଥଲାଭ, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ପୁରାତନ ବନ୍ଧୁଲାଭ, ଦୂରଯାତ୍ରା ସଫଳ, ସାମାଜିକ ପ୍ରତିଷ୍ଠା, ଗୃହେ ସମସ୍ୟା, ମାନସିକ ଶାନ୍ତି । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା- ୯, ଆରାଧନା-ମା' ମଙ୍ଗଳା ।

**ମକର:** କର୍ମକ୍ଷେତ୍ରେ ଶାନ୍ତି, ମନରେ ଉତ୍ସାହ ଟିକେ କମ୍ ରହିବ, ଶରୀର ଅସୁସ୍ଥ, ଅର୍ଥହାନି, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ଦାମ୍ପତ୍ୟଖୁସି, ସନ୍ତାନଲାଭ । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗେଣି, ସଂଖ୍ୟା-୪, ଆରାଧନା-ମା' ଦକ୍ଷିଣକାଳୀ ।

**କୁମ୍ଭ:** କିଛି କାର୍ଯ୍ୟରେ ବିବାଦ, ଶୁଭ ଆଲୋଚନା, ଅର୍ଥଲାଭ, ପାରିବାରିକ ଶାନ୍ତି, ଅଯଥା ଖର୍ଚ୍ଚ, ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ମାନସିକ ଅଶାନ୍ତି, ଦୂରଯାତ୍ରାରେ ଆନନ୍ଦ,ସନ୍ତାନଲାଭ । ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ ।

**ମୀନ:** ଦୂରଯାତ୍ରା ସଫଳ, ମାନସିକ ଶାନ୍ତି, ଅର୍ଥଲାଭ, ସମସ୍ୟା ସମାଧାନ, ଦେବଦର୍ଶନ, ବନ୍ଧୁଲାଭ, ସ୍ୱାଦିଷ୍ଟ ଭୋଜନ, ଶତ୍ରୁ ପରାଜିତ, ପାରିବାରିକ ଖୁସି, ସନ୍ତାନଲାଭ । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା- ୯, ଆରାଧନା- ମା' ଗ୍ରାମଦେବତୀ ।

ଭାଦ୍ରବ କୃଷ୍ଣ ପକ୍ଷ ଅଷ୍ଟମୀ
୪.୯.୨୦୨୬, ଶୁକ୍ରବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜ୍‌ମେଣ୍ଟ

# ୫୩ତମ ପ୍ରତିଷ୍ଠା ଦିବସରେ ବିଶାଳ ରକ୍ତଦାନ ଶିବିର



## ୧୫୦ରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗୃହୀତ

ଭୁବନେଶ୍ୱର, (ସବ୍ୟୁ) : ଭିଏସ୍ଏସ୍ ନଗରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟର ୫୩ତମ ପ୍ରତିଷ୍ଠା ଦିବସ ଅବସରରେ ଇନଷ୍ଟିଚ୍ୟୁଟ ପରିସରରେ ଭିଏସ୍ଏସ୍ ନଗର ଯୁବ ପରିଷଦର ମିଳିତ ସହଯୋଗରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଉକ୍ତ ରକ୍ତଦାନ ଶିବିରରେ ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ, ପୂର୍ବତନ ବିଧାୟକ ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରିୟଦର୍ଶୀ ମିଶ୍ର, ଭୁବନେଶ୍ୱର ମଧ୍ୟ ବିଜେପି ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ସମୟ ସମ୍ବାଦ ପତ୍ରର ନିର୍ଦ୍ଦେଶିକା ତଥା ସମାଜସେବୀ ଶ୍ରୀମତୀ ଅନିତା ମହାନ୍ତି, ସମାଜସେବୀ ରୁଦ୍ର ସାମନ୍ତରାୟ, ଡ଼ଃ ପ୍ରକାଶ ତ୍ରିପାଠୀ, ବିଭୂଦତ୍ତ ରଥ, ମଞ୍ଜନାଥ ମଣ୍ଡଳ ବିଜେପି ସଭାନେତ୍ରୀ ଲିପା ଦାସ, ମଣ୍ଡଳ ସମ୍ପାଦକ ସୌମ୍ୟ ରଞ୍ଜନ ପ୍ରଧାନ, ତ୍ରିନାଥ ସାହି ସଭାପତି ନରେନ୍ଦ୍ର ବିଶ୍ୱାଳ ଓ ସ୍ଥାନୀୟ ଅଞ୍ଚଳର ସମସ୍ତ ବିଜେପି କାର୍ଯ୍ୟକର୍ତ୍ତା ଅନେକ ବ୍ୟକ୍ତି ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଇନଷ୍ଟିଚ୍ୟୁଟର ବିଭାଗୀୟ ମୁଖ୍ୟ ସମ୍ବିତ ସୁମନ , ବରିଷ୍ଠ ଅଧ୍ୟାପକ କୁମାର ଗୌରବ, ଓ ବରିଷ୍ଠ ଅଧ୍ୟାପକ ସୁଧୀର କୁମାର ସିଂ, ସ୍ଥାନୀୟ ଯୁବ ପରିଷଦର ସଦସ୍ୟଗଣ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ। ଏହି ରକ୍ତଦାନ ଶିବିରରେ ୧୫୦ରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ବୋଲି ବରିଷ୍ଠ ଅଧ୍ୟାପକ ଶ୍ରୀକୁମାର ଗୌରବ ଜଣାଇଛନ୍ତି ।

# ମଦ ବଟଲିଂ ପ୍ଲାଣ୍ଟରେ ଚଢାଉ ବେଳେ ଧସ୍ତାଧସ୍ତି, ୭ ଗିରଫ

## ବନ୍ଧୁକ, ଗୁଳି, ୪ କାର୍, ୫ହଜାର ଲିଟର ଦେଶୀମଦ ଜବତ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ବାଲିଅନ୍ତା ଥାନା ଅଞ୍ଚଳରେ ଦେଶୀମଦ ବଟଲିଂ ପ୍ଲାଣ୍ଟ ଉପରେ ଭୁବନେଶ୍ୱର ଅବକାରୀ ଚଢାଉ କରିବା ବେଳେ ଧସ୍ତାଧସ୍ତି ହୋଇଥିଲା । ରାଜଧାନୀରେ ଚୋରା ଦେଶୀମଦ କାରବାର କରୁଥିବା ଦୁଇଭାଇଙ୍କ ସମେତ ୭ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ନିକଟରୁ ବନ୍ଧୁକ, ଗୁଳି, ୪ଟି ଦାମୀ କାର୍ ସହ ତିନୋଟି ବାଇକ୍ ମଧ୍ୟ ଜବତ ହୋଇଛି । ସେମାନେ ଆଠଗଡରୁ ଦେଶୀମଦ ଆଣି ବାଲିଅନ୍ତାରେ ତିନି ମହଲା ଘର ଭଡାକୁ ନେଇ ମଦ ବଟଲିଂ କରୁଥିବା ଅବକାରୀ ଖବର ପାଇଥିଲା । ଚଢାଉ ସମୟରେ ବଟଲିଂ ପ୍ଲାଣ୍ଟରୁ ୫ ହଜାର ଲିଟର ମଦ ଜବତ ହୋଇଛି । ଏଥିସହ ନଗଦ ୬ଲକ୍ଷ ୪୦ ହଜାର ଟଙ୍କା ଜବତ ହୋଇଥିବା ଅବକାରୀ ଅଫିସର କହିଛନ୍ତି । ଗିରଫ ହୋଇଥିବା ୭ଜଣ ହେଲେ ଦୁଇଭାଇ କିଷାନ କୁମାର ନାୟକ ଓ ଦୀପକ କୁମାର ନାୟକ । ଅନ୍ୟ ୫ଜଣ ହେଲେ ସୌରଭ ପ୍ରକାଶ ନାୟକ, ସୋନୁ ସାହୁ, କୃଷ୍ଣ ଦେହୁରୀ, ସୋନୁ ସାମଲ ଓ ଜିତେନ୍ଦ୍ର ବେହେରା । ସେମାନଙ୍କ ନିକଟରୁ ଜବତ ହୋଇଥିବା ବିଳାସପୂର୍ଣ୍ଣ କାର୍ ମଧ୍ୟରେ ମହିନ୍ଦ୍ରା ଥାର୍, ବୋଲେରୋ, ହୁଣ୍ଡାଇ ଆଇଟେନ୍, ମାରୁତି ୱାଗନର । ସେହିପରି ବୁଲେଟ୍ ଓ ଦୁଇଟି ହିରୋହୁଣ୍ଡା ଜବତ ବାଇକ୍ ମଧ୍ୟରେ ଅନ୍ତର୍ଭୁକ୍ତ । ସେମାନେ ଦାମୀ କାର୍‌ରେ ମଦ କାରବାର କରିବାର କାରଣ ସହଜରେ କେହି ଜାଣିପାରିବେ ନାହିଁ । ବିରୋଧୀ ପକ୍ଷକୁ ମୁକାବିଲା ପାଇଁ ପାଖରେ ପିସ୍ତଲ ଓ ଗୁଳି ରଖୁଥିଲେ । ଆଗକୁ ଦଶହରା ଆସୁଥିବାରୁ ଭୁବନେଶ୍ୱରର ବିଭିନ୍ନ ବସ୍ତିରେ ମଦ ବେଆଇନ ଭାବେ ବଟଲିଂ କରି ବିକ୍ରି କରିବା ପାଇଁ ଲକ୍ଷ୍ୟ ରଖିଥିଲେ । କେବଳ ବଟଲ ନୁହେଁ, ପାଉଚ୍‌ରେ ମଧ୍ୟ ପ୍ୟାକ୍ କରାଯାଉଥିଲା । ଏହି ବଟଲିଂ ଓ ପାଉଚ ସିଲ୍ କରିବା ମେସିନ ଜବତ ହୋଇଛି ।

ବାଲିଅନ୍ତା ଥାନା ଅନ୍ତର୍ଗତ ସୁଆଁଲୋ ଜିଟିକରା ନିକଟ ସିଙ୍ଗଡା ଭୋଇସାହିରେ ଘରଭଡା ନେଇ ଦୀର୍ଘଦିନ ହେବ ଏହି ବ୍ୟବସାୟ କରୁଥିଲେ । ବ୍ୟବସାୟ ଟଙ୍କାରୁ ଥାର୍ ଓ ବୋଲେରୋ ପ୍ରଭୃତି କିଣିଥିବା ସୂଚନା ମିଳିଛି । ଏହି ଦୁଇଭାଇ ଗ୍ୟାଙ୍ଗ୍ କେବଳ ଭୁବନେଶ୍ୱର ବସ୍ତି ନୁହେଁ ରାଜଧାନୀ ନିକଟସ୍ଥ ଗ୍ରାମକୁ ମଧ୍ୟ ପାଉଚୁ ଓ ପ୍ଲାଷ୍ଟିକ୍ ବଟଲ ମଦ ଯୋଗାଇ ଆସୁଥିଲେ । ଅବକାରୀ ଟିମ୍ କହିବା କଥା ୬ମାସ ହେବ ସେମାନେ ଏହି କାରବାର କରିଆସୁଥିଲେ । ଭୁବନେଶ୍ୱର ଅବକାରୀ ସ୍ୱତନ୍ତ୍ର ଟିମ୍ ଚଢାଉ ବେଳେ ସେମାନଙ୍କ ସହ ଧସ୍ତାଧସ୍ତି ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲେ ମଧ୍ୟ ୭ଜଣଙ୍କୁ ଗିରଫ କରାଯିବା ସହ ବିଭିନ୍ନ ସରଞ୍ଜାମ ଜବତ ହେଲା ।

# ଆସନ୍ତା ୫ ଓ ୬ରେ କଟକରେ ହେବ ବିଜେପିର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟର ସାଂପ୍ରତିକ ରାଜନୈତିକ ଓ ବିଭିନ୍ନ ସାମାଜିକ ପ୍ରସଙ୍ଗକୁ ନେଇ ଆସନ୍ତା ୫ ଓ ୬ତାରିଖରେ ବିଜେପିର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ କଟକସ୍ଥିତ ଇନଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ । ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସଭାପତିତ୍ୱରେ ୫ ତାରିଖ ଦିନ ଆରମ୍ଭ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକକୁ ସୁନୀଲ ବଂସଲ ଉଦଘାଟନ କରିବେ। ଏହି କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ, ଦୁଇ ଉପମୁଖ୍ୟମନ୍ତ୍ରୀ, ରାଜ୍ୟ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ, ସମସ୍ତ ସାଂସଦ ଓ ବିଧାୟକ, ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଏସଡିସି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଯୋଗ ଦେବେ। ଏହି ବୈଠକରେ କେନ୍ଦ୍ରୀୟ ନେତୃବୃନ୍ଦ ଭାବେ ରାଷ୍ଟ୍ରୀୟ



ସାଧାରଣ ସଂପାଦକ (ସଂଗଠନ) ବି.ଏଲ.ସନ୍ତୋଷ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ରାଜ୍ୟ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତି ସୂଚନା ଦେଇଛନ୍ତି । ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସଂପର୍କରେ ସୂଚନା ଦେଇ ଡ.ମହାନ୍ତି କହିଛନ୍ତି ଯେ, ଏହି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଭାରତୀୟ ଜନତା ପାର୍ଟିର ସାଂଗଠନିକ ପଦ୍ଧତିର ଗୋଟିଏ ପ୍ରମୁଖ ଗତିବିଧି। ଏହି କାର୍ଯ୍ୟକାରିଣୀ ବୈଠକରେ ସାଂପ୍ରତିକ ରାଜନୈତିକ ପରିସ୍ଥିତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇ ଆଗାମୀ ରଣନୀତି ପ୍ରସ୍ତୁତ କରାଯିବ। ଉଦଘାଟନ ଓ ସମାରୋପ ସତ୍ର ସମେତ ଅନ୍ୟାନ୍ୟ ୩ଟି ପ୍ରସ୍ତାବ ଆଗତ କରାଯାଇ ପାରିତ କରାଯିବ। ଏହି କାର୍ଯ୍ୟକାରିଣୀ ବୈଠକରେ ପାଖାପାଖି ୪୦୦ ଜଣ ସଦସ୍ୟ ଉପସ୍ଥିତ ରହିବେ ବୋଲି ଡ.ମହାନ୍ତି ସୂଚନା ଦେଇଛନ୍ତି। ଓଡିଶାବାସୀଙ୍କ ଆର୍ଶୀବାଦରୁ ବିଜେପି ପ୍ରଥମ ଥର ପାଇଁ ଏକାକୀ ସରକାର ଗଠନ କରିବାର ସୁଯୋଗ ପାଇଛି। ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରି ଓଡିଶାକୁ ଦେଶର ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ଗଢି ତୋଳିବା ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ଭାଇଚାରା, ସଂସ୍କୃତି ଓ ଐତିହ୍ୟର ସହର ହେଉଛି କଟକ ନଗରୀ। କଟକରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେଉଥିବା କାରଣରୁ ସ୍ଥାନୀୟ କାର୍ଯ୍ୟକର୍ତ୍ତାମାନେ ଅତ୍ୟନ୍ତ ଉତ୍ସାହିତ ଅଛନ୍ତି ଏବଂ କାର୍ଯ୍ୟକାରିଣୀ ବୈଠକକୁ ସଫଳ କରିବା ପାଇଁ ଦିନ ରାତି ପରିଶ୍ରମ କରି ପ୍ରସ୍ତୁତି କାର୍ଯ୍ୟରେ ଲାଗି ପଡିଛନ୍ତି ବୋଲି ଡ.ମହାନ୍ତି କହିଛନ୍ତି।

# କନିଷ୍ଠ ଯନ୍ତ୍ରୀଙ୍କୁ ନିଯୁକ୍ତି ଦିନଠାରୁ ଚାକିରୀ ନିୟମିତ ବୋଲି ହିସାବ କରିବେ ସରକାର:ହାଇକୋର୍ଟ

କଟକ, (ସବ୍ୟୁ): ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଡିଆରଡିଏ ଏବଂ ବ୍ଳକସ୍ତରରେ କାର୍ଯ୍ୟ କରୁଥିବା କନିଷ୍ଠ ଯନ୍ତ୍ରୀ (ଜୁନିୟର ଇଞ୍ଜିନିୟର) ସେମାନେ ନିଯୁକ୍ତି ହୋଇଥିବା ସମୟରୁ ନିୟମିତ ହିସାବ କରିବାକୁ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କୁ ସେମାନଙ୍କ ନିଯୁକ୍ତି ସମୟରୁ ନିୟମିତ ହୋଇପାରିବ ନାହିଁ ୨୦୧୫ ମସିହାରେ ଦିଆଯାଇଥିବା ଆଦେଶକୁ ହାଇକୋର୍ଟ ଏହି ପରିପ୍ରେକ୍ଷୀରେ ରଦ୍ଦ କରି ଦେଇଛନ୍ତି । ୧୯୯୬ରୁ ୨୦୦୦ ମସିହା ମଧ୍ୟରେ ସରକାରଙ୍କ ଗଠିତ କମିଟି ପ୍ରସ୍ତୁତ କରିଥିବା ପ୍ୟାନେଲରୁ ନିଯୁକ୍ତ ଏହି କନିଷ୍ଠ ଯନ୍ତ୍ରୀମାନଙ୍କ ନିୟମିତ ସେବା ସେମାନଙ୍କ ନିଜ ନିଜ ପ୍ରାରମ୍ଭିକ ନିଯୁକ୍ତି ତାରିଖରୁ ଗଣନା କରାଯିବ । ସନ୍ତୋଷ କୁମାର ନନ୍ଦ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ରିଟ୍ ଆବେଦନଗୁଡ଼ିକର ମିଳିତ ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ଏହି ରାୟ ଦେଇଛନ୍ତି । ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ରାଜ୍ୟର ପ୍ରାୟ ୨ହଜାର ଇଞ୍ଜିନିୟର ଉପକୃତ ହେବେ ବୋଲି ଜଣାପଡ଼ିଛି। ଅବେଦନକାରୀମାନେ ୧୯୯୬ରୁ ୨୦୦୦ ମଧ୍ୟରେ ସରକାରଙ୍କ ଗଠିତ କମିଟିର ପ୍ୟାନେଲରୁ କନିଷ୍ଠ ଯନ୍ତ୍ରୀ ଭାବେ ମନୋନୀତ ହୋଇଥିଲେ। ସେମାନଙ୍କୁ ପଞ୍ଚାୟତିରାଜ ବିଭାଗର ନିୟନ୍ତ୍ରଣରେ ଥିବା ଡିଆରଡିଏଗୁଡ଼ିକରେ ଜେଆରୱାଇ ଯୋଜନା ଅଧୀନରେ ନିଯୁକ୍ତ କରାଯାଇ ବିଭିନ୍ନ ବ୍ଳକରେ କାର୍ଯ୍ୟ କରାଯାଉଥିଲା । ସେମାନେ ନିୟମିତ ବେତନ ହାରରେ ଦରମା ପାଉଥିଲେ ଏବଂ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ଆର୍ଥିକ ଓ ସେବାଗତ ସୁବିଧା ମଧ୍ୟ ପାଇଥିଲେ। ତେବେ ୨୦୧୫ ଅଗଷ୍ଟ ୨୦ରେ ପଞ୍ଚାୟତିରାଜ ବିଭାଗ ଏକ ରିଜୋଲ୍ୟୁସନ ଜାରି କରି ସେମାନଙ୍କୁ ପଞ୍ଚାୟତିରାଜ ବିଭାଗର ନିୟମିତ ଡିପ୍ଲୋମା ଇଞ୍ଜିନିୟରିଂ କ୍ୟାଡରରେ ମିଶ୍ରଣ କରିଥିଲା । କିନ୍ତୁ ଉକ୍ତ ରିଜୋଲ୍ୟୁସନର ପାରା-୩ ଅନୁଯାୟୀ, ସେମାନଙ୍କ ନିୟମିତ ସେବାକୁ ପ୍ରାରମ୍ଭିକ ନିଯୁକ୍ତି ତାରିଖ ପରିବର୍ତ୍ତେ ୨୦୧୫ ଅଗଷ୍ଟ ୨୦ରୁ ଗଣନା କରାଯାଇଥିଲା ଯାହାକୁ ଆବେଦନକାରୀମାନେ ଚ୍ୟାଲେଞ୍ଜ କରିଥିଲେ। ଆବେଦନକାରୀମାନଙ୍କ ଯୁକ୍ତି ଥିଲା ଯେ ସମାନ ସରକାରୀ ପ୍ୟାନେଲରୁ ନିଯୁକ୍ତ ହୋଇ ଅନ୍ୟ ସରକାରୀ ବିଭାଗ ଓ ଉଦ୍ୟୋଗରେ କାର୍ଯ୍ୟ କରୁଥିବା କନିଷ୍ଠ ଯନ୍ତ୍ରୀମାନଙ୍କୁ ନିୟମିତ ନିଯୁକ୍ତିଧାରୀ ଭାବେ ବିବେଚନା କରାଯାଇଥିଲା। ଅନ୍ୟପକ୍ଷରେ ସମାନ ପ୍ୟାନେଲରୁ ନିଯୁକ୍ତ ହୋଇ ଡିଆରଡିଏରେ ଜେଆରୱାଇ ଯୋଜନା ଅଧୀନରେ କାମ କରିଥିବା ଜେଇମାନଙ୍କୁ ଭିନ୍ନ ଭାବେ ବିବେଚନା କରାଯିବା ପକ୍ଷପାତ ବୋଲି ସେମାନେ ଦର୍ଶାଇଥିଲେ। ଅଦାଲତ ମାମଲାର ଶୁଣାଣି କହି କହିଛନ୍ତି ଯେ, ସେମାନେ ଏକ ସାଧାରଣ ପ୍ୟାନେଲରୁ ନିଯୁକ୍ତ ହୋଇଥିଲେ ଏବଂ ଜେଆରୱାଇ ଯୋଜନା ଅଧୀନରେ ଡିଆରଡିଏରେ ଯୋଗଦେବା ସେମାନଙ୍କ ନିଜସ୍ୱ ପସନ୍ଦ ନଥିଲା । ତେଣୁ ସେମାନଙ୍କୁ ଅନ୍ୟ ସମାନ ଭାବେ ନିଯୁକ୍ତ ଜେଇଙ୍କଠାରୁ ଭିନ୍ନ ଭାବେ ବିବେଚନା କରିବା ଭେଦଭାବପୂର୍ଣ୍ଣ ବୋଲି ଧରାଯିବ। ଏହାକୁ ଆଧାର କରି ହାଇକୋର୍ଟ ୨୦୧୫ ଅଗଷ୍ଟ ୨୦ର ରିଜୋଲ୍ୟୁସନ ପାରା-୩କୁ ଅସାମ୍ବିଧାନିକ ଦର୍ଶାଇ ରଦ୍ଦ କରି ଦେଇଛନ୍ତି। ଆବେଦନକାରୀମାନଙ୍କୁ ସେମାନଙ୍କ ନିଜ ନିଜ ପ୍ରାରମ୍ଭିକ ନିଯୁକ୍ତି ତାରିଖରୁ ସରକାରଙ୍କ ନିୟମିତ ସେବାରେ ରହିଥିବା ଧରାଯିବ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଏହି ଲାଭ ନୋସନାଲ୍( ଆବେଦନକାରୀଙ୍କ ଦରମା ଆଦିକୁ କାଗଜପତ୍ରରେ ହିସାବ କରାଯିବ,କିନ୍ତୁ ପ୍ରକୃତରେ ସେମାନେ ଆର୍ଥିକ ଭାବେ ଲାଭାନ୍ୱିତ ହେବେ ନାହିଁ) ଭିତ୍ତିରେ ଦିଆଯିବ। ପୂର୍ବ ସେବାକୁ ପେନସନ ଓ ପେନସନ ସମ୍ପର୍କିତ ଅନ୍ୟାନ୍ୟ ସୁବିଧା ପାଇଁ ଗଣନା କରାଯିବ । ଏହି ରାୟର ନକଲ ପାଇବାର ଆଠ ସପ୍ତାହ ମଧ୍ୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।

### ଏସିଏଫ ସୌମ୍ୟ ରଞ୍ଜନ ମହାପାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା

# ପତ୍ନୀ ବିଦ୍ୟାଭାରତୀଙ୍କ ୨ଟି ଆବେଦନ ଉପରେ ଶୁଣାଣି ଶେଷ

କଟକ,(ସବ୍ୟୁ): ପାରଳାଖେମୁଣ୍ଡି ଏସିଏଫ ସୌମ୍ୟ ରଞ୍ଜନ ମହାପାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ତାଙ୍କ ପତ୍ନୀ ବିଦ୍ୟାଭାରତୀ ପଣ୍ଡା ହାଇକୋର୍ଟକୁ ଆସିଥିଲେ। ଗୋଟିଏ କେସ୍‌ରେ ତାଙ୍କ ବିରୋଧରେ ନିଆଯାଇଥିବା କଗ୍‌ନିଜାନ୍ସ(ଯେଉଁ ଦଫାରେ ତାଙ୍କ ନାମରେ ମାମଲା ଚାଲିବ) କୁ ବିରୋଧ କରି ମାମଲା ରୁଜୁ କରିଥିଲାବେଳେ ଏହାକୁ ରଦ୍ଦ ପାଇଁ ସେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଏହି ମାମଲା ଉପରେ ହାଇକୋର୍ଟ ଆଜି ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖୁଛନ୍ତି । ସେହିପରି ଏହି ମାମଲାରେ ତାଙ୍କ ବିରୋଧରେ ଚାଲୁଥିବା ମାମଲାରେ ବ୍ୟକ୍ତିଗତ ହାଜର ପାଇଁ ନିମ୍ନ ଅଦାଲତ ଆଦେଶ ଦେଇଥିଲେ। ସେଥିରେ ସେ ବ୍ୟକ୍ତିଗତ ଭାବେ ହାଜର ନହୋଇ ଆଇନଜୀବୀଙ୍କ ଜରିଆରେ ହାଜର ହେବାକୁ ପ୍ରାର୍ଥନା କରିଥିଲେ । ନିମ୍ନ ଅଦାଲତରୁ ଏହି ଆବେଦନ ଖାରଜ ହୋଇଯିବା ପରେ ସେ ହାଇକୋର୍ଟକୁ ଆସିଥିଲେ। ଏହା ଉପରେ ବି ହାଇକୋର୍ଟ ଆଜି ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖୁଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶିବ ଶଙ୍କର ମିଶ୍ର ଆଜି ଏହି ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖୁଛନ୍ତି।

ସୂଚନାଯୋଗ୍ୟ ଯେ ୨୦୧୧ ଜୁଲାଇରେ ପାରଳାଖେମୁଣ୍ଡିସ୍ଥିତ ସରକାରୀ ବାସଭବନରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଏସିଏଫ ସୌମ୍ୟ ରଞ୍ଜନଙ୍କୁ ଉଦ୍ଧାର କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହାପରେ କ୍ରାଇମବ୍ରାଞ୍ଚ ମାମଲାର ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ବିଦ୍ୟାଭାରତୀ ପଣ୍ଡା, ଡିଏଫଓ ସଂଗ୍ରାମ କେଶରୀ ଓ ମନ୍ମଥଙ୍କୁ କ୍ରାଇମବ୍ରାଞ୍ଚ କ୍ଲିନଚିଟ୍ ଦେଇଥିଲା। ଏହାକୁ ଚାଲେଞ୍ଜ କରି ସୌମ୍ୟ ରଞ୍ଜନଙ୍କ ପରିବାର ପାରଳାଖେମୁଣ୍ଡି ଏସ୍‌ଡିଜେଏମ ଅଦାଲତରେ ମାମଲା ଦାୟର କରିଥିଲେ । ଏସଡିଜେଏମ୍‌ଙ୍କ ଅଦାଲତ ଏହି ତିନିଜଣଙ୍କୁ ପକ୍ଷଭୁକ୍ତ କରିବା ସହ ସମସ୍ତଙ୍କ ବିରୋଧରେ ମକଦ୍ଦମା ଚାଲିବ ବୋଲି ନିର୍ଦ୍ଦେଶ ଦେଇଥିଲେ।

### ପେପରଲେସ୍ ଡିଡ୍ ରେଜିଷ୍ଟ୍ରେସନ୍ ହେବ ସଂଶୋଧନ

# ଚାରି ପୃଷ୍ଠାରେ ସୀମିତ ରହିବ ପଞ୍ଜୀକରଣ ଦଲିଲ୍

ଭୁବନେଶ୍ୱର(ସବ୍ୟୁ): ଜନସାଧାରଣଙ୍କୁ ଅଧିକ ସରଳ, ସ୍ୱଚ୍ଛ, ଦ୍ରୁତ ଓ ସୁବିଧାଜନକ ସେବା ପ୍ରଦାନ ଲକ୍ଷ୍ୟରେ ରାଜ୍ୟ ସରକାର ପଞ୍ଜୀକରଣ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଡିଜିଟାଲାଇଜେସନ୍ ଦିଗରେ ଆଉ ଏକ ପଦକ୍ଷେପ ନେଇଛନ୍ତି । ପଞ୍ଜୀକରଣ ବ୍ୟବସ୍ଥାକୁ ଅଧିକ ପାରଦର୍ଶୀ, ସରଳ, ଦ୍ରୁତ ଓ ନାଗରିକକେନ୍ଦ୍ରିକ କରିବା ରାଜ୍ୟ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ । ପେପରଲେସ ଦଲିଲ୍ ପଞ୍ଜୀକରଣ ବ୍ୟବସ୍ଥା ମାଧ୍ୟମରେ ନାଗରିକମାନେ ଅଧିକ ସୁବିଧାରେ ପଞ୍ଜୀକରଣ ସେବା ପାଇପାରିବେ । ଭୂ-ରେକର୍ଡ ଓ ପଞ୍ଜୀକରଣ ରେକର୍ଡର ଡିଜିଟାଲ୍ ସମନ୍ୱୟ ଦ୍ୱାରା ସେବା ପ୍ରଦାନରେ ଦକ୍ଷତା ଓ ସ୍ୱଚ୍ଛତା ଆହୁରି ବୃଦ୍ଧି ପାଇବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

ପେପରଲେସ୍ ଡିଡ୍ ରେଜିଷ୍ଟ୍ରେସନ୍ ବା ଦଲିଲ୍ ପଞ୍ଜୀକରଣ



ବ୍ୟବସ୍ଥା ପ୍ରଚଳନ ପାଇଁ ରେଜିଷ୍ଟ୍ରେସନ୍ ଆକଟ ୧୯୦୮ରେ ଆବଶ୍ୟକ ସଂଶୋଧନ ପ୍ରସ୍ତାବ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ପ୍ରସ୍ତାବିତ ସଂଶୋଧନ ମାଧ୍ୟମରେ ପଞ୍ଜୀକରଣ ପ୍ରକ୍ରିୟାକୁ ଏଣ୍ଡ ଟୁ ଏଣ୍ଡ ଡିଜିଟାଲ ରେଜିଷ୍ଟ୍ରେସନ୍ ବ୍ୟବସ୍ଥାରେ ପରିଣତ କରାଯିବ । ଏଥିପାଇଁ ଆଇନରେ ବର୍ତ୍ତମାନ ବିଦ୍ୟମାନ ୮ଟି ଧାରାରେ ସଂଶୋଧନ ସହିତ ୯ଟି ନୂତନ ଧାରା ଯୋଡ଼ିବାର ପ୍ରସ୍ତାବ ରହିଛି । ପଞ୍ଜୀକୃତ ଦଲିଲର ଇଲେକ୍ଟ୍ରୋନିକ୍ ସଂରକ୍ଷଣ ଏବଂ ଇଲେକ୍ଟ୍ରୋନିକ୍ ପ୍ରତିଲିପି ତଥା ରେକର୍ଡ଼କୁ ଆଇନଗତ ମାନ୍ୟତା ଦେବାର ବ୍ୟବସ୍ଥା ମଧ୍ୟ ରହିଛି । ପଞ୍ଜୀକରଣ ପାଇଁ ଦଲିଲର ଇଲେକ୍ଟ୍ରୋନିକ୍ ଉପସ୍ଥାପନା, ନିର୍ଦ୍ଦିଷ୍ଟ ମାମଲାରେ ଇଲେକ୍ଟ୍ରୋନିକ୍ ଉପସ୍ଥିତି ଓ ତଦନ୍ତର ମଧ୍ୟ ବ୍ୟବସ୍ଥା କରାଯିବ । ସରକାରୀ ଭୂ-ରେକର୍ଡ ସହିତ ସଂଯୁକ୍ତ ପରିଚୟ ସଂଖ୍ୟା ସହ ଲିଙ୍କ୍ କରିବାର ବ୍ୟବସ୍ଥା ରହିବ ।

ନୂତନ ବ୍ୟବସ୍ଥାରେ ନାଗରିକଙ୍କ ସମ୍ମତିକ୍ରମେ ଆଧାର ବୈଧତା ମାଧ୍ୟମରେ ଇଲେକ୍ଟ୍ରୋନିକ୍ ପରିଚୟ ଯାଞ୍ଚର ସୁବିଧା ରହିବ । ତେବେ ଆଧାରକୁ ବାଧ୍ୟତାମୂଳକ କରାଯିବ ନାହିଁ । ଅଫ୍‌ଲାଇନ୍ ଭେରିଫିକେସନ୍, ଇ-ଡକ୍ୟୁମେଣ୍ଟ ଓ ଅନ୍ୟ ନିର୍ଦ୍ଦିଷ୍ଟ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ମଧ୍ୟ ପରିଚୟ ଯାଞ୍ଚ କରାଯାଇପାରିବ । ଏହି ବ୍ୟବସ୍ଥାରେ ପଞ୍ଜୀକରଣ ରେକର୍ଡକୁ ଲ୍ୟାଣ୍ଡ ରେକର୍ଡ, ରେଭିନ୍ୟୁ ରେକର୍ଡ, ପୌରାଞ୍ଚଳ, ପ୍ଲାନିଂ ଅଥୋରିଟି ଓ ଅନ୍ୟାନ୍ୟ ସରକାରୀ ବ୍ୟବସ୍ଥା ସହ ଡିଜିଟାଲ୍ ଭାବେ ସଂଯୁକ୍ତ କରାଯିବ । ପ୍ରସ୍ତାବିତ ଇ-ରେଜିଷ୍ଟ୍ରେସନ୍ ତଥା ପେପରଲେସ୍ ପଞ୍ଜୀକରଣ ବ୍ୟବସ୍ଥାରେ ଦଲିଲ ପାଇଁ ପ୍ରସ୍ତାବିତ ଡିଡ୍ ଟେମ୍ପ୍ଲେଟ୍ ରହିବ । ପ୍ରସ୍ତାବିତ ସଂଶୋଧନ ମାଧ୍ୟମରେ ପଞ୍ଜୀକରଣ ବ୍ୟବସ୍ଥାକୁ ଅଧିକ ପାରଦର୍ଶୀ, ନାଗରିକକୈନ୍ଦ୍ରିକ, ଦ୍ରୁତ, ସୁରକ୍ଷିତ ଓ ସମ୍ପୂର୍ଣ୍ଣ ଡିଜିଟାଲ୍ କରିବା ସହିତ ଭୂ-ରେକର୍ଡ ଓ ଅନ୍ୟାନ୍ୟ ସରକାରୀ ତଥ୍ୟଭଣ୍ଡାର ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ କରିବା ଲକ୍ଷ୍ୟ ରହିଛି ।

### ରାଜ୍ୟର ଆର୍ଥିକ ପ୍ରଦର୍ଶନ, ବ୍ୟୟ ସ୍ଥିତି ସମୀକ୍ଷା

# ଖୋର୍ଦ୍ଧାରେ ୨୫ ପ୍ରକଳ୍ପର ରୋଡମ୍ୟାପ୍ ପ୍ରସ୍ତୁତ

ଭୁବନେଶ୍ୱର, (ସବ୍ୟୁ) : ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲାର ସାମଗ୍ରିକ ବିକାଶ ହେବ । ଏହି ଜିଲ୍ଲାର ୨୫ଟି ରଣନୀତିକ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ରୋଡମ୍ୟାପ୍ ଉପସ୍ଥାପନ ହୋଇଥିଲା । ଖୋର୍ଦ୍ଧା ଜିଲ୍ଲାର ସମନ୍ୱିତ ଏବଂ ଦ୍ରୁତ ବିକାଶ ପାଇଁ ଶିଳ୍ପ, ଭିତ୍ତିଭୂମି, କୃଷି, କ୍ରୀଡ଼ା, ପର୍ଯ୍ୟଟନ, ଐତିହ୍ୟ ଓ ଜ୍ଞାନଭିତ୍ତିକ ବିକାଶକୁ ସମାନ ଗୁରୁତ୍ୱ ଦେଇ ପ୍ରସ୍ତୁତ ରୋଡମ୍ୟାପ୍ ସମ୍ପର୍କରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଆଲୋକପାତ କରିଥିଲେ । ଜିଲ୍ଲାର ଗ୍ରାମ ପଞ୍ଚାୟତସ୍ତରରେ କଲ୍ୟାଣ ମଣ୍ଡପ, ଗ୍ରାମୀଣ ହାଟ, ମଡେଲ୍ ପାର୍କ, ପୋଖରୀ ଭଳି ବହୁମୁଖୀ ସୁବିଧା ସହ ପ୍ରମୁଖ ଉପଯୋଗୀ ମଡେଲ୍ ପ୍ରକଳ୍ପ ବିକଶିତ କରିବା ପାଇଁ ପ୍ରସ୍ତାବ ରଖାଯାଇଛି ।

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଗୁରୁବାର ଖାରବେଳ ଭବନଠାରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅର୍ଥ ବିଭାଗ ପକ୍ଷରୁ ରାଜ୍ୟର ଆୟ ଓ ବ୍ୟୟ ସ୍ଥିତି ସମ୍ପର୍କରେ ବିସ୍ତୃତ ଉପସ୍ଥାପନ କରାଯାଇଥିଲା । ଚଳିତ ଆର୍ଥିକ ବର୍ଷରେ ଅଗଷ୍ଟ ମାସ ଶେଷ ସୁଦ୍ଧା ଗତ ବର୍ଷର ଏହି ସମୟ ତୁଳନାରେ ରାଜ୍ୟର ମୋଟ



ବ୍ୟୟ ଓ କାର୍ଯ୍ୟକ୍ରମ ବ୍ୟୟରେ ଉନ୍ନତି ଘଟିଥିବା ବେଳେ ପୁଞ୍ଜି ବ୍ୟୟରେ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଥିବା ଜଣାଯାଇଛି । ବେଗୁନିଆ-ବୋଲଗଡ଼ ଓ ଟାଙ୍ଗୀ ଅଞ୍ଚଳକୁ ଶିଳ୍ପ କ୍ଷେତ୍ର ଭାବେ ବିକଶିତ କରି ନୂଆ ପୁଞ୍ଜିନିବେଶ ଆକର୍ଷଣ, ନିଯୁକ୍ତି ସୁଯୋଗ ସୃଷ୍ଟି ଓ ଏମ୍ଏସ୍ଏମ୍ଇ ଭିତ୍ତିକ ସହାୟକ ଶିଳ୍ପର ବିକାଶ ପାଇଁ ପ୍ରସ୍ତାବ ରଖାଯାଇଛି । ଖୋର୍ଦ୍ଧା-ବିଜୟାନଗରମ୍ ରେଳପଥ ସମ୍ପ୍ରସାରଣ ଓ କ୍ଷମତା ବୃଦ୍ଧି ପାଇଁ ପ୍ରଶାସନିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ନେଇ ପ୍ରସ୍ତାବ ରଖାଯାଇଥିଲା ।

ରାଜଧାନୀ ଓ ଉପକୂଳ ଅଞ୍ଚଳକୁ ସଂଯୋଗ କରୁଥିବା ଦ୍ୱୈତ ରିଙ୍ଗ୍ ରୋଡ୍ ରଣନୀତି ମାଧ୍ୟମରେ ଯାତାୟାତ ଚାପ ହ୍ରାସ, ଶିଳ୍ପ ଓ ଲଜିଷ୍ଟିକ୍ ବିକାଶ, ପର୍ଯ୍ୟଟନ ପ୍ରସାରକୁ ସୁଦୃଢ଼ କରିବା ନେଇ ଆଲୋଚନା ହୋଇଥିଲା । ଜୟଦେବ ବିହାର-ନନ୍ଦନକାନନ ରାସ୍ତାର ପ୍ରଶସ୍ତୀକରଣ, ଫ୍ଲାଏଓଭର, ସଂଯୋଗୀ ରାସ୍ତାର ଉନ୍ନତି ମାଧ୍ୟମରେ ଏହି ପ୍ରମୁଖ ଯାତାୟାତ କରିଡର୍‌କୁ ଅଧିକ ସୁଗମ, ନିରାପଦ ଓ ନିରବଚ୍ଛିନ୍ନ କରିବା ପାଇଁ ପ୍ରସ୍ତାବ ଉପସ୍ଥାପନ କରାଯାଇଛି । ବାଲକାଟିର ପିତ୍ତଳ ଓ କଂସା କାରିଗରୀ କ୍ଲଷ୍ଟରକୁ ଆଧୁନିକ ସାଧାରଣ ସୁବିଧା, ଦକ୍ଷତା ବିକାଶ, ଡିଜାଇନ୍, ପ୍ରଦର୍ଶନୀ ଓ ବିପଣନ ବ୍ୟବସ୍ଥା ସହ ଏକ ସଂଗଠିତ କାରିଗରୀ କେନ୍ଦ୍ର ଭାବେ ବିକଶିତ କରିବା ପାଇଁ ପ୍ରସ୍ତାବ ରଖାଯାଇଛି । ରାଜୁଆ ଡାଇଭର୍ସନ୍ ୱେଅର୍ ପ୍ରକଳ୍ପକୁ ତ୍ୱରିତ କାର୍ଯ୍ୟକାରୀ କରାଯିବା, ଚିଲିକାକୁ ପରିବେଶ ସୁରକ୍ଷା ସହ ସମନ୍ୱିତ ଏକ ପ୍ରମୁଖ ଇକୋ-ଟୁରିଜମ୍ ସର୍କିଟ୍ ଭାବେ ବିକଶିତ କରି ସ୍ଥାନୀୟ ଉଦ୍ୟୋଗୀ, ମତ୍ସ୍ୟଜୀବୀ ଓ ଗୋଷ୍ଠୀ ସମୁଦାୟ ପାଇଁ ନୂଆ ଜୀବିକା ସୁଯୋଗ ସୃଷ୍ଟି କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ପାଇକ ବିଦ୍ରୋହର ଗୌରବମୟ ଇତିହାସକୁ ସଂରକ୍ଷଣ ଓ ପ୍ରଚାର କରିବା ପାଇଁ ପାଇକ ମେମୋରିଆଲ୍ କଲଚରାଲ୍ ସେଣ୍ଟରକୁ ଡିଜିଟାଲ୍ ମ୍ୟୁଜିୟମ୍, ବ୍ୟାଖ୍ୟା କେନ୍ଦ୍ର, ଗବେଷଣା ଓ ସାଂସ୍କୃତିକ ପ୍ରଦର୍ଶନୀ ସହ ଏକ ପ୍ରମୁଖ ଐତିହ୍ୟ ଓ ଶିକ୍ଷାମୂଳକ ପର୍ଯ୍ୟଟନ କେନ୍ଦ୍ର ଭାବେ ବିକଶିତ କରିବା ପାଇଁ ପ୍ରସ୍ତାବ ରଖାଯାଇଥିଲା । ବୈଠକରେ ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂହଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଅନ୍ୟ ବିଭିନ୍ନ ବିଭାଗର ସଚିବମାନେ ଯୋଗ ଦେଇଥିଲେ ।

# ଗୁରୁଦିବସରେ ରାଜଧାନୀ ଗାନ୍ଧୀମାର୍ଗରେ ବିକ୍ଷୋଭ ସମାବେଶ - ଓଷ୍ଟା

## ୧୯ଦିନ ଧରି ଅହୋରାତ୍ର ଧାରଣାରେ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ

ଖୋର୍ଦ୍ଧା, (ସବ୍ୟୁ) : ଶିକ୍ଷକ ଅଧ୍ୟାପକ କର୍ମଚାରୀ ମିଳିତ ସମନ୍ୱୟ ସମିତି ଆନୁକୂଲ୍ୟରେ ଗତ ଅଗଷ୍ଟ ୧୬ ତାରିଖ ଠାରୁ ରାଜଧାନୀର ଗାନ୍ଧୀମାର୍ଗରେ ଅହୋରାତ୍ର ଧାରଣା ଜାରି ରହିଛି । ଏହା ଆଜକୁ ୧୯ ଦିନରେ ପହଁଚିଥିବାବେଳେ ସରକାରଙ୍କ ଉଦାସୀନତା ନେଇ ଶିକ୍ଷକମାନଙ୍କ ମନରେ ଅସନ୍ତୋଷ ବଢିବାରେ ଲାଗିଛି । ଦୀର୍ଘଦିନର ସମସ୍ୟା ପାଇଁ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ବିରୋଧି ଦଳରେ ଥିବା ବେଳେ ଶିକ୍ଷକମାନଙ୍କ ସମସ୍ୟା ଆମେ ସରକାରଙ୍କୁ ଆସିଲେ ଦୁଇ ମାସ ମଧ୍ୟରେ ସମାଧାନ କରିଦେବୁ, ଶିକ୍ଷକମାନେ ଆଉ ରାଜରାସ୍ତାକୁ ଆସିବେ ନାହିଁ, ପ୍ରତିଶୃତି ଦେଇ ପ୍ରଭାବିତ କରି ସରକାରକୁ ଆସିଲା ପରେ ୨ବର୍ଷ ୩ମାସ ଅତିକ୍ରାନ୍ତ ହୋଇଥିଲେ ହେଁ ଏଯାବତ୍ ଦାବୀ ପୂରଣ ନ ହେବା ଏବଂ ଏଥିନେଇ ବାରମ୍ବାର ଆଲୋଚନା ଓ ପ୍ରତିଶୃତି ସମସ୍ତଙ୍କୁ ପ୍ରତାରିତ କରିଛି । ସରକାର ଏହା ଭିତରେ ଏକ ଉଚ୍ଚକ୍ଷମତା ସମ୍ପର୍ଣ୍ଣ କମିଟି ଗଠନ କରି କମିଟି ତାର ରିପୋର୍ଟ ଗତ ମଇ ମାସରେ ଦାଖଲ କରି ସାରିଥିଲା ବେଳେ ତାହା କାର୍ଯ୍ୟକାରି କରାନଯିବା ସରକାରଙ୍କର ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଓଷ୍ଟାର ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର ପ୍ରକାଶ କରିଛନ୍ତି। ୧୯୪ ସହିତ ଆଜି ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଅନୁଦାନ, ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ ଅବସର ନେଇଥିବା ଓ କାର୍ଯ୍ୟରତ ଶିକ୍ଷକ କର୍ମ·ରୀମାନଙ୍କୁ ପେନସନ ପ୍ରଦାନ ଏବଂ ସମସ୍ତ ·କିରୀ ସର୍ତାବଳୀ ପ୍ରଦାନ, ଏହି ବିଦ୍ୟାଳୟରେ ୬ହଜାର ରୁ ଉର୍ଦ୍ଧ୍ୱ ଶିକ୍ଷକ କର୍ମ·ରୀ ଅବସର ନେଲା ପରେ ଖାଲି ପଡିଥିବା ପଦବୀ ପୂରଣ, ସବୁ ବର୍ଗର ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସମାନ ସରକାରୀ ସୁବିଧା ପ୍ରଦାନ ପ୍ରମୁଖ ସମସ୍ୟା ନେଇ ଏହି ଆନ୍ଦୋଳନ ·ଲିଥିବାବେଳେ ଆସନ୍ତା ସେପ୍ଟେମ୍ବର ୫ତାରିଖ ପବିତ୍ର ଗୁରୁଦିବସରେ ରାଜଧାନୀରେ ୫୦ ହଜାର ରୁ ଉର୍ଦ୍ଧ୍ୱ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ଓ ଅଭିଭାବକମାନଙ୍କୁ ନେଇ ମହା ବିକ୍ଷୋଭ ସମାବେଶ କରାଯିବ। ଏଥିରେ ଖୋର୍ଦ୍ଧା ଜିଲ୍ଲାରୁ ହଜାର ହଜାର ଶିକ୍ଷକ କର୍ମଚାରୀ ଅଧ୍ୟାପକମାନେ ସାମିଲ ହେବାପାଇଁ ଜିଲ୍ଲା କାର୍ଯ୍ୟକାରୀ କମିଟିରେ ନିଷ୍ପତି ଗ୍ରହଣ କରାଯାଇଥିବାର ଶ୍ରୀ ମହାପାତ୍ର ଆହ୍ୱାନ ଦେଇଛନ୍ତି।

# ବାଲି ବୋଝେଇ ୨ ହାଇୱା ଜବତ, ଚାଳକ ଗିରଫ

ଖୋର୍ଦ୍ଧା, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲାରେ ବେଆଇନ ଭାବେ ଖଣିଜ ଦ୍ରବ୍ୟ ପରିବହନ ବିରୋଧରେ ପୁଲିସ ପକ୍ଷରୁ ଚଢ଼ାଉ ଓ ଯାଂଚ କୁ ଜୋରଦାର କରାଯାଇଛି । ଗୁରୁବାର ନୟାଗଡ-ବାଘମାରୀ ରାସ୍ତାରେ ଜାତୀୟ ରାଜପଥ-୫୭ ନିକଟରେ ଯାଂଚ ସମୟରେ ବାଲି ବୋଝେଇ ଦୁଇଟି ହାଇୱାକୁ ପୁଲିସ ଜବତ କରିବା ସହ ଉଭୟ ଚାଳକଙ୍କୁ ଗିରଫ କରିଛି । ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀ ରମେଶ କୁମାର ଦେବତାଙ୍କ ନିର୍ଦ୍ଦେଶକ୍ରମେ ଏ.ଏସ୍.ଆଇ ସୁଶାନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ପୁଲିସ ଟିମ ଯାଂଚ କରୁଥିବାବେଳେ ବାଲିବୋଝେଇ ହୋଇ ଆସୁଥିବା ଓଡି-୧୩-ଭି-୭୦୦୫ ଏବଂ ଓଡି-୧୮-ବି-୩୭୩୯ ନଂ ବିଶିଷ୍ଟ ଦୁଇ ଗାଡି କୁ ଅଟକାଇଥିଲା।ପ୍ରାଥମିକ ଯାଂଚ ରୁ ଉଭୟ ଗାଡ଼ିରେ ଆବଶ୍ୟକ ବୈଧ ପରମିଟ ଓ ଟ୍ରାନ୍‌ଜିଟ ପାସ ନଥାଇ ବାଲି ପରିବହନ କରାଯାଉଥିବା ଜଣାପଡ଼ିଥିବା ପୁଲିସ କହିଛି । ଏହି ଦୁଇଟି ଘଟଣାରେ ପୁଲିସ୍ ୫୨୨/୨୬ ଓ ୫୨୩/୨୬ ରେ ପୃଥକ ମାମଲା ରୁଜୁ କରି ଦୁଇଜଣ ଚାଳକଙ୍କୁ ଗିରଫ କରିଛି ।

## ରାଜ୍ୟ ଯୋଗାଣ ନିଗମ ପ୍ରତିଷ୍ଠା ଦିବସ

# ପ୍ରାପ୍ୟ ପ୍ରଦାନରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିଛି ବିଭାଗ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟ ଯୋଗାଣ ନିଗମର ୪୭ତମ ପ୍ରତିଷ୍ଠା ଦିବସ ଆଜି ନିଗମ ପରିସରରେ ପାଳିତ ହୋଇଯାଇଛ । ଚାଷୀମାନଙ୍କ ଧାନ ସଂଗ୍ରହଠାରୁ ଆରମ୍ଭ କରି ସେମାନଙ୍କ ପ୍ରାପ୍ୟ ପ୍ରଦାନରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିଛି । ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ହିତାଧିକାରୀମାନଙ୍କୁ ଠିକଣା ସମୟରେ ରାସନ ସାମଗ୍ରୀ ପ୍ରଦାନ କରିବାରେ ସଫଳ ହୋଇଛି ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଲେ, ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଗମ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଆଧାର ଆଧାରିତ ପଞ୍ଜିକରଣଠାରୁ ଆରମ୍ଭ କରି ଠିକଣା ସମୟରେ ଧାନ ସଂଗ୍ରହ ଓ ଦେଶରେ ପ୍ରମୁଖ ରାଜ୍ୟ ଭାବେ ଧାନକିଣାର ୪୮ ଘଣ୍ଟା ମଧ୍ୟରେ ଚାଷୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରି ଉଦାହରଣ ସୃଷ୍ଟି କରିଛି ବୋଲି ସେ ଉଲ୍ଲେଖ କରିଛନ୍ତି ।

ସେହିଭଳି ଭାରତୀୟ ଖାଦ୍ୟ ନିଗମର ସାଧାରଣ ପରିଚାଳକ ନିହାର ରଞ୍ଜନ ପ୍ରଧାନ ଓ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଅତିରିକ୍ତ ଶାସନ ସଚିବ




ଶ୍ରୀକାନ୍ତ ବେହୁରା ପ୍ରମୁଖ ନିଗମର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଭାଗୀର ମାସିକ ସଂକ୍ଷିପ୍ତ ପୁସ୍ତିକା "ଯୋଗାଣ ଦର୍ପଣ' ଉନ୍ମୋଚନ କରାଯାଇଥିବାବେଳେ ଗତ ବର୍ଷକ ମଧ୍ୟରେ ନିଗମରୁ ଅବସର ଗ୍ରହଣ କରିଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ମା' ସ୍ୱାଧ୍ୱୀ ରତମ୍ବରା ଜୀଙ୍କ ଆଶୀର୍ବାଦ ନେଲେ ସାଂସଦ ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ) : ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ପୁରୀ ଗସ୍ତ ଅବସରରେ ପୁରୀ ଗୋବର୍ଦ୍ଧନ ପୀଠର ପୂଜ୍ୟ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ ଏବଂ ପରମ ପୂଜନୀୟା ପଦ୍ମଭୂଷଣ ମା' ସାଧ୍ୱୀ ରତମ୍ବରା ଜୀଙ୍କୁ ସାକ୍ଷାତ କରି ଆଶୀର୍ବାଦ ଗ୍ରହଣ କରିଛନ୍ତି । ପୁରୀ ଗୋବର୍ଦ୍ଧନ ପୀଠରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ



ସରସ୍ୱତୀ ମହାରାଜଙ୍କ ଶ୍ରୀଚରଣରେ ପ୍ରଣାମ ଜଣାଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ପୂଜ୍ୟ ଶଙ୍କରାଚାର୍ଯ୍ୟ ଜୀଙ୍କ ମାର୍ଗଦର୍ଶନ ଓ ଆଶୀର୍ବାଦ ସଦାସର୍ବଦା ସମାଜ, ସନାତନ ସଂସ୍କୃତି ଏବଂ ଲୋକକଲ୍ୟାଣ ପଥରେ ଆଗେଇବା ପାଇଁ ଶକ୍ତି ଓ ପ୍ରେରଣା ଯୋଗାଇଥାଏ । ଏହାସହ ପୁରୀ ଠାରେ ପରମ ପୂଜନୀୟା ପଦ୍ମଭୂଷଣ ମା' ସାଧ୍ୱୀ ରତମ୍ବରା ଜୀଙ୍କ ସହ ଶ୍ରୀ ପ୍ରଧାନ ସାକ୍ଷାତ ଆଲୋଚନା କରିଥିଲେ ।

## ବିଶିଷ୍ଟ କଣ୍ଠଶିଳ୍ପୀ ସ୍ୱର୍ଗତ ପ୍ରଣବ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ସାଂସଦ

# ଓଡ଼ିଆସଙ୍ଗୀତ ଜଗତକୁ ତାଙ୍କର ଅବଦାନ ଅତୁଳନୀୟ - ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ସ୍ୱର୍ଗତ ପ୍ରଣବ ପଟ୍ଟନାୟକଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ଆଜି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପହଞ୍ଚି ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ସ୍ୱର୍ଗତ ପଟ୍ଟନାୟକଙ୍କ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇବା ସହ ସେମାନଙ୍କ ସହ କିଛି ସମୟ ଅତିବାହିତ କରିଥିଲେ । ଶ୍ରୀ ପ୍ରଧାନ କହିଛନ୍ତି, ସ୍ୱର୍ଗତ ପ୍ରଣବ ପଟ୍ଟନାୟକଙ୍କ ସୁମଧୁର କଣ୍ଠ ଓ ଅନୁପମ ଗାୟନ ଶୈଳୀ କୋଟି



କୋଟି ଶ୍ରୋତାଙ୍କ ହୃଦୟରେ ରହିଛି ଏବଂ ସବୁଦିନ ପାଇଁ ରହିବ । ଓଡ଼ିଆ ସଙ୍ଗୀତ ଜଗତକୁ ତାଙ୍କର ଅତୁଳନୀୟ ଅବଦାନ ଚିର ସ୍ମରଣୀୟ ହୋଇରହିବ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି ।

# ପ୍ରଗତୀ ଇଟିପି ପ୍ଲାଣ୍ଟରେ ଅଗ୍ନିକାଣ୍ଡ : ବ୍ୟାପକ କ୍ଷୟକ୍ଷତି

କଟକ, (ସ୍ୱପ୍ର): କଟକ ଜଗତପୁରରେ ଥିବା ଦୁଗ୍ଧ କମ୍ପାନୀ ପ୍ରଗତି ଇଟିପି ପ୍ଲାଣ୍ଟରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ଘଟିଛି । ଅଗ୍ନିକାଣ୍ଡରେ ଏହି ଇଟିପି କୋଲ୍ଡ ଷ୍ଟୋରେଜରେ ଗଚ୍ଛିତ ଥିବା କ୍ଷୀର, ଲହୁଣୀ, ଘିଅ ଆଦି ପୋଡି ପାଉଁଶ ହୋଇଯାଇଛି । ଗୁରୁବାର ସକାଳୁ ଏହି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ଅଗ୍ନିଶମ ଟିମର ୩ଟି ଫାୟାର ଗାଡି ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।



ପ୍ରାଥମିକ ତଦନ୍ତରୁ ବିଦ୍ୟୁତ୍ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସ୍ପଷ୍ଟ କରିଛି ଅଗ୍ନିଶମ ଟିମ । ତେବେ ଏହି ଘଟଣାରେ କେହି ମୃତାହତ ହୋଇ ନଥିବା ଜଣାପଡିଛି ବୋଲି ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି ।



ଭୁବନେଶ୍ୱରରେ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟର ପ୍ରଥମ ମହିଳା ସତ୍ୟାଗ୍ରହୀ ସରଳା ଦେବୀଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଉନ୍ମୋଚନ ସକାଶେ ସଂସ୍କୃତି ବିଭାଗର ଶାସନ ସଚିବ ଡକ୍ଟର ବିଜୟ କେତନ ଉପାଧ୍ୟାୟଙ୍କୁ ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ସମ୍ମାନିତ କରୁଛନ୍ତି ଟ୍ରଷ୍ଟର କାର୍ଯ୍ୟକାରୀ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଟ୍ରଷ୍ଟି ନିବେଦିତା ମହାନ୍ତି ଓ ମୟୂରାକ୍ଷ ବହିଦାର ।

## ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବ ଇଡ୍‌କୋ

# ୩୭ ପ୍ରକଳ୍ପକୁ ଜମି ବଣ୍ଟନ କମିଟିର ଅନୁମୋଦନ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାରେ ଶିଳ୍ପ ବିକାଶକୁ ଅଧିକ ଗତିଶୀଳ କରିବା ଏବଂ ନିବେଶକଙ୍କ ପାଇଁ ବ୍ୟବସାୟିକ ସୁଗମତା ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ (ଇଡ୍‌କୋ)ର ଜମି ବଣ୍ଟନ କମିଟି ୩୭ଟି ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ କରିଛି । ଗତକାଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡକୋ ଅଧ୍ୟକ୍ଷ ଶ୍ରୀମତୀ ଉଷା ପାଢୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କମିଟିର ବୈଠକରେ ଏହି ପ୍ରସ୍ତାବ ଅନୁମୋଦିତ ହୋଇଛି । ଅନୁମୋଦିତ ପ୍ରସ୍ତାବ ମଧ୍ୟରେ ବୃହତ ଶିଳ୍ପ ପ୍ରକଳ୍ପ ପାଇଁ ୨୪ଟି ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ୧୩ଟି ଜମି ପ୍ରସ୍ତାବ ସାମିଲ ରହିଛି । ଏହି ଅନୁମୋଦନ ଦ୍ୱାରା ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ ହେବା ସହ ସ୍ଥାନୀୟ ସ୍ତରରେ ନିଯୁକ୍ତି ସୁଯୋଗ ବୃଦ୍ଧି, ଆଞ୍ଚଳିକ ଶିଳ୍ପ ବିକାଶ ଏବଂ ଯୋଗାଣ ଶୃଙ୍ଖଳାକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ । ଜମି ସମ୍ପର୍କିତ ପ୍ରସ୍ତାବଗୁଡ଼ିକର ଶୀଘ୍ର ଫଇସଲା ଇଡ୍‌କୋର ସମୟବଦ୍ଧ ନିଷ୍ପତ୍ତି ଗ୍ରହଣ, ସୁଦୃଢ଼ ଜମି



ପରିଚାଳନା ଏବଂ ନିବେଶକ-ଅନୁକୂଳ ପରିବେଶ ସୃଷ୍ଟି ପ୍ରତି ଏହାର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଶୀଘ୍ର ପ୍ରକ୍ରିୟାକରଣ ଓ ସମୟବଦ୍ଧ ଅନୁମୋଦନ ମାଧ୍ୟମରେ ବୃହତ ଶିଳ୍ପ ସହ ଉଦୀୟମାନ ଉଦ୍ୟୋଗ ଏବଂ ଏମ୍ ଏସ୍ ଏମ୍ ଇ ଗୁଡ଼ିକ ପାଇଁ ଏକ ଅଧିକ ସ୍ୱଚ୍ଛ, ନିର୍ଭରଯୋଗ୍ୟ ଓ ସୁଗମ ଶିଳ୍ପ ପରିବେଶ ଗଠନ ଉପରେ ଗୁରୁତ୍ୱ ଦିଆଯାଉଛି । କେବଳ ପ୍ରଶାସନିକ ଅନୁମୋଦନରେ ସୀମିତ ନ ରହି ପ୍ରକଳ୍ପଗୁଡ଼ିକର ଭୂମିସ୍ତରୀୟ କାର୍ଯ୍ୟାନ୍ୱୟନ ଉପରେ ମଧ୍ୟ ଇଡ୍‌କୋ ବିଶେଷ ଗୁରୁତ୍ୱ ଦେଉଛି । ଶ୍ରୀମତୀ ପାଢ଼ୀଙ୍କ ନେତୃତ୍ୱରେ ଖୋର୍ଦ୍ଧା, କଟକ ଓ କଳିଙ୍ଗନଗର ସମେତ ବିଭିନ୍ନ ରଣନୈତିକ ଶିଳ୍ପ କରିଡର ଏବଂ ଶିଳ୍ପାଞ୍ଚଳରେ ନିୟମିତ କ୍ଷେତ୍ର ପରିଦର୍ଶନ ଓ ସ୍ଥଳସ୍ତରୀୟ ସମୀକ୍ଷା କରାଯାଉଛି । ଏହି ପରିଦର୍ଶନ ସମୟରେ ଜମି ଉନ୍ନୟନ ଓ ସମତଳୀକରଣ, ମାଷ୍ଟର ପ୍ଲାନିଂ, ବିଦ୍ୟୁତ ଓ ଜଳ ଯୋଗାଣ, ସଡ଼କ ଓ ଯୋଗାଯୋଗ ବ୍ୟବସ୍ଥା, ମାଲ ପରିବହନ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଶିଳ୍ପ ଭିତ୍ତିଭୂମିର ସ୍ଥିତିକୁ ପ୍ରତ୍ୟକ୍ଷ ଭାବେ ସମୀକ୍ଷା କରାଯାଉଛି । ଶିଳ୍ପାଞ୍ଚଳରେ କର୍ମଚାରୀଙ୍କ ପାଇଁ ଆବଶ୍ୟକ ସୁବିଧା ସହ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ନିମନ୍ତେ ସୁରକ୍ଷିତ, ସୁଗମ ଓ ଆବଶ୍ୟକୀୟ ଭିତ୍ତିଭୂମି ଉପଲବ୍ଧତା ଉପରେ ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି । ପ୍ରଶାସନିକ ଅନୁମୋଦନ ଏବଂ ପ୍ରକଳ୍ପର ପ୍ରକୃତ କାର୍ଯ୍ୟାନ୍ୱୟନ ମଧ୍ୟରେ ଥିବା ବ୍ୟବଧାନକୁ କମାଇବା ଏହି କ୍ଷେତ୍ରସ୍ତରୀୟ ତଦାରଖର ମୁଖ୍ୟ ଉଦ୍ଦେଶ୍ୟ । ସ୍ଥଳସ୍ତରୀୟ ସମୀକ୍ଷା ମାଧ୍ୟମରେ ଭିତ୍ତିଭୂମି ସମ୍ପର୍କିତ ସମସ୍ୟା ଓ ଅଭାବଗୁଡ଼ିକୁ ତ୍ୱରିତ ଚିହ୍ନଟ କରାଯାଇ ସମ୍ପୃକ୍ତ ବିଭାଗ ଓ ସଂସ୍ଥାଗୁଡ଼ିକ ସହ ସମନ୍ୱୟରେ ସମୟବଦ୍ଧ ପଦକ୍ଷେପ ନିଆଯାଉଛି । ଦ୍ରୁତ ପ୍ରଶାସନିକ ଅନୁମୋଦନ ଓ ନିୟମିତ କ୍ଷେତ୍ରସ୍ତରୀୟ ତଦାରଖ, ଏହି ଦ୍ୱିମୁଖୀ ରଣନୀତିର ଲକ୍ଷ୍ୟ ହେଉଛି ଶିଳ୍ପ ଜମି ବଣ୍ଟନକୁ କେବଳ ଏକ ପ୍ରଶାସନିକ ପ୍ରକ୍ରିୟା ଭାବେ ସୀମିତ ନ ରଖି ଏହାକୁ ବାସ୍ତବ ପୁଞ୍ଜିନିବେଶ, ନିଯୁକ୍ତି ସୃଷ୍ଟି ଓ ଦୀର୍ଘମିଆଦୀ ଅର୍ଥନୈତିକ ବିକାଶରେ ପରିଣତ କରିବା । ସୁଦୃଢ଼ ଜମି ପରିଚାଳନା, ଉନ୍ନତ ଶିଳ୍ପ ଭିତ୍ତିଭୂମି ଏବଂ ନିବେଶକ ସୁଗମତାକୁ ନିରନ୍ତର ପ୍ରାଥମିକତା ଦେଇ ଇଡ୍‌କୋ ଓଡ଼ିଶାକୁ ଏକ ଦ୍ରୁତଗତିଶୀଳ, ପ୍ରତିଯୋଗିତାମୂଳକ ଓ ନିବେଶ-ଅନୁକୂଳ ଶିଳ୍ପ ଗନ୍ତବ୍ୟସ୍ଥଳ ଭାବେ ଗଢ଼ି ତୋଳିବା ଦିଗରେ କାର୍ଯ୍ୟ କରୁଛି । ଏହା ମାଧ୍ୟମରେ ବୃହତ ଶିଳ୍ପ ନିବେଶ ସହ ଏମ୍ ଏସ୍ ଏମ୍ ଇ କ୍ଷେତ୍ରର ବିସ୍ତାର, ସ୍ଥାନୀୟ ନିଯୁକ୍ତି ସୃଷ୍ଟି ଏବଂ ସମାବେଶୀ ଓ ଆଞ୍ଚଳିକ ଭାରସାମ୍ୟପୂର୍ଣ୍ଣ ଶିଳ୍ପ ବିକାଶକୁ ଅଧିକ ଗତି ମିଳିବ ।

## ପଥର ଖଣିରେ ଚଢ଼ାଉ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଗୋଡ଼ିପଡ଼ା ସ୍ଥିତ ଆରକେଡି କମ୍ପାନୀର ୫୦୦ ମିଟର ପଛପଟେ ଚାଲିଥିବା ଏକ ବେଆଇନ ଖଣ୍ଡଲାଇଟ ପଥର ଖଣି ଉପରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଛି । ମଙ୍ଗଳବାର ରାତିରେ ଅଚାନକ ହୋଇଥିବା ଏହି ଚଢ଼ାଉରେ ପୋଲିସ ଗୋଟିଏ ହାଇଡ୍ରା, ଗୋଟିଏ ଜେସିବି ଓ ଗୋଟିଏ ବୁଲେଟ ଗାଡ଼ି ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି । ଗୋଡ଼ିପଡ଼ା ଅଞ୍ଚଳରେ ଦୀର୍ଘ ଦିନ ହେବ ବେଆଇନ ଭାବେ ଖଣ୍ଡଲାଇଟ ପଥର ଉତ୍ତୋଳନ ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା । ଏହି ଖବର ପାଇ ଖୋର୍ଦ୍ଧା ଜିଲ୍ଲା ଏସ୍ପି ଶ୍ରୀ ପରମ ସ୍ମିତ ପୁରୁଷୋତ୍ତମ ଦାସ ଓ ଏସଡ଼ିପିଓ ପଙ୍କଜ କୁମାର ମାଝୀଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶକ୍ରମେ ଜଂକିଆ ପୋଲିସର ଏକ ବିଶେଷ ଟିମ ମଙ୍ଗଳବାର ରାତିରେ ଚଢ଼ାଉ କରିଥିଲା । ଏହି ଚଢ଼ାଉରେ ଜଂକିଆ ଥାନା ଆଇଆଇସି ଚନ୍ଦ୍ର ଶେଖର ଜେନା, ଏସଆଇ ଜ୍ୟୋସ୍ନା ରାୟ, ଏସଆଇ ତୁଷାର ନାୟକଙ୍କ ସମେତ ପୋଲିସ ବଳ ସାମିଲ ଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ବେଆଇନ ପଥର ଉତ୍ତୋଳନରେ ବ୍ୟବହୃତ ହେଉଥିବା ଯନ୍ତ୍ରପାତି ଓ ଯାନବାହନ ଜବତ କରିବା ସହ ଥାନାକୁ ଆଣିଥିଲା । ଏ ନେଇ ଜଂକିଆ ଥାନାରେ କେସ ନଂ ୫୨୩/୨୬ ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲୁ ରହିଛି ।

## ବାଙ୍କିସାହି ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅବସର ସମ୍ବର୍ଦ୍ଧନା

କଟକ, (ସ୍ୱପ୍ର) : ସୋମବାର କଟକ ବାଙ୍କିସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦାସଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ରାଜବଗିଚା ସ୍କୁଲର ପ୍ରାକ୍ତନ ଶିକ୍ଷକ ସନାତନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ କର୍ପୋରେଟର ରବିନାରାୟଣ ସାହୁ, ସମାଜସେବି ମନୋରଞ୍ଜନ ପ୍ରଧାନ, ଅବସର ପ୍ରାପ୍ତ ଶିକ୍ଷାବିତ ପଣ୍ଡିତ ବଂଶୀଧର ଦାସ, ପରିଚାଳନା କମିଟି ସଭାପତି ମଞ୍ଜୁ ବେହେରା ପ୍ରଭୃତି ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ଅବସର ନେଉଥିବା ଶିକ୍ଷୟିତ୍ରୀଙ୍କ ଗୁଣଗାନ କରିବା ସହ ସେ ଜଣେ ଛାତ୍ରବତ୍ସଳ, ମେଳାପୀ, ଦକ୍ଷ ଓ ସର୍ବୋପରି ଜଣେ ଉତ୍ତମ ଶିକ୍ଷୟିତ୍ରୀ ଥିଲେ ବୋଲି ମତ ପ୍ରକାଶ କରିଥିଲେ । ଅବସର ପ୍ରାପ୍ତ ଶିକ୍ଷକ ଅରବିନ୍ଦ କର ଓ ସବିତା ମଞ୍ଜରୀ ରାୟ ସ୍ୱରଚିତ କବିତା ମାଧ୍ୟମରେ ଶିକ୍ଷୟିତ୍ରୀଙ୍କ ବ୍ୟକ୍ତିତ୍ୱ ଅବତାରଣା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଦ୍ୱୈତ ପ୍ରଧାନ, ଏକାଦଶୀ ପ୍ରଧାନ, ଅମୀୟ କୁମାର ପରିଡା, ଭାରତୀ



କାନୁନଗୋ, ରଜନୀ ମହାନ୍ତି, ପୁଷ୍ପାଞ୍ଜଳି ଦେଇ, ମଞ୍ଜୁଳା ଜେନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ମନ୍ଦାକିନୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଇପିଏଫ୍ ପେନସନର୍ସ ସଂଘ କୋର କମିଟି ବୈଠକ

## ଦାବି ହାସଲ ପାଇଁ ହେବ ଆନ୍ଦୋଳନ

ଭୁବନେଶ୍ୱର, (ସବ୍ୟୁ) : ଅଲ ଓଡିଶା ଇପିଏଫ ପେନସନର୍ସ ଆସୋସିଏସନର କୋର କମିଟି ବୈଠକ ବୟନିକା କର୍ମଚାରୀ ସଙ୍ଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଇଂ. ବିଜୟ କୁମାର ଜେନା ସଭାପତିତ୍ୱ କରିଥିଲେ । କେନ୍ଦ୍ର ସରକାର ଇପିଏଫ ପେନସନଧାରୀଙ୍କ ଦାବି ସର୍ବନିମ୍ନ ପେନସନ ୯୦୦୦ ଟଙ୍କାକୁ ବୃଦ୍ଧି, ମହଙ୍ଗା ଭତ୍ତା ପ୍ରଦାନ ଓ ନିଃଶୁଳ୍କ ଚିକିତ୍ସା ସୁବିଧା ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଦୀର୍ଘ ୧୨ ବର୍ଷ ଧରି ସର୍ବନିମ୍ନ ପେନସନ ବୃଦ୍ଧି କରାନଯିବା ଅତ୍ୟନ୍ତ ବିଡମ୍ବନାର ବିଷୟ । ଏଣୁ ଏପରି ଅନ୍ୟାୟର ପ୍ରତିବାଦ ସ୍ୱରୂପ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା । ଆସନ୍ତା ଅକ୍ଟୋବର ୪ ତାରିଖ ଦିନ ଚଣ୍ଡିଗଡ ଠାରେ କେନ୍ଦ୍ରୀୟ କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ଆହୂତ ବୈଠକରେ ଓଡିଶା ଇପିଏଫ୍ ପେନସନର୍ଷ ସଂଘର ନେତୃତ୍ୱ ଯୋଗଦାନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା । ବୈଠକରେ




କେନ୍ଦ୍ରୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ଉପଦେଷ୍ଟା ମୁକ୍ତିକାନ୍ତ ମହାପାତ୍ର, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ସରୋଜକାନ୍ତ ମଲ୍ଲିକ, କୃଷ୍ଣଚନ୍ଦ୍ର ସାହ ପ୍ରମୁଖ ଉପସ୍ଥିତ ଥିଲେ ।

# ସମନ୍ୱିତ ଓ ପ୍ରଭାବଶାଳୀ ସରକାରୀ ଯୋଗାଯୋଗ ପାଇଁ ଆଇଏମପିସିସି ବୈଠକରେ ଗୁରୁତ୍ୱ

ଭୁବନେଶ୍ୱର, (ସବ୍ୟୁ) : କେନ୍ଦ୍ର ସରକାରଙ୍କ ବିଭିନ୍ନ ଗଣମାଧ୍ୟମ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରୁଥିବା 'ଆନ୍ତଃ ଗଣମାଧ୍ୟମ ପ୍ରଚାର ସମନ୍ୱୟସମିତି' (ଆଇଏମପିସିସି) - ଓଡ଼ିଶା ମଣ୍ଡଳର ସେପ୍ଟେମ୍ବର ମାସର ବୈଠକ ଗୁରୁବାର ଭୁବନେଶ୍ୱରସ୍ଥିତ ଏନଏବିଏମ୍ ପ୍ରସାର ଭାରତୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ସଦସ୍ୟ ସଂଗଠନର ପ୍ରମୁଖ ସଫଳତା ଓ ଶ୍ରେଷ୍ଠ ପ୍ରଚଳନ ସମ୍ପର୍କରେ ଉପସ୍ଥାପନା ସହିତ ଜନସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଉଦୀୟମାନ ପ୍ରଯୁକ୍ତି ଓ ଡିଜିଟାଲ୍ ଉପକରଣର ବ୍ୟବହାର ନେଇ ଆଲୋଚନା କରାଯାଇଥିଲା । ପିଆଇବି ଓ ସିବିସି ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ତଥା ଆଇଏମପିସିସିର ଅଧ୍ୟକ୍ଷ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ସଦସ୍ୟ ସଂଗଠନର ପ୍ରତିନିଧିମାନେ ଯୋଗଦେଇ ସରକାରୀ ଯୋଗାଯୋଗକୁ ଅଧିକ ସମନ୍ୱିତ ଓ ପ୍ରଭାବଶାଳୀ କରିବା ସମ୍ପର୍କରେ ମତବିନିମୟ କରିଥିଲେ । ସୂଚନାର ପ୍ରଭାବଶାଳୀ ପ୍ରସାର, ବିଭିନ୍ନ ମାଧ୍ୟମର ସମନ୍ୱିତ ବ୍ୟବହାର ଏବଂ ଜନସାଧାରଣଙ୍କ ନିକଟରେ ସଠିକ୍ ସୂଚନା ପହଞ୍ଚାଇବା ନେଇ ମଧ୍ୟ ଆଲୋଚନା ହୋଇଥିଲା । ମୁଖ୍ୟ ଅଭିଭାଷଣରେ ଶ୍ରୀ ମିଶ୍ର ଫ୍ରାଞ୍ଜ କାଫ୍କାଙ୍କ ୧୯୧୫ ମସିହାର ପ୍ରସିଦ୍ଧ କୃତି 'ମେଟାମର୍ଫୋସିସ୍'ର ଉଦାହରଣ ଦେଇ ଯୋଗାଯୋଗର ଗୁରୁତ୍ୱ ଓ ଏହାର ଅଭାବର ପ୍ରଭାବ ଉପରେ ଆଲୋକପାତ କରିଥିଲେ । ଗ୍ରେଗର ସାମସାଙ୍କ ଚରିତ୍ର ମାଧ୍ୟମରେ ଏକାକୀତ୍ୱ, ବିଚ୍ଛିନ୍ନତା, ଅବମାନବୀକରଣ ଓ



ନିରବତା କିପରି ବ୍ୟକ୍ତିର ପରିବାର, କର୍ମକ୍ଷେତ୍ର ଓ ସାମାଜିକ ସମ୍ପର୍କକୁ ପ୍ରଭାବିତ କରେ, ସେ ତାହା ବ୍ୟାଖ୍ୟା କରିଥିଲେ । ସଂଗଠନାତ୍ମକ ପରିବେଶରେ ଯୋଗାଯୋଗର ଅଭାବ ସୂଚନା ପ୍ରବାହ, ସମନ୍ୱୟ ଓ କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରୁଥିବା ଦର୍ଶାଇ ସେ କହିଥିଲେ ଯେ, ନିରବତା ଯୋଗାଯୋଗ ପ୍ରକ୍ରିୟାର ମୃତ୍ୟୁ ସଦୃଶ । ମତଭେଦ କିମ୍ବା ଅସନ୍ତୋଷ ଥିଲେ ମଧ୍ୟ ଖୋଲା ଆଲୋଚନା ଜାରି ରଖିବା ନିରବତାଠାରୁ ଅଧିକ ଫଳପ୍ରଦ ବୋଲି ସେ ଉଲ୍ଲେଖ କରି, ବ୍ୟକ୍ତି, ବିଭାଗ ଓ ସଂସ୍ଥା ମଧ୍ୟରେ ନିରନ୍ତର ଓ ଖୋଲା ଯୋଗାଯୋଗ ବ୍ୟବସ୍ଥା ଗଢ଼ି ତୋଳିବାକୁ ଆହ୍ୱାନ କରିଥିଲେ । ବୈଠକରେ ସଦସ୍ୟ ସଂସ୍ଥାଗୁଡ଼ିକ ପକ୍ଷରୁ ଗ୍ରହଣ କରାଯାଇଥିବା ନବୀନ ଜନସମ୍ପର୍କ ପଦକ୍ଷେପ ଓ ସଫଳ ଯୋଗାଯୋଗ ମଡେଲଗୁଡ଼ିକ ସମ୍ପର୍କରେ ଅଭିଜ୍ଞତା ବିନିମୟ କରାଯାଇଥିଲା । ବିଭିନ୍ନ ସଂସ୍ଥାର ଉତ୍ତମ ଅଭ୍ୟାସଗୁଡ଼ିକୁ ଅନ୍ୟମାନଙ୍କ ସହ ବାଣ୍ଟିବା ସହିତ ସେଗୁଡ଼ିକର ସମ୍ଭାବ୍ୟ ଅନୁପ୍ରୟୋଗ ଉପରେ ମତବିନିମୟ ହୋଇଥିଲା । ଏହା ମାଧ୍ୟମରେ ସରକାରୀ ସୂଚନା ଓ ବାର୍ତ୍ତାକୁ ବିଭିନ୍ନ ମାଧ୍ୟମରେ ଅଧିକ ସୁଗମ ଓ ପ୍ରଭାବଶାଳୀ ଭାବେ ପହଞ୍ଚାଇବାର ଉପାୟ ନେଇ ଆଲୋଚନା କରାଯାଇଥିଲା । ବୈଠକରେ ପ୍ରୋଭିଡେଣ୍ଟ ଫଣ୍ଡ, ଭୁବନେଶ୍ୱରର ଅତିରିକ୍ତ କମିଶନର ଜୁଲିଆନ୍ ଟୋବିଆସ୍, ଆଇଏମଏମଟି, ଭୁବନେଶ୍ୱରର ବୈଜ୍ଞାନିକ-ଜି ସତ୍ୟଜିତ ରଥ, ନ୍ୟାସନାଲ୍ ପ୍ରଡକ୍ଟିଭିଟି କାଉନସିଲର ଉପ-ନିର୍ଦ୍ଦେଶକ ଶ୍ୟାମ ପ୍ରସାଦ, ଆରଆଇଇର ସହକାରୀ ପ୍ରାଧ୍ୟାପକ ଡଃ ଦେବାଶିଷ ମହାପାତ୍ର, ଆକାଶବାଣୀ କଟକର ଟ୍ରାନ୍ସମିସନ୍ ଏକ୍ଜିକ୍ୟୁଟିଭ୍ ରାଜୀବ କୁମାର ମାହୁନ୍ତ, ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱରର ପ୍ରୋଗ୍ରାମ୍ ଏକ୍ଜିକ୍ୟୁଟିଭ୍ ସୁମନ କୁମାର ଝା, ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱରର ନ୍ୟୁଜ୍ ଏଡିଟର ସୁଦର୍ଶନ ସାହୁ, ଆକାଶବାଣୀ ଆରଏନୟୁର ନ୍ୟୁଜ୍ ଏଡିଟର ନିର୍ମାଲ୍ୟ ବେହେରା, ବିଏସଏନଏଲ୍, ଭୁବନେଶ୍ୱରର ପ୍ରିନ୍ସିପାଲ୍ ଜେନେରାଲ୍ ମ୍ୟାନେଜର, ଏଚଆର୍ ଓ ପ୍ରଶାସନ ଇନ୍ଦ୍ର ଗୋବିନ୍ଦ ସୋରେନ୍, ଇପିଏଫଓ, ଭୁବନେଶ୍ୱରର ଆଞ୍ଚଳିକ ପିଏଫ୍ କମିଶନର କାଶୀନାଥ ସାହୁ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମତୀ ସ୍ମିତା କର, ଆଇଆଇଟି ଭୁବନେଶ୍ୱରର ଜନସମ୍ପର୍କ ଅଧିକାରୀ ଶ୍ରୀମତୀ ଧରିତ୍ରୀ ଶତପଥୀ, କେନ୍ଦ୍ରୀୟ ସଂଚାର ବ୍ୟୁରୋ, ଭୁବନେଶ୍ୱରର ଫିଲ୍ଡ ପବ୍ଲିସିଟି ଅଫିସର ସସ୍ମିତା ପାଇକରାୟ ଏବଂ ପିଆଇବି, ଭୁବନେଶ୍ୱରର ସହକାରୀ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନା ପ୍ରମୁଖଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ । ବୈଠକର ଆରମ୍ଭରେ ଆଇଏମପିସିସିର ସଦସ୍ୟ ସଚିବ ତଥା କେନ୍ଦ୍ରୀୟ ଯୋଗାଯୋଗ ବ୍ୟୁରୋ (ସିବିସି)ର ସହକାରୀ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ ଜଣାଇବା ସହ ବୈଠକର ଉଦ୍ଦେଶ୍ୟ ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ଭାବେ ଅବଗତ କରାଇଥିଲେ । ଆଗାମୀ ଆଇଏମପିସିସି ବୈଠକର ବିଷୟବସ୍ତୁ ଓ କାର୍ଯ୍ୟକ୍ରମ ନେଇ ସଦସ୍ୟମାନେ ମଧ୍ୟ ମତବିନିମୟ କରିଥିଲେ । ଶେଷରେ ପିଆଇବି, ଭୁବନେଶ୍ୱରର ସୂଚନା ସହାୟକ ବିକାଶ ରଞ୍ଜନ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ ।

# କାଜିବଜାର ଗୋଷ୍ଠୀ କେନ୍ଦ୍ରର ଶିଳାନ୍ୟାସ କଲେ ବିଧାୟିକା

କଟକ, (ସ୍ୱପ୍ର): କେଏମସି ଅନ୍ତର୍ଗତ ୧୩ ନମ୍ବର ୱାର୍ଡ଼ କାଜିବଜାର ଅଞ୍ଚଳରେ ଏକ ନୂତନ ଗୋଷ୍ଠୀ ଗୃହ କେନ୍ଦ୍ରର ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିଧାୟିକା ସୋଫିଆ ଫିରଦୋସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । କାଜିବଜାର ପୂଜା କମିଟି ତଥା ସ୍ଥାନୀୟ ଅଧିବାସୀଙ୍କ ଦୀର୍ଘ ଦିନର ଦାବି ଓ ଅନୁରୋଧ କ୍ରମେ ବିଧାୟିକାଙ୍କ ଉନ୍ନୟନ ପାଣ୍ଠିରୁ ଏହି ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଇଛି । ଏହି କଲ୍ୟାଣ ମଣ୍ଡପ ବା ଗୋଷ୍ଠୀ କେନ୍ଦ୍ର ନିର୍ମାଣ ଦ୍ୱାରା ଅଞ୍ଚଳରେ ବିଭିନ୍ନ ସାମାଜିକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବାରେ ସ୍ଥାନୀୟ ଲୋକଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ବିଧାୟିକା ପ୍ରକାଶ କରିଛନ୍ତି । ଏହି ଶିଳାନ୍ୟାସ ଉତ୍ସବରେ କାଜିବଜାର ପୂଜା କମିଟିର କର୍ମକର୍ତ୍ତାଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ଏବଂ ଗଣ୍ୟମାନ୍ୟ



ବ୍ୟକ୍ତି ଉପସ୍ଥିତ ରହି ଖୁସି ବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାଜିବଜାର ପୂଜା କମିଟି ପୂର୍ବତନ ସଭାପତି ଶଙ୍କର ସାହୁ, ସଭାପତି ସୁବାସ କୁଣ୍ଡୁ ସରକାର, ସାଧାରଣ ସମ୍ପାଦକ ପ୍ରଦୀପ କୁମାର ସିହ୍ନା, କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ସିହ୍ନା, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ବର୍ଦ୍ଧନ, ଉପଦେଷ୍ଟା ରବିନାରାୟଣ ସିଂହ, ଉପ-ସଭାପତି ସୁଶୀଳ ସିଂ ଓ ଶରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ବାରିପଦା ସ୍ୱାୟତ୍ତ ଶାସନ ଦିବସ ଉଦ୍‌ଯାପିତ

# ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଲୋକାର୍ପିତ, ୭୧୬ ୟୁନିଟ୍ ରକ୍ତ ସଂଗ୍ରହ



ବାରିପଦା, (ସବ୍ୟ) : ବାରିପଦା ପୌରପାଳିକା ପକ୍ଷରୁ ଆୟୋଜିତ ୩ ଦିନିଆ ସ୍ୱାୟତ୍ତ ଶାସନ ଦିବସ ମହାସମାରୋହ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଅବସରରେ ପୌରାଞ୍ଚଳର ବିକାଶମୂଳକ ପ୍ରକଳ୍ପ ଲୋକାର୍ପଣ ସହ ସମାଜସେବା ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୪ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ମେଗା ରକ୍ତଦାନ ଶିବିରରେ ରେକର୍ଡ ୭୧୬ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି ।

ଛଉପଡ଼ିଆ ନିକଟରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରକଳ୍ପ ଲୋକାର୍ପଣ କାର୍ଯ୍ୟକ୍ରମରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି, ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ ଓ ବାରିପଦା ବିଧାୟକ ପ୍ରକାଶ ସୋରେନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

ପୌରପାଳିକାର ୨୮ଟି ୱାର୍ଡରେ ବିଭିନ୍ନ ସ୍ଥାନରେ ସ୍ଥାପିତ ୭୬ଟି ହାଇମାଷ୍ଟ ଷ୍ଟ୍ରିଟ୍ ଲାଇଟ୍, ଭିନ୍ନକ୍ଷମଙ୍କ ଭ୍ରାମ୍ୟମାଣ ପ୍ରାଣୀ ଉଦ୍ଧାର ଯାନ ଏବଂ ଦ୍ୱିତୀୟ ଯନ୍ତ୍ର ଯନ୍ତ୍ରଚାଳିତ ସଫେଇ ଗାଡ଼ି ଲୋକାର୍ପିତ ହୋଇଥିଲା । ସନ୍ଧ୍ୟାରେ ପୌରପାଳିକା କାର୍ଯ୍ୟାଳୟ ପରିସରରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର, ସାଂସଦ ନବଚରଣ ମାଝୀ, ବିଧାୟକ ପ୍ରକାଶ ସୋରେନ, ଉପନଗରପାଳ ସୀମା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ସମେତ ସମସ୍ତ ୱାର୍ଡ କାଉନ୍‌ସିଲରମାନେ ଯୋଗ ଦେଇଥିଲେ । ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ସମାରୋହର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଚଳିତ ପୌରପରିଷଦ ପକ୍ଷରୁ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଥ୍ୟ ଉପସ୍ଥାପନ କରାଯାଇଥିଲା । ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଭାଗବତ ପଣ୍ଡା, ୧୩୮ ଥର ରକ୍ତଦାନ କରିଥିବା ବିଶିଷ୍ଟ ରକ୍ତଦାତା ନିରୋଜ ପୋଖାଳ, ବିଶିଷ୍ଟ ଫଟୋଗ୍ରାଫର ସୁବ୍ରତ ସାହୁ ଏବଂ ସମାଜସେବା ପାଇଁ ସତ୍ୟସାଇ ସେବା ସଂଗଠନକୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ପୂର୍ବରୁ ଆୟୋଜିତ ଚିତ୍ରାଙ୍କନ, ନୃତ୍ୟ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ହୋଇଥିବା ଶଙ୍ଖ ଫୁଙ୍କା, ହୁଳହୁଳି, ହାଣ୍ଡି ଫଟା ଓ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତାର ବିଜେତା ମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ସ୍ୱାୟତ୍ତ ଶାସନ ଦିବସ ପାଳନର ଅନ୍ୟତମ ପ୍ରମୁଖ ଆକର୍ଷଣ ଥିଲା ପୌରପାଳିକା ପକ୍ଷରୁ ଆୟୋଜିତ ମେଗା ରକ୍ତଦାନ ଶିବିର । ପୌରପାଳିକା କଲ୍ୟାଣ ମଣ୍ଡପ, ରୋଟାରୀ କ୍ଲବ ଓ ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ୍ ସହଯୋଗରେ ଆୟୋଜିତ ଏହି ଶିବିରରେ ୭୧୬ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଏଥିରେ ୫୫ଜଣ ମହିଳା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ପୌରପାଳିକା ପକ୍ଷରୁ ଦାବି କରାଯାଇଛି ଯେ, ଏହା ରାଜ୍ୟର ପୌରପାଳିକା ଇତିହାସରେ ଏକ ଉଲ୍ଲେଖନୀୟ ରେକର୍ଡ । ଶିବିରରେ ବାରିପଦା ତହସିଲଦାର ସପନ ସାହୁ ନିଜେ ରକ୍ତଦାନ କରି ଦାତାମାନଙ୍କୁ ଉତ୍ସାହିତ କରିଥିବାବେଳେ ରେଡକ୍ରସର ଆଜୀବନ ସଦସ୍ୟ ଅମର ଘୋଷଙ୍କ ସମେତ ବାରିପଦା ଓ ଉଦଳା ରକ୍ତଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ ।

# ଟଙ୍କା, ମୋବାଇଲ, ସ୍କୁଟି ଜବତ: ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟ): ବ୍ରହ୍ମପୁର ରଘୁନାଥ ମନ୍ଦିର ନିକଟରୁ ମୋବାଇଲ୍ ଫୋନ୍ ଓ ଟଙ୍କା ଥିବା ଭ୍ୟାନିଟି ବ୍ୟାଗ୍ ଲୁଟ୍ ମାମଲାରେ ବଡ଼ବଜାର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ କାବୁ କରିଛି । ତାଙ୍କ ନିକଟରୁ ଛଡ଼ାଯାଇଥିବା ମୋବାଇଲ୍ ଫୋନ୍, ନଗଦ ଟଙ୍କା ଓ ଘଟଣାରେ ବ୍ୟବହୃତ ସ୍କୁଟି ଜବତ କରାଯାଇଛି । ଗିରଫ ଅଭିଯୁକ୍ତ ଜଣଙ୍କ ନୂଆବସ୍ତି ଥାନା ଅନ୍ତର୍ଗତ ଧାନମେରା ସାହିର ସିତେଶ ଘଡ଼େଇ(୨୩) । କେସ୍ ନମ୍ବର ୨୬୦/୨୬ରେ ତାଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତ ସିତେଶ ଘଡ଼େଇଙ୍କ ନାଁରେ ବଡ଼ବଜାର ଥାନାରେ ପୂର୍ବରୁ ମଧ୍ୟ ଏକାଧିକ ମାମଲା ରହିଛି । ଏହି ଘଟଣାରେ ସମ୍ପୃକ୍ତ ସହଯୋଗୀ ରୋହନ ବିଶୋୟୀଙ୍କୁ ଗିରଫ କରିବା ପାଇଁ ପୋଲିସର ତଦନ୍ତ ଜାରି ରହିଛି । ଶଙ୍କର ପାଣିଗ୍ରାହୀଙ୍କ ଝିଅ ଲିସା ପାଣିଗ୍ରାହୀ (୨୯) ଲକ୍ଷ୍ମୀ ନୃସିଂହ ସାହି ସ୍ଥିତ ନେତାଜୀ ଶିଶୁ ମନ୍ଦିର ସ୍କୁଲରୁ ସାଇକେଲ୍ ଯୋଗେ ଘରକୁ ଫେରୁଥିଲେ । ଜାମୁନିଆଣୀ ସାହି ଛକ ନିକଟରେ ଦୁଇଜଣ ଯୁବକ ସ୍କୁଟିରେ ତାଙ୍କୁ ପିଛା କରି ଭ୍ୟାନିଟି ବ୍ୟାଗ୍ ଛଡ଼ାଇ ଚମ୍ପଟ ମାରିଥିଲେ । ଉକ୍ତ ବ୍ୟାଗରେ ୩ ହଜାର ୫ଶହ ଟଙ୍କା ଓ ଗୋଟିଏ ମୋବାଇଲ୍ ଫୋନ୍ ଥିଲା । ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ଗୁରୁବାର ଦିନ ହଡ଼ିଖଣ୍ଡି ପେଟ୍ରୋଲ ପମ୍ପ ନିକଟରୁ ଅଭିଯୁକ୍ତ ସିତେଶ ଘଡ଼େଇଙ୍କୁ ଗିରଫ କରିଥିଲା ବେଳେ ତା ନିକଟରୁ ଲୁଟ୍ ହୋଇଥିବା ମୋବାଇଲ, ନଗଦ ୨ହଜାର ଟଙ୍କା ଏବଂ ସ୍କୁଟିକୁ ଜବତ କରିଥିଲା । ଏହି ଲୁଟ୍ ଘଟଣାରେ ଧାନମେରା ସାହିର ରୋହନ ବିଶୋୟୀ ସହ ମିଶି ଏହି ଲୁଟ୍ କରିଥିବା ସିତେଶ ଜେରା ବେଳେ ସ୍ୱୀକାର କରିଥିବା ପୋଲିସ କହିଛି । ଅଭିଯୁକ୍ତଙ୍କୁ ମଙ୍ଗଳବାର ଦିନ କୋର୍ଟ ଚାଲାଣ କରିଛି ପୁଲିସ ।

## ଗ୍ରେସିଙ୍ଗିଆ ପ୍ରାଇମେରୀ ସବ୍‌ଷ୍ଟେସନ କାର୍ଯ୍ୟକ୍ଷମ

# ଉପକୃତ ହେବେ କନ୍ଧମାଳର ୪,୦୦୦ ଉପଭୋକ୍ତା

ବ୍ରହ୍ମପୁର, (ସବ୍ୟ) : କନ୍ଧମାଳ ଜିଲ୍ଲାର ପାହାଡ଼ିଆ ଅଞ୍ଚଳରେ ଅଧିକ ପରିଭାର ଓ ସମୁଦାୟଙ୍କ ନିକଟରେ ନିର୍ଭରଯୋଗ୍ୟ ଓ ଗୁଣାତ୍ମକ ବିଦ୍ୟୁତ ସେବା ପହଞ୍ଚିଛି । ଜି. ଉଦୟଗିରି ବ୍ଲକର ଗ୍ରେସିଙ୍ଗିଆଠାରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ ପକ୍ଷରୁ ନୂତନ ପାୱାର ସବ୍‌ଷ୍ଟେସନ ନିର୍ମାଣ କରାଯାଇଛି । ଏହି ନୂତନ ଭିତ୍ତିଭୂମି ପଞ୍ଚାୟତର ଛଅଟି ଗ୍ରାମ ପଞ୍ଚାୟତର ପ୍ରାୟ ୪,୦୦୦ ଉପଭୋକ୍ତାଙ୍କୁ ଅଧିକ ନିର୍ଭରଯୋଗ୍ୟ ଓ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବ ।



ଏହା ଦ୍ୱାରା ବିଦ୍ୟୁତ ବିଭ୍ରାଟ ହ୍ରାସ, ଭୋଲଟେଜ୍ ସ୍ତରରେ ଉନ୍ନତି ଏବଂ ଅଞ୍ଚଳବାସୀଙ୍କ ବର୍ଦ୍ଧିତ ବିଦ୍ୟୁତ ଆବଶ୍ୟକତା ପୂରଣରେ ସହାୟତା ମିଳିବ ସରକାରଙ୍କ ଓଡିଏସଏସପି-୪ ଯୋଜନା ଅଧୀନରେ ଟିପିଏସଓଡିଏଲ୍ ଦ୍ୱାରା ନିର୍ମିତ ଏହି ୩୩/୧୧ କେଭି, କ୍ଷମତାବିଶିଷ୍ଟ ଗ୍ରେସିଙ୍ଗିଆ ପାୱାର ସବ୍‌ଷ୍ଟେସନ ଗ୍ରେସିଙ୍ଗିଆ, ବାଦିମୁଣ୍ଡା, ପିକରାଡି, ରଡିଙ୍ଗିଆ, ପେଟାପଙ୍ଗା ଓ ତାଡ଼ଗୁଡ଼ା ଗ୍ରାମ ପଞ୍ଚାୟତର ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଜୁଳି ଯୋଗାଣ କରିବ । ଅତିରିକ୍ତ ଟ୍ରାନ୍ସଫର୍ମର କ୍ଷମତା ଉପଲବ୍ଧ ହେବା ଫଳରେ ସ୍ଥାନୀୟ ବିଦ୍ୟୁତ ବଣ୍ଟନ ନେଟୱର୍କ ଅଧିକ ସୁଦୃଢ଼ ହେବ ଏବଂ ଯୋଗାଣର ଗୁଣବତ୍ତା ଓ ସ୍ଥିରତାରେ ଉନ୍ନତି ଆସିବ । ଟିପିଏସଓଡିଏଲ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ, ବିଶେଷକରି ଭୌଗୋଳିକ ଦୃଷ୍ଟିରୁ ଚ୍ୟାଲେଞ୍ଜିଂ ଅଞ୍ଚଳରେ ବସବାସ କରୁଥିବା ସମ୍ପ୍ରଦାୟଙ୍କ ପାଇଁ । ଗ୍ରେସିଙ୍ଗିଆ ପାୱାର ସବ୍‌ଷ୍ଟେସନ ସ୍ଥାନୀୟ ବିଦ୍ୟୁତ ବଣ୍ଟନ ନେଟୱର୍କକୁ ସୁଦୃଢ଼ କରିବ ।

# ବିଦ୍ୟୁତ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ମହିଳା ଗୁରୁତର

ବୁଗୁଡ଼ା, (ସବ୍ୟ): ବୁଗୁଡ଼ା ବ୍ଲକ ମାଣିତରା ପଞ୍ଚାୟତ ଅନ୍ତର୍ଗତ ତାମ୍ପିରି ଗ୍ରାମରେ ବିଦ୍ୟୁତ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ସୁଦେଷ୍ଣା ନାଇକ (୪୯) ନାମକ ଜନୈକା ମହିଳା ଗୁରୁତର ଆହତ ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଯେ, ବୁଧବାର ପାହାନ୍ତିଆରେ ସୁଦେଷ୍ଣା ଗାଧୋଇବାକୁ ଯାଉଥିବା ବେଳେ ଅଙ୍ଗନୱାଡ଼ି କେନ୍ଦ୍ର ଓ ପୋଖରୀ ନିକଟରେ ଖୋଲାମେଲାରେ ଥିବା ଏକ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ବିଦ୍ୟୁତ ଆଘାତରେ ଆହତ ହୋଇ ପଡିଥିଲେ । କିଛି ସମୟ ପରେ ସ୍ଥାନୀୟ ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭଞ୍ଜନଗର ମେଡିକାଲକୁ ପଠାଇଥିଲେ ।

**ମାନ୍ୟବର ଅତିରିକ୍ତ ଆୟୁକ୍ତ ( ଆଶୁତୋଷ ସାମଲ, ଓ. ପ୍ର. ସେ )ଙ୍କ**
**ରିଭିଜନ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ,**
**ଭୁବନେଶ୍ୱର,ଜିଲ୍ଲା ଖୋର୍ଦ୍ଧା**
ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ.ଏସ. କେଶ ନମ୍ବର - ୧୩୯/୨୦୨୧

**ନୋଟିସ**

(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ମଞ୍ଜୁଲତା ବେହେରା, ବୟସ ୬୩ ବର୍ଷ, ସ୍ୱାମୀ ଅମରନାଥ ମହାଲିକ, ସା/ପୋ ଆନନ୍ଦପୁର,
ଜିଲ୍ଲା କେନ୍ଦୁଝର, ଓଡିଶା ..................... ବାଦୀ
ବନାମ
ଭୋବନୀ ପଟ୍ଟନାୟକ ଓଗେର ............... ପ୍ରତିବାଦୀମାନେ

ପ୍ରାପ୍ତେଷୁ :
ପ୍ରତିବାଦୀ ନଂ

୧. ଭୋବନୀ ପଟ୍ଟନାୟକ, ୨. ପୁରୁଷୋତ୍ତମ ପଟ୍ଟନାୟକ ପିଃ ସ୍ୱର୍ଗତ ବୀର ପଟ୍ଟନାୟକ, ୩. ବାନାମ୍ବର ପଟ୍ଟନାୟକ ପିଃ ସ୍ୱର୍ଗତ ପଦ୍ମଚରଣ ପଟ୍ଟନାୟକ, ୪. ପ୍ରଭାକର ପଟ୍ଟନାୟକ ପିଃ ରଘୁ ପଟ୍ଟନାୟକ, ୫. ହାଡିବନ୍ଧୁ ପଟ୍ଟନାୟକ, ପିଃ ସ୍ୱର୍ଗତ ଇଶ୍ୱର ପଟ୍ଟନାୟକ, ୬. ଗୋବିନ୍ଦ ପଟ୍ଟନାୟକ ପିଃ ସ୍ୱର୍ଗତ ଇଶ୍ୱର ପଟ୍ଟନାୟକ, ୭. ଗୋପାଳ ପଟ୍ଟନାୟକ ପିଃ ସ୍ୱର୍ଗତ ଇଶ୍ୱର ପଟ୍ଟନାୟକ, ୮. ରାଧାମୋହନ ପଟ୍ଟନାୟକ ପିଃ ବାସୁଦେବ ପଟ୍ଟନାୟକ, ୯. ସତ୍ୟବାଦି ପଟ୍ଟନାୟକ ପିଃ କ୍ଷେତ୍ରମୋହନ ପଟ୍ଟନାୟକ, ୧୦. ନରଭମ ପଟ୍ଟନାୟକ ପିଃ ଜଗବନ୍ଧୁ ପଟ୍ଟନାୟକ, ୧୧. ରଘୁ ପଟ୍ଟନାୟକ ପିଃ ବାନାମ୍ବର @ ଭାଗବତ ଚରଣ ପଟ୍ଟନାୟକ (1 to 11), ସମସ୍ତଙ୍କ ବାଃ ବାରୁଠେଙ୍ଗ, ଖୋର୍ଦ୍ଧା, ୧୨. ନାରାୟଣ ପାତ୍ର ପିଃ କୃପାସିନ୍ଧୁ ପାତ୍ର ବାଃ ନହରକଣ୍ଟା ଥା- ବାଲିଅନ୍ତା ଜି- ଖୋର୍ଦ୍ଧା, ୧୩. ସୁବାସ ଚନ୍ଦ୍ର ପଣ୍ଡା ପିଃ ନରସିଂହ ପଣ୍ଡା ବାଃ ବ୍ରହ୍ମାନଗର ତୃତୀୟ ସରଣୀ ଥା- ବୈଦ୍ୟନାଥପୁର ଜି-ଗଞ୍ଜାମ, ୧୪. ନିରଂଜନ ସୁବୁଦ୍ଧି ପିଃ ମାନସି ସୁବୁଦ୍ଧି ବାଃ ଝାରାପାଣି, ୧୫. ନିହାର ରଞ୍ଜନ ମିଶ୍ର ପିଃ ଜୟରାମ ମିଶ୍ର ବାଃ ପୁରୁଷୋତ୍ତମପୁର ପୋ- ଯାଜପୁର ଟାଉନ ଥା- ଜି- ଯାଜପୁର, ୧୬.ଦେବ୍ରାନନ୍ଦ ଦାସ ପିଃ ଶଶୀଭୂଷଣ ଦାସ ବାଃ ବାଃ ଶ୍ୟାମସୁନ୍ଦରପୁର ତା- ଖଲ୍ଲିକୋଟ ଜି-ଗଞ୍ଜାମ, ୧୭. ନବ କିଶୋର ମାଝି, ୧୮. ଜଗତି କିଶୋର ମାଝି, ୧୯. ରାଜ କିଶୋର ମାଝି, ୨୦. କମଳା ମାଝି ପି /ସ୍ୱାଃ ଲକ୍ଷ୍ମଣ ମାଝି (୧୭-୨୦) ସମସ୍ତଙ୍କ ବାଃ ଦେଓରାଇ ଜିହି ଥା- ତିରିଙ୍ଗ ଜି- ମୟୂରଭଞ୍ଜ, ୨୧. କେ ଦିଲିପ କୁମାର ରାଓ ପିଃ କେ ରାମା ରାଓ ବାଃ ପ୍ଲଟ ବିଏ ୩୩୨ ଶୈଳଶ୍ରୀ ବିହାର ଥା- ଚନ୍ଦ୍ରଶେଖରପୁର ଭୁବନେଶ୍ୱର, ୨୨. କୁଞ୍ଜ ବିହାରି ପାଣ୍ଡବ ପିଃ ରବିନ୍ଦ୍ର ବିହାରି ପାଣ୍ଡବ ବାଃ କାଟିପଡା ଥା- ଆଳି ଜି- କେନ୍ଦ୍ରାପଡା, ୨୩. କାଳନ୍ଦୀ ଚରଣ ବସନ୍ତିଆ ପିଃ ବଂଶୀଧର ବସନ୍ତିଆ ବାଃ ପୋ- ଫତେପୁର ଥା- ଧାମନଗର ଜି- ଭଦ୍ରକ, ୨୪. କୃଷ୍ଣ ଚନ୍ଦ୍ର ତ୍ରିପାଠୀ ପିଃ ବଳରାମ ତ୍ରିପାଠୀ ବାଃ ସାଧୁସାହି ଥା- କିଶୋରନଗର ଜି- କଟକ, ୨୫. ଡା ଏଲ ଅରୁଣା ପିଃ ଡାକ୍ତର ଜି ଏସ ପ୍ରଭାକର ବାଃ HIG 617 ବିଡିଏ ହାଉସିଂ କମ୍ପ୍ଲେକ୍ସ ଚନ୍ଦ୍ରଶେଖରପୁର ଖୋର୍ଦ୍ଧା, ୨୬. ଗାନ୍ଧି ଶେଖର ରେଡି ପିଃ ବି ଗୋପାଳ ରେଡି ବାଃ ଇଚ୍ଛାପୁରମ ଜି-ଶ୍ରୀକାକୁଲମ ଆନ୍ଧ୍ରପ୍ରଦେଶ, ୨୭. ଗୀତା ଜେନା ସ୍ୱାଃ ଦେବ ପ୍ରସାଦ ଜେନା ବାଃ କୋରାକର ଥା- ଯାଜପୁର ଜି- ଭଦ୍ରକ, ୨୮. ଉମାକାନ୍ତ ମହାପାତ୍ର ପିଃ ଦାମୋଦର ମହାପାତ୍ର ବାଃ ନୂଆପଡା ଥା- ଖଣ୍ଡପଡା ଜି- ବାଲେଶ୍ୱର, ୨୯. ମନମୋହନ ବିଶ୍ୱାଳ ପିଃ ଶଚିଦାନନ୍ଦ ବିଶ୍ୱାଳ, ୩୦. ସସ୍ମିତା ବିଶ୍ୱାଳ ସ୍ୱାଃ ମନମୋହନ ବିଶ୍ୱାଳ ବାଃ ଶ୍ୟାମସୁନ୍ଦରପୁର ଥା- ବଡମ୍ବା ଜି- କଟକ, ୩୧. ଗୋପାଳ ଚରଣ ଦାସ ପିଃ ଅନ୍ତର୍ଯ୍ୟାମି ଦାସ ବାଃ ବ୍ରାହ୍ମଣ ବାଃ ଡାଙ୍ଗରୁକ ଜି- ସମ୍ବଲପୁର, ୩୨.ପାର୍ବତୀ କୁମାରୀ ନାୟକ ପିଃ ପ୍ରାଣବନ୍ଧୁ ନାୟକ ବାଃ ଗନ୍ଧବ ପୋଖରୀ ପୋ- ସଂହ ଡୋଳ ଥା- ତିହିଡି ଜି- ଭଦ୍ରକ, ୩୩. ହରେକୃଷ୍ଣ ଦଳାଇ ପିଃ ମଣି ଚରଣ ଦଳାଇ ବାଃ ପୋ- ଆନନ୍ଦପୁରସ ଜି-କେନ୍ଦୁଝର, ୩୪.ପରିକ୍ଷିତ ଚରଣ ରାଉତ ପିଃ କୃଷ୍ଣ ଚନ୍ଦ୍ର ରାଉତ ବାଃ ହଜାରି ବଗିଚା ଥା- ଜି-କେନ୍ଦ୍ରାପଡା, ୩୫.ହେମନ୍ତ କୁମାର ଦାସ ପି ଅଚ୍ୟୁତାନନ୍ଦ ଦାସ ବାଃ ରେଣପଡା ଥା- ଡାଡୋଲ ଜି- କେନ୍ଦ୍ରାପଡା, ୩୬ ପ୍ରଦୋଷ ଚନ୍ଦ୍ର ମାହାନ୍ତି ପିଃ ପ୍ରକାଶ ଚନ୍ଦ୍ର ମାହାନ୍ତି ବାଃ ମାତୃନିଳୟ ବିକାଶ ନଗର ବାଦାମବାଡି କଟକ, ୩୭.ବିକାଶ କୁମାର ପଣ୍ଡା ପିଃ ହେମନ୍ତ କୁମାର ପଣ୍ଡା ବାଃ ଦେଉଳି ସାହି ତୁଳସୀପୁର କଟକ, ୩୮. ପ୍ରସାନ୍ତ କୁମାର ନାୟକ ପିଃ ଭୀମସେନ ନାୟକ ବାଃ କଟେରୀ ଗାଁ ଥା- ଜି- ଯାଜପୁର, ୩୯.ବସନ୍ତ କୁମାର ଦାସ ପିଃ ଅଚ୍ୟୁତାନନ୍ଦ ଦାସ ବାଃ ନରଣପଡା ଥା-ଡାଡୋଲ ଜି- କେନ୍ଦ୍ରାପଡା, ୪୦.ରେଣୁବାଳା ନାୟକ ସ୍ୱାଃ ବିରେନ କୁମାର ନାୟକ ବାଃ ୨୩୨ ଏରୋଡ୍ରମ ଗେଟ ଭୁବନେଶ୍ୱର ଥା- ଏୟାରଫିଲ୍ଡ ଜି- ଖୋର୍ଦ୍ଧା, ୪୧.ଭାସ୍କର ଚରଣ ଲେଙ୍କା ପିଃ କୁଳମଣୀ ଲେଙ୍କା ବାଃ ଶଙ୍କରଭୋଳ ଥା- ପାଟକୁରା ଜି- କେନ୍ଦ୍ରାପଡା, ୪୨. ସଂଯୁକ୍ତା ରାଉତ ସ୍ୱାଃ ପରିକ୍ଷିତ ରାଉତ ବାଃ ହଜାରି ବଗିଚା ଥା- ଜି- କେନ୍ଦ୍ରାପଡା, ୪୩. ବଦ୍ରିନାରାୟଣ ମଲ୍ଲିକ ପିଃ ଗଣେଶ୍ୱର ମଲ୍ଲିକ ବାଃ- କ୍ୱାଟର ନଂ ୧୧୯ ଡାଇପି ଟୁ ଓଲ୍ଡ ଏଜି କଲୋନି ୟୁ-୪ ଭୁବନେଶ୍ୱର, ୪୪. ମନ୍ଦିରା ସେନାପତି ସ୍ୱାଃ ପୂର୍ଣ୍ଣଚନ୍ଦ୍ର ସେନାପତି ବାଃ ପ୍ଲ ନଂ 107 D ଆଚାର୍ଯ୍ୟ ବିହାର ଭୁବନେଶ୍ୱର, ୪୫. ମନୋରମା ନାୟକ ସ୍ୱାଃ ରାଧାକାନ୍ତ ନାୟକ ବାଃ କାଶିପୁର ଥା- ଜି- ଯାଜପୁର, ୪୬. ଏସ ଲକ୍ଷ୍ମୀ ସାଃ ଭି ଅଶୋକ ଭଟ୍ଟ ବାଃ ଏଲ ୩/୧୪୧ ଆଚାର୍ଯ୍ୟବିହାର ଭୁବନେଶ୍ୱର ଥା- ସହିଦନଗର ଜି- ଖୋର୍ଦ୍ଧା, ୪୭. ବବିତା ବେହେରା ସ୍ୱାଃ ତପନ ବେହେରା ବାଃ ଅରବିନ୍ଦନଗର ତା- ମଧୁପାଟଣା ଜି- କଟକ, ୪୮. ସବିତା ମହାପାତ୍ର ସ୍ୱାଃ ପ୍ରସନ୍ନ କୁମାର ମହାପାତ୍ର ବାଃ ରାୟନରସିଂହପୁର ଥା- କାମାକ୍ଷାନଗର ଜି- ଢେଙ୍କାନାଳ, ୪୯. ଶରତ ଚନ୍ଦ୍ର ରାଉତ ପିଃ ସନାତନ ରାଉତ ବାଃ ଭାମଧ ଥା- ସୋର ଜି- ବାଲେଶ୍ୱର, ୫୦. ଶର୍ମିଷ୍ଠା କର ପିଃ ବିର କିଶୋର କର ବାଃ କୁମରାକପୁର ଥା- ଜି- କଟକ, ୫୧. ସଂଯୁକ୍ତା ରାଉତ ସ୍ୱାଃ ପରିକ୍ଷିତ ରାଉତ ବାଃ ହଜାରି ବଗିଚା ଥା- ଜି- କେନ୍ଦ୍ରାପଡା, ୫୨. ଶରତ ଚନ୍ଦ୍ର ଡାଲେ ପିଃ ରାମକୃଷ୍ଣ ଡାଲେ ବାଃ କଣ୍ଟାବାଂଝି ଜି- ବଲାଙ୍ଗିର, ୫୩. ସୁପ୍ରଭା ଦାସ ସ୍ୱାଃ କମଳାରଞ୍ଜନ ଦାସ ବାଃ ଦାଳିବାଲୀ ଥା- ବାଲିକୁଦା ଜି- ଜଗତସିଂହପୁର, ୫୪. ସ୍ୱାତୀ ପାଣିଗ୍ରାହି ସ୍ୱାଃ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ବାଃ ପଟ୍ଟନାୟକପଡା ଥା- ଜି- ସମ୍ବଲପୁର, ୫୫. ସୁଜିତ କୁମାର ବଳ, ୫୬. ସୁବ୍ରତ କୁମାର ବଳ, ପିଃ ସୁଦାମ ଚନ୍ଦ୍ର ବଳ ବାଃ - N6-322 ଜୟଦେବ ବିହାର ଭୁବନେଶ୍ୱର, ୫୭. ଶ୍ୱେତା ପାଣିଗ୍ରାହୀ ସ୍ୱାଃ ଶୁଭ୍ରାଂଶୁ ଶେଖର ନନ୍ଦ ବାଃ ଅମଲାପଡା ଜି- ଅନୁଗୁଳ, ୫୮. କଲ୍ୟାଣୀ ବେହେରା ସ୍ୱାଃ ବିନତୀ ଚରଣ ବେହେରା ବାଃ ଖେରସା ଥା- ଜି- ଜଗତସିଂହପୁର, ୫୯. ସୁଜିତ କୁମାର ନାଏକ ପିଃ ଧ୍ରୁବଚରଣ ନାଏକ ବାଃ ଘେରିଆ ସା- କୁଆରସାମଲ ଥା- ଲାଇକେରା ଜି- ସମ୍ବଲପୁର, ୬୦. ଦେବ ପ୍ରସାଦ ଜେନା ପିଃ ସନ୍ନ୍ୟାସୀ ଚରଣ ଜେନା ବାଃ କୋରକରା ଥା- ଯାଜପୁର ଜି- ଭଦ୍ରକ, ୬୧. ସୁଧାଂଶୁ ନନ୍ଦ ପିଃ ଦାଶରଥି ନନ୍ଦ ବାଃ ପରିବେଦୀ ଥା- ଜୟପୁର ଜି- କୋରାପୁଟ, ୬୨. ରୁକ୍ମିଣୀ ପ୍ରଧାନ ସ୍ୱାଃ ପ୍ରଶାନ୍ତ କୁମାର ପ୍ରଧାନ ବାଃ ଶ୍ରୀବିହାର କଲୋନୀ ଥା- ବିଡାନାସୀ ଜି- କଟକ, ୬୩. ହରିରାମ କେଡିଆ ପିଃ ରାଧାକୃଷ୍ଣ କେଡିଆ ବାଃ ସାହାଜାଦୀ ବଜାର କଟକ ଥା- ଲାଲବାଗ ଜି- କଟକ, ୬୪. କୁମାରୀ ଶୀର୍ଷା ପିଃ ଜି କୁମାରି ରାଓ, ୬୫. କୁମାରୀ ହର୍ଷ ପିଃ ଜି କୁମାରୀ ହର୍ଷ ବାଃ ପ୍ଲ ନଂ ୯୨ ଗୋପିନାଥ ପ୍ରସାଦ କଲୋନୀ ପୋ- ରସୁଲଗଡ ଭୁବନେଶ୍ୱର ଥା- ସହିଦନଗର ଜି- ଖୋର୍ଦ୍ଧା, ୬୬. ମାଧବ ନାୟକ ପିଃ ଧନୁ ନାୟକ ବାଃ ସାମନ୍ତରାପୁର ପୋ- ପୋଲିସ କଲୋନୀ ଜି- କେନ୍ଦୁଝର, ୬୭. ବାସନ୍ତି ଲତା ସ୍ୱାଇଁ ସ୍ୱାଃ ଅଙ୍କୁର ସ୍ୱାଇଁ ବାଃ ଏଣ୍ଡରାପାଲି ଥା- ବାଲିଅନ୍ତା ଜି- ପୁରୀ, ୬୮. ଲଲାଟେନ୍ଦୁ ସାମଲ ପିଃ ଗଣେଶ୍ୱର ସାମଲ ବାଃ ହରିପୁର ତା- ବଡଚଣା ଜି- ଜୟପୁର, ୬୯. ରତିକାନ୍ତ ଚାନ୍ଦ ପିଃ ମଧୁସୂଧାନ ଚାନ୍ଦ ବାଃ ଜଳସୁଜ ଥା- ଜି- ଭଦ୍ରକ, ୭୦. ଅକ୍ଷୟ କୁମାର ପଟ୍ଟନାୟକ, ୭୧. ମନସ୍ୱିନୀ ପଟ୍ଟନାୟକ, ୭୨. ପ୍ରସ୍ମାଶିନୀ ପଟ୍ଟନାୟକ. ୬୯ ରୁ ୭୧ ପି ଶଙ୍କର ପଟ୍ଟନାୟକ, ୭୩. ଯମୁନା ପଟ୍ଟନାୟକ ପି /ସ୍ୱାଃ ଶଙ୍କର ପଟ୍ଟନାୟକ (୬୯-୭୨)ସମସ୍ତଙ୍କ ବାଃ ବାରୁଠେଙ୍ଗ, ଖୋର୍ଦ୍ଧା ୭୪. ଏମ ଲକ୍ଷ୍ମୀ ସ୍ୱାଃ ଭି ଅଶୋକ ଭଟ୍ଟ ବାଃ ଏଲ ୩/୧୪୧ ଆଚାର୍ଯ୍ୟବିହାର ଥା-ସହିଦନଗର ଜି-ଖୋର୍ଦ୍ଧା ୭୫. ବବିତା ବେହେରା ସ୍ୱାଃତପନ କୁମାର ବେହେରା ବାଃଅରବିନ୍ଦ ନଗର, ମଧୁପାଟଣା, କଟକ, ୭୬. ମାନସ କୁମାର ଦାସ ପି. ନବ କିଶୋର ଦାସ ବାଃବାରୁଠେଙ୍ଗ, ଖୋର୍ଦ୍ଧା, ୭୭. ଗୋବର୍ଦ୍ଧନ ପ୍ରଧାନ ପିତା ସ୍ୱର୍ଗତ କୁଞ୍ଜବିହାରୀ ଗଜେନ୍ଦ୍ର ବାଃ ବାରୁଠେଙ୍ଗ, ତହକା ଖୋର୍ଦ୍ଧା, ୭୮. ଦିଲୀପ କୁମାର ପ୍ରଧାନ ପିତା କାଳନ୍ଦୀ ପ୍ରଧାନ ବାଃବାରୁଠେଙ୍ଗ, ତହକା ଖୋର୍ଦ୍ଧା ।

ଏତଦ୍ୱାରା ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡାନ୍ତ ପ୍ରକାଶନର ରେକର୍ଡ ଦଳିଲ ଓ ଦାଖଲ ଦୁରସ୍ତ ରେକର୍ଡ ନିମନ୍ତେ ମାନ୍ୟବର ଅତିରିକ୍ତ ରିଭିଜନ ଅଦାଲତ ନମ୍ବର -୨ ରେ ଦାଖଲ କରିଛନ୍ତି । ପ୍ରତିବାଦୀ ଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି । ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା- ୨୫.୦୯.୨୦୨୬ ରିଖ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

ପ୍ରସ୍ତାବିତ ଜମି ସଂଶୋଧନ ତଫସିଲ
**ଜମିର ବିବରଣୀ**
ମୌଜା- ମୌଜା- ପଥର ଗାଡ଼ିଆ ଖାତା ନଂ ୧୩୩୫ ତହସିଲ -ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

| | | |
|---|---|---|
| ୧. | ପ୍ଲଟ ନଂ, ୩୦୪୧ ଏରିଆ ଏ ୦.୦୬୩ ଡିସିମିଲ | ବାଗୟତ-୨ |
| ୨. | ପ୍ଲଟ ନଂ, ୩୦୪୨ ଏରିଆ ଏ୦.୦୫୨ ଡିସିମିଲ, | କିସମ |
| | ୧ ଖାତା, ୨ ପ୍ଲଟ ମୋଟ ଏରିଆ ଏ୦. ୧୨୦ ଡିସିମିଲ | |

ସାବିକ ଖାତା ନଂ- ୨୬୨, ସାବିକ ପ୍ଲଟ ନଂ-୬୪୪ ମୋଟ ଏରିଆ ଏ୦. ୧ ୧୦ ଡିସିମିଲ

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ଓ ମୃତ ଥିବା ପ୍ରତିବାଦୀମାନଙ୍କର ଉତ୍ତରାଧିକାରୀମାନେ ନିଜେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
Court officer, Addl. Revisional
Court No. II, BBSR

**ସୁନା ନିଲାମ ସମ୍ପର୍କିତ ବିଜ୍ଞପ୍ତି**
ବଜାଜ ଫାଇନାନ୍ସ ଲିମିଟେଡ୍ ("BFL");
ପଞ୍ଜୀକୃତ କାର୍ଯ୍ୟାଳୟ: ମୁମ୍ବାଇ-ପୁଣେ ରୋଡ୍,
ଆକୁର୍ଦି, ପୁଣେ-411035

BAJAJ FINANCE

ଋଣଗ୍ରହୀତା(ମାନେ) ଏବଂ ସାଧାରଣ ଜନତାଙ୍କୁ ଏଠାରେ ସୂଚିତ କରାଯାଉଛି ଯେ ନିମ୍ନଲିଖିତ ଋଣଗ୍ରହୀତା ବାରମ୍ବାର ନୋଟିସ୍ ସତ୍ତ୍ୱେ ପରିଶୋଧ କରିବାରେ କିମ୍ବା ଆବଶ୍ୟକୀୟ ମାର୍ଜିନ୍ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି, ଉକ୍ତ କାରଣ ଯୋଗୁଁ, ଋଣ ପରିଶୋଧ ପାଇଁ ସୁରକ୍ଷା ଭାବରେ ଋଣଗ୍ରହୀତା(ମାନେ) ପ୍ରଦାନ କରିଥିବା ସୁନା "ଯେପରି ଅଛି ଯେଉଁଠାରେ ଅଛି ଯେକୌଣସିପରି ଭାବରେ" ନିମ୍ନଲିଖିତ ସର୍ତ୍ତାବଳୀ ଅନୁଯାୟୀ ନିଲାମ କରାଯିବ: 1. ଏହି ସାର୍ବଜନୀନ ବିଜ୍ଞପ୍ତିର ସମ୍ପୂର୍ଣ୍ଣ ବିବରଣୀ (ସୁନା ବିବରଣୀ ଏବଂ ମୋଟ ଓଜନ) ପାଇବା ପାଇଁ QR କୋଡ୍ ସ୍କାନ କରନ୍ତୁ, 2. ସମ୍ପୂର୍ଣ୍ଣ ବିଜ୍ଞର୍ତ୍ତାବଳୀ All about our Terms and Conditions - Bajaj Finance Limited ରେ ଉପଲବ୍ଧ; 3. ନିଲାମ ସମୟରେ କିମ୍ବା ପୂର୍ବରୁ ବିଡରମାନଙ୍କୁ ଅନ୍‌ଲାଇନ୍ ଟ୍ରାନ୍ସଫର ଦ୍ୱାରା ₹25,000/- ର ଅର୍ନେଷ୍ଟ ମନି ଡିପୋଜିଟ୍ (EMD) ଜମା କରିବାକୁ ପଡ଼ିବ; 4. ସକାଳ 10 ଟାରେ ପରିଚୟ ଏବଂ ଠିକଣାର ବୈଧ ପ୍ରମାଣ ସହିତ ନିଲାମ ସ୍ଥାନରେ ବ୍ୟକ୍ତିଗତ ଉପସ୍ଥିତି ବାଧ୍ୟତାମୂଳକ ଅଟେ। ନିଲାମ ତାରିଖରେ ଯେକୌଣସି ପରିବର୍ତ୍ତନ ନିଲାମ କେନ୍ଦ୍ରରେ ପ୍ରଦର୍ଶିତ ହେବ। ଉପରୋକ୍ତ ସର୍ତ୍ତାବଳୀର ସ୍ୱୀକୃତି ଅନୁସାରେ ବିଡ୍ ଦାଖଲ କରାଯିବ। ଯେକୌଣସି ପ୍ରଶ୍ନ ପାଇଁ, wecare@bajajfinserv.in ସହିତ ଯୋଗାଯୋଗ କରନ୍ତୁ।

(09-10-26): **ଅନୁଗୋଳ – ବନରପାଳ**; PRG8EGL89737079. **ଅନୁଗୋଳ – ଗାନ୍ଧୀ ରୋଡ୍**; PJD6SGL37028742, 37864964, 88967159, 40015868, 90510326. **ଆଠଗଡ଼ – ବୀରକିଶୋରପୁର**; PCQ8SGL36137855, 36100406, 36680146, 86600487, 37331704, 87404092, 87374629, 87710265, 87685652, 88051637, 88061925, 88197618, 88217741, 88184030, 38642982, 88424523, 88730199, 88657901, 38980572, 39203203, 39318598, 89269197, 89301541, 89719926, 89761732, 89718863, 89732099, 89939996, 89918655, 89990359, 90229905, 90176668, 90186681, 90204400, 90438389, 90475644, 90510125, 40362401. **ବଲାଙ୍ଗୀର – ଗୋପାଳଜୀ ରୋଡ୍**; PJD7SGL35376384, 36044829, 36545205, 86626483, 87986264, 88483821, 88679980, 39160585, 89256437, 89320203, 89560091, 39669028, 39666072, 89749863, 89698886, 89705930, 89948990, 90268254, 90259783. **ବାଲେଶ୍ୱର – ପୋଲିସ୍ ଲାଇନ୍ ସ୍କୋୟାର୍**; PEI4SGL24044665, 24473639, 27587185, 86588114, 86582225, 38421828, 38646940, 39701251, 40403064. **ବାଲୁଗାଁ – ମେନ୍ ରୋଡ୍**; PCQ9SGL36307606, 36318247, 36683987, 37322405, 87420106, 87330178, 88227107, 88247607, 88434656, 88471719, 88453986, 89717730, 90443559. **ବରଗଡ଼ – ଶାରଦାଦେବୀ ଚାଲା**; PGC3SGL37631198, 87376523, 87794526, 88185209, 88642088, 89298864, 89327031, 89351868, 89717749, 89728556, 89732198, 89775965, 89710366, 89723323, 90006306, 89915559, 89955881, 90435546, 40425005. **ବଣ୍ଡା – ମେନ୍ ମାର୍କେଟ୍**; PTQ8EGL90430286. **ବାରିପଦା – KC ସର୍କଲ୍**; PMZ3SGL17861292, 17860293, 37327837, 37522993, 90187660. **ବାସୁଦେବପୁର – AB କଲେଜ୍ ଚକ**; PJE1SGL27568097, 28481829, 37785730, 87754311, 87723480, 38395436, 88255922, 88640305, 88903128, 39287803, 89273113, 89709866, 89693507, 90489167. **ବ୍ରହ୍ମପୁର – ଆସ୍କା ରୋଡ୍**; PQE8SGL36578926, 86604134, 38151260, 88426333, 88436118, 88503624, 88450442, 88637086, 88682229, 89300031, 89558117, 90514892. **ବ୍ରହ୍ମପୁର – ଗୋସାଣୀ ନୁଆଗାଁ**; PMR7SGL15213101, 16654233, 25095808, 36671384, 86570077, 88857423, 89340131, 89354158, 90170237, 90431516. (12-10-26) **ବ୍ରହ୍ମପୁର – କମାପଲ୍ଲି ଚକ**; PB63SGL35513354, 35540254, 39179859, 89238643, 40347106. **ଭଦ୍ରକ – ଧାମନଗର**; PML4EGL86617080, 90055568. **ଭଦ୍ରକ – ସାଲାଣ୍ଡି ବାଇପାସ୍**; PCR1SGL23779626, 28246158, 28883749, 29080809, 35828116, 86566063, 37339781, 37496932, 37589952, 37578442, 37823887, 37992333. **ଭଞ୍ଜନଗର – ମେନ୍ ରୋଡ୍**; PPA7SGL18125586, 18243592, 36069015, 36687023, 37046142, 37040607, 86633990, 86638528, 88624605, 88870994, 89210462, 90018715, 89906152, 90013008, 90496737, 90516894. **ଭବାନୀପାଟଣା – ଷ୍ଟାଡିୟମ୍ ରୋଡ୍**; PNU5SGL38147385, 89237292, 89339770, 89701867. **ଭୋଗରାଇ – ଥାନା ଚକ**; PLP3SGL37069168, 87684043. **ଭୁବନ – ନୂଆବଜାର**; POF9SGL37305834, 39047127, 89527052. **ଭୁବନେଶ୍ୱର – ଖଣ୍ଡଗିରି**; PER5SGL25843261, 35676795, 35662954, 35863879, 36304947, 36294450, 36279608, 86584672, 86573235, 38203421, 88039399, 87954449, 88207428, 88450954, 88427599, 88422348, 39018801, 88885022, 89209523, 89544722, 89731754, 89717837, 89687914, 89797307, 89719297, 89772945, 89758214, 89935371, 89962446, 89975187, 89943025, 90204959, 90184867, 90190751, 90481941. **ଭୁବନେଶ୍ୱର** – BGL; PNQ2SGL25128686, 36401506, 38149614, 88412699, 88409470. **ଭୁବନେଶ୍ୱର – ଲକ୍ଷ୍ମୀ ସାଗର**; PQU9EGL88008402, 87942022, 88412942, 89293886, 89558932, 89760373, 90220354. **ଭୁବନେଶ୍ୱର – ସମନ୍ତରାପୁର**; POG1SGL36695762, 37038592, 37065600, 87992916, 88213230, 88218993, 88480888, 88500485, 88648044, 88627830, 88624281, 39310159, 89280817, 89252741, 39677464, 89734460, 90230421, 90445459. **ବୋଲିଗୁମ୍ମା – ମେନ୍ ରୋଡ୍**; PRL2EGL86630633, 87705642, 87948938, 90042983, 90495579. **ବୁଢ଼ାରାଜାଜଙ୍ଗ – ଗାନ୍ଧୀ ଚକ**; PRL4EGL87663440, 90033439, 90202737, 90213711. (13-10-26) **ବୁଗୁଡ଼ା – ମେନ୍ ରୋଡ୍**; PLH7SGL16741589, 17545871, 17899214, 24634298, 24707111, 26430349, 26775206, 26733351, 26986464, 28742123, 28897735, 35370305, 35300984, 35657217, 35708345, 35831284, 36106282, 36374603, 36288061, 36573016, 36568249, 36515822, 37516204, 37523967, 37513222, 37514299, 37648107, 38145321, 38152270, 88021900, 88046990, 38487474, 38520404, 38459970, 88233126, 38636198, 38862994, 88705201, 88726944, 39183397, 89287643, 39665071, 39813044, 89910097, 40048243, 40394447. **ଚମ୍ପୁଆ – ମେନ୍ ରୋଡ୍**; PRL1EGL86559683, 87764031, 87685229, 89290773, 89297055, 89291237, 89698248, 89713351, 89996087, 90275531, 90407610. **ଚୌଦ୍ୱାର – କଳିଙ୍ଗ ଚକ**; PLE8SGL35496135, 36077176, 36546107, 37497389, 87701053, 87684605, 87694388, 87953764, 87959023, 87970375, 88217031, 88225591, 88418043, 88683629, 88869245, 39673832, 89695558, 89978921, 89992248, 89988149, 90205843, 90170595, 90440774, 90482059, 40340952. **ଛତ୍ରପୁର – ମେନ୍ ରୋଡ୍**; PMV8SGL16646036, 35328611, 36049373, 87666782, 88404855, 88618632, 39146432, 89302681, 89339871, 39699230, 90198827. **କଟକ** – BK **ରୋଡ୍**; PSK6EGL87337081, 87748297, 87781298, 88198312, 88421822, 88653061, 88920090, 88910841, 89326165, 89280784, 89342981, 89692635, 89998008. **କଟକ** – CDA; PQI9SGL36721705, 37017372, 37366083, 37642434, 88023537, 88230071, 88251924, 88680453, 88874227, 89361525, 89278679, 89702766, 89752588, 89915286, 89992784, 90277306, 90206970, 90456734, 90461093. **କଟକ – ଲିଙ୍କ ରୋଡ୍**; PGG9SGL18264974, 26957414, 86603163, 87669799, 87953133, 88009680, 87975296, 88218425, 88418443, 88621602, 88630634, 88664255, 39200095, 89201138, 89284701, 89687486, 90007094, 90186247, 90192947, 90452582. **କଟକ – ଚାଉଳିଆଗଞ୍ଜ ମେନ୍ ମାର୍କେଟ୍**; PSU5EGL89706723. **ଦେଓଗଡ଼ – ନିକଟ ଟ୍ରାଫିକ୍ ଚକ**; PPH3SGL24086872, 25676414, 26233837, 26963897, 27566176, 35301292, 36047644, 36539907, 86622323, 37320535, 37516452, 87338442, 87371186, 37983295, 37975963, 38010318, 87731898, 87649221, 38427969, 88425569, 88629514, 88692210, 88871918, 39150675, 89273300, 39617523, 39704230, 89700681, 89744827, 39832123, 90002931, 89927271, 90018282, 90191768, 90518765, 90452605, 90435908, 90416611, 40352011, 40370389, 40362328, 40410658. **ଧର୍ମଗଡ଼ – ମେନ୍ ରୋଡ୍**; PMU7SGL35304231, 37054117, 87397199, 38860015, 88852584, 89325254, 89254919. **ଢେଙ୍କାନାଳ – ମହାବୀର ମନ୍ଦିର**; PMS4EGL86567037, 87723461, 87957525, 87995973, 88030982, 88024526, 88219861, 88182043, 88506152, 88509162, 88442684, 88488889, 88677536, 88874375, 89288218, 89390376, 89790072, 89750831, 90183863, 90223481. **ଦିଗପହଣ୍ଡି – ମେନ୍ ରୋଡ୍**; POG4SGL35679743, 35833629, 88486177, 88475673, 89504945, 90058067, 40069940. (14-10-26) **ଗଞ୍ଜାମ – କଳିଙ୍ଗ ରୋଡ୍**; PMS5SGL36123381, 36046556, 37669229, 38010516, 88855013, 89269910. **ଘାସିପୁରା – ଲକ୍ଷ୍ମୀ ବଜାର**; POH5SGL24753165, 25471840, 36499835, 88686726, 89280031, 89565488, 89692604, 89685402, 90199424, 90446082, 90422452. **ଗୋପ – ମେନ୍ ରୋଡ୍**; PRM3EGL86661805, 87697636, 87995751, 87943356, 88227260, 89756214, 90187146, 90445844, 90415939, 90496448, 90411333. **ଗୁଣୁପୁର – ବାଇପାସ୍ ରୋଡ୍**; PLO9EGL86602116, 86596097, 86571132, 86607071, 86616130, 37822137, 87349688, 87430043, 87342091, 87707678, 87721363, 88068538, 88054014, 38419566, 88208467, 88283835, 88492400, 88430369, 88710803, 88644431, 88618071, 88876756, 89243217, 89262616, 39649025, 39720833, 89748179, 90039015, 40083418, 90209261, 90253362, 90229099, 90454793. **ହିଞ୍ଜିଳିକାଟୁ – ମେନ୍ ରୋଡ୍**; PPU7EGL86600168, 87750663, 39326366, 89540478, 89547245, 90186031, 90472256. **ଜଗତପୁର – କେନ୍ଦ୍ରାପଡ଼ା ରୋଡ୍**; PMM2SGL36517717, 87746847, 88924518, 88949156, 89934434, 90471460. **ଜଗତସିଂହପୁର – ଦୁର୍ଗାବଜାର**; PU42SGL15411603, 17473415, 27039719, 28905811, 86575637, 87355126, 38008737, 38145334, 87664135, 39143510, 39190606, 39209370, 39300936, 89306438, 39837663, 40010248, 90272279, 90280248, 90418397, 90488175, 90494187. **ଜଗତସିଂହପୁର – ରାହାମା**; PML9SGL37324007, 87666590, 38636183, 38851192, 88854074, 88862429, 39312965, 39308387, 89226313, 89701225, 90207346, 90220164. **ଯାଜପୁର – ମଙ୍ଗଳପୁର**; PLF4SGL17449594, 17531612, 35369014, 37100310, 37034619, 37074005, 37090373, 37342496, 87361786, 38974555, 38973377, 88856737, 39318899, 89326300, 89250696, 89551613, 39894515, 40025102, 40392206. **ଯାଜପୁର – ସିଂହପୁର**; PLS4SGL13943769, 17667566, 17825903, 35670953, 37035208, 38123958, 87759211. **ଯାଜପୁର – ବାରନ୍ ଶୀତଳେଶ୍ୱର**; PJU7SGL15201703, 17620795, 37644475, 87336880, 88210898, 88625706, 88730862, 88702929, 88630149, 88657579, 88883827, 88889257, 39151938, 89261405, 89270183, 89304744, 89252848, 89227829, 89590326, 89506075, 89542624, 39658494, 39698957, 89718568, 89680814, 89754220, 89752667, 89934416, 89978010, 90167130, 90488986, 90428202, 90532781, 90499080, 90495209, 90443208. **ଯାଜପୁର ରୋଡ୍ – ବ୍ୟାଙ୍କ ଛକ**; PKI2SGL16167048, 36099625, 37533307, 37639521, 87688829, 87758061, 87658911, 38613377, 88505923, 88438250, 88710775, 88658426, 88650897, 88950875, 88882137, 89268088, 89341916, 89481295, 89490203, 89742982, 89780351, 89755947, 89703912, 89727214, 90008154, 90028159, 90054162, 90003100, 89982220, 90217185, 90277140, 90244072, 90223125, 90307727, 90512403. **ଜଳେଶ୍ୱର – ମେନ୍ ରୋଡ୍**; PQA3SGL36713539, 37325367, 87325765, 88194968, 88620264, 89335534, 90460754. (15-10-26) **ଜଟଣୀ – ମେନ୍ ରୋଡ୍**; PCR2SGL36743487, 37030281, 37070024, 88649803, 88929243, 88936586, 88945024, 89245726, 89287911, 39650319, 89699501, 90498099, 90521101, 90538245. **ଜୟପୁର – ଏମ୍ ଜି ରୋଡ୍**; PGH2SGL15531425, 15553910, 16647678, 35531064, 36100752, 37070167, 86658399, 37343676, 37802537, 37858841, 87403867, 38198951, 38193633, 87687718, 87765738, 87677046, 87694131, 88232390, 88436671, 88490489, 88665024, 88620932, 88618793, 39206036, 89225276, 89325145, 89335005, 89710389, 89917992, 90224537, 90439252, 40361626, 40399270, 40416363. **ଝାରସୁଗୁଡ଼ା – କେନ୍ଦ୍ରାରମାଲ**; PG62SGL18337319, 24314149, 24438050, 24950995, 26409878, 28513864, 36088110, 36104015, 36736543, 37028024, 86585979, 86630220, 37520831, 87715879, 87938135, 87943448, 88663522, 38984951, 39163852, 89331557, 89215389, 89493805, 89702827, 89718808, 89766685, 89931123, 90073006, 90469655, 90431443, 90526977, 90480746, 90407284, 90433980, 90430276, 90532856, 90418837, 40347567. **ଯୋଡ଼ା** – BGL; PTZ4EGL88471807, 88878052, 90053320, 90455279. **କାଳକଟପୁର – ବଡ଼ବଜାର**; PLE6EGL87692040, 88181436, 88261166, 88676870, 39008664, 89354113, 89536843, 89717134, 89952605, 89968731, 89932361, 90182413, 90279835. **କଣିହା** – NTPC **ବାଇପାସ୍ ରୋଡ୍**; PNU3SGL35670125, 35839107, 86579485, 37841339, 87345906, 88254586, 88404032, 88430824, 88637883, 89205270, 39892252, 39821815, 40348815. **କେନ୍ଦ୍ରାପଡ଼ା – ମହାଇପାଳ ରୋଡ୍**; PSP5EGL87749986, 87688687, 87728647, 89234979, 90041417. **କେନ୍ଦ୍ରାପଡ଼ା – କଲେଜ୍ ସ୍କୋୟାର୍**; PGT6SGL16324491, 23793623, 23795237, 35516609, 37824917, 37825453, 87760303, 38468330, 88238248, 38679866, 88470887, 38980059, 39328387, 89311875, 89347607, 89289451, 89258208, 39684454, 39643925, 89735214, 89902872, 40027129, 90186528, 90449137. **କେନ୍ଦୁଝର – ମାଇନିଂ ରୋଡ୍**; PCQ7EGL86668156, 37345456, 88740837, 39007474, 88918386, 39141381, 89253342, 89989217, 40025444, 40021000, 90200543, 90491695, 90491612, 90426077, 90430494, 90461188. **ଖଲ୍ଲିକୋଟ – ମେନ୍ ରୋଡ୍**; PQE7SGL26850382, 26805090, 28077962, 88184152. **ଖୋର୍ଦ୍ଧା – ମେନ୍ ବଜାର**; PDA3SGL14335950, 17574495, 86566730, 87759288, 38446713, 88412588, 38797052, 89257471, 89701952, 89713620, 39902806, 90034122, 89927352, 89979114, 90185907, 90178616, 40386752. **ଖୋର୍ଦ୍ଧା – ନୂଆ ବସ୍ ଷ୍ଟାଣ୍ଡ ରୋଡ୍**; PSV6EGL89251967, 89273939, 89294812, 89327998, 89488960, 89759409, 89736732, 89930677, 90044414, 90485518. (16-10-26) **କୋରାପୁଟ**; PU40GOL1795171, L1907865, L1978763, L2100620, L2105465, L2124323, L2146945, L2178010, L2181380, L2223347, L2249781, L2395787, L2426118, L2452533, L2772140, L2877091. **କୋଟପାଡ଼ – ମେନ୍ ରୋଡ୍**; PRM1EGL87949430, 88708152, 89317140, 90174276. **କୁଜିଙ୍ଗ** – BGL; PQA3SGL36063071, 36116105, 36079910, 36282980, 36312458, 36669409, 37032571, 37035515, 37340799, 37366366, 37324902, 87318749, 37952330, 37979235, 37957580, 38015308, 38130507, 87696093, 87687866, 38430763, 38376795, 88210525, 38641449, 38646146, 38628781, 38796128, 38978340, 38985619, 39178052, 39203104, 39145716, 89325269, 39688633, 89954286, 40032428. **ମଦନପୁର ରାମପୁର – ମେନ୍ ରୋଡ୍**; PLF2SGL35658167, 37955273, 38976656, 89581580. **ମୁନିଗୁଡ଼ା – ମେନ୍ ରୋଡ୍**; PRL9EGL86598990, 88437315, 88422389, 88625000, 88864740, 89984117, 90498113. **ନବରଙ୍ଗପୁର – ପଟେଲ ମାର୍ଗ**; PCR3SGL16259843, 26260609, 36350768, 36350415, 36701177, 37798362, 38651841, 88441930, 88710190, 88642297, 88652542, 88885748, 39213838, 39162624, 89719213, 40014874, 40050088, 90211753. **ନୟାଗଡ଼ – ଖଣ୍ଡପଡ଼ା ରୋଡ୍**; PMR9SGL36673869, 86618578, 37654092, 87712446, 87740407, 88207009, 88212516, 88679718, 88666877, 88868322, 88853841, 88889014, 89254129, 89699570, 90202159. **ନୟାଗଡ଼ – ଋଣପୁର**; PPU8EGL88664969, 90231810, 90237740. **ନିଆଳି – ମେନ୍ ରୋଡ୍**; PJD4SGL15306083, 15346963, 15560011, 26798761, 26972169, 35837038, 36064655, 36597736, 37675353, 87693333, 88045583, 87927215, 87964520, 87947851, 88271403, 88205136, 88278993, 88663919, 88687130, 88735305, 88857227, 89351244, 89226497, 89380071, 89255291, 89217406, 89502847, 89546467, 89694776, 89922790, 90175326, 90186698, 90178791, 90170333. **ନୀଳଗିରି – ମେନ୍ ରୋଡ୍**; PLO8SGL35512340, 35517815, 35535728, 37310404, 87969758, 88271959, 88420445, 88461348, 88714786, 88902266, 88956651, 88883748, 89277610, 89925672, 89997887, 90437847, 90459131, 90409575, 90457875. **ନିମାପଡ଼ା – ଗଣେଶ ବଜାର**; PJE2SGL16547151, 24633223, 35375240, 35836921, 36579648, 36572405, 36728466, 86601636, 37510459, 37812611, 87389239, 38136625, 87727279, 87991222, 87995518, 88221603, 88275939, 88444540, 88708556, 88673484, 88723986, 88930107, 39172931, 39363348, 89496714, 89685312, 89747235, 89761295, 89681257, 39893516, 90012138, 89982199, 89974249, 89982606, 89966537, 90005822, 90270818, 90409397, 90458320, 90445499. **ନୂଆପଡ଼ା – ମେନ୍ ରୋଡ୍**; PQS1SGL36563908, 36677503, 86588522, 38001954, 87665024, 88181483, 88189454, 88694912, 88686666, 39164759, 39290517, 89368000, 89532197, 39654250, 39712289, 39828015, 90074370, 90031032, 40024771, 90286799, 90271141, 90513390, 90418016, 40354750, 40405523. **ପଦ୍ମପୁର – ମେନ୍ ରୋଡ୍**; POH6SGL17451195, 24057333, 24965807, 35361234, 35814167, 36712352, 86595631, 37514798, 87760069, 88046866, 88079014, 88011779, 88035464, 38530654, 88196417, 88280519, 88429179, 88436098, 89245402, 89687670, 89777246, 39922271, 89949485, 89981581, 90004851, 90023295, 90009857, 90229830, 90229788, 90444489, 40400889. (19-10-26) **ଫୁଲବାଣୀ** – BGL; P93ASGL13910664, 14329799, 14934657, 15098116, 15436843, 15524228, 16720639, 17468442, 17663458, 17730121, 17827734, 17841176, 24053035, 24312735, 25418332, 25681279, 25840960, 25866228, 26738994, 27189990, 27562775, 27557186, 28025092, 28046099, 28149229, 28041698, 28143419, 28137265, 28049265, 28014377, 28294219, 28250258, 29081984, 29108469, 29080022, 35861373, 36259953, 86594022, 86575588, 37340965, 37495068, 87403705, 87665923, 87757224, 88043815, 38478322, 38420346, 88258056, 88193178, 88269213, 88206690, 88427989, 38889250, 88860172, 89203191, 39675067, 40005564, 90187301, 90455197, 90404900, 40385993. **ପିପିଲି – ହାଟ ଚକ**; PGE1SGL35332333, 36391283, 86637242, 37536910, 88461645, 88723043, 88687294, 89578020, 89698404, 90417303. **ପୁରୀ – କୋଣାର୍କ ରୋଡ୍**; POG3EGL86563634, 86560269, 87379949, 87361501, 88204244, 88705863, 88714374, 88737884, 89384723, 89322252, 89381025, 89533493, 89681332, 89970414, 90039716, 40025845, 90434914, 90447989. **ପୁରୀ – ଭି ଆଇ ପି ରୋଡ୍**; PEK3SGL35495303, 37029857, 87365753, 87413657, 38487244, 88220614, 88218051, 88215560, 88442329, 88902607, 39292029, 89318989, 89324399, 89763729, 89949281, 89988163, 90237992, 90445969, 90489742, 90432483, 40352009. **ପୁରୁଷୋତ୍ତମପୁର – ମେନ୍ ରୋଡ୍**; PQE6SGL29089671, 35363935, 37056216, 86622911, 87358043, 87957745, 87948298, 88184170, 88435402, 88680725, 88632534, 88687165, 88946161, 89303295, 89218251, 89527557, 89700474, 89715483, 89983426, 89923222, 89998447, 90258126, 90433070. **ରଘୁନାଥପୁର – ଗୋପାଳପୁର**; POF6EGL88010393, 38389810, 88465838, 38810121, 88656701, 88679566, 88852094, 88862516, 88927527, 88854428, 88911904, 39329532, 89346442, 89248787, 89197745, 89297205, 89488316. **ରାଇଘର** – DNK **ଚକ**; PSO9EGL87716897, 88286923. **ରାଜଗାଙ୍ଗପୁର – ମେନ୍ ରୋଡ୍**; PNV9SGL17510145, 24028214, 35505054, 36560842, 87979527, 38789887, 88724710, 89342523, 89356244, 89566648, 39618042, 90285254, 90226935. **ରାଜନଗର – ମେନ୍ ରୋଡ୍**; PLJ3SGL15274951, 15350245, 15474263, 16277956, 16518896, 24042311, 28939615, 35540210, 35517499, 35833483, 36344419, 37094985, 37015577, 38002136, 37998406, 87681131, 87709047, 87969081, 87951742, 38405972, 88207608, 38660925, 88430029, 38810823, 88655066, 88707021, 39015595, 88855212, 89939281, 40075335, 90285050, 90208057, 90170373, 90478471, 90486756, 90465099, 40363119. **ରାମନଗର – ମେନ୍ ମାର୍କେଟ୍**; PSP8EGL88687378, 89360732, 89757098, 89765518, 90410614. **ରାୟଗଡ଼ – ପି.ଏସ୍.ଆର୍ ରୋଡ୍**; PCR4SGL15359831, 15381609, 17424034, 28247886, 35333202, 35363021, 35501219, 37809268, 87960131, 88240776, 88431786, 89493055. **ରାଉରକେଲା – ଡେଲି ମାର୍କେଟ୍**; POH1SGL25930062, 88068941, 87986164, 88711398, 88899639, 88937025, 88904707, 88893878, 89333716, 89536090, 89510071, 90438106. (22-10-26) **ରାଉରକେଲା – ଫର୍ଟିଲାଇଜର**; PSJ5EGL88867314, 89275230, 89237349, 89918545. **ରାଉରକେଲା – କୋଏଲ ନଗର**; PER3SGL27054951, 27773074, 28882097, 36576658, 36737474, 37342604, 37537077, 37705870, 87373604, 87737500, 87784473, 87989596, 87964225, 38456286, 38462247, 88265402, 38627790, 88417098, 88486406, 38877575, 38987112, 89275398, 89321219, 89703749, 89700109, 90016032, 90047911, 89967228, 89996811, 40004961, 40032843, 90184206, 90510732. **ସାଖୀଗୋପାଳ – ରେଲୱେ ଲେଭେଲ କ୍ରସିଂ**; PLJ2EGL87949203, 88267456, 88882027, 39217820, 89705457, 40388497. **ସାଲେପୁର – ମେନ୍ ରୋଡ୍**; PGN9SGL26254763, 35650243, 36556485, 36564907, 86616513, 37516238, 37787467, 87311416, 87316267, 87771114, 38430530, 38624097, 38825665, 38803216, 88639381, 88636568, 39292584, 89265027, 39652069, 89731350, 89746113, 89703059, 89937256, 90275780, 90208263, 90484012. **ସମ୍ବଲପୁର – କଲେଜ ରୋଡ୍**; PRG4EGL90041539. **ସେମିଲିଗୁଡ଼ା – ମେନ୍ ରୋଡ୍**; PRM2EGL87742768, 87934303, 87988232, 89228925, 89573586, 90473756. **ସୋନପୁର – ଜଗୁ ଗୁରୁ ଚକ**; PMY6SGL35319042, 36045104, 37366150, 37489204, 37638613, 87995817, 38619167, 88648877, 39194400, 89296156, 90174323, 90499538, 90504441. **ସୋରୋ – ମେନ୍ ମାର୍କେଟ୍**; PSJ8EGL87964464, 90201899. **ସୁନ୍ଦରଗଡ଼ – ହସ୍ପିଟାଲ ରୋଡ୍**; PJU9EGL86618543, 86641171, 86645769, 86630048, 87800011, 87713762, 87650723, 88039625, 88042677, 88279541, 88245829, 88520628, 88440854, 88679059, 88656333, 88690436, 88673783, 88642483, 88646397, 88660516, 88636002, 88893865, 39299236, 89347139, 89235894, 89235732, 89566842, 89573400, 89562945, 89727830, 89734165, 89749727, 89704460, 89688646, 39877650, 90263986, 90172791, 90256935, 90255427, 90290938, 90185527, 90454299, 90446635, 90433233, 90502064, 40388347. **ତାଳଚେର – ହୁତାଶଧୋରା ଚକ**; PJU8EGL88429589, 39854107, 90007366. **ତାଙ୍ଗୀ – ମେନ୍ ରୋଡ୍**; PG01SGL14971134, 35373663, 86624089, 39897293. **ତିତିଲାଗଡ଼ – ବେଲଗାଁ ରୋଡ୍**; PRG6EGL86556193, 87411016, 88629231, 88663932, 89235448, 89779291, 90169933, 90193648, 90446657. **ଉମରକୋଟ – ଗୁଳିପାଟଣା**; PJE3SGL25879259, 36297707, 36289685, 86563154, 38000131, 37985796, 38121666, 88492828, 88620962, 88887296, 39295337, 39317368, 89550327, 89527018, 89503074, 89749735, 39814366, 40046210, 90242362, 90225336, 90192418, 40366186.

ବଜାଜ ଫାଇନାନ୍ସ ଲିମିଟେଡ୍

# ଡାକ୍ତରଖାନା ପୁନଃ କାର୍ଯ୍ୟକ୍ଷମ ଓ ଡାକ୍ତର ନିଯୁକ୍ତି ଦାବିରେ ବିଜେଡିର ରାସ୍ତାରୋକ : ଯାତାୟାତ ଠପ



ପାଲଲହଡା,(ସବ୍ୟୁ): ତିରିଶ ବର୍ଷ ଧରି ସରକାରଙ୍କସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ପରିଚାଳିତ ହୋଇଆସୁଥିବା ଯମରଡିହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଚାଳନା ଦାୟିତ୍ୱ ଗତ ଜୁନ ୧ ତାରିଖଠାରୁ ପରିବର୍ତନ ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନକୁ ଦେବାପରେ ସେଠାରେ ଦେଖାଦେଇଥିବା ଅଚଳବସ୍ଥା ଓ ଉକ୍ତ ଡାକ୍ତରଖାନାକୁ ପୁନଃ କାର୍ଯ୍ୟକ୍ଷମ ଏବଂ ସରକାରୀ ଡାକ୍ତର ନିଯୁକ୍ତି ଦାବିରେ ପାଲଲହଡା ବ୍ଲକ ବିଜେଡି ପକ୍ଷରୁ ଡାକରା ଦିଆଯାଇଥିବା ଜାତୀୟ ରାଜପଥ ଅବରୋଧ ଆଜି ସଫଳ ହୋଇଛି । ଫଳରେ ବମ୍ବେ -କଲିକତା ୪୯ନମ୍ବର ଜାତୀୟ ରାଜପଥ ଉପରେ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇପଡିଛି । କେତେକ ଜରୁରୀ ସେବା ବ୍ୟତୀତ ଆଉ କୌଣସି ଯାନବାହାନ ଏହି ରାସ୍ତା ଦେଇ ସକାଳ ଛଅ ରୁ ସନ୍ଧ୍ୟା ଛଅ ପର୍ଯ୍ୟନ୍ତ ଯାତାୟାତ କରିପାରି ନାହିଁ ।

ବିଭିନ୍ନ ଦଳ ସଂଗଠନ ପକ୍ଷରୁ ବିଭିନ୍ନ ସମୟରେ ରାସ୍ତାରୋକ କରାଯାଇଛି, କିନ୍ତୁ ଆଜିର ଏହି ରାସ୍ତାରୋକ ସମସ୍ତ ଆନ୍ଦୋଳନ ଠାରୁ ଅତ୍ୟଧିକ ଭାବପ୍ରବଣ ଓ ଆକର୍ଷଣୀୟ ଏଇଥିପାଇଁ ଥିଲା ଯେ ବିଜେଡି ପକ୍ଷରୁ ସରକାରଙ୍କ ଅପାରଗତା ବିରୁଦ୍ଧରେ ଡାକରା ଦିଆଯାଇଥିବା ଏହି ରାସ୍ତାରୋକରେ କ୍ଷତିଗ୍ରସ୍ତ ପାଞ୍ଚଟି ଯାକ ପଂଚାୟତର ସହସ୍ରାଧିକ ଆବାଳବୃଦ୍ଧା ବନୀତା ସମସ୍ତେ ଏଥିରେ ସାମିଲ ହୋଇ ଯୁଦ୍ଧ କାଳୀନ ଭିତ୍ତିରେ ତୁରନ୍ତ ଯମରଡିହି ଡାକ୍ତରଖାନାକୁ ପୁନଃ କାର୍ଯ୍ୟକ୍ଷମ କରି ସରକାରୀ ଡାକ୍ତର ନିଯୁକ୍ତି ଦେବା ତାଙ୍କର ମୁଖ୍ୟ ଦାବି ଥିଲା ।

କାର୍ଯ୍ୟକ୍ରମ ଅନୁଯାୟୀ ଆଜି ମୁମ୍ବାଇ -କଲକାତା ୪୯ନମ୍ବର ଜାତୀୟ ରାଜପଥର କନ୍ତଲା ଛକ ଠାରେ ସକାଳ ଛଅରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ରାସ୍ତାରୋକ କରିଥିଲେ । ଏହି ରାସ୍ତାରୋକ ଏକ ପ୍ରକାର ଜନଗହଳିପୂର୍ଣ୍ଣ ରଥଯାତ୍ରାର ଭ୍ରମ ସୃଷ୍ଟି କରିଥିଲା, ପୂର୍ବରୁ ଯେତିକି ଆନ୍ଦୋଳନ ହୋଇଛି ତାଠାରୁ ଏହା ସମ୍ପୂର୍ଣ୍ଣ ନିଆରା ଓ ଇତିହାସ ସୃଷ୍ଟି କରିଗଲା ଏହାର ଆନ୍ଦୋଳନକାରୀଙ୍କ ସଂଖ୍ୟା ଦେଖି । ବ୍ଲକ ବିଜେଡି ସଭାପତି ରଂଜିତ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ରାସ୍ତାରୋକରେ ଅନ୍ୟମାନଙ୍କ ମଧ୍ୟରେ ପାଲଲହଡାର ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମୁକେଶ କୁମାର ପାଲ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପ୍ରାକ୍ତନ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଇନ୍ଦ୍ରମଣି ଗଡ଼ନାୟକ, ପଂଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ, ବିଜେଡି ଜିଲ୍ଲା ଉପସଭାପତି ଲକ୍ଷ୍ମୀଧର ବିଶ୍ୱାଳ, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ଭୁକ୍ତା, ପାଲଲହଡା ନିର୍ବାଚନ ମଣ୍ଡଳୀ ବିଜେଡି ସଂଯୋଜକ ଦିଲ୍ଲୀପ କୁମାର ଉଦାବଳ, ମାଙ୍କଡା ମଧ୍ୟମ ଜଳସେଚନ ବିରୋଧୀ ସଂଗ୍ରାମ ସମିତି ଅଧ୍ୟକ୍ଷ ରନାକର ରାଉତ ପ୍ରମୁଖଙ୍କ ସମେତ କ୍ଷତିଗ୍ରସ୍ତ ପାଞ୍ଚଟି ଯାକ ପଂଚାୟତର ସମସ୍ତ ସରପଞ୍ଚ, ସମିତିସଭ୍ୟ ଜନପ୍ରତିନିଧିଙ୍କ ସହିତ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଯୋଗ ଦେଇଥିଲେ । ଆଜି ଆମେ ଏହି ରାସ୍ତାରୋକକୁ ବାର ଘଣ୍ଟା ଭିତରେ ଏଇଥିପାଇଁ ସୀମିତ ରଖିଛୁ ଯେ, ଏହି ରାସ୍ତାରୋକ ସରକାରଙ୍କୁ କେବଳ ଏକ ସୂଚନା ମାତ୍ର, ପରବର୍ତୀ ସମୟରେ ଏହାକୁ ସୁଦୂରପ୍ରସାରି କରି ଯେପର୍ଯ୍ୟନ୍ତ ଯମରଡିହି ଡାକ୍ତରଖାନାକୁ ପୁନଃ କାର୍ଯ୍ୟକ୍ଷମ ସ୍ୱରୂପ ସରକାରୀ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତି ନଦେଇଛନ୍ତି ସେପର୍ଯ୍ୟନ୍ତ ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି । ଆଜିର ରାସ୍ତାରୋକ ଫଳରେ ୪୯ନମ୍ବର ଜାତୀୟ ରାଜପଥ କନ୍ତଲା ଛକର ଉଭୟ ପାର୍ଶ୍ୱରେ ହଜାର ହଜାର ଯାନବାହାନ ଅଟକି ରହିଥିବାର ଦେଖା ଯାଇଥିଲା ।

ଅପରାହ୍ନରେ ପାଲଲହଡ଼ା ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପଟେଲ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଜିଲ୍ଲାପ୍ରଶାସନ ର ନିଷ୍ପତ୍ତି କ୍ରମେ ଆସନ୍ତା ସୋମବାର ଠାରୁ ଡାକ୍ତର ଯୋଗାଇଦେବା ସହ ସ୍ୱାସ୍ଥ୍ୟ ସେବା ପୁନଃ ଚାଲୁ କରିବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ଉଠିଥିଲେ। ତେବେ ଆଗାମୀ ଦିନରେ ସ୍ୱାସ୍ଥ୍ୟ ସେବାର ପ୍ରକୃତ ସ୍ଥିତି ଜଣାପଡିବ ବୋଲି ସାଧାରଣରେ ଆଲୋଚନା ଚାଲିଛି ।

# ମରାମତି ହେଲାନି, ରାସ୍ତାରେ ଧାନ ରୋଇଲେ ଗ୍ରାମବାସୀ



ଠାକୁରଗଡ, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା କୁର୍ଡିବାସପୁର ପଞ୍ଚାୟତ ଖଡକବାହାଳ ଗ୍ରାମକୁ ଯାଇଥିବା ରାସ୍ତା ଅତି ଶୋଚନୀୟ ହୋଇ ପଡିଛି । ଉକ୍ତ ରାସ୍ତାକୁ ମରାମତି କରାଯାଉ ନଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ବର୍ଷା ସମୟରେ ଯାତାୟାତ କରିବାରେ ଅସୁବିଧା ହେଉଥିବା ବେଳେ ମରାମତି କରିବା ପାଇଁ ବହୁବାର ଅଭିଯୋଗ କଲେ ମଧ୍ୟ ରାସ୍ତା ମରାମତି କରାଯାଉ ନଥିବା ଯୋଗୁଁ ବୁଧବାର ଦିନ ଖଡକବାହାଳ ଗ୍ରାମବାସୀ ଏକତ୍ରିତ ହୋଇ ରାସ୍ତାରେ ଧାନ ରୋଇ ପ୍ରତିବାଦ କରିଛନ୍ତି । ଗ୍ରାମବାସୀ କହିବା ଅନୁଯାୟୀ ଗ୍ରାମକୁ ଆସିଥିବା ଦେଢ କିମି ମାଟି ରାସ୍ତା ଅତି ଶୋଚନୀୟ ହୋଇ ପଡିଛି । ବିଶେଷକରି ଏହି ରାସ୍ତାଟି ପଞ୍ଚାୟତ ବିଭାଗ ଅଧୀନରେ ଥିବା ବେଳେ ଏହି ରାସ୍ତାକୁ କଂକ୍ରିଟ କିମ୍ବା ପିଚୁ କରାଯାଉ ନାହି ।

ବର୍ଷାରେ ରାସ୍ତା ସଂପୂର୍ଣ୍ଣ କାଦୁଅ ହୋଇଯାଇଛି । ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଯିବା ଆସିବାରେ ଅସୁବିଧା ସୃଷ୍ଟି ହେଉଛି । କାଦୁଅ ଯୋଗୁଁ ରାସ୍ତାରେ ପାଦରେ ଚାଲି ଯାଇ ହେଉନାହି । ରାସ୍ତାରେ କ୍ରସର ଗୁଣ୍ଡ ପକାଇ ମରାମତି କରିବା ପାଇଁ ଅଞ୍ଚଳବାସୀ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିବା ବେଳେ କୌଣସି ସୁଫଳ ମିଳୁନାହି । ତୁରନ୍ତ ଉକ୍ତ ରାସ୍ତାକୁ କଂକ୍ରିଟ କରଣ କରିବା ପାଇଁ ଦାବି ହୋଇଛି । ଏ ନେଇ ଆଠମଲ୍ଲିକ ବିଡିଓ ଟିଟସ ମହାନନ୍ଦିଆ କୁହନ୍ତି ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ ।

# ଆଗକୁ ଗଣେଶ ପୂଜା : ଟାଉନ ପୋଲିସର ଫ୍ଲାଗମାର୍ଚ୍ଚ

ତାଳଚେର ,(ସବ୍ୟୁ) : ପୂଜା ପାର୍ବଣରତୁ ଆଗମନ ପୂର୍ବରୁ ତାଳଚେର ଅଂଚଳରେ କିପରି ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇପାରିବ ତା'ଉପରେ ଆଜି ତାଳଚେର ଟାଉନ ପୋଲିସ ପକ୍ଷରୁ ସହରରେ ଫ୍ଲାଗମାର୍ଚ୍ଚ କରିବା ସହିତ ଲୋକଙ୍କୁ ସଚେତନତା କରାଇଥିଲେ ।

ଚଳିତବର୍ଷ ୧୪ ତାରିଖରେ ହେବାକୁ ଥିବା ପ୍ରସିଦ୍ଧ ଗଣେଶପୂଜା ଆରମ୍ଭ ହୋଇ ଉଦ୍ଦୁପୂର୍ଣ୍ଣମା ଅର୍ଥାତ୍ ୨୬ତାରିଖ ଦିନ ବିସର୍ଜନ ହେବାର କାର୍ଯ୍ୟକ୍ରମ ରହିଛି । ଏହି ପରିପ୍ରେକ୍ଷୀରେ ପୂଜାକୁ ସରସ, ଶାନ୍ତିଶୃଙ୍ଖଳା, ଚୋରୀ, ରାହାଯାନୀ, ଛିନତାଇ, ମଦ୍ୟପୀ ଗାଡ଼ିଚାଳକଙ୍କୁ ସାବାଡ଼ କରିବାକୁ ନେଇ ଆଜିର ଏହି ଫ୍ଲାଗମାର୍ଚ୍ଚ କରାଯାଇଛି ବୋଲି ପୋଲିସ୍ ସୂତ୍ରରୁ ପ୍ରକାଶ । ତାଳଚେର ଘୋଡ଼ାଶାଳ ଠାରୁ ଆରମ୍ଭକରି ହାଣ୍ଡିଧୂଆଁ ପର୍ଯ୍ୟନ୍ତ ପ୍ରାୟ ୪କିମି ରାସ୍ତାର ଉଭୟପାଶ୍ୱର୍ରେ ପ୍ରଭୂ ବିଘ୍ନେଶ୍ୱର ପୂଜାପାଇବା ସହ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସିବ ତାଳଚେର । ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ଓଠାଦୋକାନୀ ମାନେ ଆସି ନିଜର ଆସର ଜମାଇଥାନ୍ତି ତେଣୁ ତାଳଚେର ଅଂଚଳଟି ଲୋକାରଣ୍ୟ ହୋଇପଡ଼ିଥାଏ । ଏବଂ ଏହାକୁ ନିୟନ୍ତ୍ରିତ କରିବାକୁ ସହରର ବିଭିନ୍ନ ଛକ ସ୍ଥାନ ଗୁଡ଼ିକରେ ପୋଲିସ୍‌ର କ୍ୟାମ୍ପ ମଧ୍ୟ କରିବାକୁ ପଡ଼ିଥାଏ । ଗଣେଶ ପୂଜା ପରେ ପରେ ଅନ୍ୟାନ୍ୟ ପୂଜ ଚାଲି ଆସୁଥିବାରୁ ଏହାକୁ ନେଇ ପୋଲିସ୍ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଥିବା ଟାଉନ ଥାନା ଅଧିକାରୀ ଏହା ପ୍ରକାଶ କରିଛନ୍ତି ।

# ଜିଲ୍ଲା ଓକିଲ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ

ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓକିଲ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲା ଓକିଲ ସଂଘର ନୂତନ ସଦସ୍ୟତା ପାଇଁ ଆବେଦନ କରୁଥିବା ଓକିଲମାନଙ୍କ ପାଇଁ କେଉଁ ନିୟମ ପ୍ରଣୟନ କରାଯିବ ତାହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଜିଲ୍ଲା ଓକିଲ ସଂଘ ତରଫରୁ ଏକ ଐତିହାସିକ ନିଷ୍ପତି ଗ୍ରହଣ କରାଯାଇଥିଲା। ବର୍ତମାନ ଠାରୁ ନୂତନ ସଦସ୍ୟତା ପାଇଁ ଆବେଦନକାରୀମାନେ ପ୍ରଥମେ ନିଜ ନାମରେ କୌଣସି ଅପରାଧିକ ମାମଲା ନାହିଁ ବୋଲି ଏକ ଘୋଷଣାନାମା ପ୍ରଦାନ କରିବେ। ଏହାର ସତ୍ୟତା ଜିଲ୍ଲା ଓକିଲ ସଂଘ ପକ୍ଷରୁ ଏକ କମିଟି ତଦାରଖ କରି ଉକ୍ତ ଆବେଦନକାରୀଙ୍କୁ ଏନ୍.ଓ.ସି. ପ୍ରଦାନ କରିବା ପରେ ଉକ୍ତ ଆବେଦନକାରୀଙ୍କ ନୂତନ ସଦସ୍ୟତା ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଅଛି। ଅପରାଧିକ ଭିତିଭୂମି ଥିବା ବ୍ୟକ୍ତିଙ୍କ ସଂଘର ସଦସ୍ୟତା ପ୍ରଦାନ କରାଯିବ ନାହିଁ ବୋଲି ସ୍ପଷ୍ଟ କରାଯାଇଥିଲା।

ତଦାରଖ କମିଟିର ସଦସ୍ୟଭାବେ ୫ଜଣ ପୂର୍ବତନ ସଭାପତି ଓ ୪ଜଣ ବରିଷ୍ଠ ସଦସ୍ୟଙ୍କୁ ନେଇ ଗଠନ କରାଯିବ। ଆଜିର ବୈଠକକୁ ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ପୂର୍ବତନ ସଭାପତି ପ୍ରତାପ ନାରାୟଣ ତ୍ରିପାଠୀ, ଭାବଗ୍ରାହୀ ପଣ୍ଡା, ଦୁର୍ଗା ପ୍ରସାଦ ଶତପଥୀ, ଶୁଭାସିନୀ ମହାକୁଡ, ସୁବୋଧ ମହାନ୍ତି, ନିର୍ମଳ ମିଶ୍ର, କିଶାନ ବିଶ୍ୱାଳଙ୍କ ସହିତ ଶତାଧିକ ସଦସ୍ୟ ଅଂଶଗ୍ରହଣ କରିଥିଲେ। ସଂଘ କର୍ମକର୍ତା ଉପସଭାପତି ଦ୍ୱୀତିକୃଷ୍ଣ ବରାଳ, କୋଷାଧ୍ୟକ୍ଷ ରାଜେନ୍ଦ୍ର ନାରାୟଣ ରାଉତ, ସହ-ସଂପାଦକ ତ୍ରିଲୋଚନ ସାହୁ, ସଦସ୍ୟ ପ୍ରେମାନନ୍ଦ ବିହାରୀ, ମଳୟ ପାଣିଗ୍ରାହୀ, ସାଇ କମଳିନୀ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ସଂପାଦକ ଟଙ୍କଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଖଣି ସିକ୍ୟୁରିଟିଙ୍କ ଏ କି କାରନାମା !

ତାଳଚେର ,(ସବ୍ୟୁ) : ତାଳଚେର ଜଗନ୍ନାଥ ଜୈନିକ ଖଣି କର୍ମଚାରୀଙ୍କ ଅବସର ଗ୍ରହଣ ପରେ ସେହି କର୍ମଚାରୀ ଏମସିଏଲକୁ କ୍ୱାର୍ଟରଟିକୁ ତୁରନ୍ତ ହସ୍ତାନ୍ତର କରିଥାନ୍ତି । ମାତ୍ର ସମ୍ପୃକ୍ତ ଖଣିକର୍ମଚାରୀ ଅବସର ଗ୍ରହଣ ୨ମାସ ସରିଯାଇଥିଲେ ମଧ୍ୟ କ୍ୱାର୍ଟରକୁ ହସ୍ତାନ୍ତର କରିନଥିଲେ । ଫଳରେ ଖଣି ସିକ୍ୟୁରିଟି ଓ ତାଙ୍କ ସହ ଖଣି କର୍ମଚାରୀ ସେହି କ୍ୱାର୍ଟକୁ ଯାଇ ଶିଘ୍ର କ୍ୱାର୍ଟର ଛାଡ଼ିବାକୁ ପ୍ରକାଶ କରିଥିଲେ । ଏହାପରେ ସାମାନ୍ୟ ବଚସା ଆରମ୍ଭ ହୋଇଯାଇଥିଲା । ହଠାତ୍ ଉତକ୍ଷିପିତ ହୋଇ ପୋଷାକରେ ରହିଥିବା ସିକ୍ୟୁରିଟି ତାଙ୍କ ପିନ୍ଧିବା ପ୍ୟାଂଟର ଚେନକୁ ଖୋଲିବା ଫଳରେ ପରିବାର ଲୋକେ ଉତକ୍ଷିପ୍ତ ହୋଇପଡ଼ିଥିଲେ । ଖଣି ସିକ୍ୟୁରିଟିଙ୍କ ଏପରି ବ୍ୟବହାର ପ୍ରଦର୍ଶନ ପରିବାରୁ ମର୍ମାହତ କରିବା ଘଟଣା ସୋସିଆଲ ମିଡ଼ିଆଲରେ ଏବେ ଯୋରରେ ଭାଇରାଲ ହେଉଥିବା ଦେଖିବାକୁ ମିଳିଛି । ତେବେ ଖଣି ସିକ୍ୟୁରିଟିଙ୍କୁ ଫୋନରେଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲଟି ଗ୍ରହଣ କରିନଥିଲେ ।

# ଆଦର୍ଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ଅନୁଗୋଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲାର ଅଗ୍ରଣୀ ବୈଷୟିକ ତଥା ବୃତ୍ତିଗତ ଶିକ୍ଷାନୁଷ୍ଠାନ "ଆଦର୍ଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ପକ୍ଷରୁ ନୂତନ ଛାତ୍ରଛାତ୍ରୀଙ୍କ ପାଇଁ ସ୍ଥାନୀୟ ଆସିଆନା କନ୍ଭେନ୍ସନ ହଲ୍ରେ ଏକ ଭବ୍ୟ ନବାଗତ ସାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଏବଂ ଅତିଥିଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂତନ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

ମୁଖ୍ୟ ଅତିଥି ବିଧାୟକ ଶ୍ରୀ ପ୍ରଧାନ କହିଥିଲେ, ଅନୁଗୋଳରେ ଇଞ୍ଜିନିୟରିଂ, ଆଇଟିଆଇ, ମ୍ୟାନେଜମେଣ୍ଟ, ନର୍ସିଂ ଏବଂ ଆଇନ ପରି ବହୁବିଧ ଉଚ୍ଚଶିକ୍ଷା ଗୋଟିଏ ଛାତ ତଳେ ଉପଲବ୍ଧ କରାଇବା ସମଗ୍ର ଜିଲ୍ଲା ପାଇଁ ଏକ ଗୌରବର ବିଷୟ । ଏହା ଆଦର୍ଶ ଗ୍ରୁପ୍ର ଅଧ୍ୟକ୍ଷ ଡ. ମହେଶ ଚନ୍ଦ୍ର ଧଳଙ୍କ ପ୍ରଚେଷ୍ଟା ଯୋଗୁ ସମ୍ଭବ ହୋଇପାରିଛି । ଏଥିସହିତ ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ଆଗାମୀ ଦିନରେ ଅନୁଗୋଳରେ ଆଦର୍ଶ ଗ୍ରୁପ ପକ୍ଷରୁ ଏକ ମେଡିକାଲ କଲେଜ ତଥା ହସ୍ପିଟାଲ ପ୍ରତିଷ୍ଠା କରିବାପାଇଁ ସେ ପ୍ରସ୍ତାବ ଦେଇଥିଲେ ।

ଅନୁଷ୍ଠାନର ଅଧ୍ୟକ୍ଷ ଡ. ମହେଶ ଚନ୍ଦ୍ର ଧଳ ଛାତ୍ରଛାତ୍ରୀଙ୍କୁ କହିଥିଲେ, ପ୍ରତ୍ୟେକ ଶିକ୍ଷାର୍ଥୀ କେବଳ ପାଠପଢ଼ାରେ ନିଜକୁ ସୀମିତ ନରଖି ନୈତିକ ମୂଲ୍ୟବୋଧ, କୃତଜ୍ଞତା ଓ ମାନବିକତାର ସଠିକ ଶିକ୍ଷା ଗ୍ରହଣ କରି ସମାଜ ଗଠନରେ ଯୋଗ୍ୟ ସାରଥୀ ହୁଅନ୍ତୁ ।

ଏହି କାର୍ଯ୍ୟକ୍ରମରେ ଆଦର୍ଶ ଗ୍ରୁପର ନିର୍ଦ୍ଦେଶକ ଡ. ପ୍ରକାଶ ଚନ୍ଦ୍ର ଧଳ, ଉପନିର୍ଦ୍ଦେଶକ ଡ. ଅବନୀକାନ୍ତ ଷଡ଼ଙ୍ଗୀ, ଆଦର୍ଶ ଇଂଜିନିୟରିଂ କଲେଜରଅଧ୍ୟକ୍ଷ ଡ. ଏ.କେ. ସିଂହ, ଏଆଇଟିଏମ୍ର ଅଧ୍ୟକ୍ଷ ଡ. ଭାଗୀରଥି ପ୍ରଧାନ ଏବଂ ଆଦର୍ଶ ଆଇନ କଲେଜର ଅଧ୍ୟକ୍ଷ ଡ. ଚୁନୁରାମ ସୋରେନ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇଥିଲେ ।

# ନଦୀକୁ ଔଷଧ ଫିଙ୍ଗିବା ଘଟଣା
## ଟେକ୍ନିକାଲ ଷ୍ଟୋରକିପରଙ୍କୁ ନିଲମ୍ବିତ କଲେ ସିଡିଏମ୍ଓ

ବାରିପଦା, (ସବ୍ୟୁ) : ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟ ନଦୀରେ ଅବଧି ସରିଯାଇଥିବା ଔଷଧ ଓ ବିଭିନ୍ନ ମେଡିକାଲ ସାମଗ୍ରୀ ଫିଙ୍ଗାଯିବା ଘଟଣାରେ ସ୍ୱାସ୍ଥ୍ୟ ବିଭାଗ କଠୋର ପଦକ୍ଷେପ ନେଇଛି । ଘଟଣାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଟେକ୍ନିକାଲ ଷ୍ଟୋରକିପର ରୂପେନ୍ଦ୍ର ନାଥ ସିଂଙ୍କୁ ସିଡିଏମ୍ଓ ଡାଃ ବି.ଏନ୍ ଦାସ ନିଲମ୍ବନ କରିଛନ୍ତି । ସୂଚନା ଅନୁଯାୟୀ, ହସ୍ପିଟାଲର ଟେକ୍ନିକାଲ ଷ୍ଟୋରରେ ଥିବା ଅବଧି ଶେଷ ହୋଇଥିବା ଔଷଧ ସହ ମାସ୍କ, ସିରିଞ୍ଜ, ଟେଷ୍ଟିଂ କିଟ୍ ଓ ଅନ୍ୟାନ୍ୟ ମେଡିକାଲ ସାମଗ୍ରୀକୁ ନିୟମାନୁସାରେ ନଷ୍ଟ କିମ୍ବା ବର୍ଜ୍ୟ ପରିଚାଳନା କରିବା ପରିବର୍ତ୍ତେ ନଦୀକୁ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଥିଲା । ଏହାକୁ ଗୁରୁତ୍ୱର ସହ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲା । ମେଡିକାଲ ବର୍ଜ୍ୟବସ୍ତୁର ଉପଯୁକ୍ତ ପରିଚାଳନାରେ ତ୍ରୁଟି ଏବଂ ଦାୟିତ୍ୱରେ ଅବହେଳାକୁ ଦର୍ଶାଇ ଟେକ୍ନିକାଲ ଷ୍ଟୋରକିପରଙ୍କ ବିରୋଧରେ ଏହି ନିଲମ୍ବନ ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି । ଅବଧି ଶେଷ ହୋଇଥିବା ଔଷଧ ଓ ମେଡିକାଲ ସାମଗ୍ରୀକୁ ନିୟମ ଉଲ୍ଲଂଘନ କରି ଫୋପାଡ଼ିବା ଘଟଣା ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟପ୍ରଣାଳୀ ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି । ଘଟଣାକୁ ନେଇ ଆଗାମୀ ଦିନରେ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବା ସହ ଏଭଳି ଘଟଣାର ପୁନରାବୃତ୍ତି ରୋକିବାକୁ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି ।

# ବାଇକ ଆଗକୁ ଡେଇଁଲା ମାଙ୍କଡ: ଯୁବକ ମୃତ

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଜିରିଡାମାଳି ନିକଟ ରେଙ୍ଗାଳି କେନାଲ ଉପରେ ହଠାତ ଏକ ମାଙ୍କଡ ଗଛ ଉପରୁ ମୋଟରସାଇକେଲ ସମ୍ମୁଖକୁ ଡେଇଁପଡିବା ଯୋଗୁ ଚାଳକର ମୃତ୍ୟୁ ଘଟିଛି । କାମାକ୍ଷାନଗର ଏମ୍ଆଇ ଅଫିସରେ କାର୍ଯ୍ୟରତ କର୍ମଚାରୀ ଆଜି ସକାଳେ ବାଇକ ଯୋଗେ ସାଧୁଆମୁଣ୍ଡା ଗ୍ରାମର ଧନେଶ୍ୱର କୁଲାନ କାମାକ୍ଷାନଗର ଆସୁଥିବା ବେଳେ ଜିରିଡାମାଳି ରେଙ୍ଗାଳିକେନାଲ ରାସ୍ତାରେ ହଠାତ୍ ଏକ ମାଙ୍କଡ଼ ବାଇକ ଆଗକୁ ଡେଇଁଥିଲା । ଫଳରେ ଭାରସାମ୍ୟ ହରାଇ ଧନେଶ୍ୱର ରାସ୍ତାରେ ପଡ଼ିଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ କାମାକ୍ଷାନଗର ମେଡିକାଲ ନିଆଯାଇଥିଲା । ହେଲେ ସେଠାରେ ଡାକ୍ତର ଧନେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ । ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ଧନେଶ୍ୱର କାମାକ୍ଷାନଗର ଏମ୍ଆଇ ଅଫିସରେ କାର୍ଯ୍ୟରତ ଥିବା ଜଣାପଡ଼ିଛି ।

# ଅର୍ଥ ଅନିୟମିତତା : ପୂର୍ବତନ ଜିଲ୍ଲାପାଳ, ପିଡି ଡିଆରଡିଏ, ପରିବହନ ଠିକାଦାର ଦୋଷୀ
## ଏକ ବର୍ଷ ସଶ୍ରମ କାରାଦଣ୍ଡ ସହିତ ଜରିମାନା


ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସ୍ପେସାଲ ଭିଜିଲାନ୍ସ ଜଜ୍ ଏକ ମାମଲାର ବିଚାର କରି ଢେଙ୍କାନାଳର ପୂର୍ବତନ ଅସରପ୍ରାପ୍ତ ଜିଲ୍ଲାପାଳ, ପିଡି ଡିଆରଡିଏ ଓ ଟ୍ରାନସ୍‌ପୋର୍ଟ ଠିକାଦାରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ଏକ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ଏହି ରାୟ ଶୁଣାଇଛନ୍ତି । କଟକ ଭିଜିଲାନ୍ସ ତରଫରୁ ଗତ ୨୦୦୩ ମସିହା ମାର୍ଚ୍ଚ ୩ ତାରିଖରେ କେସ ନଂ ୧୦ରେ ଏକ ମାମଲା ୟୁଏସ୍‌୧୩(୨) ଆର/ଡବ୍ଲ୍ୟୁ ସେକସନ ୧୩(୧) (ଡି) ପିସି ଆକଫ ୧୯୮୮ ଏବଂ ୪୬୮/୪୭୧/୫୨୦/୧୨୦-ବି ଆଇପିସିରେ ଟିଆର ନମ୍ବର ୨୬/୨୦୧୭ରେ ଏକ ମାମଲା ରୁଜ୍ଜୁ କରାଯାଇଥିଲା । ଏହି ମାମଲାରେ ଢେଙ୍କାନାଳର ପୂର୍ବତନ ଜିଲ୍ଲାପାଳ ନିତ୍ୟାନନ୍ଦ ମହାନ୍ତି, ପିଡି ଡିଆରଡିଏ ସୂର୍ଯ୍ୟ ନାରାୟଣ ଦାସ ଓ ଟ୍ରାନସପୋର୍ଟ ଠିକାଦାର ସତ୍ୟାନନ୍ଦ ବଳସାମନ୍ତଙ୍କ ନାମରେଏକ ମାମଲା ରୁଜ୍ଜୁ କରାଯାଇଥିଲା ।

ସରକାରୀ ଅର୍ଥ ଅନିୟମିତତା ନେଇ ଏହି ମାମଲା ରୁଜ୍ଜୁ କରାଯାଇଥିବା ବେଳେ ଚାଉଳ ଏବଂ ଗହମ ପରିବହନ ପାଇଁ ଜଣେ ଠିକାଦାରଙ୍କ ଅହେତୁକ ଅନୁକମ୍ପା ଦେଖାଇ ୮କୋଟି ୯୯ଲକ୍ଷ ୩ ହଜାର ୬୬୪ଟଙ୍କା ଅଧିକ ପ୍ରଦାନ କରିଥିଲେ । ଫଳରେ ସରକାରଙ୍କ ଅର୍ଥ ପାଣିରେ ପଡିବା ସହିତ ଅଧିକ ଟଙ୍କା ଦେବାକୁ ପଡିଥିଲା । ଏହି ମାମଲାରେ ୧୦ଜଣ ସାକ୍ଷୀଙ୍କ ସାକ୍ଷ୍ୟପ୍ରମାଣ ସହିତ ୧୦ଟି ଦସ୍ତାବିତର ତଦନ୍ତ କରାଯାଇଥିଲା । ଏହି ମାମଲାଟିକୁ ଏଲଆର ପଣ୍ଡା,ଅଶୋକ କୁମାର ନାୟକ,କଲ୍ୟାଣ କୁମାର ମଲ୍ଲିକ ତଦନ୍ତ କରିଥିଲେ । ଆଜି ଏହି ମାମଲାର ଶୁଣାଣୀ କରି ଭିଜିଲାନ୍ସ ସ୍ପେସାଲ ଜଜ୍ ବିକ୍ରମ କେଶରୀ ପଟ୍ଟନାୟକ ବିଚାର କରି ତାଙ୍କ ରାୟ ଶୁଣାଇଛନ୍ତି । ଅବସରପ୍ରାପ୍ତ ଜିଲ୍ଲାପାଳଙ୍କ ସହିତ ପରିବହନ ଠିକାଦାର ଏବଂ ପିଡି ଡିଆରଡିଏଙ୍କୁ ମଧ୍ୟ ଦୋଷୀ ସାବ୍ୟସ୍ତ କରିଛନ୍ତି ।

# ଏମକେସିଜି ମେଡିକାଲରେ ଅବ୍ୟବସ୍ଥା
## ମାସେ ହେଲାଣି ଗର୍ଭବତୀଙ୍କୁ ମିଳୁନି ଔଷଧ

ବ୍ରହ୍ମପୁର, (ସବ୍ୟୁ) : ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ପ୍ରମୁଖ ହସ୍ପିଟାଲ ଭାବେ ପରିଚିତ । ଏହି ବଡ଼ ଡାକ୍ତରଖାନାରେ ଏବେ ଅବ୍ୟବସ୍ଥା ଦେଖିବା କୁ ମିଳିଛି । ଏଠାରେ ଗର୍ଭବତୀଙ୍କ ପାଇଁ ନାହିଁ ଜରୁରୀ କାଳୀନ ଔଷଧ । ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବିଭାଗରେ ଥିବା ଲେବୋର ରୁମରେ ଭର୍ତ୍ତି ହେଉଥିବା ଗର୍ଭବତୀ ତଥା ପ୍ରସୂତିଙ୍କ ମାନଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ମେଥରଜିନ୍ ଓ କାର୍ବୋପ୍ରୋଷ୍ଟ ପ୍ରଦାନ କରାଯାଏ । ଗତ ଏକ ମାସରୁ ଅଧିକ ସମୟ ହେବ ଏହି ଔଷଧ ଉପଲବ୍ଧ ହୋଇପାରୁନାହିଁ । ବାରମ୍ବାର ବିଭାଗ ପକ୍ଷରୁ ଏନେଇ କର୍ତ୍ତୃପକ୍ଷଙ୍କ ନିକଟକୁ ସୂଚନା ପ୍ରଦାନ କରୁଥିଲେ ମଧ୍ୟ ସୁଫଳ ମିଳିପାରୁନାହିଁ । ଡାକ୍ତରଙ୍କ କହିବାପ୍ରକାରେ ଏହି ଔଷଧ ଗର୍ଭବତୀଙ୍କୁ ରକ୍ତସ୍ରାବ ସମୟରେ ପ୍ରଦାନ କରାଯାଇଥାଏ । ଏବେ ଏହା ନଥିବାରୁ ଟ୍ରାନେକ୍ସା ନାମକ ଔଷଧ ଏହାର ବିକଳ୍ପ ରୂପେ ପ୍ରଦାନ କରାଯାଉଛି । ବର୍ତ୍ତମାନ ପ୍ରଦାନ କରାଯାଉଥିବା ଔଷଧ ଶରୀରରେ ବିଳମ୍ବରେ ପ୍ରତିକାର କରୁଥିବାରୁ ତୁରନ୍ତ ଉପରକ୍ତ ଔଷଧ ଯୋଗାଇବାକୁ ଦାବି ହୋଇଛି । ଅନ୍ୟପକ୍ଷେ ପରିସରରେ ଥିବା ଷ୍ଟୋରରେ ଏହି ମେଡିସିନ ନଥିବା କାରଣରୁ ଯୋଗାଣ ପ୍ରଭାବିତ ହୋଇଛି । ଏବାବଦରେ ଔଷଧ ଯୋଗାଣ ବିଭାଗକୁ କହିଛୁ ତୁରନ୍ତ ବିଭାଗକୁ ଔଷଧ ଯୋଗାଣ ହେବ ବୋଲି ଜଣେ ଅଧିକାରୀ କହିଛନ୍ତି ।

# ନିଷ୍ଟ ବିଶ୍ୱବିଦ୍ୟାଳୟରେ ୩୬ ଘଣ୍ଟା ଆଭ୍ୟନ୍ତରୀଣ ହାକାଥନ୍




ବ୍ରହ୍ମପୁର, (ସବ୍ୟୁ) : ନିଷ୍ଟ ବଶ୍ୱବିଦ୍ୟାଳୟ ସ୍ମାର୍ଟ ଇଣ୍ଡିଆ ହାକାଥନ (ଏସ୍. ଆଇ. ଏଚ୍.) ମଡେଲ୍ ଉପରେ ଏହାର ପ୍ରଥମ ୩୬-ଘଣ୍ଟାର ଆଭ୍ୟନ୍ତରୀଣ ହାକାଥନ ଆୟୋଜନ ହୋଇଥିଲା । ଏଥିରେ ସମସ୍ତ ବିଭାଗ ର ୭୭ ଦଳ ଏବଂ ୪୮୨ ବି. ଟେକ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣକାରୀ ସାମିଲ ଥିଲେ । ଦଳଗୁଡ଼ିକ ଏସ୍ଆଇଏଚ୍ ଆଧାରିତ ସମସ୍ୟା ବିବୃତ୍ତି ଉପରେ କାମ କରିଥିଲେ ଏବଂ ପିଚ୍ ଡେକ୍ ପ୍ରସ୍ତୁତି, ବିଜନେସ୍ ମଡେଲ୍ କ୍ୟାନଭାସ, ମୂଲ୍ୟ ପ୍ରସ୍ତାବ କ୍ୟାନଭାସ, ଏବଂ ଏସ୍ଆଇଏଚ୍ ପ୍ରକ୍ରିୟା ଉପରେ ପରାମର୍ଶ ଗ୍ରହଣ କରିଥିଲେ । ଆଭ୍ୟନ୍ତରୀଣ ଏବଂ ବାହ୍ୟ ଜୁରି ସଦସ୍ୟମାନେ ଦଳଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ, ଏସ୍ଆଇଏଚ୍ ଚୟନ ପ୍ରକ୍ରିୟାରେ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ୫୦ ଦଳଗୁଡ଼ିକୁ ଚୟନ କରାଯିବ । ନିଷ୍ଟ ଇନକ୍ୟୁବେସନ୍ ସେଣ୍ଟର ଏବଂ ଅନୁଷ୍ଠାନର ଇନୋଭେସନ୍ କାଉନସିଲ୍ (ଆଇଆଇସି) ଦ୍ୱାରା ମିଳିତ ଭାବେ ଏହି ହାକାଥନ୍ ଆୟୋଜନ କରାଯାଇଥିଲା । ଏହି ଅବସରରେ ନିଷ୍ଟ ପ୍ରତିଷ୍ଠାତା ତଥା ସଭାପତି ଡକଟର ସୁକାନ୍ତ କେ.ମହାପାତ୍ର, କୁଳପତି ଡ. ପ୍ରକାଶ କୁମାର ହୋତା, ଡିନ ଏକାଡେ଼ମିକ ଡ଼. ପି ରାଜେଶ କୁମାର, ଭାରପ୍ରାପ୍ତ କୁଳସଚିବ ଡ. ବିଷ୍ଣୁକର ନାୟକ ଛାତ୍ରଛାତ୍ରୀଙ୍କ ସହ ରହି ସେମାନଙ୍କ ଉତ୍ସାହ ବଢ଼େଇଥିଲେ । ନିଷ୍ଟ ଇନକ୍ୟୁବେସନ୍ ମ୍ୟାନେଜର ଡ. ସଞ୍ଜିତ କୁମାର ସୁବୁଧି, ନିଷ୍ଟ ଇନକ୍ୟୁବେସନ୍ ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ସାହୁ, ଆସୋସିଏଟ୍ ଡିନ୍ ଛାତ୍ର କଲ୍ୟାଣ ଡ. ପ୍ରୀତି ରଞ୍ଜନ ସାହୁ, ପ୍ରଫେସର ସରୋଜ ପାଢୀ ଏବଂ ପ୍ରଭାସ ରାଜ ପାଣିଗ୍ରହୀ, ଶିକ୍ଷକ ସଦସ୍ୟ ଏବଂ ଛାତ୍ର ସ୍ୱେଚ୍ଛାସେବୀଙ୍କ ଏହି ଇଭେଣ୍ଟରେ ସହାୟତା କରିଥିଲେ ।

# ଆଠମଲ୍ଲିକ ବିଜେଡ଼ି ନଗର କମିଟି ଘୋଷିତ

ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ନଗର ବିଜେଡ଼ି ର ନୂତନ କର୍ମକର୍ତ୍ତା ଙ୍କ ନାମ ଘୋଷଣା ହୋଇଛି । ନଗର ବିଜେଡ଼ି ସଭାପତି ଭାବରେ ନିରଞ୍ଜନ ରଣା, ଉପସଭାପତି ଭାବରେ ବିଜୟ ଦନ୍ତା, ଜୁବିନ ଷଡ଼ଙ୍ଗୀ, ମହେନ୍ଦ୍ର ମୁଖି, ସାଧାରଣ ସମ୍ପାଦକ ଭାବରେ ବାବୁ ଦାଶ, ସମ୍ପାଦକ ଭାବରେ ଅବନୀ ଆଚାର୍ଯ୍ୟ, ନଳିନୀ ରଞ୍ଜନ ପାତ୍ର, ବିରେନ ସିଂ ସାମନ୍ତ, ଅବିନାଶ ଷଡ଼ଙ୍ଗୀ, ଇବ୍ରାହିମ ଖାଁ, କୋଷାଧ୍ୟକ୍ଷ ଭାବରେ ଦିନେଶ କୁମାର ସିଂହଙ୍କ ନାମ ଘୋଷଣା ହୋଇଛି । ନୂତନ ଭାବରେ ସଭାପତି ଦାୟିତ୍ୱ ନେଇଥିବା ନିରଞ୍ଜନ ରଣା ବିରୋଧୀ ଦଳ ନେତା ତଥା ରାଜ୍ୟ ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ ଏବଂ ଆଠମଲ୍ଲିକ ବିଧାୟକ ଇଂ ନଳିନୀକାନ୍ତ ପ୍ରଧାନ, ରାଜ୍ୟ ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ମୟୂରଭଞ୍ଜ ପୋଲିସ ସବ୍-ଇନ୍ସପେକ୍ଟର, ଏଏସଆଇ ସ୍ତରରେ ବ୍ୟାପକ ଅଦଳବଦଳ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ପୁଲିସ ବିଭାଗରେ ଏସ୍ଆଇ ଓ ଏଏସ୍ଆଇ ସ୍ତରରେ ବ୍ୟାପକ ଅଦଳବଦଳ ହୋଇଛି । ଜିଲ୍ଲା ପୁଲିସ ପ୍ରତିଷ୍ଠାନ ବୋର୍ଡର ନିଷ୍ପତ୍ତିକ୍ରମେ ମୋଟ୍ ୩୧ଜଣ ଅଧିକାରୀଙ୍କୁ ବିଭିନ୍ନ ଥାନା, ଓପି ଓ ପୁଲିସ କାର୍ଯ୍ୟାଳୟକୁ ବଦଳି କରାଯାଇଥିବା ନେଇ ମୟୂରଭଞ୍ଜ ଏସ୍ପି ବରୁଣ ଗୁଣ୍ଟୁପାଲ୍ଲି ସୂଚନା ଦେଇଛନ୍ତି। ବଦଳି ତାଲିକାରେ ଏସ୍ଆଇ ସାଧୁସିଂ ଗାଗରାଇଙ୍କୁ ବେତନଟୀ ଥାନା, ଏସ୍ଆଇ ସମ୍ଭୁନାଥ ନାଏକଙ୍କୁ ଡିଆଇବି ବାରିପଦା, ଏସ୍ଆଇ ସୁନିତା ହେମ୍ବ୍ରମଙ୍କୁ ବାରିପଦା ଟାଉନ ଥାନା, ଏସ୍ଆଇ ଗୌରୀମଣି ସିଂଙ୍କୁ ଝାରପୋଖରିଆ ଥାନା ଓ ଏସ୍ଆଇ ଚନ୍ଦନ କୁମାର ନାୟକଙ୍କୁ ମୋରଡ଼ା ଥାନା, ଏସ୍ଆଇ କ୍ରିଷାନ୍ତ ଟିଗାରଙ୍କୁ ଭଞ୍ଜପୁର ଥାନା, ଏସ୍ଆଇ ମୋନାଲିସା ବେହେରାଙ୍କୁ ରାସଗୋବିନ୍ଦପୁର ଥାନା, ଏସ୍ଆଇ ଚନ୍ଦ୍ରକାନ୍ତ ମହାନ୍ତିଙ୍କୁ ବାରିପଦା ସଦରଥାନା, ଏସ୍ଆଇ ମଦନମୋହନ ପରିଡ଼ାଙ୍କୁ ଶୁଳିଆପଦା ଥାନା ଏବଂ ଏସ୍ଆଇ ରୂପସ୍ରୀ ସ୍ୱାଇଁଙ୍କୁ ଉଦଳା ଥାନାକୁ ବଦଳି କରାଯାଇଛି ।

ସେହିପରି ଏଏସ୍ଆଇ ନସିବ୍ କୁମାର ମହାନ୍ତିଙ୍କୁ ଝାରପୋଖରିଆ ଥାନା, ଏଏସ୍ଆଇ ସଞ୍ଜୟ କୁମାର ଦାସଙ୍କୁ କପ୍ତିପଦା ଥାନା, ଏଏସ୍ଆଇ ରିତାଞ୍ଜଳି ସାହୁଙ୍କୁ ବାଙ୍ଗିରିପୋଷି ଥାନା, ଏଏସ୍ଆଇ ବିରୁପାକ୍ଷ ବେହେରାଙ୍କୁ ଝାରପୋଖରିଆ ଥାନା, ଏଏସ୍ଆଇ ବୀରେନ୍ଦ୍ର ସେଠୀ ମୋରଡା ଥାନା, ଏଏସ୍ଆଇ ଚିନ୍ମୟ କୁମାର ପାଲେଇ ବାରିପଦା ଟାଉନ ଥାନା, ଏଏସ୍ଆଇ ସୁଦାମ କୁମାର ଜେନା ଖୁଣ୍ଟା ଥାନା, ଏଏସ୍ଆଇ ରାମଚନ୍ଦ୍ର ସାହୁଙ୍କୁ ବେତନଟୀ ଏସଡିପିଓ ଅଫିସ୍, ଏଏସ୍ଆଇ ଦେବେନ୍ଦ୍ର ନାଥ ସିଂଙ୍କୁ ସଦର ଏସ୍ଡିପିଓ ଅଫିସ୍, ଏଏସ୍ଆଇ ଲକ୍ଷ୍ମୀକାନ୍ତ ପଟ୍ଟନାୟକଙ୍କୁ ବାଙ୍ଗିରିପୋଷି ଥାନା, ଏଏସ୍ଆଇ ଭୀମସେନ ମଲ୍ଲିକଙ୍କୁ ବଡସାହି ଥାନା ଓ ଏଏସ୍ଆଇ ରଣଜିତ କୁମାର ନାୟକଙ୍କୁ ବୈଶିଙ୍ଗା ଥାନା, ଏଏସ୍ଆଇ ଦିଲ୍ଲୀପ କୁମାର ପାତ୍ରଙ୍କୁ ଚିତ୍ରଡ଼ା ଓପି, ଏଏସ୍ଆଇ ଆଶେଷ କୁମାର ଦାସଙ୍କୁ କୁଳିଅଣା ଥାନା, ଏଏସ୍ଆଇ ମଞ୍ଜୁଲତା ବେହେରାଙ୍କୁ ବେତନଟୀ ଥାନା, ଏଏସ୍ଆଇ ପ୍ରମୋଦ କୁମାର କାମିଲାଙ୍କୁ କୁଳିଅଣା ଥାନା, ଏଏସ୍ଆଇ ଗୋପାଳ ମାଝୀଙ୍କୁ ବାରିପଦା ସଦର ଥାନା, ଏଏସ୍ଆଇ ପ୍ରଦୀପ କୁମାର ଦେଙ୍କୁ ରାସଗୋବିନ୍ଦପୁର ଥାନା, ଏଏସ୍ଆଇ ନିଶିକାନ୍ତ ସାମଲଙ୍କୁ ରାସଗୋବିନ୍ଦପୁର ଥାନା, ଏଏସ୍ଆଇ ଗୌରୀଶଙ୍କର ଜେନାଙ୍କୁ ଅମର୍ଦ୍ଦା ବିଏଚ୍ ଏବଂ ଏଏସ୍ଆଇ ଲକ୍ଷ୍ମଣ କୁମାର ହାଁସଦାଙ୍କୁ ବାରିପଦା ଟାଉନ ଥାନାକୁ ବଦଳି କରାଯାଇଥିବା ଜଣାଯାଇଛି।

# ସାହସୀ ମହିଳା ମୁନି ସିଂଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର ,(ସବ୍ୟୁ): ନୀଳଗିରି ତିନିକୋଶିଆ ଜଙ୍ଗଲ ରାସ୍ତାରେ ଡକାୟତଙ୍କ ବନ୍ଧୁକ ଆଗରେ ନଡରି, ନିଜ ଜୀବନକୁ ବାଜି ଲଗାଇ ଛତା ସାହାଯ୍ୟରେ ବନ୍ଧୁକ ଭାଙ୍ଗି ଅସାଧାରଣ ସାହସିକତାର ପରିଚୟ ଦେଇଥିଲେ ନୀଳଗିରି ଗରଡ଼ିହୀ ପଞ୍ଚାୟତର ଶ୍ରୀମତୀ ମୁନି ସିଂ। ତାଙ୍କର ଏହି ଅତୁଳନୀୟ ବୀରତାକୁ ସମ୍ମାନ ଜଣାଇ ବାଲେଶ୍ୱର ଜିଲ୍ଲା ବିଜୁ ଜନତା ଦଳର ମହିଳା ସଭାପତି ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ, ମହିଳା କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ମୀନା ମହାନ୍ତି ଏବଂ ବରିଷ୍ଠ ନେତୃବୃନ୍ଦଙ୍କ ତରଫରୁ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମୁନି ସିଂଙ୍କର ଏହି ନିର୍ଭୀକ ସାହସ, ଧୈର୍ଯ୍ୟ ଓ ଦୃଢ଼ତା ଆଜି ସମଗ୍ର ମହିଳା ସମାଜ ପାଇଁ ଏକ ବଡ଼ ପ୍ରେରଣା ପାଲଟିଛି। ଉପସ୍ଥିତ ନେତୃବୃନ୍ଦ ତାଙ୍କର ଏହି ପ୍ରଶଂସନୀୟ ସାହସିକତାକୁ ଭୂୟସୀ ପ୍ରଶଂସା କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



## ଏମ୍‌ଏସ୍‌ପି ପ୍ଲାଣ୍ଟରେ କାର୍ଯ୍ୟରତ ମହିଳା ଶ୍ରମିକଙ୍କ ମୃତ୍ୟୁ

# କ୍ଷତିପୂରଣ ସହ ଝିଅକୁ ଚାକିରି ଦାବି

କେନ୍ଦୁଝର,(ସବ୍ୟୁ): କେନ୍ଦୁଝର ଜିଲ୍ଲାର ଏମଏସପି ପ୍ଲାଣ୍ଟରେ ଦୀର୍ଘ ୧୪ ବର୍ଷ ଧରି ଶ୍ରମିକ ଭାବେ କାର୍ଯ୍ୟରତ ସ୍ୱର୍ଗତ ପାକନ ଜେନାଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ପରେ ତାଙ୍କ ପରିବାରକୁ ଆଇନ ଅନୁଯାୟୀ ମିଳିବାକୁ ଥିବା ବୀମା ଓ କ୍ଷତିପୂରଣ ପ୍ରଦାନ ସହ ତାଙ୍କ ଝିଅଙ୍କୁ ଯୋଗ୍ୟତା ଅନୁଯାୟୀ ଚାକିରି ପ୍ରଦାନ ଦାବି ହୋଇଛି। ବାଲିସୁଆଁ ଗ୍ରାମର ପାକନ ଜେନା ଗତ ପ୍ରାୟ ୧୪ ବର୍ଷ ଧରି ଏମଏସପି ପ୍ଲାଣ୍ଟରେ କାମ କରୁଥିଲେ। ଗତ ୧୯ ଜାନୁଆରୀରେ ସାପ୍ତାହିକ ଛୁଟି ସାରି ଡ୍ୟୁଟିକୁ ଯାଉଥିବା ସମୟରେ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ପରେ ତାଙ୍କୁ କଟକ ନିଆଯାଇ ଚିକିତ୍ସା କରାଯାଇଥିଲା। ତେବେ ୨୬ ଜାନୁଆରୀରେ ଚିକିତ୍ସାଧୀନ ଅବସ୍ଥାରେ ପାକନ ଜେନାଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ଝିଅ ପୂଜାରାଣୀ ଜେନାଙ୍କ କହିବା ଅନୁଯାୟୀ, ଘଟଣା ସମ୍ପର୍କରେ ସେ ସମ୍ପୃକ୍ତ ଠିକାଦାର ଇକ୍ବଗ ଓ ସୁପରଭାଇଜର ତରଣୀ ସେନ ମହାନ୍ତଙ୍କୁ ଫୋନ ଯୋଗେ ଜଣାଇଥିଲେ। କିନ୍ତୁ ତାଙ୍କ ମାଆଙ୍କ ଚିକିତ୍ସା ସମୟରେ କ୍ୱଗ୍କ କମ୍ପାନୀ କିମ୍ବା ଠିକାଦାର ପକ୍ଷରୁ ଆବଶ୍ୟକ ସହଯୋଗ ମିଳିନଥିବା ସେ ଅଭିଯୋଗ କରିଛନ୍ତି। ପୂଜାରାଣୀ ବର୍ତ୍ତମାନ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ୧୮ ବର୍ଷୀୟା ଛାତ୍ରୀ। ମାଆଙ୍କ ମୃତ୍ୟୁ ପରେ ପରିବାର ଆର୍ଥିକ ଭାବେ ଅସହାୟ ହୋଇପଡ଼ିଥିବା ସେ କହିଛନ୍ତି। ମାଆଙ୍କ ଚାକିରି ଓ ଆଇନଗତ ସୁବିଧା ସମ୍ପର୍କିତ ତଥ୍ୟ ପାଇଁ ଯାଇଥିବା ବେଳେ ତାଙ୍କୁ ଅନେକ ଦିନ ଧରି ପ୍ଲାଣ୍ଟ ଭିତରକୁ ପ୍ରବେଶ କରିବାକୁ ଦିଆଯାଇନଥିଲା । ପରେ ପୋଲିସର ସହାୟତା ନେବା ପରେ ତାଙ୍କୁ ପ୍ଲାଣ୍ଟ ଭିତରକୁ ପ୍ରବେଶ ଅନୁମତି ମିଳିଥିବା ସେ କହିଛନ୍ତି। ଏହି ଘଟଣାରେ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ପାକନ ଜେନାଙ୍କ ଚାକିରି ସମ୍ପର୍କିତ ସମସ୍ତ ବୀମା ଓ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ସୁବିଧାର ଯାଞ୍ଚ କରିବାକୁ ଦାବି ହୋଇଛି। ଏଥିସହ ଡ୍ୟୁଟିକୁ ଯିବା ସମୟରେ ଘଟିଥିବା ଦୁର୍ଘଟଣାର ଆଇନଗତ ସ୍ଥିତି ଯାଞ୍ଚ କରି ପରିବାରକୁ ଯଦି କୌଣସି ଆଇନଗତ କ୍ଷତିପୂରଣ କିମ୍ବା ଅନ୍ୟାନ୍ୟ ଲାଭ ପ୍ରାପ୍ୟ ଥାଏ, ତାହା ତୁରନ୍ତ ପ୍ରଦାନ କରିବାକୁ ଦାବି କରାଯାଇଛି।ଅନ୍ୟପକ୍ଷରେ, ପୂଜାରାଣୀଙ୍କ ପାଠପଢ଼ା ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ତାଙ୍କ ଯୋଗ୍ୟତା ଅନୁଯାୟୀ କମ୍ପାନୀ କିମ୍ବା ସମ୍ପୃକ୍ତ ସଂସ୍ଥାରେ ଚାକିରିର ବ୍ୟବସ୍ଥା କରିବାକୁ ମଧ୍ୟ ଦାବି ହୋଇଛି। ୧୪ ବର୍ଷ ଧରି ଜଣେ ମହିଳା ଶ୍ରମିକ ଯେଉଁ ସଂସ୍ଥା ପାଇଁ ଶ୍ରମ ଦେଇଛନ୍ତି, ତାଙ୍କ ମୃତ୍ୟୁ ପରେ ତାଙ୍କ ଝିଅକୁ ନିଜ ଅଧିକାର ପାଇଁ ଅଫିସ ଅଫିସ ଦୌଡ଼ିବାକୁ ପଡ଼ିବା ଦୁଃଖଦ। ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ପୂଜାରାଣୀଙ୍କୁ ନ୍ୟାୟ ଦେବା ସହ ତାଙ୍କ ପାଠପଢ଼ା ଓ ଭବିଷ୍ୟତ ସୁରକ୍ଷିତ କରୁ, ବୋଲି ଦାବି କରାଯାଇଛି।ଏହି ମାମଲାରେ ଜିଲ୍ଲାପାଳ, ଜିଲ୍ଲା ଶ୍ରମ ଅଧିକାରୀ, ପ୍ଲାଣ୍ଟ ମ୍ୟାନେଜମେଣ୍ଟ ଓ ସମ୍ପୃକ୍ତ ଠିକାଦାର ତୁରନ୍ତ ହସ୍ତକ୍ଷେପ କରି ପରିବାରକୁ ନ୍ୟାୟ ଦେବାକୁ ଦାବି ହୋଇଛି।



# ଭୋଟର ତାଲିକାରୁ ନାମ କାଟିବାକୁ ନେଇ ଏନଏସି ଘେରାଉ

ଧାମନଗର,(ସବ୍ୟୁ): ଧାମନଗର ଏନଏସି ଅଂଚଳରେ ଭୋଟର ତାଲିକାରୁ ପ୍ରାୟ ୩୧୦୦ନାମ ବାଦ ଦେବାକୁ ଫର୍ମ ୭ର ଦୁରୁପଯୋଗ ଓ ଜାଲିଆତି ହୋଇଥିବା ନେଇ ଧାମନଗର ଥାନାରେ ଅଭିଯୋଗ ହୋଇଥିବାବେଳେ ମଙ୍ଗଳବାର ପୂର୍ବାହ୍ନରେ ଶତାଧିକ ମହିଳାଙ୍କୁ ସମେତ ଶହ ଶହ ଲୋକେ ଧାମନଗର ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଧାମନଗର ଏନଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ବିଏଲଓ ମାନଙ୍କ ଠାରୁ ଓଟିପି ନେଇ କେଉଁ ଅସାମାଜିକ ବ୍ୟକ୍ତିଙ୍କ ପ୍ରରୋଚନାରେ ଭୋଟର ତାଲିକାରୁ ନାମ କାଟିବା ପାଇଁ ଷଡଯନ୍ତ୍ର କରିଥିବାବେଳେ ଜାଲ ତଥ୍ୟ ପ୍ରସ୍ତୁତ କରି ବିଏଲଓଙ୍କ ନିକଟରେ ଅନଲାଇନ ଫର୍ମ ୭ରେ ମିଥ୍ୟା ଅଭିଯୋଗ ଦାଖଲ କରିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଧାମନଗର ନଗର ବିଜେଡି ସଭାପତି ବିଜୟ କେତନ ସାହୁଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ଏନଏସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିବାବେଳେ ସେଠାରେ ପ୍ରତିବାଦ ସଭା ଓ ଧାରଣା ଦୀର୍ଘ ତିନି ଘଣ୍ଟାରୁ ଉର୍ଦ୍ଧ୍ୱ ଚାଲିଥିଲା। ଏନଏସି କାର୍ଯ୍ୟାଳୟ ଫାଟକକୁ ବନ୍ଦ କରି ବିକ୍ଷୋଭକାରୀମାନେ ବସିଥିଲେ। ଜିଲ୍ଲାପାଳ ଆସି ଆମ ଅଭିଯୋଗ ନଶୁଣିଲେ ଆମେ ଧାରଣାରୁ ଉଠିବୁ ନାହିଁ ବୋଲି ଆନ୍ଦୋଳନକାରୀମାନେ ଜିଦ ଧରିଥିଲେ। ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ କରି ଅନଲାଇନ ଫର୍ମ ୭କୁ ବାତିଲ କରିବା ସହ ଏନଏସି ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକଙ୍କୁ ନିଲମ୍ବନ କରିବାକୁ ବିକ୍ଷୋଭକାରୀମାନେ ଦାବି କରିଥିଲେ। ଧାମନଗର ଅତିରିକ୍ତ ତହସିଲଦାର ସାଇ ସିଲୋନା,ପଲ୍ଲୀଭାରତ ମହାଜିକ,ଏସଡିପିଓ ବିଷ୍ଣୁ ଚରଣ ବାରିକ,ଆଇଆଇସି ଶୁକ୍ଳଜିତ ଦାଶ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିଥିଲେ। ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଅତିରିକ୍ତ ତହସିଲଦାର ଗ୍ରହଣ କରିବା ପରେ ଧାରଣାରୁ ଲୋକେ ଉଠିଥିଲେ। ଏହି ଧାରଣାରେ ଏନଏସି ଅଧ୍ୟକ୍ଷା ନିବେଦିତା ଜେନା,ଉପାଧ୍ୟକ୍ଷ ଓସିମ ଏସଦାନି କାଦରୀ,ପଂଚାୟତ ସମିତି ପ୍ରାକ୍ତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ,ବିଜେଡି ନେତା ଡାଃ.ସଞ୍ଜୟ କୁମାର ଦାସ,ସୁଶାନ୍ତ ରାଉତ,ଏମଡି ଫକିରୁଦ୍ଦିନ ପ୍ରମୁଖ ବହୁ ଦଳୀୟ କର୍ମୀ ଓ ଅଭିଯୋଗକାରୀ ଯୋଗଦେଇଥିଲେ।

## ଟ୍ରକ୍ ସହିତ ବାଇକ ଧକ୍କା : ଜଣେ ମୃତ

ଢେଙ୍କିକୋଟ, (ସବ୍ୟୁ) : କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ୨୦ ନମ୍ବର ଜାତୀୟ ରାଜପଥ ବାଲିଯୋ ସ୍କୁଲ ନିକଟରେ ଗୁରୁବାର ଅପରାହ୍ନରେ ଘଟିଯାଇଛି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା । ଗୋଟିଏ ୧୬ ଚକିଆ ଟ୍ରକ ସହିତ ବାଇକ ସାମ୍ନାସାମ୍ନି ଧକ୍କା ହୋଇଥିଲା । ଫଳରେ ବାଇକ ଆରୋହୀ ବାଲେଶ୍ୱର ଜିଲ୍ଲା ରାଜ ବରଢ଼ମପୁର ର ସରୋଜ କୁମାର ସାହୁ ( ୩୫) ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଖବରପାଇ ଘଟଗାଁ ଥାନା ଏଏସଆଇ ଉପେନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ରଖିଛନ୍ତି । ତାଙ୍କ ପରିବାର ଲୋକେକୁ ଖବର ଦିଆଯାଇଛି ଆସନ୍ତାକାଲି ଶୁକ୍ରବାର ପୋଷ୍ଟମଟମ କରାଯିବ । ଉଭୟ ଟ୍ରକ ଓ ବାଇକ୍‌କୁ ପୋଲିସ ଜବତକରିଛି ।

## ସରକାରୀ ପାଣ୍ଠି ହେରଫେର : ପୂର୍ବତନ ପିଇଓ, ସରପଞ୍ଚ ଗିରଫ

ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ପଞ୍ଚୁପଡ଼ା ଗ୍ର.ପ.ର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ସଂଜୟ କୁମାର ପଣ୍ଡିତ ଓ ପୂର୍ବତନ ସରପଞ୍ଚ ଗଣେଶ ଚନ୍ଦ୍ର ଦାସ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ୯ଲକ୍ଷ ୫୯ ହଜାର ୮ଶହ ୭୫ ଟଙ୍କା ସରକାରୀ ଅର୍ଥକୁ ଏହି ଦୁଇ ଅଧିକାରୀ ହେରଫେର କରିଥିବା ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା । ଘଟଣା ସମ୍ପର୍କରେ ଭିଜିଲାନ୍ସ ପକ୍ଷରୁ ତଦନ୍ତ କରାଯାଇ ବାଲେଶ୍ୱର ଭିଜିଲାନ୍ସ ଥାନାରେ କେଶ ନମ୍ବର ୨୦/୨୬ ମୂଳେ ଦୁର୍ନୀତି ନିବାରଣ ଆଇନର ୧୩(୨) , ୧୩(୧) (କ) ଏବଂ ଭାରତୀୟ ଦଣ୍ଡବିଧି ଆଇନର ୨୦୧୮/୪୦୯ /୪୬୭ (ଏ) , ୧୨୦ (ବି) ଧାରାରେ ମାମଲା ରୁଜୁ ପରେ ଉଭୟ ଅଧିକାରୀଙ୍କୁ ଗିରଫ କରାଯାଇ ବାଲେଶ୍ୱର ସ୍ୱତନ୍ତ୍ର ଜଜ ଭିଜିଲାନ୍ସଙ୍କ କୋର୍ଟକୁ ପଠାଯାଇଛି ।



## ପୌରପାଳିକାର ସ୍ୱାୟତ୍ତ ଶାସନ ଦିବସ ଉଦ୍‌ଯାପିତ

ବାଲେଶ୍ୱର,(ସବ୍ୟୁ): ପୌରପାଳିକାର ୧୫୦ ତମ ସ୍ୱାୟତ୍ତ ଶାସନ ଦିବସ ପାଳନ ଉତ୍ସବ ୨୦୨୬ ଗୁରବାର ସନ୍ଧ୍ୟା ୮ଟାରେ ଉଦ ଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମ ଲୋଚନ ପଣ୍ଡାଉଯୋଗ ଦେଇଥିଲେ । ବାଲେଶ୍ୱର ପୌରପାଳିକା ଶ୍ରୀମତୀ ସବିତା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ତାଙ୍କ ସହିତ ସଭାପତି, ଜିଲ୍ଲା ପରିଷଦ, ବାଲେଶ୍ୱର ନାରାୟଣ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା ସିରିଆଲ ପଟେଲ, ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଚିତ୍ତରଞ୍ଜନ ପଣ୍ଡା, ମାନ୍ୟବର ସଦର ବିଧାୟକଙ୍କ ପ୍ରତିନିଧି ଉପେନ୍ଦ୍ର ଶତପଥୀ ଏବଂ ବାଲେଶ୍ୱର ସହରର କାଉନସିଲର ମାନେ ମଞ୍ଚାସିନ ଥିଲେ। ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ନାଗରିକଙ୍କ ନିକଟରେ ପ୍ରଶାସନ ଓ ମୌଳିକ ସେବା ପହଞ୍ଚାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ନଗରାଞ୍ଚଳର ସୁପରିଚାଳନା, ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ରାସ୍ତାଘାଟ ଓ ଆଲୋକୀକରଣ, ନାଗରିକ ସୁବିଧା ଏବଂ ନଗରର ସାମଗ୍ରିକ ବିକାଶରେ ପୌରପାଳିକାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

## ବର୍ଦ୍ଧନା ସେବା ସମବାୟ ସମିତିରେ ନକଲି ସାର ବିକ୍ରି ଘଟଣା

# ଖାତାପତ୍ର ହସ୍ତାନ୍ତର କଲେ ସହକାରୀ ନିବନ୍ଧକ

ଖଇରା, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ବର୍ଦ୍ଧନା ସେବା ସମବାୟ ସମିତିରେ ନକଲି ସାରବିକ୍ରୀ ଅଭିଯୋଗ ଘଟଣା ଗୁରୁତ୍ୱହୀନ ହୋଇ ପଡିଛି । ସୋମବାର ଜବତ ହେଇଥିବା ଖାତାପତ୍ର କୁ ମଙ୍ଗଳବାର ସହକାରୀ ନିବନ୍ଧକ ଏକାଦଶୀ ଦାସ ଓ ଯାଞ୍ଚ କମିଟିର ଖାତାପତ୍ର ଯାଞ୍ଚ ପରେ କମିଟି ଖାତାପତ୍ର ଫେରାଇ ଦେଇଥିବା ବେଳେ ସିଲ ହୋଇଥିବା ସାର ଗୋଦାମକୁ ମଧ୍ୟ ଖୋଲି ଦେଇଛନ୍ତି । ଏ ସମ୍ପର୍କରେ ସହକାରୀ ନିବନ୍ଧକ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସମ୍ପାଦକ ନିର୍ଦ୍ଧାରିତ ଦର ଠାରୁ ଯେତିକି ବି ଅଧିକ ନେଉଛନ୍ତି ଲୋଡିଂ ଅନଲୋଡିଂ ତଥା ପରିବହନ ଖର୍ଚ୍ଚ ପାଇଁ ତାହା ନିଆଯାଉଛି । ନକଲି ସାର ସମ୍ପର୍କରେ ଚାଷୀମାନେ ଯାହା ଅଭିଯୋଗ କରୁଛନ୍ତି ତାହା ପରୀକ୍ଷା ପାଇଁ ଭୁବନେଶ୍ୱର ପରୀକ୍ଷାଗାରକୁ ପଠାଯାଇଛି । ରିପୋର୍ଟ ଆସିବା ପରେ ଯାହା କିଛି ପଦକ୍ଷେପ ନିଆଯିବ । ବର୍ତ୍ତମାନ ଚାଷ କାର୍ଯ୍ୟ ଚାଲିଥିବାରୁ ସାର ଓ ରଣ ପାଇଁ ସାର ଗୋଦାମ ସିଲ ଖୋଲାଯିବା ସହ ଖାତାପତ୍ର ଫେରାଇ ଦିଆଯାଇଥିବା କହିଛନ୍ତି । ସହକାରୀ ନିବନ୍ଧକଙ୍କ ବ୍ୟତିତ ତହସିଲଦାର ଅନୁପ କୁମାର ବେହେରା,ବିଡିଓ ନାରାୟଣ ସାହୁ,ବ୍ଲକ କୃଷି ଅଧିକାରିଣୀ ଶିବାନୀ ମିଶ୍ର,ପରିଚାଳନା ବୋର୍ଡ ସଭାପତି ନିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାପାଳଙ୍କ ଆଗରପଡ଼ା ଗସ୍ତ

ଆଗରପଡା,(ସବ୍ୟୁ): ଭଦ୍ରକ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ବନ୍ତ ବ୍ଲକ୍ ଅଧୀନ କାଦବରାଙ୍ଗ, ବଡ଼ବର୍ଚ୍ଛିକୟାଁ, ପୁରୁଷଣ୍ଡ ଓ ଗୋପୀନାଥପୁର ଆଦି ପଂଚାୟତକୁ ଯାଇ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ମହିଳା ଉଦ୍ୟୋଗୀଙ୍କ କାର୍ଯ୍ୟ ତଦାରଖ କରି ସ୍ୱାବଲମ୍ବୀ ହେବା ପାଇଁ କହିଥିଲେ। କାଦବରାଙ୍ଗ ଗ୍ରାମାଂଚଳ ଶିଳ୍ପ ଉଦ୍ୟାନ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ଶେଉଳଗଡ଼ିଆ କୃଷି ଫାର୍ମ, ପଂଚାୟତ ଗୃହ, ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କାଣ୍ଡବା ସ୍କୁଲ,ସାହୁପଡ଼ା ଅଙ୍ଗନୱାଡ଼ି କେନ୍ଦ୍ର, ବିଦ୍ୟାଳୟ, ଗୋପୀନାଥପୁର ମହିଳା ଫେଡେରେସନ, ନୂତନ ଗୋପିନାଥପୁର-ହରିପୁର ସେତୁ, ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରିତ କୁକୁଡ଼ା ଫାର୍ମ ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଡିଓ ସୀତାକାନ୍ତ ରାଉତ, ସହକାରୀ ଯନ୍ତ୍ରୀ ଶ୍ରଦ୍ଧାସୁମନ ନାଥ, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଗଣେଶ ହେମ୍ବ୍ରମ, ଏସଡିଓ ସୁରଥ ବେହେରା, ସିଡ଼ିପିଓ ଅଲାଡ଼ି ମାରାଣ୍ଡି,ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଯୋଗମାୟା ସିଂହ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜଣ୍ଡିସ ଆତଙ୍କ : ୬ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

ନୀଳଗିରି,(ସବ୍ୟୁ): ନୀଳଗିରି ବ୍ଲକ ଅଞ୍ଚଳରେ ଦିନକୁ ଦିନ ଜଣ୍ଡିସ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏହି ରୋଗ ପାଣି ପାଇଁ ବ୍ୟାପୁଥିବା ଅଭିଯୋଗ କରୁଛନ୍ତି ଗ୍ରାମବାସୀ। ଜଣ୍ଡିସ ରୋଗରେ ୬ରୁ ଉର୍ଦ୍ଧ ଲୋକ ଆକ୍ରାନ୍ତ ହୋଇଥିବାର ସୂଚନା ମିଳିଛି। ସୂଚନା ମୁତାବକ ନୀଳଗିରି ବ୍ଲକ ଗରିଡିହୀ ପଞ୍ଚାୟତ ଗରିଡିହୀ ଗ୍ରାମରେ ୧ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ପାଣି ପାଇଁ ସେମାନେ ନିକଟ ବସୁଧା ଟାଙ୍କି ଓ ନଳକୂପ ଉପରେ ଭରଷା କରିଥାଆନ୍ତି।ହେଲେ ଅନେକ ସ୍ଥାନରେ ବସୁଧା ପାଇପ ଫାଟି ଥିବା ବେଳେ ବର୍ଷାର ଗୋଳିଆ ପାଣି ପାଇପ ଦେଇ ଭିତରେ ପ୍ରବେଶ କରୁଥିବାର ଗ୍ରାମବାସିଙ୍କ ଅଭିଯୋଗ କରିଛନ୍ତି। ସେହି ପାଣି ପିଇବା ଫଳରେ ପ୍ରଥମେ ଲୋକମାନେ ଜ୍ୱରରେ ପୀଡିତ ହେଉଛନ୍ତି ପରେ ଜଣ୍ଡିସରେ ଆକ୍ରାନ୍ତ ହେଉଛନ୍ତି। ଗାଁର ରଞ୍ଜିତ କୁମାର ପସା, ଜଗତଜୀବନ ଖିଲାର, ପ୍ରମୋଦ କୁମାର ଖିଲାର, ରଶ୍ମିରଞ୍ଜନ ଖିଲାର, ସୁବି ପରିଡା ୬ ଜଣ ଏଯାବତ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏନେଇ ଗାଁରେ ଭୟର ବାତାବରଣ ଖେଳି ଯାଇଛି। ଖବର ପାଇ ଗୁରୁବାର ଦିନ ନୀଳଗିରି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଟିମ୍ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅନ୍ୟପକ୍ଷେ ଦୂଷିତ ପାଣି ଯୋଗୁ ଗାଁରେ ଜଣ୍ଡିସ ରୋଗ ବ୍ୟାପୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

## କବର ଗ୍ରାମରୁ ଚୋରି

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ କବର ଗ୍ରାମର ଫକୀର ମୋହନ ଦାସଙ୍କ ଘରୁ ଚୋରି ହୋଇ ଯାଇଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି । ଖଇରା ପୋଲିସ ଘଟଣାସ୍ଥଳକୁ ଯାଇଥିଲେ ହେଁ ଚୋରୀ ସମ୍ପର୍କରେ କିଛି ସୁରାକ ମିଳିନାହିଁ । ଫକୀର ନିଜ ପରିବାର ସହ ଗତ ୧ତାରିଖରୁ ୨ଦିନ ପାଇଁ ପୁରୀ ଜଗନ୍ନାଥ ଦର୍ଶନ କରିବାକୁ ଯାଇଥିଲେ । ୩ତାରିଖ ସକାଳେ ଘରକୁ ଫେରି ଦେଖନ୍ତିତ କବାଟ ଓ ଗଡରେଜ ଭାଙ୍ଗି ନଗଦ ୨ଲକ୍ଷ ୯୦ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ଅଳଙ୍କାର ଦୁର୍ବୃତ୍ତ ନେଇ ପଳାଇଛନ୍ତି । ଖଇରା ଅଞ୍ଚଳରେ ବାରମ୍ବାର ଏଭଳି ଘଟଣା ଘଟି ଚାଲିବା ଏବଂ ଅପରାଧୀ ଧରା ପଡିବା ସାଧାରଣ ଲୋକଙ୍କ ମନରେ କୋକୁଆଭୟ ସୃଷ୍ଟି କରିଛି ।

## ମଦସହ ସ୍କୁଟି ଜବତ, ୩ ଗିରଫ

ଖଇରା ,(ସବ୍ୟୁ) :ବାଲେଶ୍ୱର ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଙ୍କ ନେତୃତ୍ୱରେ ଗଠିତ ଟିମ ଖଇରା ଥାନା ଅନ୍ତର୍ଗତ ଗୁଆପାଳ,ଅମାରଗଡିଆ,ଝିଙ୍କିରିଆ ଓ କେନ୍ଦୁଭଦଳୀ ଗ୍ରାମରେ ଚଢାଉ କରି ୯୫ଲିଟର ଦେଶୀ ମଦ ସହ ଏକ ସ୍କୁଟି ଜବତ କରିଛନ୍ତି । ମଦ ବିକ୍ରୀରେ ସଂପୃକ୍ତ ବସନ୍ତ ବିଶ୍ୱାଳ,ରାଜେନ୍ଦ୍ର ଚୌଧୁରୀ ଓ ସାବିତ୍ରୀ ମାଝୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଉକ୍ତ ଚଢାଉରେ ଉପନିରୀକ୍ଷିକା ଦିପିକା ପରିଡା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରମୁଖ ସାମିଲ ଥିଲେ ।

## ଶବ ସତ୍କାର କରି ଫେରୁଥିଲା ବେଳେ ବନ୍ୟାରେ ଭାସିଯାଇ ମୃତ୍ୟୁ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଏବଂ ବାଲେଶର ଜିଲ୍ଲା ସୀମା ନିକଟବର୍ତ୍ତୀ ୧୮ ନଂ ଜାତୀୟ ରାଜପଥ ଉପରେ ଥିବା ବାଙ୍କତୀରା ପୋଲ ନିକଟରେ ବନ୍ୟା ପାଣିରେ ଭାସିଯାଇ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି ମୟୂରଭଞ୍ଜ ଜିଲ୍ଲା ସୀମାବର୍ତ୍ତୀ ବାଲେଶର ସଦର ଥାନା ଅଧୀନ ଆମ୍ବୁଲକୁଡା ଗ୍ରାମର ଉମେଶ ଚନ୍ଦ୍ର ପଣ୍ଡା (୬୩) ନିଜର ସମ୍ପର୍କୀୟଙ୍କ ଶବ ସତ୍କାର ପାଇଁ ପୁରୀ ସର୍ଗଦାର ଯାଇଥିଲେ । ବୁଧବାର ରାତିରେ ପୁରୀରୁ ଫେରି ବୈଶିଙ୍ଗା ଥାନା ଅଧୀନ କଳମା ଛକ ନିକଟସ୍ଥ ବସଷ୍ଟପରେ ଓହ୍ଲାଇ କଳମା- ବାଙ୍କତୀରା ରାସ୍ତା ଦେଇ ନିଜର ସାଇକେଲ ଯୋଗେ ଘରକୁ ଫେରୁଥିଲେ । ସେହି ସମୟ ବେଳକୁ ବାଙ୍କତୀରା ପୋଲ ଦେଇ ବୁଢାବଳଙ୍ଗର ବନ୍ୟା ଜଳ ର ସ୍ତର ବୃଦ୍ଧି ପାଇଯାଇଥିଲା । ଫଳରେ ଉମେଶ ସେହି ବନ୍ୟା ଜଳ ପ୍ରବାହ ସ୍ରୋତରେ ଭାସି ଯାଇଥିଲେ । ଗୁରୁବାର ନଦୀ ପାର୍ଶ୍ୱରୁ ବନ୍ୟା ଜଳ କମିବା ପରେ ଉମେଶଙ୍କ ମୃତ ଶରୀର ନଦୀ ପଠା ପାର୍ଶ୍ୱରେ ପଡ଼ି ରହିଥିଲା । ସ୍ଥାନୀୟ ଲୋକେ ଶବ ଦେଖି ପୁଲିସକୁ ଖବର ଦେବା ସହ ପରିବାର ବର୍ଗଙ୍କୁ ଜଣାଇଥିଲେ । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଥିଲା । ଉମେଶଙ୍କ ମୃତ୍ୟୁ ଖବର ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ପୁରସ୍କୃତ ହେଲା ଆନନ୍ଦପୁର ପୌରପାଳିକା



ଆନନ୍ଦପୁର ,(ସବ୍ୟୁ): ଆନନ୍ଦପୁର ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଆନନ୍ଦପୁର ପୌରପାଳିକା ପୁରସ୍କୃତ ହୋଇଛି । ଟାକ୍ସ ସଂଗ୍ରହରେ ପୌରପାଳିକାର ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ ହୋଇଛି । ଭୁବନେଶ୍ୱରସ୍ଥିତ କୃଷି ଶିକ୍ଷା ସଦନ ଅଡିଟୋରିୟମ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରୁ ଆନନ୍ଦପୁର ପୌରପାଳିକା ଅଧ୍ୟକ୍ଷା ରଜନୀ ରାଣୀ ଖଟୁଆ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ବଳ ପୁରସ୍କାର ଗ୍ରହଣ କରିଛନ୍ତି ।ଆନନ୍ଦପୁର ପୌରପାଳିକାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ନିମନ୍ତେ ୫୦ ଲକ୍ଷ ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯାଇ ।

## କୁଲଡ଼ିହା ଅଭୟାରଣ୍ୟରୁ ଶିକାରୀ ଗିରଫ

ନୀଳଗିରି, (ସବ୍ୟୁ): କୁଲଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ଲଗାଯାଇଥିବା ଟ୍ରାପ୍ କ୍ୟାମେରାର ନିୟମିତ ଯାଞ୍ଚ ସମୟରେ ଅଭିଯୁକ୍ତଙ୍କ ଫଟୋ କ୍ୟାମେରାରେ ରେକର୍ଡ ହୋଇଥିବା ବେଳେ ଅଭିଯୁକ୍ତମାନଙ୍କ ଫଟୋ କ୍ୟାମେରାରେ କଏଦ ହୋଇଥିଲା। ସେହି ଫଟୋ ଆଧାରେ ବୁଧବାର କୁଲଡିହା ବନ୍ୟପ୍ରାଣୀ ରେଞ୍ଜର ସହ ବନ କର୍ମଚାରୀମାନେ କପ୍ତିପଦା ରେଞ୍ଜ କର୍ମଚାରୀଙ୍କ ସହାୟତାରେ ସେମାନଙ୍କ ଘର ଖାନତଲାସ କରି ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ଥାନା ଅଧିନସ୍ଥ ବସୁଧରା ଗ୍ରାମର ସୋରେନ୍ ମାର୍ଣ୍ଡି (୫୭) ଓ ଲୁଗୁ କିସ୍କୁ (୩୪)କୁ ବନ ବିଭାଗ ଗିରଫ କରିବା ସହ ସେମାନଙ୍କ ଠାରୁ ଗୋଟାଏ ଦେଶୀ ବନ୍ଧୁକ, ଦଶ ବିଡା ଫାଶ, ଗୋଟାଏ ଧନୁ, ତୀର ତିନୋଟି ଜବତ କରିଛନ୍ତି। ଅଭୟାରଣ୍ୟ ଭିତରକୁ ବେଆଇନ୍ ଭାବେ ପ୍ରବେଶ କରିବା ଓ ଶିକାର ସରଞ୍ଜାମ ପାଖରେ ରଖିବା ଅପରାଧରେ ବନ୍ୟ ପ୍ରାଣୀ ସୁରକ୍ଷା ଅଧିନିୟମ ୧୯୭୨ଧାରାରେ ଅଭିଯୁକ୍ତ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଏହି ଚଢାଉରେ ଭାରପ୍ରାପ୍ତ କୁଲଡ଼ିହା ରେଞ୍ଜର ସୌମ୍ୟରଞ୍ଜନ ମାଝୀ, ଝରଣାଘାଟି ଫରେଷ୍ଟର ଅଜୟ କୁମାର ଜେନା, ଦେବରାଜ ରାଉତ, ଫରେଷ୍ଟ ଗାର୍ଡ ଜୟଲକ୍ଷ୍ମୀ ପୁହାଣ, ଲିପିକା ପାଣିଗ୍ରାହୀ, ମାଧବ କୁମାର ସିଂହ ପ୍ରମୁଖ ସାମିଲ ଥିଲେ।

## ଦୁର୍ଘଟଣାରେ ମହିଳା ମୃତ

ଭଣ୍ଡାରିପୋଖରୀ, (ସବ୍ୟୁ) :ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ କହରାପୋଖରୀ ହିନ୍ଦୁସ୍ଥାନ ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ସକାଳ ସାଢ଼େ୯ଟାରେ ସଡକ ଦୁର୍ଘଟଣାରେ ଜଣେ ମହିଳା ମୃତ୍ୟୁବରଣ କରିଛି। ଭଦ୍ରକ ଆଡୁ ଦ୍ରୁତ ବେଗରେ ଆସୁଥିବା ଓଡି ୧୧ ଏମ ୦୮୯୮ନଂ ମାରୁତି ସୁଜୁକି କାର ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଧକ୍କା ଦେଇଥିଲା। ଫଳରେ ସଂପୃକ୍ତ ମହିଳା ଘଟଣାସ୍ଥଳରେ ମୃତ୍ୟୁ ହେରାଇଥିଲା ପୁଲିସ ମାମଲା ରୁଜୁ କରିବା ସହଦୁର୍ଘଟଣା ଘଟାଇଥିବା କାର ଓ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିବା ଜଣାଯାଇଛି।

## ଓଲଟିଲା ଡାକମେଡିସିନ ଗାଡି

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ପୂର୍ବାହ୍ନ୧୦ଟାରେ କଲିକତାରୁ ମେଡିସିନ ପରିବହନ କରୁଥିବା ଡବ୍ଲୁବି ୦୯ ଡି ୯୪୬୯ ଡାକ ଗାଡିକୁ ଏକ ଅଜଣା ଗାଡି ପଛରୁ ଧକ୍କା ଦେବା ଫଳରେ ମେଡିସିନ ଗାଡି ଓଲଟି ପଡିଥିଲା। ଧକ୍କା ଦେଇଥିବା ଯାନ ଫେରାର ହୋଇଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିରେ ଥିବା ଚାଳକକୁ ସୁରକ୍ଷିତ ଉଦ୍ଧାର କରିଥିଲା ।

## ବାଲେଶ୍ୱର ପୂର୍ତ୍ତ ବିଭାଗର ଚରମ ହେଳା ହୋଇ ପାରୁନାହିଁ ପୋଲ ନିର୍ମାଣ

ବେତନଟି ,(ସବ୍ୟୁ): ବାଲେଶ୍ୱର ପୂର୍ତ୍ତ ବିଭାଗର ଚରମ ହେଳାରୁ ହୋଇ ପାରୁ ନାହିଁ ବାଙ୍କତୀରା ପୋଲ ନିର୍ମାଣ ।ସୂଚନା ମୁତାବକ ଗଣ୍ଡର୍ଦ୍ଧା , ପଞ୍ଚପୁଟଳୀ ,କଣ୍ଟିପୁର, ତମଛଡ଼ା, ବାଙ୍କତୀରା ଭଳି ଏକାଧିକ ଗ୍ରାମର ଲୋକେ ସେହି ବାଙ୍କତୀରା ପୋଲ ତଳ ଦେଇ ୧୮ ନଂ ଜାତୀୟ ରାଜପଥକୁ ସଂଯୋଗ କରିଥିବା ରାସ୍ତା ଦେଇ ଦୈନନ୍ଦିନ ଯିବା ଆସିବା କରିଥାଆନ୍ତି । ବୁଢାବଳଙ୍ଗ ନଦୀର ଏକ ଅଂଶ ଏହି ପୋଲ ଦେଇ ପ୍ରବାହିତ ହେଉଥିବା ବେଳେ ବନ୍ୟା ଜଳରେ ଏହି ସଂଯୋଗୀକରଣ ରାସ୍ତାଟି ସମ୍ପୂର୍ଣ୍ଣ ବୁଡ଼ିଯାଇଥାଏ । ମାତ୍ର ଏହି ରାସ୍ତା ଉପରେ ଏକ ସୁଉଚ୍ଚ ପୋଲ ପାଇଁ ବିଭିନ୍ନ ସମୟରେ ସ୍ଥାନୀୟ ଜନସାଧାରଣ ସରକାରଙ୍କ ଠାରେ ଦାବି ଜଣାଇଥିଲେ । ୨୦୨୨ ବର୍ଷରେ ଚିଠି ୧୭୧୭୨/୨୨ ଏବଂ ୧୭୧୭୪/୨୨ନଂ ମୂଳେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଗ୍ରାମୀଣ କାର୍ଯ୍ୟ ସାର୍କଲ , ବାଲେଶର ଏଠାରେ ପୋଲ ନିର୍ମାଣ ପାଇଁ ଗ୍ରାମ୍ୟ କାର୍ଯ୍ୟ ବିଭାଗ କୁ ବାରମ୍ବାର କହିଥିଲେ ସୁଦ୍ଧା ଗ୍ରାମ୍ୟ କାର୍ଯ୍ୟ ବିଭାଗର ଅବହେଳା ପାଇଁ ଏହି କାର୍ଯ୍ୟ ଆଗେଇ ପାରିନଥିଲା । ୨୦୨୨ ପରଠାରୁ ବିଭାଗ ର ଅବହେଳା ପାଇଁ ଏହି ଠାରେ ଅନେକ ଜୀବନ ଯାଉଛି । ତେଣୁ ସରକାର ଯଥା ଶୀଘ୍ର ସାମୁହିକ ଜନସ୍ୱାର୍ଥ ପାଇଁ ଏକ ସୁଉଚ୍ଚ ପୋଲ ନିର୍ମାଣ କରିବାକୁ ଦାବି କରୁଛନ୍ତି ।

## ୪୯ ନମ୍ବର ଜାତୀୟ ରାଜପଥ ସିଙ୍ଗଡ଼ା -ମଉଁା ମରଣଯନ୍ତା

# ଓଭରବ୍ରିଜ ନିର୍ମାଣ, ଅଧାପନ୍ତରିଆ ରାସ୍ତା ଦୋହରୀକରଣ

କରଞ୍ଜିଆ ,(ସବ୍ୟୁ): ୪୯ ନମ୍ବର ଜାତୀୟ ରାଜପଥ କଲିକତା ଓ ମୁମ୍ବାଇ ସହର ମଧ୍ୟରେ ଗତିକରୁଥିବାରୁ ଏହା ସଦା ସର୍ବଦା ଚଳଚଞ୍ଚଳ।ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଗାଡ଼ି ଚଳପ୍ରଚଳ କରୁଛି। ଏହା ମଧ୍ୟ ଅନେକ ସ୍ଥାନରେ ସମ୍ପ୍ରସାରଣ ହୋଇଥିବା ବେଳେ ସିଙ୍ଗଡ଼ା ଅଞ୍ଚଳରୁ ମଉଁା ପର୍ଯ୍ୟନ୍ତ ଏଥିରୁ ବାଦ ପଡ଼ିଛି। ସିଙ୍ଗଡ଼ା ଛକ ନିକଟରେ ୪ ଦିଗରେ ୪ ରାସ୍ତା ରହିଛି। ଉତ୍ତରକୁ ଖିଚିଂ,ଦକ୍ଷିଣକୁ କରଞ୍ଜିଆ ବାମକୁ ମୁମ୍ବାଇ ଓ ଡାହାଣକୁ କଲିକତା ଯିବାକୁ ରାସ୍ତା ରହିଛି। ଏହି ଛକ ନିକଟରେ ସାପ୍ତାହିକ ହାଟ, ପ୍ରାଥମିକ ଚିକିତ୍ସାଳୟ, ଉଚ୍ଚ ବିଦ୍ୟାଳୟ,ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ମହାବିଦ୍ୟାଳୟ ଓ ବ୍ୟାଙ୍କ କାର୍ଯ୍ୟାଳୟ ମଧ୍ୟ ରହିଛି। ଏହି ଚାରିଛକି ରାସ୍ତାରେ ସ୍କୁଲ ପିଲାମାନଙ୍କ ଠାରୁ ଆରମ୍ଭ କରି କଲେଜ ପିଲା,ହାଟ, ବ୍ୟାଙ୍କ ଓ ଚିକିତ୍ସାଳୟକୁ ଯିବା ଆସିବା ପାଇଁ ଜନସାଧାରଣ ବ୍ୟବହାର କରିଥାନ୍ତି। ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଖିଚିଂ ଠାରେ ଅବସ୍ଥିତ ମା କିଚକେଶ୍ୱରୀ ମନ୍ଦିର, ଭୀମକୁଣ୍ଡ, ଶିମିଳିପାଳ ପ୍ରଭୃତି ପରିଦର୍ଶନ ସ୍ଥଳୀ ପରିଭ୍ରମଣ କରିବାକୁ ବହୁ ଭକ୍ତ ଓ ପର୍ଯ୍ୟଟକ ମାନେ ମଧ୍ୟ କାହିଁ କେତେ ଦୂର ସେମାନଙ୍କ ଘରୁ ଏହି ରାସ୍ତାରେ ଆସିଥାନ୍ତି। ଏହି ରାସ୍ତାର ସମ୍ପ୍ରସାରଣ ନହେବା ଯୋଗୁଁ ଦୈନିକ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ହେଉଛି। ତେଣୁ ବୁଧବାର ଦିନ କରଞ୍ଜିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ନାୟକ, କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ଏହି ସ୍ଥାନରେ ପହଞ୍ଚି ନିରୀକ୍ଷଣ କରିଥିଲେ ଏବଂ ବଡ଼ ବଡ଼ ଟ୍ରକ ଓ ଟ୍ରଲର ଯିବା ଆସିବା ପାଇଁ କିଛି ସମୟ ବ୍ୟବସ୍ଥା ମଧ୍ୟ କରିଥିଲେ। କିଛି ବର୍ଷ ପୂର୍ବରୁ ଏହି ରାସ୍ତାର ଦୋହରିକରଣ କରୁଥିବା କମ୍ପାନୀ କରୁଥିବା ସିଙ୍ଗଡ଼ା ଠାରୁ ମଉଁା ପର୍ଯ୍ୟନ୍ତ ଦୋହରିକରଣ ନକରି ଛାଡ଼ି ଦେଇଥିଲା। ପରବର୍ତ୍ତୀ ସମୟରେ କେଆରସି କମ୍ପାନୀ ଭୁବନେଶ୍ୱର ଏହାର ଦୋହରିକରଣ କରିବା ପାଇଁ ଟେଣ୍ଡର ନେଇଥିବା ବେଳେ ଏହା ଭିତରେ ଗୋଟିଏ ବର୍ଷ



ବିତିଯାଇଥିଲେ ମଧ୍ୟ କୈଣସି ପ୍ରକାରର ସମସ୍ୟା ସମାଧାନର ଉନ୍ନତି ହେଲା ନାହିଁ। ଏହି ରାସ୍ତାରେ କେତେବେଳେ ଟ୍ରକ ଓଲଟି ପଡ଼ିଲାଣି ତ ଆଉ କେତେବେଳେ ଟ୍ରଲର ଅଧାରେ ଝୁଲୁଥିବା ଦେଖିବାକୁ ମିଳେ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଆଜି କରଞ୍ଜିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ନାୟକ ଓ ପୋଲିସ ଥାନା ଭାରପ୍ରାପ୍ତ ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ଘଟଣାସ୍ଥଳ ପରିଦର୍ଶନ କରି କମ୍ପାନୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। ତେଣୁ ଜନ ଆକ୍ରୋଷ ବୃଦ୍ଧି ପାଇଛି ଏବଂ ଯେ କୌଣସି ସମୟରେ କରଞ୍ଜିଆ ଥାନାରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ ଏଚ ଏ ଆଇ) ଓ କେଆରସି କମ୍ପାନୀ ଭୁବନେଶ୍ୱର ବିରୋଧରେ ଲିଖିତ ଅଭିଯୋଗ ଜନସାଧାରଣଙ୍କ ପକ୍ଷରୁ ଦାଖଲ ହୋଇପାରେ ବୋଲି ସମ୍ଭାବନା ସୃଷ୍ଟି ହୋଇଛି। ତେବେ ପୂର୍ବରୁ ଶୁକ୍ଳଳି ବ୍ଲକ ଉପାଧ୍ୟକ୍ଷ ସୀତାରାମ ଚାତାରଙ୍କ ଠାରୁ ଆରମ୍ଭ କରି ସାମାଜିକ କର୍ମୀ ଡିବି ବାହାଦୁର ହେମ୍ବ୍ରମ ତଥା ବିଭିନ୍ନ ନେତା ଓ ଜନସାଧାରଣ ବିଭିନ୍ନ ସମୟରେ ଏଠାରେ ଏକ ଓଭରବ୍ରିଜ ନିର୍ମାଣ ଓ ରାସ୍ତା ଦୋହରୀକରଣ ପାଇଁ ଉପଜିଲ୍ଲାପାଳ ,ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ ଶିବିରରେ ଦାବି କରିଆସୁଥିଲେ ମଧ୍ୟ ଏଯାବତ କୌଣସି ସୁଫଳ ମିଳିପାରି ନାହିଁ। ତେଣୁ ଏହି ପରିସ୍ଥିତିରେ ପ୍ରଶାସନ, ପୋଲିସ ଜନସାଧାରଣଙ୍କ ସହଯୋଗ ପାଇଁ ଆଗେଇ ଆସି ଥିବାରୁ ସମସ୍ୟାର ସମାଧାନ ହୋଇ ପାରେ ବୋଲି ଜନସାଧାରଣ ଆଶ୍ୱାସନା ପାଇଛନ୍ତି।

## ପୌରପାଳିକାର ଅଧ୍ୟକ୍ଷା, ନିର୍ବାହୀ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ଆନନ୍ଦପୁର ,(ସବ୍ୟୁ): ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହୋଇ ମୁଖ୍ୟମନ୍ତ୍ରୀଙ୍କ ହାତରୁ ପୁରସ୍କୃତ ହେବା ପରେ ଆନନ୍ଦପୁର ପୌରପାଳିକାର ଅଧ୍ୟକ୍ଷା ଓ ନିର୍ବାହୀ ଅଧିକାରୀଙ୍କୁ ଆଜି ପୌରପାଳିକା କାର୍ଯ୍ୟାଳୟ ପରିସରରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପୌରପାଳିକା ଅଧ୍ୟକ୍ଷା ସୁଶ୍ରୀ ରଜନୀ ରାଣୀ ଖଟୁଆ ଏବଂ ନିର୍ବାହୀ ଅଧିକାରୀ ଦେବବ୍ରତ ବଳଙ୍କୁ ପାରିଷଦ ବୃନ୍ଦ ଓ ପୌରପାଳିକା କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ନିଜ କାମରେ ପୌରପାଳିକା କାର୍ଯ୍ୟାଳୟକୁ ଆସିଥିବା ସାଧାରଣ ଲୋକଙ୍କୁ ମଧ୍ୟ ମିଷ୍ଟାନ ବଣ୍ଟନ କରାଯାଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କୃଷ୍ଣ ରଣା, ସୁରେନ୍ଦ୍ର ଦାସ, ସନତ କର, ସମ୍ବିତ ଦାସ, ନିବେଦିତା ବେହେରା, ରଶ୍ମିତା ବାରି, ଜ୍ୟୋସ୍ନାରାଣୀ ଖୁଣ୍ଟିଆ, ପଦ୍ମାବତୀ ସେଠୀଙ୍କ ସମେତ ବିଭିନ୍ନ ପାରିଷଦ ଓ ପୌରପାଳିକା କର୍ମଚାରୀ ଉପସ୍ଥିତ ଥିଲେ।ପୌରପାଳିକାର ଉନ୍ନତି, ଜନସେବା ଓ ସ୍ୱଚ୍ଛତା କ୍ଷେତ୍ରରେ ଉଭୟଙ୍କ ଅବଦାନକୁ ପ୍ରଶଂସା କରି ପାରିଷଦ ଓ କର୍ମଚାରୀମାନେ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ଏହି ସଫଳତାର ଧାରା ଜାରି ରହୁ ବୋଲି କାମନା କରିଥିଲେ।



## ସମ୍ପାଦକୀୟ



# ଜଳ ସଙ୍କଟରେ ପାକିସ୍ତାନ

୧୯୬୦ରେ ସିନ୍ଧୁ ଜଳ ଚୁକ୍ତି (Indus Water Treaty) ଯଦିଓ ବଳବତ୍ତର ରହିଛି, ଭାରତ ତାହାକୁ ମାନୁ ନାହିଁ । ଏଥିପାଇଁ ନେଦରଲେଣ୍ଡ ଅନ୍ତର୍ଗତ ହଗ୍‌ଠାରେ ଆପୋଷ ସମାଧାନର ଯେଉଁ ସ୍ଥାୟୀ ଅଦାଲତ ରାୟ ଦେଇଥିଲେ ଯେ ଭାରତ ଏହି ଚୁକ୍ତିକୁ ଉଲଂଘନ କରି ଜଳ ବନ୍ଦ କରିପାରିବ ନାହିଁ । ମାତ୍ର ଭାରତ ସେହି ଜଳ ବିତରଣ ଚୁକ୍ତିକୁ ନ ମାନି ନିଜର ଦୃଢ଼ ପଣ ଦେଖାଇ ପାରିଛି । କାରଣ ଗତ ବର୍ଷ ଏପ୍ରିଲ ମାସରେ କାଶ୍ମୀର ଅନ୍ତର୍ଗତ ପହଲଗାମଠାରେ ଆତଙ୍କବାଦୀମାନେ ନୀରିହ ଲୋକଙ୍କୁ ଅତର୍କିତ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ । ମାତ୍ର ହଗ୍ କୋର୍ଟର ରାୟକୁ ପ୍ରତ୍ୟାଖାନ କରି ଭାରତ କହିଥିଲା ଯେ ରକ୍ତ ଓ ଜଳ ଏକ ସଙ୍ଗେ ବହି ପାରିବ ନାହିଁ । ଏହି ଟ୍ରିବ୍ୟୁନାଲ ବେଆଇନ ଭାବେ ଗଠିତ ହୋଇଛି ଏବଂ ପାକିସ୍ତାନ ସୀମାପାର ଆତଙ୍କବାଦରେ ପୂର୍ଣ୍ଣଚ୍ଛେଦ ନ ପକାଇବା ପର୍ଯ୍ୟନ୍ତ ଏହି ଜଳ ପ୍ରବାହ ବନ୍ଦ ରଖାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମଗ୍ର ବିଶ୍ୱରେ ଏପରି ଦୃଢ଼ତା ପାଇଁ ଅନ୍ୟ କୌଣସି ରାଷ୍ଟ୍ର ନିନ୍ଦା ମଧ୍ୟ କରି ନାହାନ୍ତି ।

ପାକିସ୍ତାନ ଏହି ସିନ୍ଧୁ ଜଳ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରି ଆସୁଥିଲା । ପାକିସ୍ତାନ ତା'ର କୃଷି ଓ ଖାଦ୍ୟର ଆବଶ୍ୟକତା ପୂରଣ ପାଇଁ ୮୦ରୁ ୯୦ ପ୍ରତିଶତ ଏହି ସିନ୍ଧୁ ଜଳକୁ ବ୍ୟବହାର କରି ଆସୁଥିଲା । ଇସଲାମାବାଦ ସମେତ ସିନ୍ଧୁ ଓ ବାଲୁଚିସ୍ତାନ ରାଜ୍ୟଗୁଡ଼ିକ ଜଳସଙ୍କଟ ମଧ୍ୟରେ ଏବେ ଗତି କରୁଛନ୍ତି । ପାକିସ୍ତାନ ଆର୍ବିଟ୍ରେସନ (ଆପୋଷ ବୁଝାମଣା)ର ସ୍ଥାୟୀ ଅଦାଲତରେ ଜିତି ଯାଇଥିଲେ ମଧ୍ୟ ଭାରତ ଏହି ଅଦାଲତ ରାୟକୁ ପ୍ରତ୍ୟାଖାନ କରିଛି । ପାକିସ୍ତାନରେ ଜଳ ବିଦ୍ୟୁତ ପ୍ରକଳ୍ପଗୁଡ଼ିକ ମଧ୍ୟ ସଙ୍କଟାବସ୍ଥା ଦେଇ ଗତି କରୁଛନ୍ତି ବୋଲି ଏହି ସ୍ଥାୟୀ ଅଦାଲତ ତାଙ୍କ ରାୟରେ ଦର୍ଶାଇଛନ୍ତି । ଭାରତର ଯୁକ୍ତି ହେଲା ଯେ ପାକିସ୍ତାନ ସୀମାପାର ଆତଙ୍କବାଦ ସମ୍ପୂର୍ଣ୍ଣ ଭାବେ ବନ୍ଦ ନ କରିବା ଯାଏଁ ଏହି ଜଳଚୁକ୍ତିକୁ ଭାରତ ମାନିବ ନାହିଁ ।

ଜାମ୍ମୁ- କାଶ୍ମୀରର ପହଲଗାମଠାରେ ଗତ ବର୍ଷ ଏପ୍ରିଲ ମାସରେ ଯେଉଁ ଆତଙ୍କବାଦୀ ଆକ୍ରମଣ ହୋଇଥିଲା ଓ ୨୬ ଜଣ ନୀରିହ ଲୋକଙ୍କ ପ୍ରାଣନାଶ ହୋଇଥିଲା, ପ୍ରଥମ ଆକ୍ରମଣକାରୀ ଧର୍ମ ପାଇଁ ଏପରି ଆକ୍ରମଣ କରିଥିବା ବିଷୟ ମଧ୍ୟ ସ୍ୱୀକାର କରିଥିଲା, ଯଦିଓ ଏହି ଆତଙ୍କବାଦୀ ଆକ୍ରମଣ ପଛରେ ପାକିସ୍ତାନର ହାତ ନାହିଁ ବୋଲି ପାକିସ୍ତାନ ମିଛରେ କହି ଆସୁଛି । ଉପରୋକ୍ତ ଜଳ ସମାଧାନର ସ୍ଥାୟୀ ଅଦାଲତ ଭାରତକୁ ଅଦାଲତ କାର୍ଯ୍ୟ ପାଇଁ ନିମନ୍ତ୍ରଣ କରିଥିଲେ ମଧ୍ୟ ଭାରତ ସେଥିରେ ଭାଗ ନେଇ ନଥିଲା । କେବଳ ପାକିସ୍ତାନ ଉପସ୍ଥିତିରେ ଅଦାଲତ ଏହି ରାୟ ପ୍ରଦାନ କରିଥିଲେ ।

**ଜାମ୍ମୁ- କାଶ୍ମୀରର ପହଲଗାମଠାରେ ଗତ ବର୍ଷ ଏପ୍ରିଲ ମାସରେ ଯେଉଁ ଆତଙ୍କବାଦୀ ଆକ୍ରମଣ ହୋଇଥିଲା ଓ ୨୬ ଜଣ ନୀରିହ ଲୋକଙ୍କ ପ୍ରାଣନାଶ ହୋଇଥିଲା, ପ୍ରଥମ ଆକ୍ରମଣକାରୀ ଧର୍ମ ପାଇଁ ଏପରି ଆକ୍ରମଣ କରିଥିବା ବିଷୟ ମଧ୍ୟ ସ୍ୱୀକାର କରିଥିଲା, ଯଦିଓ ଏହି ଆତଙ୍କବାଦୀ ଆକ୍ରମଣ ପଛରେ ପାକିସ୍ତାନର ହାତ ନାହିଁ ବୋଲି ପାକିସ୍ତାନ ମିଛରେ କହି ଆସୁଛି । ଉପରୋକ୍ତ ଜଳ ସମାଧାନର ସ୍ଥାୟୀ ଅଦାଲତ ଭାରତକୁ ଅଦାଲତ କାର୍ଯ୍ୟ ପାଇଁ ନିମନ୍ତ୍ରଣ କରିଥିଲେ ମଧ୍ୟ ଭାରତ ସେଥିରେ ଭାଗ ନେଇ ନଥିଲା । କେବଳ ପାକିସ୍ତାନ ଉପସ୍ଥିତିରେ ଅଦାଲତ ଏହି ରାୟ ପ୍ରଦାନ କରିଥିଲେ ।**

ଅପରପକ୍ଷରେ ବିଶେଷଜ୍ଞମାନେ କହୁଛନ୍ତି ଯେ ଭାରତର ନଦୀବନ୍ଧ ଦେଇ ଜଳ ପ୍ରବାହ କରାଗଲେ ମଧ୍ୟ ପାକିସ୍ତାନର ଦୁର୍ବଳ ନଦୀବନ୍ଧ ପ୍ରକଳ୍ପ ଯୋଗୁଁ ସେଠାରେ ବନ୍ୟା ଓ ଅନ୍ୟାନ୍ୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ା ଯାଇ ପାରିବ ନାହିଁ । ମାତ୍ର ଭାରତର ଏହି ଦୃଢତାକୁ ଦେଶ ଓ ବିଦେଶରେ ସମର୍ଥନ ଲାଭ କରିଥିବା କୁହାଯାଉଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ନୂତନ ଭାରତ ଗଠନରେ ପରିବର୍ତ୍ତିତ ବିଚାରଧାରା



ଅରବିନ୍ଦ ରାଉତରାୟ

ଅର୍ଥନୈତିକ ଦୃଷ୍ଟିକୋଣରୁ ବିକଶିତ ଭାରତର ମାନ୍ୟତା ଜନସଂଖ୍ୟା ନିୟନ୍ତ୍ରଣ, ନିଯୁକ୍ତି ସୁଯୋଗ ସୃଷ୍ଟି, ସାକ୍ଷରତା ହାରରେ ଦ୍ରୁତ ପରିବର୍ତ୍ତନ ଓ ଅତ୍ୟାଧୁନିକ କାରିଗରୀ ତଥା ଜ୍ଞାନ କୌଶଳର ଉତ୍ପାଦନଭିତ୍ତିକ ବିନିଯୋଗ ଉପରେ ନିର୍ଭରଶୀଳ । ଏସବୁ ସାମର୍ଥ୍ୟ ଉପଲବ୍ଧ ସତ୍ୱେ ନୂତନ ଭାରତ ଗଠନରେ ବିଳମ୍ବର କାରଣ ଖୋଜି ବସିଲେ, ସ୍ୱତଃ ମନକୁ ଆସେ ପରିବର୍ତ୍ତିତ ଭାବନା ବା ଚିନ୍ତାଧାରାର ଅନୁପସ୍ଥିତି । ଶତାବ୍ଦୀ ପୂର୍ବର ଚିନ୍ତାଧାରା ବା ମନୋଭାବକୁ ନେଇ ନୂତନ ଭାରତ ଗଠନ ସ୍ୱପ୍ନ ଦେଖିବା ନିରର୍ଥକ ମନେହୁଏ । ଯେଉଁ ଦେଶବାସୀଙ୍କ ପରିବର୍ତ୍ତିତ ମନୋଭାବ ଯେତେ ଗତିଶୀଳ ଓ ଲକ୍ଷ୍ୟଭେଦୀ ସେ ଦେଶ ସେତେ ଉନ୍ନତ ଓ ବିଭବଶାଳୀ । ବିକଶିତ ରାଷ୍ଟ୍ର ଆମେରିକାରେ ୮୩୧ ଜଣ ସର୍ବୋଚ୍ଚ ବିତ୍ତଶାଳୀ (ଆରବପତି) ବାସ କରୁଥିବା ବେଳେ ଭାରତରେ ମାତ୍ର ଦୁଇଶହ ଅତି ଧନ୍ୟାଢ୍ୟ ବ୍ୟକ୍ତି ରହିଛନ୍ତି । ସମଗ୍ର ବିଶ୍ୱରେ ଏହି ସଂଖ୍ୟା ପ୍ରାୟ ୨୬୫୦ ଓ ସେମାନେ ୧୪ ଟ୍ରିଲିଅନ ଡଲାର ବିତ୍ତର ଅଧିକାରୀ । ସମଗ୍ର ବିଶ୍ୱର ଏକ ତୃତୀୟାଂଶରୁ ଉର୍ଦ୍ଧ୍ୱ ବିତ୍ତଶାଳୀ ବ୍ୟକ୍ତି କେବଳ ବୃହତ ଅର୍ଥନୈତିକ ରାଷ୍ଟ୍ର ଆମେରିକାରେ ରହିଛନ୍ତି । ଆମେରିକାର ଏହି ସଫଳତାର ପ୍ରମୁଖ କାରଣ ହେଲା ଆମେରିକୀୟମାନଙ୍କ ପରିବର୍ତ୍ତିତ ଚିନ୍ତାଧାରା ବା ମନୋଭାବ । ଭାରତର ଆର୍ଥିକ ଅଭିବୃଦ୍ଧି ହାର ବହୁ ଉନ୍ନତ ରାଷ୍ଟ୍ରପାଇଁ ଅନୁକରଣୀୟ ହେଲେ ସୁଦ୍ଧା ଏ କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନର ଆବଶ୍ୟକତା ରହିଛି । ସେହିପରି ନୂତନ ଭାରତର ରୂପରେଖ ପାଇଁ ମଧ୍ୟ ଦ୍ରୁତ ପରିବର୍ତ୍ତନଶୀଳ ମନୋଭାବର ଆବଶ୍ୟକତା ରହିବା ସ୍ୱାଭାବିକ । ଅନ୍ୟ ଅର୍ଥରେ କହିବାକୁ ଗଲେ ଦ୍ରୁତ ପରିବର୍ତ୍ତନ ହିଁ ବୃହତ ସଫଳତାର କାରଣ । ମନୋଭାବର ପରିବର୍ତ୍ତନ ସାଧାରଣତଃ ସ୍ଥୂଳ ଓ ସୂକ୍ଷ୍ମ ରୂପରେ ସଫଳତା ଦେଇଥାଏ ।

ସ୍ଥୂଳ ପରିବର୍ତ୍ତନର ପ୍ରଭାବ ବହୁ ପୁରାତନ ହେଲେ ସୁଦ୍ଧା ତାହାକୁ ଆପଣେଇବା ଅତି ସହଜ ଓ ସରଳ । ଯୁଗ ଯୁଗ ଧରି ପ୍ରଚଳିତ ଭାରତୀୟ ଶିକ୍ଷା ବ୍ୟବସ୍ଥା ଏହାର ବଳିଷ୍ଠ ନିଦର୍ଶନ । ୧୮୩୫ରେ ବ୍ରିଟିଶ ଶାସନାଧୀନ ଭାରତରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ପ୍ରଭାବ ଏବେ ମଧ୍ୟ ବିଲୁପ୍ତ ହୋଇନାହିଁ । ବ୍ରିଟେନ ଓ ଭାରତୀୟ ଅଧିବାସୀଙ୍କ ମଧ୍ୟରେ ସାଂସ୍କୃତିକ ସଂପର୍କ ପ୍ରତିଷ୍ଠା ଲକ୍ଷ୍ୟରେ ଥୋମାସ ମାକ୍ୟଲେଙ୍କ ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଭାରତୀୟ ଶିଳ୍ପ ଓ ସରକାରୀ ସଂସ୍ଥା କ୍ଷେତ୍ରରେ କର୍ମନିଯୁକ୍ତି ସୃଷ୍ଟିରେ ମଧ୍ୟ ସହାୟକ ହେଉଥିଲା ।

ପୂର୍ବପ୍ରଚଳିତ ମହର୍ଷି ଶିକ୍ଷା ବ୍ୟବସ୍ଥା ପରବର୍ତ୍ତୀ ପର୍ଯ୍ୟାୟରେ ମାକ୍ୟଲେ ବ୍ୟବସ୍ଥାରେ ପରିବର୍ତ୍ତିତ ହୋଇଗଲା । ପ୍ରାଚୀନ ଶିକ୍ଷା ବ୍ୟବସ୍ଥାରେ ଗୁରୁକୁଳ ଆଶ୍ରମ ଥିଲା ସେତେବେଳେ ବ୍ୟବସ୍ଥାର ବଳିଷ୍ଠ ଆଧାର । ଗୁରୁଙ୍କ ସମ୍ମତିରେ ଶିକ୍ଷା ବା ଛାତ୍ର ଗୁରୁକୁଳ ଶିକ୍ଷାରମ୍ଭ କରୁଥିଲା । ଶିକ୍ଷା ସହିତ ଗୁରୁକୁଳ ଆଶ୍ରମର ଦୈନନ୍ଦିନ ପରିଚାଳନା ଶିକ୍ଷା ଲାଭ ଭବିଷ୍ୟତରେ ନିଜ ପରିବାର ଭରଣପୋଷଣରେ ବିଶେଷ ସହାୟକ ହେଉଥିଲା । ସଂସ୍କୃତ ଠାରୁ ପବିତ୍ର ଗ୍ରନ୍ଥ ଓ ଗଣିତରୁ ଆଧ୍ୟାତ୍ମ ବିଜ୍ଞାନ ପର୍ଯ୍ୟନ୍ତ ଶିକ୍ଷା ଆହରଣ ଜୀବନର ପ୍ରତିଟି କ୍ଷେତ୍ରକୁ ସମ୍ଭାଳିବାରେ ସାମର୍ଥ୍ୟ ହେଉଥିଲା । ଧନ୍ଦାମୂଳକ ଓ କୌଶଳ ଶିକ୍ଷା ମାଧ୍ୟମରେ ଅର୍ଥ ଉପାର୍ଜ୍ଜନ ଓ ଜୀବନର ପ୍ରତିଟି ସମସ୍ୟା ସମାଧାନର ଉପାୟ ସଂପର୍କରେ ଶିକ୍ଷା ମିଳୁଥିଲା ଗୁରୁକୁଳ ଶିକ୍ଷା ବ୍ୟବସ୍ଥାରୁ । ସେହି ଶିକ୍ଷା ବ୍ୟବସ୍ଥା ପ୍ରକୃତିଗତ, ଜୀବନ ଓ ଜୀବନଶୈଳୀ ସଂପର୍କିତ ସମସ୍ୟା ସମାଧାନ ଦିଗରେ ଶିକ୍ଷାଧାରୀଙ୍କୁ ସହାୟକ ହେଉଥିଲା ।

ମାତ୍ର ବ୍ରିଟିଶ ଶିକ୍ଷା ବ୍ୟବସ୍ଥା ଥିଲା ସଂପୂର୍ଣ୍ଣ ଭିନ୍ନ । ଇଂରେଜୀ ଭାଷା ଏହି ଶିକ୍ଷାର ଏକମାତ୍ର ମାଧ୍ୟମ ଥିବା ବେଳେ କର୍ମନିଯୁକ୍ତି ଥିଲା ଅପରିବର୍ତ୍ତିତ ଲକ୍ଷ୍ୟ । କଥାରେ ଅଛି- ସମଗ୍ର ଦେଶକୁ କରାୟତ କରିବାକୁ ହେଲେ ପ୍ରଥମେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ନିଜ ନିୟନ୍ତ୍ରଣକୁ ନେଇଆସ । ଅର୍ଥାତ୍ କୌଣସି ବାହ୍ୟଶକ୍ତି କୂଟନୈତିକ ସ୍ତରରେ କୌଣସି ରାଷ୍ଟ୍ରକୁ ନିଜ ଅଧୀନକୁ ନେବାକୁ ଚାହୁଁଥିଲେ ପ୍ରଥମେ ଶିକ୍ଷା ବ୍ୟବସ୍ଥାକୁ ନିଜ ନିୟନ୍ତ୍ରଣକୁ ନେଇ ଯାଉଥିଲେ । ୧୮୩୫ ରେ ବେପାର ବଣିଜ କରିବାକୁ ଆସିଥିବା ଇଂରେଜମାନେ ସେହି ପନ୍ଥାରେ ଭାରତରେ ଇଂରେଜ ଶାସନ ବିସ୍ତାର କରିଥିଲେ । ଦେଶର ବହୁ ପୁରାତନ ଧନ୍ଦାମୂଳକ ଶିକ୍ଷା ଶିଳ୍ପାୟନଭିତ୍ତିକ ଇଂରାଜୀ ଶିକ୍ଷାରେ ପରିଣତ ହୋଇଥିଲା । ବ୍ରିଟିଶ ଶାସନମୁକ୍ତ ଭାରତ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ଶିକ୍ଷା କ୍ଷେତ୍ରରେ ଇଂରେଜୀ ମନୋଭାବରୁ ସଂପୂର୍ଣ୍ଣ ମୁକ୍ତି ପାଇନାହିଁ । ଇଂରେଜୀ ଶିକ୍ଷା ବ୍ୟବସ୍ଥା ଭାରତୀୟ ଚିନ୍ତାଧାରାକୁ କେବଳ ବିଷାକ୍ତ କରିନାହିଁ, ଭାରତୀୟ ସମସ୍ୟା ଓ ଆଦର୍ଶକୁ କଳୁଷିତ କରିଛି ମଧ୍ୟ । ପାଶ୍ଚାତ୍ୟ ଆଦର୍ଶ ଓ ସମାଧାନ କୌଶଳ କାଳକ୍ରମେ ଭାରତୀୟ ଭାବଧାରା ଓ ବିଶ୍ୱାସକୁ କବଳିତ କରିଛି । ଫଳସ୍ୱରୂପ ଏକ ଜାତି ବା ଦେଶ ସମ୍ଭବତଃ ମୃତାବସ୍ଥା ଧାରଣ କରିଛି କହିଲେ ଭୁଲ ହେବନାହିଁ । ଦେଶର ପତନ ଦୁଇଟି କାରଣ ପାଇଁ ସମ୍ଭବ ହୋଇଥାଏ । ପ୍ରଥମତଃ ପ୍ରାକୃତିକ ତାଣ୍ଡବ ଓ ଦ୍ୱିତୀୟଟି ହେଲା ନିଜସ୍ୱ ଜୀବନଧାରା, ଦର୍ଶନ ଓ ନୀତି ନିୟମ ଉପରୁ ବିଶ୍ୱାସର ଅଧୋଗତି । ଏଠାରେ ଗ୍ରୀକ୍ ଓ ରୋମ ସଭ୍ୟତାର ଉଦାହରଣ ନେବାରେ କୌଣସି ଦ୍ୱିମତ ନାହିଁ । ଏକଦା ରୋମ ସଭ୍ୟତା ସମଗ୍ର ପୃଥିବୀ ପାଇଁ ଗ୍ରହଣୀୟ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ତାହା ସଂପୂର୍ଣ୍ଣ ଅଦରକାରୀ ଓ ସ୍ମୃତିର ରୂପ ନେଇଥିଲା । କାରଣ ଗ୍ରୀକ୍ ଅଧିବାସୀଙ୍କ ବିଶ୍ୱାସର ଅଧୋଗତି ଦେଖାଦେଲା ନିଜ ସଭ୍ୟତା ଉପରୁ । ଭାରତୀୟ ଶିକ୍ଷା ବ୍ୟବସ୍ଥାର ଅଧୋଗତିରେ ମର୍ମାହତ ହୋଇ ଜାତିର ଜନକ ମହାତ୍ମା ଗାନ୍ଧି କହିଥିଲେ ଭାରତୀୟ ଶିକ୍ଷା ବ୍ୟବସ୍ଥାର ସୁନ୍ଦର ଓ ମନୋରମ ବୃକ୍ଷ ବ୍ରିଟିଶ ଶାସନରେ ଧରାଶାୟୀ ହୋଇଯାଇଛି । ଦେଶର ସାକ୍ଷରତା ସ୍ଥିତି ଶହେ ବର୍ଷ ପଛକୁ ପଳାଇଛି ।

ସାଂପ୍ରତିକ ପରିବେଶରେ ନୂତନ ଶିକ୍ଷା ନୀତିର ଆବଶ୍ୟକତା ଦେଖା ଦେଇଥିବା ବେଳେ ତାହା ସଂପୂର୍ଣ୍ଣ କୌଶଳ ଶିକ୍ଷାଭିତ୍ତିକ ହେଲେ ହିଁ ଦେଶରୁ ବେକାରୀ ଦୂରୀକରଣ କ୍ଷେତ୍ରରେ ସହାୟକ ହୋଇପାରିବ । ଅବଶ୍ୟ ନୂତନ ଶିକ୍ଷାନୀତରେ ପ୍ରତିଯୋଗୀଶୀଳ ତାଲିମ ଉପରେ ଗୁରୁତ୍ୱ ଦିଆଯାଉଛି । ଛାତ୍ର-ଛାତ୍ରୀଙ୍କ ଜ୍ଞାନକୌଶଳକୁ ବିଶ୍ୱର ପରିବର୍ତ୍ତିତ ପରିବେଶରେ ଅଧିକ ସମାଧାନ ଅଭିମୁଖୀ କରାଯିବା ଉପରେ ଗୁରୁତ୍ୱ ଦିଆଯାଉଛି ସତ, ବାସ୍ତବ କ୍ଷେତ୍ରରେ ତାହା କେତେଦୂର ସୃଜନଶୀଳ ହୋଇପାରିବ ତାହା ପରବର୍ତ୍ତୀ ସମୟ ହିଁ କହିବ । ତେବେ କୌଶଳ ଶିକ୍ଷାର ସଫଳତାର ନମୂନା ସ୍ୱରୂପ ଏଠାରେ ମୁମ୍ବାଇର ତିଲକ ମେହେଟ୍ଟାଙ୍କ ଚିନ୍ତାଧାରା ଉପସ୍ଥାପନ କରାଯାଇପାରେ । ଅଷ୍ଟମଶ୍ରେଣୀରେ ପାଠ ପଢୁଥିବା ବେଳେ ଗୋଟିଏ ଦିନରେ ମୁମ୍ବାଇ ଅଞ୍ଚଳରେ ସାମଗ୍ରୀ ଡେଲିଭରୀ ଦେବାରେ ତିଲକ ବିଭିନ୍ନ କର୍ମ ସଂସ୍ଥାନରେ ଖାଦ୍ୟଭରା ଟିଫିନ ନିୟମିତ ଡେଲିଭରୀ ଦେଉଥିବା ଡବାବାଲାଙ୍କ ସହାୟତା ଲୋଡିଥିଲେ । ମାତ୍ର ଦୁଇଶହରୁ ଉର୍ଦ୍ଧ୍ୱ କର୍ମଚାରୀ ଓ ତିନିଶହରୁ ଉର୍ଦ୍ଧ୍ୱ ଡବାବାଲାଙ୍କ ସହାୟତାରେ ପ୍ରତିଦିନ ହଜାର ହଜାର ଡେଲିଭରୀ ଦେଇପାରୁଥିବା ତିଲକଙ୍କ ପିଏନ୍‌ପି କଂପାନୀ ଶତ ପ୍ରତିଶତ ଆପ୍‌ଭିତ୍ତିକ । ମୋବାଇଲରେ ଆପ୍ ଡାଉନଲୋଡ୍ ମାଧ୍ୟମରେ ଏହି କମ୍ପାନୀ ସ୍ୱଳ୍ପ ଅବଧି ମଧ୍ୟରେ ସଫଳତା ହାସଲ କରିବା ପଛରେ ଏକମାତ୍ର କାରଣ ହେଲା ପରିବର୍ତ୍ତିତ ମନୋଭାବ । ଏହାର ସଫଳତାର ଗତି ଏତେ ପ୍ରଖର ଯେ ସରକାରୀ ପ୍ରଚଳିତ ସ୍କିଲ୍ ଇଣ୍ଡିଆକୁ ବହୁ ପଛରେ ପକାଇ ଦେଇଛି । ଏହା ସମ୍ଭବ ହୋଇଛି କୁଶଳୀ ଓ ଅଣକୁଶଳୀ ମନୋଭାବ ମଧ୍ୟରେ ଥିବା ପାର୍ଥକ୍ୟ ଦୂର ମାଧ୍ୟମରେ ।

ସ୍କିଲ୍ ଇଣ୍ଡିଆ ସହ ସୁର ମିଳାଇ ଜନ୍ମ ନେଇଛି 'ଡିଜିଟାଲ ଇଣ୍ଡିଆ' । ମାତ୍ର ଦେଶବାସୀଙ୍କ ଗ୍ରହଣୀୟ ପ୍ରତିଯୋଗିତାରେ ଡିଜିଟାଲ ଇଣ୍ଡିଆ ସ୍କିଲ୍ ଇଣ୍ଡିଆକୁ ବାସ୍ତବରେ ବହୁ ପଛରେ ପକାଇ ଦେଇଛି । ଛୋଟ ଦୋକାନ ଠାରୁ ଆରମ୍ଭ କରି କ୍ଷୁଦ୍ର, ମଧ୍ୟମ ଓ ବୃହତ ଶିଳ୍ପରେ ଡିଜିଟାଲ ଇଣ୍ଡିଆର ସଫଳତା ବେଶ୍ ଉପଲବ୍ଧ । ବିଦେଶୀ ଆପ୍, ଫୋନ୍ ପେ ଓ ଗୁଗୁଲ୍ ପେ ଦେଶର ଆବାଳ ବୃଦ୍ଧବନିତାଙ୍କ ଜୀବନ ଧାରଣର ଏକ ଅଂଶ ପାଲଟିଯାଇଛି । ଏହି ପରିବର୍ତ୍ତିତ ଡିଜିଟାଲ ସ୍କିଲ ଯେ କେବଳ ବ୍ୟବହାରକାରୀଙ୍କ ସମୟ ଓ ଅର୍ଥ ଅପଚୟକୁ ରୋକିପାରିଛି ତାହା ନୁହେଁ, ବ୍ୟାଙ୍କ ସେବାକୁ ନିଜ ପକେଟର ସାଥୀ କରିପାରିଛି ମଧ୍ୟ । ଏ କ୍ଷେତ୍ରରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ସହଯୋଗକୁ ଏଡାଇ ଦିଆଯାଇ ନପାରେ । ନିଜର କର୍ମମୟ ଜୀବନ ହେଉ ବା ବ୍ୟାବସାୟିକ ପରିସର ହେଉ, ଡିଜିଟାଲ ବ୍ୟବସ୍ଥାର ଉପଯୋଗିତା ସେମାନଙ୍କ ଉତ୍ପାଦନ ଶକ୍ତିକୁ ବହୁଗୁଣିତ କରିପାରିଛି । ସମାଜ କଲ୍ୟାଣ ଅଂଶସ୍ୱରୂପ ପ୍ରତ୍ୟେକ ମହିଳା ଡିଜିଟାଲ କୌଶଳର ବ୍ୟବହାରକୁ ନିଜ ଜୀବନର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଭାବେ ଗ୍ରହଣ କରି ଯୁବବର୍ଗଙ୍କୁ ଏହାର ପରିସରଭୁକ୍ତ କରିପାରିଲେ ନୂତନ ଭାରତର ପରିକଳ୍ପନା ସମ୍ଭବ ଓ ସହଜ ହୋଇପାରିବ ।

ସୂକ୍ଷ୍ମ ପରିବର୍ତ୍ତନ ପ୍ରକ୍ରିୟା ସ୍ଥୂଳ ପରିବର୍ତ୍ତନ ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । କାରଣ ସ୍ଥୂଳ ପରିବର୍ତ୍ତନ ପ୍ରକ୍ରିୟାରେ ସବୁ ବର୍ଗର ପ୍ରତିନିଧିତ୍ୱ ଯେତିକି ଗୁରୁତ୍ୱପୂର୍ଣ୍ଣ ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ସେମାନଙ୍କ ମନୋଭାବରେ ଦ୍ରୁତ ପରିବର୍ତ୍ତନ ଆଣିବା । ଏହି ପରିବର୍ତ୍ତନ ପ୍ରକ୍ରିୟାରେ ସଫଳତାର ଆଭିମୁଖ୍ୟ ସ୍ପଷ୍ଟ ହେବା ସହିତ ଅର୍ଥ ଉପାର୍ଜନ ଲକ୍ଷ୍ୟ ପ୍ରତିଫଳିତ ହେବା ଜରୁରୀ । ଅର୍ଥ ସବୁକିଛି ନ ହେଲେ ମଧ୍ୟ ଜୀବନ ଧାରଣ ପ୍ରକ୍ରିୟାର ଏକ ବଳିଷ୍ଠ ଅଂଶ କହିଲେ ଅତ୍ୟୁକ୍ତି ହେବ ନାହିଁ ।


ଏବେ ସରକାରଙ୍କ ନୂତନ ଭାରତ ପରିକଳ୍ପନା ଉପରେ ନଜର ପକାଇବା । ବିଚାରାଧାରା ଓ କାର୍ଯ୍ୟଦକ୍ଷତା କ୍ଷେତ୍ରରେ ଭାରତକୁ ବିଶ୍ୱସ୍ତରୀୟ ଶ୍ରେଷ୍ଠ ମାନ୍ୟତା ଦେବା ଲକ୍ଷ୍ୟରେ ୨୦୧୭ରୁ ନିତି ଆୟୋଗ ପ୍ରୟାସ ଜାରି ରଖିଛି । ଜାତିସଂଘ ନିର୍ଦ୍ଧାରିତ ନିରବଚ୍ଛିନ୍ନ ବିକାଶ ଲକ୍ଷ୍ୟ ହାସଲ ସହିତ ଅର୍ଥନୈତିକ ଅଭିବୃଦ୍ଧି ହାରକୁ ୯ରୁ ୧୦ ପ୍ରତିଶତରେ ପହଞ୍ଚାଇବା ଏହି ପରିକଳ୍ପନାର ଅସଲ ଉଦ୍ଦେଶ୍ୟ । ଏଥିସହିତ ଅର୍ଥନୈତିକ ବିକାଶ, ସାମାଜିକ ଅଗ୍ରଗତି, ପାରିବେଶିକ ବିକାଶ ଧାରାର ନିରବଚ୍ଛିନ୍ନ ପ୍ରଗତି ଓ ସୁସ୍ଥ ଶାସନ ମଧ୍ୟ ଯୋଜନାର ଅଂଶବିଶେଷ । ସ୍ୱାଧୀନ ଭାରତର ୭୫ ବର୍ଷ ପୂର୍ତ୍ତି ଅବସରରେ ନୂତନ ଭାରତ ପରିକଳ୍ପନାକୁ ବାସ୍ତବ ରୂପ ଦେବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ସୁଦ୍ଧା କୋଭିଡ ଭଳି ମହାମାରୀ ଓ ଅର୍ଥନୈତିକ ବାଧକ ଏହି ଲକ୍ଷ୍ୟ ହାସଲ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିଛି । ବିକାଶଶୀଳ ରାଷ୍ଟ୍ର ଭାରତକୁ ସ୍ୱାଧୀନତା ପୂର୍ତ୍ତିର ଶତବାର୍ଷିକ ପାଳନ ଅବସରରେ ବିକଶିତ ରାଷ୍ଟ୍ରର ମାନ୍ୟତା ପ୍ରଦାନ ପରିକଳ୍ପନା ମଧ୍ୟ ନୂତନ ଭାରତ ଗଠନର ଆଉ ଏକ ଅଂଶ ସ୍ୱରୂପ । ଜନସଂଖ୍ୟା, ଦାରିଦ୍ର୍ୟ ଓ ବେକାରୀ ସମସ୍ୟା ବୃଦ୍ଧି ମୁଣ୍ଡପିଛା ଆୟ ବୃଦ୍ଧିରେ ଶିଥିଳତା ଓ ମାନବୀୟ ସୂଚକାଙ୍କରେ ମନ୍ଥରତା ନୂତନ ଭାରତ ପରିକଳ୍ପନା ଲକ୍ଷ୍ୟ ହାସଲରେ ବାଧକ ସଦୃଶ ହୋଇଛି ।

ସମଗ୍ର ବିଶ୍ୱରେ ସର୍ବାଧିକ ଶକ୍ତିଶାଳୀ ରାଷ୍ଟ୍ର ତାଲିକାରେ ଭାରତ ଦ୍ୱାଦଶ ସ୍ଥାନରେ ରହିଛି । ଆନ୍ତର୍ଜାତିକ ସଂପର୍କ, ଅର୍ଥନୈତିକ ଅଭିବୃଦ୍ଧି, ସାମରିକ ସାମର୍ଥ୍ୟ ଓ ଦୃଢ଼ ରାଜନୈତିକ ନେତୃତ୍ୱ ଦେଶକୁ ଏହି ମର୍ଯ୍ୟାଦା ଦେଇଥିବା ବେଳେ ଆମେରିକା ଓ ପଡ଼ୋଶୀ ରାଷ୍ଟ୍ର ଚୀନ୍ ତାଲିକାର ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ୨୦୪୭ର ବିକଶିତ ରାଷ୍ଟ୍ର ମାନ୍ୟତା ହାସଲ ଲକ୍ଷ୍ୟରେ ଶ୍ରମଶକ୍ତିର ଗୁଣାତ୍ମକ ବିକାଶ ପାଇଁ ଦେଶରେ ଅଧିକ ପୁଞ୍ଜି ବିନିଯୋଗର ଆବଶ୍ୟକତା ଦେଖା ଦେଇଛି । ନୂତନ ଶିକ୍ଷାନୀତି ଓ କୌଶଳ ଶିକ୍ଷା ବ୍ୟବସ୍ଥା ହିଁ ଏହି ଲକ୍ଷ୍ୟ ହାସଲ ଦିଗରେ ସହାୟକ ହୋଇପାରିବ । ନୂତନ ଭାରତର ପରିକଳ୍ପନା ସାଧାରଣତଃ ୮ଟି କ୍ଷେତ୍ରର ବିକାଶ ଉପରେ ନିର୍ଭରଶୀଳ । ଦାରିଦ୍ର୍ୟ ଓ କ୍ଷୁଧା ନିବାରଣ ଏହି ତାଲିକାର ଶୀର୍ଷରେ ଥିବାବେଳେ ସାର୍ବଜନୀନ ଉନ୍ନତ ଶିକ୍ଷା ପ୍ରଣାଳୀ ଦ୍ୱିତୀୟରେ ରହିଛି । ମହିଳାଙ୍କ ସଶକ୍ତିକରଣ ଓ ଲିଙ୍ଗଗତ ପାର୍ଥକ୍ୟ ଦୂର କରାଯିବା ସରକାରଙ୍କ ଅଗ୍ରାଧିକାର କ୍ଷେତ୍ର ପରିସରଭୁକ୍ତ ହୋଇପାରିଲେ, ନୂତନ ରାଷ୍ଟ୍ର ଗଠନ ସହଜ ହେବା କିଛି ନୂଆ କଥା ହେବ ନାହିଁ । ଶିଶୁ ମୃତ୍ୟୁହାର ଓ ପୁଷ୍ଟିକର ଖାଦ୍ୟାଭାବ ଶିଶୁ ସୁସ୍ଥ ହାର ବୃଦ୍ଧି କ୍ଷେତ୍ରରେ ବାଧକ ସାଜିଛି । ଏ କ୍ଷେତ୍ରରେ ପ୍ରତିବନ୍ଧକ ଦୂର କରାଯିବା ସହିତ ଗର୍ଭବତୀ ମହିଳାଙ୍କ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ଓ ପୁଷ୍ଟିହୀନତା ଦୂର ସହିତ ମ୍ୟାଲେରିଆ ନିରାକରଣ, ପାରିବେଶିକ ସ୍ଥିତିରେ ନିରବଚ୍ଛିନ୍ନ ବିକାଶ ଓ ସର୍ବଶେଷରେ ବିକାଶ ପ୍ରକ୍ରିୟାକୁ ଏକ ବାସ୍ତବିକ ମନ୍ତ୍ର ଭାବେ ବିଶ୍ୱସ୍ତରୀୟ ମନୋଭାବରେ ଦ୍ରୁତ ପରିବର୍ତ୍ତନ ଲକ୍ଷ୍ୟ ହାସଲ କ୍ଷେତ୍ରରେ ସହାୟକ ହୋଇପାରିବ । ଏହି ସଫଳତାର ସମୟାନୁଭିତ୍ତିକ ଉପଲବ୍ଧି ଏକ ସକରାତ୍ମକ ଓ ପରିବର୍ତ୍ତିତ ମନୋଭାବ ବା ବିଚାରଧାରା ଉପରେ ନିର୍ଭରଶୀଳ । ଦେଶର ସଶକ୍ତ ସରକାର ନିଜସ୍ୱ ବିଚାର ଧାରାରେ ଗଠନମୂଳକ ପରିବର୍ତ୍ତନ ଆଣିପାରିଲେ ନୂତନ ଭାରତ ଗଠନ ସ୍ୱପ୍ନ ସାକାର ହେବାରେ କୌଣସି ବାଧା ବନ୍ଧନ ରହିବ ନାହିଁ ।

**ସମଗ୍ର ବିଶ୍ୱରେ ସର୍ବାଧିକ ଶକ୍ତିଶାଳୀ ରାଷ୍ଟ୍ର ତାଲିକାରେ ଭାରତ ଦ୍ୱାଦଶ ସ୍ଥାନରେ ରହିଛି । ଆନ୍ତର୍ଜାତିକ ସଂପର୍କ, ଅର୍ଥନୈତିକ ଅଭିବୃଦ୍ଧି, ସାମରିକ ସାମର୍ଥ୍ୟ ଓ ଦୃଢ଼ ରାଜନୈତିକ ନେତୃତ୍ୱ ଦେଶକୁ ଏହି ମର୍ଯ୍ୟାଦା ଦେଇଥିବା ବେଳେ ଆମେରିକା ଓ ପଡ଼ୋଶୀ ରାଷ୍ଟ୍ର ଚୀନ୍ ତାଲିକାର ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ୨୦୪୭ର ବିକଶିତ ରାଷ୍ଟ୍ର ମାନ୍ୟତା ହାସଲ ଲକ୍ଷ୍ୟରେ ଶ୍ରମଶକ୍ତିର ଗୁଣାତ୍ମକ ବିକାଶ ପାଇଁ ଦେଶରେ ଅଧିକ ପୁଞ୍ଜି ବିନିଯୋଗର ଆବଶ୍ୟକତା ଦେଖା ଦେଇଛି । ନୂତନ ଶିକ୍ଷାନୀତି ଓ କୌଶଳ ଶିକ୍ଷା ବ୍ୟବସ୍ଥା ହିଁ ଏହି ଲକ୍ଷ୍ୟ ହାସଲ ଦିଗରେ ସହାୟକ ହୋଇପାରିବ ।**

**ସି.ଡି.ଏ., ସେକ୍ଟର-୬, କଟକ,**
**ମୋ ନଂ - ୯୪୩୭୧୩୪୪୦୦**
**(ରାଜ୍ୟର ଜଣେ ସାମ୍ବାଦିକ ଓ ଲେଖକ ଭାବେ ପରିଚିତ)**

# କୃଷ୍ଣସ୍ତୁ ଭଗବାନ୍ ସ୍ୱୟମ୍



ଅନନ୍ତ ଗୋପାଳ ପଣ୍ଡା

ପୁଣ୍ୟଭୂମି, ଦେବଭୂମି ଭାରତବର୍ଷରେ, ଦ୍ୱାପିରଯୁଗର ଅନ୍ତିମ ଭାଗରେ ଅଖିଳ ବିଶ୍ୱବ୍ରହ୍ମାଣ୍ଡର ନାୟକ, ଷୋଳକଳାଧାରୀ ପରଂବ୍ରହ୍ମ ଭଗବାନ ଶ୍ରୀକୃଷ୍ଣ, ମାନବୀୟ ଲୀଳା ମାଧ୍ୟମରେ ସାଧୁ, ସନ୍ଥ, ମୁନିଋଷିମାନଙ୍କ ପରିତ୍ରାଣ, ଅସୁରମାନଙ୍କ ନିଧନ ଏବଂ ସର୍ବୋପରି ଧର୍ମ ସଂସ୍ଥାପନ ନିମନ୍ତେ ପ୍ରପଞ୍ଚାତୀତ ଧାମ ପରିତ୍ୟାଗ ପୂର୍ବକ ଜନ୍ମଗ୍ରହଣ କରିଥିଲେ ବସୁଦେବ (ପ୍ରଜାପତି ସୂତପା) ଓ ଦେବକୀ (ପୃଷ୍ଣି)ଙ୍କ ସନ୍ତାନ ଭାବରେ, କଂସର ବନ୍ଦୀଶାଳାରେ ଭାଦ୍ରବ କୃଷ୍ଣ ଅଷ୍ଟମୀର ବର୍ଷଣ ମୁଖର ରାତ୍ରୀର ମଧ୍ୟ ଭାଗରେ । ଦ୍ୱାରପାଳ ଜୟ ବିଜୟଙ୍କ ଶାପମୋଚନ,ବସୁ ଦ୍ରୋଣ (ନନ୍ଦ) ଓ ପତ୍ନୀ ଧାରା (ଯଶୋଦା)ଙ୍କ ମନୋବାଞ୍ଛା ପରିପୂର୍ଣ୍ଣ, ତ୍ରେତୟାଯୁଗରେ ଦଣ୍ଡକାରଣ୍ୟରେ ଅବସ୍ଥାନ କରୁଥିବା ମୁନିମାନଙ୍କ ଉଦ୍ଦେଶ୍ୟ ସାଧନ, ବଳିରାଜାଙ୍କ କନ୍ୟା ରତ୍ନମାଳାର କାମନା ପୂରଣ, ଦ୍ୱାପରରେ ଧରଣୀର ପାପ ଭାରା ନିବାରଣ, ରାମାବତାରରେ ଚନ୍ଦ୍ର, ତପନ ତନୟା ଏବଂ ଗିରିରାଜ ଗୋବର୍ଦ୍ଧନଙ୍କୁ ଦେଇଥିବା ବଚନ ପରିପୂରଣ ନିମନ୍ତେ ଷୋଳକଳାଧାରୀ ଶ୍ରୀକୃଷ୍ଣଙ୍କର ଆବିର୍ଭାବ ହୋଇଥିଲା । ଭଗବାନ ଶ୍ରୀକୃଷ୍ଣଙ୍କ ଧରାବତରଣଠାରୁ ସ୍ୱର୍ଗାରୋହଣ ପର୍ଯ୍ୟନ୍ତ ପ୍ରଦର୍ଶିତ ସମସ୍ତ ଲୀଳାମାନଙ୍କୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇପାରେ । ଯଥା- ବାତ୍ସଲ୍ୟ ଲୀଳା, ମାଧୁର୍ଯ୍ୟ ଲୀଳା ଏବଂ ଐଶ୍ୱର୍ଯ୍ୟ ଲୀଳା ।

ଭଗବାନଙ୍କ ଆଗମନରେ ଜଡ ଚେତନା ଓ ଚେତନା ଜଡରେ ପରିଣତ ହେବାର ନ୍ୟାୟରେ ବନ୍ଦୀଶାଳାର ବନ୍ଧନରୁ ମୁକ୍ତହୋଇ ନନ୍ଦପୁରକୁ ଗମନ, ପରେ ପରେ ପୁତନା ମୋକ୍ଷଣ, ଶକଟାସୂର, ତୃଣାବର୍ତ୍ତ, ଅଘାସୁର, ବକାସୁର ଆଦିଙ୍କୁ ନିଧନ, ମଣିଗ୍ରୀବ ଓ ନଳକୁବେରଙ୍କ ଶାପମୋଚନ ସହିତ କାଳୀୟନାଗର ଗର୍ବ ଗଞ୍ଜନ ଆଦି ଅଲୌକିକ ଲୀଳାମାନ ବାତ୍ସଲ୍ୟ ଲୀଳା ମାଧ୍ୟମରେ ଶ୍ରୀକୃଷ୍ଣ ପ୍ରଦର୍ଶନ କରିଛନ୍ତି । ମାଟି ଖାଇବା ଅବସ୍ଥାରେ ମା' ଯଶୋଦାଙ୍କୁ ନିଜର ପାଟି ଭିତରେ ବିଶ୍ୱ ବ୍ରହ୍ମାଣ୍ଡ ଦେଖାଇବା ସହିତ କନିଷ୍ଠାଙ୍ଗୁଳିରେ ଗୋବର୍ଦ୍ଧନ ଧାରଣ ପୂର୍ବକ ସୁନାଶୀରଙ୍କ ଗର୍ବ ଚୂର୍ଣ୍ଣ କରିଛନ୍ତି । ନିଜ ଅଙ୍ଗରୁ ଗୋପ-ବାଳକ, ଧେନୁ ଓ ବତ୍ସ ସୃଷ୍ଟି କରି ବେଦପତିଙ୍କ ମୋହ ଦୂରୀଭୂତ କରିଛନ୍ତି । ମା' ଯଶୋଦା କୃଷ୍ଣଙ୍କୁ ଦଉଡିରେ ବାନ୍ଧିବାକୁ ଅସମର୍ଥ ହୋଇଛନ୍ତି । ଯେତେ ଦଉଡି ଆଣିଲେବି ତାହା ନିଅଣ୍ଟ ହୋଇଛି ।



ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରଦର୍ଶିତ ଲୀଳାମାନଙ୍କ ମଧ୍ୟରେ ରାସୋତ୍ସବ ହେଉଛି ସର୍ବଶ୍ରେଷ୍ଠ ଲୀଳା । ଏହି ଦିବ୍ୟାତିଦିବ୍ୟ ରାସଲୀଳାର ଅବ୍ୟବହିତ ପୂର୍ବରୁ ଭଗବାନ କୃଷ୍ଣଚନ୍ଦ୍ର ବସ୍ତ୍ରହରଣ ମାଧ୍ୟମରେ ଗୋପୀମାନଙ୍କର ଦେହ ଜ୍ଞାନ ଦୂରୀଭୂତ କରିଛନ୍ତି । ସେମାନେ କୃଷ୍ଣଙ୍କ ନିକଟରେ ସମ୍ପୂର୍ଣ୍ଣଭାବେ ସମର୍ପିତା ହୋଇଛନ୍ତି । ତିନିଗୋଟି ରାସୋତ୍ସବ ମାଧ୍ୟମରେ ଭଗବାନ ଗୋପୀମାନଙ୍କର ମନସ୍କାମନା ପୂରଣ କରିଛନ୍ତି । ଯଥା:- ବସନ୍ତ କାଳରେ ବସନ୍ତ ରାସ, ବର୍ଷାକାଳରେ ପ୍ରାବୃଟ ରାସ (ଝୁଲଣଲୀଳା) ଏବଂ ଶରତ କାଳରେ ଶରତରାସ ବା ମହାରାସ । କୃଷ୍ଣଙ୍କ ବଂଶୀର ସପ୍ତରନ୍ଧ୍ରରେ ସପ୍ତ ଦେବଦେବୀ ଯଥା- ସରସ୍ୱତୀ, ରତି, ଉମା, ଲକ୍ଷ୍ମୀ, ଜଗଦ୍ଧାତ୍ରୀ, ସାବିତ୍ରୀ ଓ କାମଦେବ ଅବସ୍ଥାନ କରି ଏହାକୁ ମୋହନ ବଂଶୀରେ କରିଛନ୍ତି ରୁପାନ୍ତରିତ । ଏହି ମୋହନବଂଶୀ ଗୋପୀମାନଙ୍କ ନାମ କରିଛି ଉଚ୍ଚାରଣ । ଫଳ ସ୍ୱରୂପ ଏହାର ନାଦରେ ଶ୍ରୀରାଧାଙ୍କ ସହିତ ଷୋଳସହସ୍ର ବ୍ରଜାଙ୍ଗନା ମୋହିତ ହୋଇ ଧାବମାନ ହୋଇଛନ୍ତି ଯମୁନା କୂଳସ୍ଥିତ କୁଞ୍ଜକାନନକୁ । ଗୋପାଙ୍ଗନାମାନଙ୍କ ମେଳରେ ମହାଭାବ ସ୍ୱରୂପିଣୀ ଶ୍ରୀରାଧାଙ୍କ ଉପସ୍ଥିତିରେ ରାସେଶ୍ୱର ରଚନା କରିଛନ୍ତି ଦିବ୍ୟାତିଦିବ୍ୟ ମହାରାସ । ଆତ୍ମା ଲାଭ କରିଛି ପରମାତ୍ମାଙ୍କ ସାନ୍ନିଧ୍ୟ । ଜୀବ ଓ ପରମର ଘଟିଛି ମହାମିଳନ । ଭଗବାନ ଶ୍ରୀକୃଷ୍ଣଙ୍କର ବ୍ରଜାଙ୍ଗନାମାନଙ୍କ ସହିତ ସମ୍ପନ୍ନ ଏହି ଚିଦାନନ୍ଦ ରସମୟୀ ଦିବ୍ୟ କ୍ରୀଡାରୁ ସୃଷ୍ଟ ଅପ୍ରାକୃତ ପ୍ରେମରସକୁ ଗୋପୀମାନେ ଆସ୍ୱାଦନ କରି ସେମାନଙ୍କ କାମନା ଚରିତାର୍ଥ କରିଛନ୍ତି । ଏହା ଶ୍ରୀମଦ୍ ଭାଗବତରେ ଅତି ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି । ***'ଅନନ୍ତ ମାୟା ଯୋଗ କରି । ଷୋଳ ସହସ୍ର ରୂପ ଧରି ।।କୃଷ୍ଣର ଦେଖି କ୍ରୀଡାରସ । ତ୍ରିଦଶେ ହୋଇଲେ ହରଷ ।।'*** ଭଗବାନ ଶ୍ରୀକୃଷ୍ଣଙ୍କ ଐଶ୍ୱର୍ଯ୍ୟ ଲୀଳା ମଧ୍ୟ ଅନୁପମ ଓ ଅଲୌକିକମୟ । ଅକ୍ରୁରକୁ ଜଳ ମଧ୍ୟରେ ନିଜ ଶୋଭା ସମ୍ଭାର ପ୍ରଦର୍ଶନ, କୁବୁଜାର କୁଜ ହରଣ, ଅଷ୍ଟମଲ୍ଲଙ୍କ ସହିତ କଂସାସୁର ନିଧନ, ଅର୍ଜ୍ଜୁନଙ୍କୁ ଦିବ୍ୟଚକ୍ଷୁ ପ୍ରଦାନ ପୂର୍ବକ ବିଶ୍ୱରୂପ ପ୍ରଦର୍ଶନ, ଯମାଳୟରୁ ଗୁରୁପୁତ୍ରର ପ୍ରତ୍ୟାବର୍ତ୍ତନ, ନରକାସୁର ନିଧନ ଉପରାନ୍ତେ ଷୋଳ ସହସ୍ର ଏକଶତ ନାରୀଙ୍କର ପାଣିଗ୍ରହଣ, ଦନ୍ତବକ୍ର ଓ ଶିଶୁପାଳର ଶିର ଛେଦନ ଆଦି ଅନେକ ଲୀଳା ଅବତାରୀ ଶ୍ରୀକୃଷ୍ଣଙ୍କ ଅଲୌକିକତାକୁ ପ୍ରଖ୍ୟାପିତ କରିଅଛି ଏବଂ ଐଶ୍ୱର୍ଯ୍ୟଲୀଳାର ମହତ୍ତ୍ୱକୁ ବିସ୍ତାରିତ କରିଛି । ମହର୍ଷି ପରାଶରଙ୍କ ମତରେ ଲୀଳା ପୁରୁଷୋତ୍ତମ ଶ୍ରୀକୃଷ୍ଣ ଷଡ ଐଶ୍ୱର୍ଯ୍ୟ ବା ଭଗ ଯଥା- ଐଶ୍ୱର୍ଯ୍ୟ, ବଳ, ଜ୍ଞାନ, ଶ୍ରୀ, ଯଶ ଓ ବୈରାଗ୍ୟର ଅଧିକାରୀ ହୋଇଥିବାରୁ ତାଙ୍କୁ ଭଗବାନ କୁହାଯାଏ । ଏତଦ୍‌ବ୍ୟତୀତ ସେ ମଧ୍ୟ ଷୋଳକଳା ଯଥା- ଅମୃତ, ମାନଦା, ପୂଷା, ତୁଷ୍ଟି, ପୁଷ୍ଟି, ରତି, ଧୃତି, ଶଶନୀ, ଚନ୍ଦ୍ରିକା, କାନ୍ତି, ଜ୍ୟୋତ୍ସ୍ନା, ଶ୍ରୀ, ପ୍ରୀତି, ଅଙ୍ଗଦା, ପୂର୍ଣ୍ଣ ଓ ପୂର୍ଣ୍ଣମୃତାର ଅଧିକାରୀ ହୋଇ ଅବତାରୀ ନାମକରଣକୁ କରିଛନ୍ତି ସାର୍ଥକ । ରୂପଗୋସ୍ୱାମୀଙ୍କ ଭକ୍ତିରସାମୃତ ସିନ୍ଧୁ ଗ୍ରନ୍ଥ ଆଧାରରେ ଶ୍ରୀକୃଷ୍ଣ ଚଉଷଠି କଳାର ଅଧିକାରୀ ହୋଇ ପରିପୂର୍ଣ୍ଣତମ ବ୍ରହ୍ମର ନାମକରଣ ଯଥାର୍ଥତାକୁ କରିଛନ୍ତି ପ୍ରତିପାଦନ । ଚଉଷଠି କଳାମଧ୍ୟରେ ଶେଷ ଚାରିଗୋଟି କଳା ଅର୍ଥାତ୍ ରୂପମାଧୁରୀ, ପ୍ରେମ ମାଧୁରୀ ଲୀଳା ମାଧୁରୀ, ଏବଂ ବେଣୁ ମାଧୁରୀରେ ସେ ସମସ୍ତ ଅବତାର ଯଥା-ବାମନ, ନୃସିଂହ, ରାମ, ପର୍ଶୁରାମ ଆଦିଙ୍କୁ ଅତିକ୍ରମ କରିଅଛନ୍ତି ।

ଶ୍ରୀମଦ୍ ଭାଗବତରେ ବ୍ରହ୍ମା ଶ୍ରୀକୃଷ୍ଣଙ୍କୁ ସ୍ତୁତି କରି କହିଛନ୍ତି ହେ ପ୍ରଭୁ ! ଆପଣ ସକଳ ଜୀବଙ୍କର ଆତ୍ମା, ଜୀବଙ୍କର ଅଧୀଶ୍ୱର ଏବଂ ସମସ୍ତ ଲୋକର ସାକ୍ଷୀ । ବ୍ରହ୍ମ ସଂହିତା କୁହନ୍ତି ଈଶ୍ୱର ପରମକୃଷ୍ଣ ସଚ୍ଚିଦାନନ୍ଦ ବିଗ୍ରହ, ଅନାଦିରାଦି ଗୋବିନ୍ଦ ସର୍ବ କାରଣ କାରଣମ୍ । ମହର୍ଷି ବ୍ୟାସଦେବଙ୍କ ମତରେ 'ଏତେ ଚାଂଶକଳାଃ ପୁଂସଃ କୃଷ୍ଣସ୍ତୁ ଭଗବାନ୍ ସ୍ୱୟମ୍' । **ଶ୍ରୀକୃଷ୍ଣ ଦ୍ୱାରକାରେ ପୂର୍ଣ୍ଣ, ମଥୁରାରେ ପୂର୍ଣ୍ଣତର ଏବଂ ଗୋକୁଳ ତଥା ବୃନ୍ଦାବନରେ ପୂର୍ଣ୍ଣତମ ଭାବରେ ତାଙ୍କର ଲୀଳାମୟ ସ୍ୱରୂପର ଚମତ୍କାରିତାକୁ ପ୍ରଦର୍ଶିତ କରିଛନ୍ତି ।**

**ଶ୍ରୀକ୍ଷେତ୍ର ବିହାର,ଆଇଗିଣିଆ,**
**ଭୁବନେଶ୍ୱର,ମୋ-୯୮୬୧୪୭୦୧୯୮**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମିଳୁନି...

ପୋଲିସର କହିବାନୁଯାୟୀ ଚିତାୱାନ ଜିଲ୍ଲାରୁ ୩୫୫ ମୃତ ଦେହ ଉଦ୍ଧାର କରାଯାଇଥିବାବେଳେ ନୱାଲପାରିସ୍‌ରେ ୨୧୮, ନେପାଳପାରିସ ପଶ୍ଚିମରେ ୨୦୮ ମୃତଦେହ ଉଦ୍ଧାର ହୋଇଛି । ନେପାଳ ସେନା ସହ ମିଶି ଏକ ଯୁଗ୍ମ ଉଦ୍ଧାରକାରୀ ଦଳ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ଲାଗିଛନ୍ତି । ୯ ଦିନ ଧରି ଏହି ଉଦ୍ଧାର କାର୍ଯ୍ୟ ଚାଲିଛି । ୬୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ବିଭିନ୍ନ ଜଳବିଦ୍ୟୁତ୍ ଟନେଲ ମଧ୍ୟରେ ଫସି ରହିଥିବା ନେଇ ଅନୁମାନ କରାଯାଉଛି । ଭାରତୀୟ ଉଦ୍ଧାରକାରୀ ଦଳ ଟନେଲରେ ଜୀବନ ଖୋଜାରେ ନିୟୋଜିତ ହୋଇଛନ୍ତି । ଉଭୟେ ଭାରତୀୟ ଓ ନେପାଳ ଟିମ୍ ଏହି କାର୍ଯ୍ୟରେ ସାମିଲ ହୋଇଛନ୍ତି । ଚୀନ୍ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ତିବତ୍‌ରେ ୨୧ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୫୪୧ ଏବେସୁଦ୍ଧା ନିଖୋଜ ଅଛନ୍ତି । ତାମିଲନାଡୁ ସରକାର ମାଗଣାରେ ଡିଏନ୍‌ଏ ଟେଷ୍ଟ ପାଇଁ ବ୍ୟବସ୍ଥା କରିଛନ୍ତି । ଜାତିସଂଘ ପକ୍ଷରୁ କୁହାଯାଇଛି ଯେ ନେପାଳ ବନ୍ୟାରୁ ବଞ୍ଚିଯାଇଥିବା ଲୋକଙ୍କ ପାଇଁ ସାହାଯ୍ୟ ଦେବା କଷ୍ଟକର ହୋଇପଡ଼ିଛି । ଯେଉଁଭଳି ମାତ୍ରାରେ ଏହି ବିପର୍ଯ୍ୟୟ ହୋଇଛି ଓ ଯେଉଁଭଳି ଭାବରେ କ୍ଷୟକ୍ଷତି ହୋଇଛି ଏହା କଳ୍ପନା କରିବା ବି କଷ୍ଟ ହୋଇପଡ଼ିଛି । ଜାତିସଂଘ ପକ୍ଷରୁ ପାଣି ଓ ସାନିଟେସନ୍ କିଟ୍ ସହ ଖାଦ୍ୟ, ଔଷଧ ଯୋଗାଇ ଦିଆଯାଉଛି । ତେବେ ନେପାଳରେ ହୋଇଥିବା ଏହି ବନ୍ୟାକୁ ନେପାଳ ସରକାର ହିମାଳୟନ୍ ସୁନାମି ବୋଲି ନାମକରଣ କରିଛନ୍ତି । ଅନ୍ତର୍ଜାତୀୟ ସମୁଦାୟ ସହଯୋଗ କରିଥିବାରୁ ସେମାନେ ଧନ୍ୟବାଦ ଦେଇଛନ୍ତି । ସରକାରଙ୍କର ପ୍ରାଥମିକତା ହେଉଛି ନେପାଳି ଓ ବିଦେଶୀ ନାଗରିକଙ୍କୁ ଖୋଜିବା ଓ ଉଦ୍ଧାର କରିବା । ତେବେ କ୍ଷତିଗ୍ରସ୍ତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । କାଦୁଅର ଆସ୍ତରଣ ମଧ୍ୟରେ ଘରଗୁଡ଼ିକ ବୁଡ଼ି ରହିଛି । ନେପାଳି ପରିବାରମାନେ ଗଣ ଶବଦାହ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଯେଉଁଠି ଶବ ମିଳୁନାହିଁ ସେଠି କୁଶପୁତ୍ତଳିକା ଦାହ କରାଯାଉଛି । ନଦୀର ଅବବାହିକାରେ ଲୋକମାନେ ଏକାଠି ହୋଇ ଉଦ୍ଧାର କାର୍ଯ୍ୟ ଉପରେ ନଜର ରଖିଛନ୍ତି । ଉଦ୍ଧାର ମଧ୍ୟରେ କେଉଁଠି କେବେ ତାଙ୍କ ନିକଟ ଆତ୍ମୀୟସ୍ୱଜନ ମିଳିଯିବେ ବୋଲି ସେହି ଆଶାବାନ୍ଧି ବସିଛନ୍ତି । ନେପାଳର ବିଭିନ୍ନ ସ୍କୁଲ ପିଲାମାନେ ସ୍ୱେଚ୍ଛାକୃତ ଭାବରେ ସେମାନଙ୍କ ପକେଟ୍ ମନିରୁ ବନ୍ୟା ପ୍ରଭାବିତ ଅଞ୍ଚଳ ଲାଗି ଦାନ କରୁଛନ୍ତି ।

## ସାପୁଆ...

ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରେ ଆଠଗଡ଼ ଅଗ୍ନିଶମ ବିଭାଗ ପକ୍ଷରୁ ନଦୀ ଭିତରେ ଖୋଜାଖୋଜି କରି କିଛି ଦୂରରେ ଗୋଟିଏ ଗଛରେ ଲାଗିଥିବା ପିଣ୍ଟୁର ମୃତ ଦେହ ଉଦ୍ଧାର କରିଥିଲେ । ଖବର ପାଇ ଆଠଗଡ଼ ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିବା ବେଳେ ଦୁଇ ଟି ଅପମୃତ୍ୟୁ ମାମଲା ୩୬/୨୬ ଏବଂ ୩୭/୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସୁମତି କୁମାରୀ ମହାନ୍ତି ସୂଚନା ଦେଇଛନ୍ତି । ଏହି ଦୁଃଖଦ ଖବର ପାଇ ଆଖ ପାଖ ଅଞ୍ଚଳରୁ ଶହଶହ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଉକ୍ତ ଘଟଣାରେ ଇଚ୍ଛାପୁର ଗ୍ରାମ ସହିତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଆଜି ଆସିବ...

ମାଧ୍ୟମରେ ପ୍ରଦାନ କରାଯିବ, ଯାହା ରାଜ୍ୟର ଚାଷୀମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହ କୃଷି କାର୍ଯ୍ୟରେ ପ୍ରୋତ୍ସାହିତ କରିବ । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେବେ । ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସରକାରଙ୍କ ଅନ୍ୟ ମନ୍ତ୍ରୀ ଗଣ ଯୋଗଦେଇ ସିଏମ୍-କିସାନ କିସ୍ତି ପ୍ରଦାନ କରିବେ । ଗଣମାଧ୍ୟମର ସଦୟ ଅବଗତି ନିମନ୍ତେ ତାହାର ତାଲିକା ନିମ୍ନରେ ସଂଲଗ୍ନ କରାଗଲା ।

## ୨୨ରୁ...

ଯାହାକୁ ନେଇ ବିରୋଧୀ ଏବେ ବେଶ୍ ମୁଖର ହୋଇପଡ଼ିଛନ୍ତି । ସେହିଭଳି ରାଜ୍ୟରେ ବନ୍ୟା ପରିସ୍ଥିତି ବେଶ୍ ଚିନ୍ତାଜନକ ରହିଛି । ମାସାଧିକକାଳ ଲୋକମାନେ ପାଣି ଘେରରେ ରହିଛନ୍ତି । ସେମାନଙ୍କୁ ଠିକ୍ ସମୟରେ ରିଲିଫ ମିଳୁନାହିଁ ବୋଲି ମଧ୍ୟ ଅଭିଯୋଗ ଆସୁଛି । ଏହାଛଡା ଚାଷୀ ପଞ୍ଜୀକରଣ ସମସ୍ୟା ଦେଖାଦେଇଛି । ଏହାର ଅବଧି ବୃଦ୍ଧି କରିବା ଲାଗି ବିରୋଧୀ ଦଳଗୁଡ଼ିକ ମଧ୍ୟ ଦାବି କରୁଛନ୍ତି । ବିଭିନ୍ନ ଜିଲ୍ଲାରେ ସାର ସଙ୍କଟ ଉତ୍କଟ ହୋଇଛି । ଏହା ମଧ୍ୟ ବିଧାନସଭାରେ ଉଠିପାରେ ବୋଲି ସୂଚନା ମିଳିଛି ।

# କାର ସହ ୬୦ କେଜି ଗଞ୍ଜେଇ ଜବତ : ସ୍ୱାମୀ-ସ୍ତ୍ରୀ ଗିରଫ

ଦଶପଲ୍ଲା, (ସବ୍ୟୁ) : ବାଣୀଗୋଛା ଥାନା ଆଇ ଆଇ ସି ଶିବ ପ୍ରସାଦ ଭଦ୍ରାଙ୍କ ନିର୍ଦ୍ଦେଶ କ୍ରମେ ଏସ ଆଇ ବିରେନ୍ଦ୍ର କୁମାର ଦେହୁରି ସଦଳବଳେ ଚଢ଼ାଉ କରି ଚୋରା ଚାଲାଣ ହେଉଥିବା ୬୦ କେଜି ଗଞ୍ଜେଇ ସହ ଏକ କାର ଜବତ କରିଛନ୍ତି । ଏହି ଘଟଣାରେ ସଂପୃକ୍ତ ଖଣ୍ଡପଡା ଥାନା ଅନ୍ତର୍ଗତ ବଳରାମ ପ୍ରସାଦ (ଅଙ୍କୁରାବନ୍ଧ) ଗ୍ରାମର ଶରତ ମଲ୍ଲିକ(୪୮) ଓ ତାଙ୍କ ସ୍ତ୍ରୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନା ମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ପଠାଇ ଦିଆଯାଇଛି । , ଶରତ ଏବଂ ତାଙ୍କ ସ୍ତ୍ରୀ ଏକ କାର ଓଡି୦୨ ଡିଏଲ ୫୯୧୯ ରେ କନ୍ଧମାଳ ଜିଲ୍ଲାରୁ ତାଙ୍କ ଘର ଖଣ୍ଡପଡା ଥାନା ବଳରାମ ପ୍ରସାଦ ଅଙ୍କୁରାବନ୍ଧକୁ ଯାଉଥିବା ବେଳେ ବିଶେଷ ସୂତ୍ରରୁ ଖବରପାଇ ଆଇ ଆଇସି ଙ୍କ ନିର୍ଦ୍ଦେଶ କ୍ରମେ ଏସ ଆଇ ବିରେନ୍ଦ୍ର କୁମାର ଦେହୁରୀ ସଦଳବଳେ କାର ପିଛାକରି ଧରିବାରେ ସଫଳ ହୋଇଥିଲେ । ପରେ କାର ଯାଞ୍ଚ କରାଯାଇଥିବା ବେଳେ କାର ମଧ୍ୟରେ ଗଂଜେଇ ଥିବା ଜଣାପଡିଥିଲା । ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକଙ୍କ ଉପସ୍ଥିତିରେ ଏହି ଗଞ୍ଜେଇ ଓଜନ କରାଯାଇଥିଲା । ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁକରି ଉଭୟ ଶରତ ଏବଂ ତାଙ୍କ ସ୍ତ୍ରୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।ଗଂଜେଇର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଛି ।

# ସାମ୍ବତ୍ସରିକ ଶ୍ରାଦ୍ଧୋତ୍ସବ ପାଳିତ



ଗୁରୁଜଙ୍ଗ (ଖୋର୍ଦ୍ଧା) : ଖୋର୍ଦ୍ଧାର ଜନପ୍ରିୟ ତଥା ସ୍ୱନାମଧନ୍ୟ ଡାକ୍ତର ସ୍ୱର୍ଗତ ରାମକୃଷ୍ଣ ସାମନ୍ତରାୟ ଓ ତାଙ୍କର ଧର୍ମପନି ଶୈବାଳିନୀ ଦେବୀଙ୍କର ସାମ୍ବତ୍ସରିକ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଗୀତାପାଠ, ନାମ ସଂକୀର୍ତ୍ତନ, ଭକ୍ତି ପୁଷ୍ପାଞ୍ଜଳି ତଥା ପ୍ରସାଦ ସେବନର ଆୟୋଜନ କରାଯାଇଥିଲା । ସମସ୍ତ ଶୁଭାକାଂକ୍ଷୀ ଜନତାଙ୍କୁ ତାଙ୍କର ଜ୍ୟେଷ୍ଠପୁତ୍ର ଉଚ୍ଚନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ରାଧାକୃଷ୍ଣ ସାମନ୍ତରାୟ ଉପସ୍ଥିତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛାତ୍ରୀଙ୍କ ଆତ୍ମହତ୍ୟା

ବାଲିପାଟଣା ,(ସବ୍ୟୁ): ବାଲିପାଟଣା ଥାନା ଅନ୍ତର୍ଗତ ନିଆଁ ଗରଡ଼ା ଛକ ନିକଟରେ ରହୁଥିବା ଶୁକଲତା ଦାସଙ୍କ ନାତୁଣୀ ବେକରେ ଲୁଗା ଗୁଡେଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ବାଲିପାଟଣା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ଗୁରୁବାର ଦିନ ବ୍ୟବଚ୍ଛେଦ ପାଇଁ ପଠାଇଛି । ରୁଜୁ ହୋଇଥିବା ଅପମୃତ୍ୟୁ ମାମେଲା ଔଜୁ କରି ତଦନ୍ତ ଚଳାଇଛି । ମୃତ ଛାତ୍ରୀ ଶୁକଲତାଙ୍କ ବଡ଼ ଝିଅର ଝିଅ । ଆଇମାଙ୍କ ନିକଟରେ ରହି ପାଠ ପଢୁଥିଲା । ସବୁଦିନ ପରି ଶୋଇଥିଲା । ସକାଳୁ ଘରେ ଝୁଲନ୍ତା ଅବସ୍ଥାରେ ଦେଖି ପୋଲିସକୁ ଖବର ଦେଇଥିଲେ ।ସେ ଜଣେ ମେଧାବୀ ଛାତ୍ରୀ ଥିଲେ ।

# ଫାଇନାନ୍ସ କର୍ମଚାରୀଙ୍କ ଠାରୁ ଲୁଟ

ବାଲିପାଟଣା ,(ସବ୍ୟୁ): ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ହଂସପାଳ- ଅଭୟମୁଖି ଗୋପ ବ୍ରାଞ୍ଚ କେନାଲ ବନ୍ଧ ରାସ୍ତାର ସାହେବନଗର ଠାରେ ୨ ଜଣ ଦୁର୍ବୃତ୍ତ ଦୁଇ ଫାଇନାନ୍ସ କର୍ମଚାରୀଙ୍କ ବେକରେ କଟୁରୀ ଲଗାଇ ଲୁଟି ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପରେ ବାଲିପାଟଣା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ ଚଳାଇଛି । ଭାରତ ଫାଇନାନ୍ସର ୨ ଜଣ କର୍ମଚାରୀ ମହେଶ ବେହେରା ଓ ଆଲୋକ ନାଥ ,ଜୟଦେବ ନିକଟସ୍ଥ ଗ୍ରାମରୁ ଋଣ ଟଙ୍କା ଆଦାୟ କରି ବାଲିପାଟଣା ଅଭିମୁଖେ ଆସୁଥିବା ବେଳେ ହଠାତ୍ ୨ ଜଣ ମୁଖା ପିନ୍ଧା ଲୁଟେରା ବାଇକରେ ଆସି ସାହାବନଗର ନିକଟରେ ଫାଇନାନ୍ସ କର୍ମଚାରୀଙ୍କୁ ଅଟକାଇଥିଲେ । ପରେ ବେକରେ ଏକ ତେଲେଙ୍ଗା କଟୁରୀ ଲଗାଇ ଧମକାଇବା ସହ ୧୫ ହଜାର ଟଙ୍କା ସହ ବ୍ୟାଗ ନେଇ ଫେରାର ହୋଇଯାଇଥିଲେ ବ୍ୟାଗରେ ଫାଇନାନ୍ସ କର୍ମଚାରୀଙ୍କର ଟ୍ୟାବ ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଥିଲା ବୋଲି କହିଛନ୍ତି । ଫାଇନାନ୍ସ କର୍ମଚାରୀ ସେଠାରୁ ଆସି ବାଲିପାଟଣା ଥାନାରେ ଅଭିଯୋଗ କରିଥିଲ ।

# ବିଦ୍ୟାଳୟ ହଷ୍ଟେଲ ଛାତ୍ରୀ ଆହତ

ଦଶପଲ୍ଲା, (ସବ୍ୟୁ): ଦଶପଲ୍ଲା ଥାନା ବହୁମୁଖୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ଜଣେ ଛାତ୍ରୀ ଆହତ ହୋଇଛନ୍ତି । ରାତିରେ ହଷ୍ଟେଲରେ ଶୋଇଥିବା ବେଳେ କେହି ତାଙ୍କ ବେକ ଓ ହାତ କୁ ବ୍ଲେଡ଼ ଦ୍ୱାରା କାଟିଥିବା ଦେଖିବାକୁ ମିଳିଛି । ମାତ୍ର ରାତିରେ କିଏ କାଟିଲା ସେ ଜାଣି ନାହାନ୍ତି ବୋଲି ପ୍ରକାଶ କରିଥିବା ବେଳେ ବିଦ୍ୟାଳୟର ଅଧ୍ୟକ୍ଷ ସଠିକ ଭାବେ ପ୍ରକାଶ କରିନାହାନ୍ତି । ହଷ୍ଟେଲ ଓ୍ୱାର୍ଡେନଙ୍କୁ ପଚାରିବା ସହ ଛାତ୍ରୀଙ୍କ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିବା ପ୍ରକାଶ କରିଥିଲେ । ଅନ୍ୟପାଶ୍ୱରେ ଛାତ୍ରୀଙ୍କ ପରିବାର ଲୋକେ ରାତିରେ ହଷ୍ଟେଲ ଲାଇଟ ବନ୍ଦ ଥିଲା କାହିଁକି ବୋଲି ପ୍ରଶ୍ନ କରିବା ସହ ବିଦ୍ୟାଳୟକୁ ଯାଇ ହୋହଲ୍ଲା କରିଛନ୍ତି । ତେବେ ଛାତ୍ରୀଙ୍କୁ କିଏ ବ୍ଲେଡ଼ରେ ହାତ ଓ ବେକକୁ କାଟିଲା ଏବେ ସମସ୍ତେ ସନ୍ଦେହ ଭିତରେ ଥିବା ବେଳେ ଘଟଣା ସମ୍ପର୍କ ରେ ପୋଲିସ ନିକଟରେ ଅଭିଯୋଗ ହେବାପରେ ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି । ବିଦ୍ୟାଳୟରେ ହଷ୍ଟେଲ ଥିବାବେଳେ ଏହାର ଅନୁମତି ଓ ସିସିଟିଭି ପୋଲିସର ତଦନ୍ତ ପରିସରଭୁକ୍ତ ହୋଇଛି ।


**ଡକ୍ୟୁମେଣ୍ଟ ହଜିଯାଇଛି**

ମୁଁ "ରଶ୍ମି ରଞ୍ଜନ ଭୂୟାଁ", ପିତା- ସ୍ୱ ରୂପନାଥ ଭୂୟାଁ, ପ୍ଲଟ୍ ନଂ.: ଏନ୍/୩/ ୧୩୭-ଏ, ଆଇଆରସି ଭିଲେଜ, ଭୁବନେଶ୍ୱର, ଏତଦ୍ଦ୍ୱାରା ଜଣାଇଦେଉଛି ଯେ, ତା୦୨.୦୯.୨୦୨୬ରିଖ ପ୍ରାୟ ଅପରାହ୍ନ ୦୬:୩୦ ଘଟିକାରେ ମୁଁ ମୋର ଘରୁ ଇନ୍ଦିରା ମାର୍କେଟ ଯାଉଥିବା ସମୟରେ, ସେକ୍ ଶାମସୁଦ୍ଦିନ୍‌ଙ୍କ ନାମରେ ଥିବା ମୂଳ ବିକ୍ରୟ ଦଲିଲ ଯାହାର ଡକ୍ୟୁମେଣ୍ଟ ନଂ. ୬୨୭, ତା.୦୮.୦୨.୨୦୦୨, ଯାହା ସେକ୍ ଶାମସୁଦ୍ଦିନ୍‌ଙ୍କ ସପକ୍ଷରେ ମହମ୍ମଦ ସମସୁର ଖାନ୍‌ଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା, ତାହା କେଉଁଠାରେ ହଜି ଯାଇଛି । ଉକ୍ତ ଦଲିଲଟି- ମୌଜା: ଶିମିଳିପାଟଣା, ଥାନା: ଚନ୍ଦକା, ଭୁବନେଶ୍ୱର, ସାବିକ ଖାତା ନଂ.: ୫୯, ସାବିକ ପ୍ଲଟ୍ ନଂ.: ୪୪୯, କ୍ଷେତ୍ର: ଏକର୦.୦୬୩ ଡିସିମିଲି, ଏହି ସମ୍ପତ୍ତି ସମ୍ବନ୍ଧିତ ଅଟେ । ମୋର ଯଥେଷ୍ଟ ଚେଷ୍ଟା ସତ୍ତ୍ୱେ ଏପର୍ଯ୍ୟନ୍ତ ମୁଁ ତାହା ଖୋଜି ପାଇନି ନାହିଁ ।

ରଶ୍ମି ରଞ୍ଜନ ଭୂୟାଁ
ମୋବାଇଲ ନଂ.: ୭୦୦୮୮୪୮୨୬୬

**GOVERNMENT OF ODISHA : OFFICE OF THE SUPERINTENDING ENGINEER, MINOR IRRIGATION DIVISION, RAYAGADA**
(E-mail ID: eemirayagada@gmail.com)

32001/783/2627

**NOTICE INVITING TENDER**
**e-Procurement Notice**
e-Procurement Notice No. SEMIDRGD - 06/2026-27
Letter No. 3666 Dated. 31.08.2026

The Superintending Engineer, Minor Irrigation Division, Rayagada on behalf of Governor of Odisha invites Percentage rate bids in both Single & Double cover system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

| | | |
|---|---|---|
| 1. | Name of the work | : Construction of 01 (One) No. of New Check Dam under MATY 3.0 in Bissamcuttack Block & Improvement to 11 (Eleven) Nos. of MIPs in different Blocks of Rayagada District under Critical Grant for the year 2026-27. |
| 2. | Total Number of works | : 12 (Twelve) Nos. |
| 3. | Estimated cost | : Approximately varies from Rs.9.19 Lakh to Rs. 70.44 Lakh. |
| 4. | Period of completion | : As mentioned against each work in Annexure to Bid Notice |
| 5. | Class of Contractor | : As mentioned against each work in Annexure to Bid Notice |
| 6. | Date and time of availability of bid documents in the portal | : From 10:00 AM of 05.09.2026 to 5:00 PM of 19.09.2026 |
| 7. | Last date /time for receipt of bids in the portal | : 5:00 PM of 19.09.2026 |
| 8. | Date of opening of bid | : At 11:00 AM on 21.09.2026 in website (www.tendersodisha.gov.in) |
| 9. | Submission of Bids | : Onine mode |
| 10. | Name of the Officer inviting Bid | : Superintending Engineer, Minor Irrigation Division, Rayagada |

11. Further details can be seen from the Government of Odisha Website: www.tendersodisha.gov.in

Sd/- Superintending Engineer
M.I. Division, Rayagada
OIPR : 32001/32056/1/26-27/0004

25001/1072/2627 E_mail: eerwkesinga@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KESINGA**
**BID IDENTIFICATION NO. RWKSNG-online-2/26-27**

The tender invited vide Bid Identification No. RWKSNG-online-2/26-27 is here by cancelled due to non-submission of required document for abnormally low rate with proper justification.

Sd/- Superintending Engineer
Rural Works Division
Kesinga
OIPR : 25001/25153/1/26-27/0007

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ରବିତାଲୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/1718/2627 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୬୨, ୱେବ୍‌ସାଇଟ୍ https://oshb.org.

ପତ୍ର ସଂଖ୍ୟା: ୧୩୪ **ବିଜ୍ଞାପନ** ତା : ୧୯.୦୮.୨୦୨୬

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ : ସ୍ୱର୍ଗତ ତ୍ରିଲୋଚନ ନାଥ ପଟ୍ଟନାୟକ ପିତା-ସ୍ୱର୍ଗତ ସୋମନାଥ ପଟ୍ଟନାୟକ, ସା/ପୋ-ଜୋବ୍ରା, ଥାନା-ଗୋବିନ୍ଦପୁର ଜି-କଟକ | ଘର ନଂ-ଏମ୍.ଆଇ.ଜି-୪/୧ (MIG-4/1), ଚନ୍ଦ୍ରଶେଖରପୁର ୧ମ ପର୍ଯ୍ୟାୟ, ଭୁବନେଶ୍ୱର, ଜିଲ୍ଲା - ଖୋର୍ଦ୍ଧା | ୧. ଆଲୋକେଶ ପଟ୍ଟନାୟକ (ପୁତ୍ର) ୨. ଅସିମା ପଟ୍ଟନାୟକ (କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13001/13030/1/26-27/0224

**PARADIP PORT AUTHORITY**
**e-TENDER CALL NOTICE**
No.EM/WSD-II/TECH-08/2025/1307, Date: 20.08.2026
e-TCN No.EM/WS-22/2026

Name of the work "Hiring of 03 (Three) nos. Self-Propelled Electric Road Sweeping Machine for a period of Five Years". Estimatedcost: Rs.16,06,50,000/- excluding GST. Last date & time of submission of bid: dt.22.09.2026 up to 18:00 Hrs. Refer our website for details https://eprocure.gov.in/eprocure/app.

Sd/- Executive Engineer (M),
Work shop Division-II
Paradip Port Authority
PPA/PR/24/2026-2027 dtd. 02.09.2026

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.: Sr.DMM/SBP/Stores/Tender Publication/2026, ତା.02.09.2026ରିଖ

ଟେଣ୍ଡର ସଂ. 40266204

ଆଇଟମ୍ ବିବରଣୀ : କମ୍ପୋଜିଟ୍ ଗ୍ରୁଭଡ୍ ରବର ସୋଲ ପ୍ଲେଟ୍ (CGRSP) - ୧୦ମି.ମି. ମୋଟେଇ ବିଶିଷ୍ଟ PSC ସ୍ଲିପରରେ ବ୍ୟବହାର ପାଇଁ ଡ୍ରଇଂ ନଂ. RDSO/T-8746 ଅନୁଯାୟୀ, ରେଲ୍ ପାଇଁ ଉପଯୁକ୍ତ 60KG(UIC)/60E1 ଏବଂ 52KG DRG:(RDSO)RDSO/T-8747 ALT-1 SPEC:(RDSO)T-55-2025, ସଂଶୋଧନ-01 ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.09.2026 ରିଖ 1500 ଘଡିକା ।

ଇ-ଟେଣ୍ଡର ଦାଖଲ କରିବା ପାଇଁ ଯୋଗ୍ୟ ନୁହେଁ ଏବଂ ଏହାକୁ ଟେଣ୍ଡରଦାତାଙ୍କର ୱେବସାଇଟ୍‌ରେ ପୂର୍ବରୁ ପଞ୍ଜୀକୃତ ଥିବା ଅଧିକୃତ କର୍ମଚାରୀଙ୍କ ଦ୍ୱାରା DSC ସହିତ ଦାଖଲ କରିବାକୁ ହେବ ।

ରେଳବାଇ କୌଣସି କାରଣ ଦର୍ଶାଇବା ବିନା ଟେଣ୍ଡରକୁ ବାତିଲ କରିବା କିମ୍ବା ଯେକୌଣସି ଅଥବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ରଖେ ।

ଟେଣ୍ଡରଦାତାମାନେ EMD ଏବଂ ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ ଯଥାବିଧି ପ୍ରଦାନ କରି ଇ-ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ।

ଇ-ଟେଣ୍ଡରର ଦସ୍ତାବିଜ ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ସମ୍ବଲପୁର
PR-418/R/26-27

**AFFIDAVIT (FOR MINOR)**

By virtue of an affidavit sworn before the Executive Magistrate, Angul, Odisha on dated 03.09.2026. I Bibekananda Sahu, aged about 30 years, son of Bichitra Sahu of permanent resident At/Po-Badakerjeng P. S.- Nisha, Dist: .-Anugola, Odisha, Pin -759143 declare that I have changed the name my son Abraham Benjamin Sahu to Badrinarayan Sahu. Henceforth, he shall be known as Badrinarayan Sahu for all purposes.

Sd /- Bibekananda Sahu

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated 03.09.2026 I,Lima Majhi D/o - Rajendra Kumar Majhi Resident of At-Barasahi(Uparsahi) P.O-Barasahi P.S- Sarankul Dist-Nayagarh,PIN-752080 declare that I have changed my name from Monali Majhi to Lima Majhi Henceforth, I shall be known as Lima Majhi for all purposes.

Sd/- Lima Majhi

**AFFIDAVIT**

By virtue of an affidavit sworn before the Executive Magistrate Bhadrak. I Purnamashi Sahu alias Gitanjali Sahu D/o Suresh Chandra Sahu,C/o-Kailash Chandra Sahu Village/Post/Ps-Sahadevkhunta, Dist-Baleswar.That I have an LIC Policy bearing policy.no.587374356 where my name is Purnamashi Sahu,W/o-Rabindra Kumar Sahu.But my Bank Passbook at SBI Sahadevkhunta Branch my name mantioned as Gitanjali Sahu,W/o-Rabindra Kumar Sahu.That Purnamashi Sahu,D/o-Suresh Chandra Sahu & Gitanjali Sahu W/o -Rabindra Kumar Sahu is same & one person in same locality.

Sd/- Purnamashi Sahu Gitanjali Sahu

**କାନରା ବ୍ୟାଙ୍କ Canara Bank**

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ, ଶ୍ରୀଜୀ କମ୍ପ୍ଲେକ୍ସ
ପ୍ଲଟ୍ ନଂ.: ୮୪୦/୮୪୮ ଏବଂ ୮୪୦/୮୪୯, କଟକ ରୋଡ
ୟୁନିଟ୍ ନଂ.-୧୨, ମାଳ୍ପା ବଜାର, କଟକ-୭୫୩୦୦୧

ମିଆଦ ପୂରଣ/ଏନ୍‌ପିଏ ହୋଇଥିବା ସ୍ୱର୍ଣ୍ଣ ଋଣ ସମ୍ବନ୍ଧୀୟ ବିଜ୍ଞପ୍ତି (ପ୍ରଥମ ବିଜ୍ଞପ୍ତି ପ୍ରକାଶନ)

ଏତଦ୍ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା(ମାନ)ଙ୍କୁ ଅବଗତ କରାଇ ଦିଆଯାଉଅଛି ଯେ, ଏକାଧିକ ନୋଟିସ୍ ଦିଆଯିବା ସତ୍ତ୍ୱେ ସେ ନିଜର ଋଣଖାତାରେ ଥିବା ବକେୟା ଦେୟ ପରିଶୋଧ କରିବାରେ ବିଫଳ ହୋଇଛନ୍ତି । ତେଣୁ ତାଙ୍କୁ ଅନୁରୋଧ କରାଯାଉଅଛି ଯେ, ସେ ସମସ୍ତ ବକେୟା ତଥା ଅନ୍ୟାନ୍ୟ ଦେୟ ପରିଶୋଧ କରନ୍ତୁ ଏବଂ ବନ୍ଧକ ରଖାଯାଇଥିବା ସ୍ୱର୍ଣ୍ଣ ଅଳଙ୍କାରକୁ ତା୨୧.୧୦.୨୦୨୬ରିଖ କିମ୍ବା ତା'ପୂର୍ବରୁ ମୁକୁଳାଇ ନିଅନ୍ତୁ, ଅନ୍ୟଥା ବ୍ୟାଙ୍କର ନୀତି ଅନୁଯାୟୀ ବିନା କୌଣସି ପରବର୍ତ୍ତୀ ନୋଟିସ୍‌ରେ ଉକ୍ତ ବନ୍ଧକ ସ୍ୱର୍ଣ୍ଣ ଅଳଙ୍କାରକୁ ବ୍ୟାଙ୍କ ସମ୍ପୂର୍ଣ୍ଣ ସ୍ୱଇଚ୍ଛାରେ, ଋଣଗ୍ରହୀତାଙ୍କ ଖର୍ଚ୍ଚରେ, ସର୍ବସାଧାରଣ ନିଲାମରେ ବିକ୍ରୟ କରିଦେବ ।

| କ୍ର. ନଂ. | ଋଣ ତାରିଖ | ଋଣ ନମ୍ବର | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ବକେୟା ଦେୟ (ଟଙ୍କାରେ) |
|---|---|---|---|---|
| | | ପଟ୍ଟାମୁଣ୍ଡାଇ ଶାଖା | | |
| ୧. | ୨୧.୦୬.୨୦୨୩ | ୯୦୦୧୨୨୩୫୬୬ | ଅମାଳା ଖାତୁନ୍, ସା/ପୋ: ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ଓଡ଼ିଶା | ୮୮୨,୪୭୩.୦୦ |

ସ୍ଥାନ: କଟକ, ତାରିଖ: ୦୩.୦୯.୨୦୨୬ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

**OFFICE OF THE PANCHAYAT SAMITI BALIKUDA**
At/Po-Balikuda, Dist : Jagatsinghpur,
e-mail : ori-ballikuda@nic.in
19001/240/2627 Phone- 06724 - 238226

**'e' Procurement Notice No.BDO-BKD/PS-02 of 2026-27**

| | | |
|---|---|---|
| 1 | Number of the works | 10 (Nos.) Nos. |
| 2 | Tender Amount (Approx.) | Rs.9.31 Lakh to 28.53 Lakh |
| 3 | EMD (online) | As per DTCN |
| 4 | Tender Paper Cost (online) (Non-Refundable) | Rs.6,000.00 |
| 5 | Class of Contractor | "D", "C" & "B" Class Contractor |
| 6 | Period of Completion | 06 (six) Calendar Months |
| 7 | Availability of Tender | From 07.09.2026 at 10.00 AM to 22.09.2026 at 5.30 P.M |
| 8 | Date & Time of opening of BID | 23.09.2026 at 11.00 AM |

Further details can be seen from the Govt, web site "https://tendersodisha.gov.in

All corrigendum / cancellation of tender if any, will only be uploaded in the above web site

Sd/- BLOCK DEVELOPMENT OFFICER, BALIKUDA
OIPR : 19001/19282/1/26-27/0002

**OFFICE OF THE NOTIFIED AREA COUNCIL, KHALLIKOTE**
Letter No. 1955/NAC Khallikote Date : 01/09/2026

**"e" Procurement Notice**
**TENDER REFERENCE NO.: KIT-NAC-04/2026-27**
**BID ID No. 2026-ORULB-139945)**

Bid documents consisting of work, Estimated cost, Cost of Tender Paper, EMD, Time of completion, Class of contractor and the set of terms and conditions of contract and other necessary documents can be seen in Govt, website, i.e www.tendersodisha.gov.in.

| | | |
|---|---|---|
| 1. | Name of the Work | : Civil construction works as mentioned in DTCN |
| 2. | No. of works | : 7 Nos. |
| 3. | Estimated cost | : Rs.5.81 lakhs to Rs.19.65 lakhs |
| 4. | Period of completion | : As Per DTCN |
| 5. | Date & time of availability of bid document in the portal | : From 10.00 AM of 05.09.2026 to 18.09.2026 up to 5.00 PM. |
| 6. | Last date / Time for receipt of bids in the portal | : 18.09.2026 up to 5.00 PM. |
| 7. | Bids received online shall be opened on | : 19.09.2026 at 10.00 AM. |
| 8. | Name and address of the Officer Inviting Bid | : Executive Officer, NAC, Khallikote. |

Further details can be seen from the e-procurement portal https://tendersodisha.gov.in

Sd/- Executive Officer
NAC, Khallikote
OIPR : 13001/13110/1/26-27/0005

**OFFICE OF THE DEPUTY DIRECTOR, SIMILIPAL SOUTH WILDLIFE DIVISION, BARIPADA**
Phone No-(06792) 252593, Fax-256 705: Email Id:dfo._similipalsouthwl@odisha.gov.in
**REQUEST FOR PROPOSAL (RFP)**

RFP No. : DD South-BPD-01/2026-27 Date : 02.09.2026
8001/290/2627

**Selection of Agency for Setting up Yojana Support Unit (YSU) for Ama Similipal Yojana (ASY) at Similipal Tiger Reserve (STR)**

The Deputy Director, Similipal South WL. Division, Baripada, Forest, Environment & Climate Change Department, Government of Odisha, invites sealed proposals from eligible agencies/bidders to carry out the "Selection of Agency for Setting up Yojana Support Unit (YSU) for Ama Similipal Yojana (ASY) at Similipal Tiger Reserve (STR)". Bidders meeting the eligibility requirements specified in the RFP document can access and download the complete RFP Document and other details from the official websites: www.similipal.org / www.mayurbhanj.nic.in / www.tendersodisha.gov.in.

| Sl. No. | List of Key Events | Critical Dates |
|---|---|---|
| 1 | Date of Issue of RFP | 05.09.2026 |
| 2 | Deadline for Submission of Pre-Bid Query through email | 09-09-2026 By 5 PM E-Mail Id: asycellatsimilipal@gmail.com |
| 3 | Pre-Bid Meeting | 10-09-2026 A Pre-Bid Meeting will be informed later based on the queries submitted by bidder (Online Link shall be shared based on the request receive form bidder through E-Mail id: asycellatsimilipal@gmail.com |
| 4 | Last Date for Submission of Proposal | 21.09.2026, at 05:00 PM https://tendersodisha.gov.in/ |
| 5 | Date of Opening of Technical Proposal | 22.09.2026, at 11:30 AM |
| 6 | Date of Technical Presentation | To be informed later |
| 7 | Date of Opening of Financial Proposal | To be informed technically qualified bidders |

Submission Guidelines & Terms:
- Bidders must submit their proposals via the e-tender portal (www.tendersodisha.gov.in) or by registered post/speed post to the address given below on or before 21.09.2026 by 5:00 PM.
- Any corrigendum, clarification, addendum, or extension of dates regarding this tender will be published strictly on the e-tender portal and official websites.
- The proposals received after the due date and time will not be entertained.
- The undersigned reserves the right to accept or reject any or all proposals at any stage without assigning any reason thereof.

Sd/- Deputy Director, Similipal South WL Division, Baripada
OIPR : 8001/8127/1/26-27/0004

**OFFICE OF THE EXECUTIVE ENGINEER MAYURBHANJ LIFT IRRIGATION DIVISION BARIPADA**
32001/789/2627
E-MAIL - olicbpd@ymail.com

**Tender Call Notice No. 3079 DT. 01.09.2026**

Sealed Tenders are invited from reputed Manpower Agencies / Service Providers to provide the services of 1 No. Technical Consultant for a period of 11 Months w.e.f from the date of commencement of the Agreement through a suitable service provider Agency on outsourcing basis for Civil Diploma Engineers in the Division Office.

The Detailed information for outsourcing the services of aforesaid post have been given in the Tender Documents which may be obtained in person from the Office of the Executive Engineer, Mayurbhanj Lift irrigation, Division, Baripada on any working days between 11 AM to 4 PM from 02.09.2026 to 07.09.2026. After payment of tender paper cost of Rs.200.00 in shape of Demand Draft and 18% GST Challan (i.e Rs.36.00). The last date and time for submission of Tender Documents is on 07.09.2026 by 2.00 PM and Tender will be opened on 07.09.2026 at 4.00 PM in M.L.I Division, Baripada.

Sd/- Executive Engineer
M.L.I. Division Baripada
OIPR : 32001/32215/1/26-27/0001

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI**
(DISTRICT PROGRAMME MANAGEMENT UNIT)
Email :-fmg.nhm. pur@gmail.com
10001/511/2627 Tender No. 2546 Date : 02.09.2026

**TENDER CALL NOTICE**

Sealed Tenders are invited from registered agencies/ Individuals having experience in Hotel Business/restaurant business for empanelment to provide (A) **Accommodation Service**, (B) **SUPPLY OF WORKING LUNCH.TIFFIN.TEA & SNACKS DURING TRAINING/ WORKSHOP/MEETING** to the office of under signed, last date for closing of bid is 24.09.2026 at 5.00PM.Detail term and conditions are available in the district website https://puri.odisha.gov.in The bidding documents complete in all respect should reach to the District Programme Management Unit, O/O- CDM&PHO, DHH, Puri on or before 24.09.2026 through speed post, registered post or courier and superscribed as "BID DOCUMENTS FOR TENDER CALL NOTICE NO.2546 on providing **Accommodation Service or SUPPLY OF WORKING LUNCH.TIFFIN.TEA & SNACKS DURING TRAINING/ WORKSHOP/MEETING.** The bids will be opened on 25.09.2026 at 11.30 A.M. The Undersigned reserves the right to cancel or accept any Tender fully or partially without assigning any reason there-of.

Sd/- Chief District Medical & Public Health Officer, Puri
OIPR : 10001/10021/1/26-27/0011

**BHANJANAGAR MUNICIPALITY**
13001/1744/2627 **"e" PROCUREMENT NOTICE**
**Tender Reference No- BNJ/EO/5-2026/27**
**Tender call Notice No- 2409 Dt. 03/09/2026**

Bid documents consisting of plans, Specifications, the schedule of quantities and the set of terms and conditions of contract and other necessary documents can be seen in the Govt, web site i.e. www.tendersorissa.gov.in

1. Name of the work : Day to Day Sanitation Work of the Municipality.
2. No. of Works : 01 No.s
3. Bid value : Rs 400.53 Lakh
4. Period of Work : 12 months.
5. Date and time of availability of the bid documents in the portal : 04.09.2026 at 10 A.M.to 5.30PM. of dt 21.09.2026.
6. Last date of / Time for receipt of bids in the portal : 21.09.2026 up to 5.30PM
7. Bids received online shall be opened on 22.09.2026 at 11.30A.M
8. Name and Address of the officer inviting Bid : Executive Officer, Bhanjanagar Municipality.

Further details can be seen from the procurement portal: www.tendersorissa.gov.in

Sd/- Executive Officer
MUNICIPALITY Bhanjanagar
OIPR : 13001/13144/1/26-27/0014

13001/1736/2627

**OFFICE OF THE NOTIFIED AREA COUNCIL, BIJEPUR**
At/Po/Ps: - Bijepur, Dist: Baragada (Odisha), PIN: - 768032
Phone No. 06685-274153, Email ID:bijepurnac2018-od@gov.in,
Website-www.bijepurnac.in
Letter No.1221 / Date : 01.09.26

**EXPRESSION OF INTEREST**

Sealed Quotations are invited in Plain paper in the prescribed proforma from the Registered Firm/ class contractors registered with the State Government/ Central Govt./ Equivalent Grade Contractor having MV/HT electrical Lisences, etc as per terms & conditions for **Completion of pole Shifting work from Bijepur Welcome Gate situated at M.Gandpali(Ward No-10) to Somya Restaurant under Bijepur NAC** proforma mention in quotation paper. The quotation paper will be available at Electric section at Bijepur NAC@ Rs.6000.00(Rupees six thousand)only per each Schedule from Dt.02.09.2026 by 10.30 A.M to 1.00 PM of Dt.08.09.2026 & the same will be received on Dt.08.09.2026 upto 3.00 PM. The quotation will be opened on dt.09.09.2026 at 11.00 A.M in Presence of quotationer or their representative. The undersigned reserved the right to accept or reject or cancel any or all quotations without assigning any reason thereof. The rate should be quoted including all taxes and transportation, and working charges to executing side.

Sd/- Executive Officer
Bijepur NAC
OIPR : 13001/13123/1/26-27/0006

# ୧୦ଲକ୍ଷ ଟଙ୍କା ହଡପ, ମହିଳା ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଶିଶୁପାଳଗଡ ଭାରତ ମାତା ସ୍ୱୟଂସହାୟକ ଗୋଷ୍ଠୀର ୧୦ଲକ୍ଷ ଟଙ୍କା ହଡପ କରିଥିବା ସମ୍ପାଦିକା ବନିତା ନାୟକ (୪୦)କୁ ଧଉଳି ଥାନା ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି । ୨୦୨୦ ମସିହାରେ ଏହି ଗୋଷ୍ଠୀ ନାଁରେ ବ୍ୟାଙ୍କରେ ଖାତା ଖୋଲାଯାଇଥିଲା । ସେହିଦିନ ଠାରୁ ଗୋଷ୍ଠୀର ସଦସ୍ୟମାନେ ମିଳିତ ଭାବେ ଏହି ବ୍ୟାଙ୍କ ଖାତା ପରିଚାଳନା କରୁଥିଲେ । ୨୦୨୫ ମସିହା ଜାନୁଆରୀ ମାସରେ ନିଜ ଗୋଷ୍ଠୀ ନାମରେ ୧୦ଲକ୍ଷ ଟଙ୍କା ଋଣ ପାଇଁ ବ୍ୟାଙ୍କରେ ଆବେଦନ କରିଥିଲେ । ଋଣ ମଞ୍ଜୁର ପାଇଁ ଆବଶ୍ୟକ ସମସ୍ତ କାଗଜପତ୍ର ମଧ୍ୟ ବ୍ୟାଙ୍କରେ ଦାଖଲ କରିଥିଲେ । ଗୋଷ୍ଠୀର ସମ୍ପାଦିକା ବନିତା ନାୟକ ଏବଂ ସଭାପତି ସହିତ ଲୋଭ ଏହି ଋଣ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ ଦେଖାଶୁଣା କରୁଥିଲେ । ବର୍ଷକ ପରେ ଅନ୍ୟ ସଦସ୍ୟମାନେ ବ୍ୟାଙ୍କ ଷ୍ଟେଟମେଣ୍ଟ ଦେଖି ଜାଣିବାକୁ ପାଇଥିଲେ ଯେ ଗୋଷ୍ଠୀ ନାମରେ ମଞ୍ଜୁର ହୋଇଥିବା ୧୦ଲକ୍ଷ ଟଙ୍କା ଅନ୍ୟ କୌଣସି ସଦସ୍ୟଙ୍କୁ ନଜଣାଇ ଉଠାଇ ନିଆଯାଇଛି । ଏହି ବିଷୟ ଜଣାପଡିବା ପରେ ସ୍ୱୟଂସହାୟକ ମହାସଂଘର ଏକ ବୈଠକ ଡକାଯାଇଥିଲା । ଉକ୍ତ ବୈଠକରେ ଗୋଷ୍ଠୀର ସମ୍ପାଦିକା ବନିତା ନାୟକ ନିଜେ ୧୦ଲକ୍ଷ ଟଙ୍କା ଅନ୍ୟ ସଦସ୍ୟମାନଙ୍କୁ ନଜଣାଇ ଏକାକୀ ଉଠାଇ ନେଇ ବ୍ୟବହାର କରିଥିବା ସ୍ୱୀକାର କରିଥିଲା । ଏହାପରେ ଧଉଳି ଥାନାରେ ବନିତା ବିରୋଧରେ ଏତଲା କରାଯାଇଥିଲା । ପୋଲିସ ଏତଲା ଅନୁଯାୟୀ ବନିତା ନାୟକଙ୍କୁ ଗିରଫ କରିବା ସହ ମାମଲା ସଂକ୍ରାନ୍ତୀୟ ବେତେକ କାଗଜପତ୍ର ଜବତ କରିଛି । ବନିତାକୁ ଗୁରୁବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ବନ୍ୟା ସହାୟତା ପ୍ରଦାନରେ ସରକାରଙ୍କ ପାତରଅନ୍ତର

# ବିରୋଧୀ ପ୍ରତିନିଧିତ୍ୱ କରୁଥିବା ଅଞ୍ଚଳକୁ ଅଣଦେଖା କରୁଛନ୍ତି ରାଜ୍ୟ ସରକାର: ବିଜେଡି

ଭୁବନେଶ୍ୱର, (ସବ୍ୟୁ) : ଯାଜପୁର ଜିଲ୍ଲାରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ସହାୟତା ପ୍ରଦାନରେ ରାଜ୍ୟ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ଓ ସରକାରଙ୍କର ପାତରଅନ୍ତର ନୀତି ଲୋକଙ୍କୁ ହତାଶ କରିଛି । ସରକାରଙ୍କ ତରଫରୁ ଯତ କିଞ୍ଚିତ ରିଲିଫ ସାମଗ୍ରୀ ପଠାଯାଇଥିଲା, ସେଗୁଡ଼ିକୁ ଜିଲ୍ଲା ପ୍ରଶାସନ ମାଧ୍ୟମରେ ବଣ୍ଟା ନ ହୋଇ ସ୍ଥାନୀୟ ବିଜେପି ନେତାଙ୍କ ଦ୍ୱାରା ବଣ୍ଟା ଯାଇଥିଲା ବୋଲି ଅଭିଯୋଗ କରିଛି ବିଜେଡି । ଏହାଛଡ଼ା ବରୀ, ବିଂଝାରପୁର ଓ ଯାଜପୁର ବିଧାନସଭା କ୍ଷେତ୍ରରେ ବନ୍ୟା ଅଧିକ କ୍ଷତି କରିଥିବା ବେଳେ, ଏହି ସ୍ଥାନରେ ବିଜେଡି ବିଧାୟକ ମାନେ ପ୍ରତିନିଧିତ୍ୱ କରୁଥିବାରୁ ଏହି ଅଞ୍ଚଳକୁ ରିଲିଫ ସାମଗ୍ରୀ ପଠାଇବାରେ ଅଣଦେଖା କରାଯାଇଥିଲା ବୋଲି ବିଜେଡି



କହିଛି । ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଂଝାରପୁର ବିଧାୟିକା ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ ଓ ଯାଜପୁର ବିଧାୟିକା ସୁଜାତା ସାହୁ ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନରେ ବିଫଳତା ଓ ପାତରଅନ୍ତର ନୀତି ପାଇଁ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଥିଲେ । ପ୍ରମିଳା ମଲ୍ଲିକ କହିଥିଲେ ଯେ, ବନ୍ୟା ଆସିବାର ୧୨ ଦିନ ବିତିଯାଇଥିଲେ ସୁଦ୍ଧା, ଯାଜପୁର ଜିଲ୍ଲାର ଅନେକ ଅଞ୍ଚଳ ଏବେବି ଜଳ ଘେରରେ ରହିଛି ଓ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କର କୌଣସି ତତ୍ପରତା ଦେଖିବାକୁ ମିଳୁନାହିଁ । ବନ୍ୟା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କର କୌଣସି ପୂର୍ବ ପ୍ରସ୍ତୁତି ନଥିଲା । ସରକାରଙ୍କ ବିଭିନ୍ନ ବିଭାଗ ଗୁଡ଼ିକ ଭିତରେ ତାଳମେଳ ନଥିଲା । ସରକାରଙ୍କ ପୂର୍ବ ପ୍ରସ୍ତୁତି ଥିଲେ, ବରୀ, ବିଂଝାରପୁର ଓ ଦଶରଥପୁର ଅଞ୍ଚଳରେ ଘାଇ ହୋଇନଥାନ୍ତା । ବିଶ୍ୱ ରଞ୍ଜନ ମଲ୍ଲିକ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ ପାଇଁ ଯାଜପୁର ଜିଲ୍ଲା ଗସ୍ତ କରିଥିଲେ, କିନ୍ତୁ ସର୍ବାଧିକ ପ୍ରଭାବିତ ବରୀ ଅଞ୍ଚଳକୁ ଗସ୍ତ କରିବାକୁ ଗୁରୁତ୍ୱ ଦେଇନଥିଲେ । କିନ୍ତୁ କିଛି ସ୍ଥାନୀୟ ବିଜେପି ନେତା ଏହି ରିଲିଫ ସାମଗ୍ରୀ କିଛି ଅଞ୍ଚଳରେ ବାଣ୍ଟି ତାର ଫଟୋ ସାମାଜିକ ଗଣମାଧ୍ୟମରେ ଛାଡ଼ିଥିଲେ । ଲୋକଙ୍କୁ ଉଦ୍ଧାର କରି ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ଥଇଥାନ କରିବାରେ ସରକାର ବିଫଳ ହୋଇଛନ୍ତି ।

# ଓଡ଼ିଶା ସରକାରଙ୍କ ସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କ ପ୍ରତି ପାତରଅନ୍ତର ନୀତି

ଭୁବନେଶ୍ୱର,(ସବ୍ୟୁ): ବିଦ୍ୟାଳୟ ଗୁଡ଼ିକରେ ଉର୍ଦ୍ଦୁ ଓ ପାର୍ସୀ ଭାଷା ଚୟନ କରିଥିବା ଛାତ୍ରଛାତ୍ରୀଙ୍କ ଦୁର୍ଦ୍ଦଶାକୁ ସାମ୍ନାକୁ ଆଣି ଓଡ଼ିଶା କଂଗ୍ରେସ ଗଣମାଧ୍ୟମ ବିଭାଗ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ସାମ୍ବାଦିକ ସମ୍ମିଳନୀକୁ କଂଗ୍ରେସର ଜାତୀୟ ମୁଖପାତ୍ର ଡକଫର ହମିଦ ହୁସେନ ସମ୍ବୋଧିତ କରିଥିଲେ । ଡକଫର ହୁସେନ ନିଜ ବକ୍ତବ୍ୟରେ ଦର୍ଶାଇଥିଲେ ଯେ, ଓଡ଼ିଶା ସରକାର ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ହାଇସ୍କୁଲର ସମସ୍ତ ଛାତ୍ରଛାତ୍ରୀଙ୍କୁ ବହି ଯୋଗାଇ ଦେଉଛନ୍ତି, କିନ୍ତୁ ଯେଉଁ ଛାତ୍ରଛାତ୍ରୀମାନେ ଉର୍ଦ୍ଦୁକୁ ମାତୃଭାଷା କିମ୍ବା ଉର୍ଦ୍ଦୁ/ପାର୍ସୀକୁ ତୃତୀୟ ଭାଷା ଭାବେ ଚୟନ କରିଛନ୍ତି । ସେମାନଙ୍କୁ ବହି ଦିଆଯାଉ ନାହିଁ । ଓଡ଼ିଆ, ଇଂରାଜୀ, ସଂସ୍କୃତ ଏବଂ ହିନ୍ଦୀ ଭାଷାରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ବହି ବଣ୍ଟନ କରାଯାଇଛି । ମାତ୍ର ଯେଉଁମାନେ ଉର୍ଦ୍ଦୁ ଓ ପାର୍ସୀ ଭାଷା ବାଛିଛନ୍ତି, ସେମାନଙ୍କୁ ଉର୍ଦ୍ଦୁ ଏବଂ ପାର୍ସୀ




ବିଷୟର ବହି ମିଳିନାହିଁ । ଏହା ବ୍ୟତୀତ, ସରକାରୀ ଅନୁଦାନପ୍ରାପ୍ତ ମଦ୍ରାସାଗୁଡ଼ିକରେ ମଞ୍ଜୁର ହୋଇଥିବା ୮୦୪ଟି ଉର୍ଦ୍ଦୁ ଶିକ୍ଷକ ପଦବୀ ମଧ୍ୟରୁ ୨୮୯ଟି ପଦବୀ ଖାଲି ପଡ଼ିଛି । ସରକାର ଏହି ନିଯୁକ୍ତି ପ୍ରକ୍ରିୟାରେ ବିଳମ୍ବ କରୁଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ଇମଦାଦ ଯୋଗଦେଇ ଭୁବନେଶ୍ୱରରେ ଉର୍ଦ୍ଦୁ ଭାଷାର ଛାତ୍ରଛାତ୍ରୀଙ୍କ ଦୟନୀୟ ସ୍ଥିତି ବିଷୟରେ ଉପସ୍ଥାପନ କରିଥିଲେ । ଅନ୍ୟପଟେ କଂଗ୍ରେସ ସଂଖ୍ୟାଲଘୁ ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ମଲ୍ଲିକ ଇନାମୁଲ କହିଥିଲେ ଯେ କେବଳ କାକଟପୁର ବ୍ଲକରେ ପ୍ରାୟ ୧୦୦୦ ଛାତ୍ରଛାତ୍ରୀ ଉର୍ଦ୍ଦୁ ଭାଷା ଚୟନ କରିଛନ୍ତି ଏବଂ ସେମାନେ ଉର୍ଦ୍ଦୁ ପାଠ୍ୟପୁସ୍ତକ ବିନା ହଇରାଣ ହେଉଛନ୍ତି । ଏହି କାରଣରୁ ଏବଂ ସ୍କୁଲ ପାଠ୍ୟପୁସ୍ତକରେ ପ୍ରାୟ ୨୦୦୦ ଭୁଲ ରହିଥିବା ଯୋଗୁଁ ସେ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି । ଏହା ବ୍ୟତୀତ କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ ଏବଂ ଆଳି ଭଳି ତିନୋଟି ହାଇସ୍କୁଲରେ ଉର୍ଦ୍ଦୁ ଭାଷା ଶିକ୍ଷା ଦିଆଯାଉଛି, ଯେଉଁଠାରେ ଉର୍ଦ୍ଦୁ ଶିକ୍ଷକଙ୍କ ଅଭାବ ରହିଛି । ସାରା ରାଜ୍ୟରେ ମଧ୍ୟ ସମାନ ପରିସ୍ଥିତି ଦେଖାଦେଇଛି । ବିଦ୍ୟାଳୟଗୁଡ଼ିକ ପାଇଁ ନିର୍ଦ୍ଧାରିତ ପାଠ୍ୟକ୍ରମ ଅନୁଯାୟୀ ଉର୍ଦ୍ଦୁ ଓ ପାର୍ସୀ ଭାଷାର ଛାତ୍ରଛାତ୍ରୀଙ୍କୁ ତୁରନ୍ତ ବହି ଯୋଗାଇ ଦେବାକୁ କଂଗ୍ରେସ ଦାବି କରିଛି ।

# ଲୁଟେରା ଗ୍ୟାଙ୍ଗର ୫ଗିରଫ
## ୭୦ ଗ୍ରାମ୍ ଅଳଙ୍କାର, କଟୁରୀ ଜବତ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ଲୁଟ୍‌ପାଟ କରୁଥିବା ଲୁଟେରା ଗ୍ୟାଙ୍ଗର ୫ଜଣଙ୍କୁ ପାହାଳ ଥାନା ପୋଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ୭୦ଗ୍ରାମ୍‌ର ଅଳଙ୍କାର ଜବତ କରିଛି । ଏହି ଲୁଟେରା ଗ୍ୟାଙ୍ଗ ପାହାଳ, ବାଲିଅନ୍ତା, ମଞ୍ଚେଶ୍ୱର, ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ସକାଳବେଳା ମର୍ଣ୍ଣିଂୱାର୍କ କରୁଥିବା ମହିଳାଙ୍କୁ କଟୁରୀ ଦେଖାଇ ଲୁଟ୍‌ପାଟ କରନ୍ତି ଏହି ଗ୍ୟାଙ୍ଗ । ୭୦ଗ୍ରାମ୍ ସୁନା ଅଳଙ୍କାର ମଧ୍ୟରେ ୮ଟି ଚେନ୍, ଗୋଟିଏ କାନଫୁଲ ଅଛି । ଏମାନେ ଲୁଟ୍‌ପାଟରେ ବ୍ୟବହାର କରୁଥିବା ୫ ବାଇକ୍, କଟୁରୀ ଓ ୫ ମୋବାଇଲ ମଧ୍ୟ ଜବତ ହୋଇଛି । ଗିରଫ ୫ ଲୁଟେରା ହେଲେ ଦୀପୁ ଓରଫ ଦୀପକ ଭଞ୍ଜ (୨୧), ମିଲ ଓରଫ କିଷାନ ଭୋଇ (୨୦), ଅରୁଣ ସାହୁ (୨୫), ଗେଣ୍ଡୁ ଓରଫ ସ୍ୱୟାଂଶୁ ସାମଲ (୨୧) ଓ ଜଣେ ନାବାଳକ । ଏହି ଗ୍ୟାଙ୍ଗର ମୁଖ୍ୟ ଅରୁଣ ସାହୁ । ଅରୁଣ ୧୨ଟି ଚେନ୍ ଲୁଟ୍ କରିବା ମାମଲାରେ ସମ୍ପୃକ୍ତ ଅଛି । ଦୀର୍ଘ ୪ମାସ ହେବ ଏହି ଗ୍ୟାଙ୍ଗ ସକ୍ରିୟ ରହି ଲୁଟ୍‌ପାଟ କରୁଥିବା ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ ଓ ଡିସିପି ଜଗମୋହନ ମିନା କହିଛନ୍ତି । ଗିରଫ ୫ଜଣ ପାହାଳ ଥାନାର ୫ଟି ମାମଲା, ବାଲିଅନ୍ତା ଥାନାରେ ଗୋଟିଏ, ମଞ୍ଚେଶ୍ୱରରେ ଦୁଇଟି, ଚନ୍ଦ୍ରଶେଖରପୁରରେ ଗୋଟିଏ, କଟକ ସଦରରେ ତିନୋଟି ମାମଲାରେ ସମ୍ପୃକ୍ତ ଥିବା ପୋଲିସ କହିଛି । ପୂର୍ବରୁ ଅରୁଣ ନାଁରେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ୧୯ଟି ମାମଲା ପଞ୍ଜୀକୃତ ଥିବା ସୂଚନା ମିଳିଛି । ଗିରଫ ୫ଜଣଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଆମୱେ ଆୟୁର୍ବେଦ କ୍ଷେତ୍ରରେ ଆମୱେର ସମ୍ପ୍ରସାରଣ

ଭୁବନେଶ୍ୱର, (ସବ୍ୟୁ) : ଅଗ୍ରଣୀ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କମ୍ପାନୀ ଆମୱେ ଇଣ୍ଡିଆ ନ୍ୟୁଟ୍ରିଲାଇଟ୍ ଆୟୁର୍ବେଦ ପ୍ରଚଳନ ସହିତ ଆୟୁର୍ବେଦ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ରଣନୈତିକ ପଦକ୍ଷେପ ସମ୍ପର୍କରେ ଘୋଷଣା କରିଛି। ରଖିଛି। ଜୈବିକ ପଦ୍ଧତିରେ ଚାଷ କରାଯାଉଥିବା ନ୍ୟୁଟ୍ରିସର୍ଟ- ପ୍ରମାଣୀକୃତ କୃଷିକ୍ଷେତ୍ରଗୁଡିକରୁ ଦାୟିତ୍ୱସମ୍ପନ୍ନ ଭାବରେ ସଂଗ୍ରହ କରାଯାଇଥିବା ଏହାର ଶୁଭାରମ୍ଭ ଅବସରରେ ଗଣମାଧ୍ୟମ ନିକଟରେ ପ୍ରକାଶ କରି ରଜନୀଶ ଚୋପ୍ରା, ମ୍ୟାନେଜିଂ ଡାଇରେକ୍ଟର, ଆମୱେ ଇଣ୍ଡିଆ କହିଥିଲେ, ଆୟୁଷ ପରିବ୍ୟବସ୍ଥାକୁ ସୁଦୃଢ




କରି ଏବଂ ରାଷ୍ଟ୍ରର ସ୍ୱାସ୍ଥ୍ୟ ତଥା କଲ୍ୟାଣ ଦୃଶ୍ୟପଟରେ ଆୟୁର୍ବେଦକୁ ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ପ୍ରତିଷ୍ଠିତ କରିବାରେ ଭାରତ ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ଲକ୍ଷ୍ୟ ଦ୍ୱାରା ପରିଚାଳିତ ହୋଇ ଭାରତରେ ପାରମ୍ପରିକ ସୁସ୍ଥତା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ରୂପାନ୍ତରଣ ପରିଲକ୍ଷିତ ହେଉଛି । ବଜାର ପ୍ରବେଶର ପ୍ରଥମ ପର୍ଯ୍ୟାୟରେ ତିନିଟି ଆୟୁର୍ବେଦ ଉତ୍ପାଦ ସ୍ଥାନପାଇବ; ସେଗୁଡିକ ହେଉଛି- କାଳାମେଘ, ସୁସ୍ଥ ଯକୃତ କାର୍ଯ୍ୟକାରିତାକୁ ସମର୍ଥନ କରିବା ନିମନ୍ତେ ପ୍ରସ୍ତୁତ; ଶିଗ୍ରୁ (ମୋରିଙ୍ଗା), ଯାହା ଅତିରିକ୍ତ ଚର୍ବି ଜମାହେବା ଏବଂ ପ୍ରଦାହ ହ୍ରାସ କରିବାରେ ସାହାଯ୍ୟ କରେ ଏବଂ ବୃକ୍ଷଅମଳା (ଗାର୍ସିନିଆ), ଯାହା ପାଚନକ୍ରିୟା ଓ ତୃପ୍ତତାରେ ଉନ୍ନତି ଆଣିବା ନିମନ୍ତେ ଉଦ୍ଦିଷ୍ଟ । ଏହାର ବଜାର ପ୍ରବେଶ ଏହି ବର୍ଗରେ ପୂର୍ବରୁ କମ୍ପାନୀପକ୍ଷରୁ ନ୍ୟୁଟ୍ରିଲାଇଟ ଚ୍ୟବନପ୍ରାସ୍ ପ୍ରଚଳନ ଉପରେ ଆଧାରିତ ।

# ଇଂରାଜୀ ଦୈନିକ 'ନ୍ୟାସନାଲ ବିକନ ଲୋକାର୍ପିତ

ଭୁବନେଶ୍ୱର: ଇଂରାଜୀ ଦୈନିକ ସମ୍ବାଦପତ୍ର ଦନ୍ୟାସନାଲ ବିକନର ଉନ୍ମୋଚନ ହୋଇଯାଇଛି । ମଙ୍ଗଳବାର ସ୍ଥାନୀୟ ଜୟଦେବ ଭବନ ଠାରେ ଅନୁଷ୍ଠିତ ଲୋକାର୍ପଣ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ 'ନ୍ୟାସନାଲ ବିକନ୍‌ର ପ୍ରଥମ ସଂସ୍କରଣ ଉନ୍ମୋଚନ କରିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ବିଜେପିର ବରିଷ୍ଠ ନେତା ମହେଶ ମହାନ୍ତି, ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର (ଡ.) ମୃଣାଳ ଚାଟାର୍ଜୀ ଏବଂ ବରିଷ୍ଠ ସାମ୍ବାଦିକ ସନତ ମିଶ୍ର ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ 'ନ୍ୟାସନାଲ ବିକନ୍‌ର ସମ୍ପାଦକ ଦିଲୀପ କୁମାର ବିଶୋଇ ସଭାପତିତ୍ୱ କରିଥିଲେ । ଖବରକାଗଜର ପ୍ରତିଷ୍ଠାତା ଶେଖ ରିଆଜ ମହମ୍ମଦ ଏବଂ ପ୍ରକାଶିକା ମାସୁମା ୟାସ୍‌ମିନ ମଧ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ପ୍ରକୃତି ମର୍ଦ୍ଦରାଜ । ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ଗଣମାଧ୍ୟମ ସର୍ବଦା ଜନତାଙ୍କ ସ୍ୱର ହୋଇରହିଛି । ପାଠକଙ୍କ ହୃଦୟ ଜିତିବା ପାଇଁ 'ନ୍ୟାସନାଲ ବିକନ ସାମ୍ବାଦିକତାର ମୂଲ୍ୟବୋଧ ଓ




ନୈତିକତାକୁ ଅକ୍ଷୁଣ୍ଣ ରଖିବା ସହ ନିଷ୍ଠାର ସହିତ କାର୍ଯ୍ୟ କରିବା ଉଚିତ୍ । ସରକାରଙ୍କ ନିକଟରେ ଲୋକଙ୍କ ସମସ୍ୟା ନିଷ୍ଠାର ସହ ଉତ୍ଥାପନ କରିବା ପ୍ରତ୍ୟେକ ଗଣମାଧ୍ୟମର ଧର୍ମ । ଏହି ଇଂରାଜୀ ଦୈନିକ ସେହି ମାର୍ଗରେ ଅଗ୍ରସର ହେବ ବୋଲି ଶ୍ରୀ ପୂଜାରୀ କହିଥିଲେ । କଂଗ୍ରେସର ବରିଷ୍ଠ ନେତା ପ୍ରସାଦ ହରିଚନ୍ଦନ ଆଶା ପ୍ରକାଶ କରି କହିଥିଲେ ଯେ, ' ନ୍ୟାସନାଲ ବିକନ ଲୋକଙ୍କ ସମସ୍ୟା ଓ ଦାବିକୁ ପ୍ରମୁଖତାର ସହ ଉଠାଇବା ସହ ବିକାଶର ପଥ ଦେଖାଇବ । ଶିକ୍ଷାବିତ୍ ପ୍ରଫେସର ମୃଣାଳ ଚାଟାର୍ଜୀ କହିଥିଲେ ଯେ, ସତ୍ୟ ଓ ନ୍ୟାୟ ସାମ୍ବାଦିକତାର ମାର୍ଗଦର୍ଶକ ହେବା ଉଚିତ । ସୋସିଆଲ ମିଡିଆର କୋଳାହଳ ମଧ୍ୟରେ ମଧ୍ୟ ମୁଦ୍ରିତ ଗଣମାଧ୍ୟମ ପାଇଁ ଯଥେଷ୍ଟ ସ୍ଥାନ ରହିଛି । କାରଣ ଖବରକାଗଜ ଘଟଣାବଳୀ ସମ୍ପର୍କରେ ଗଭୀର ଓ ବିସ୍ତୃତ ତଥ୍ୟ ପ୍ରଦାନ କରିଥାଏ ବୋଲି କହିଥିଲେ । ସଭା ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ୨୦ରେ ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଂଗଠନର ବୈଠକ

ଭୁବନେଶ୍ୱର,(ସବ୍ୟୁ): ଆସନ୍ତା ୨୦ ।୯ ।୨୦୨୬ରିଖ ରବିବାର ପୂର୍ବାହ୍ନ ୧୦ଘଣ୍ଟା ୩୦ ମିନିଟ୍ ସମୟରେ ଓଡେଶା ଭବନ, ଖାରବେଳନଗର,ୟୁନିଟ୍-୩, ଭୁବନେଶ୍ୱରଠାରେ ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଂଗଠନର କାର୍ଯ୍ୟନିର୍ବାହୀ କମିଟିର ପୁନର୍ଗଠନ ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା ହେବ । ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଂଗଠନର ସମସ୍ତ ସଭ୍ୟ/ସଭ୍ୟାମାନଙ୍କୁ ଏନେଇ ଅବଗତ କରାଯାଇଛି ଯେ, ଉକ୍ତ ବୈଠକରେ ଏକ ସାଧାରଣ ସଭା କରିବା ନିମନ୍ତେ ସର୍ବସମ୍ମତି କ୍ରମେ ସ୍ଥିରୀକୃତ ହୋଇଛି । ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଂଗଠନ, ଭୁବନେଶ୍ୱରର ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ ଏନେଇ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ।

# ସବୁଜ ପରିବର୍ତ୍ତନ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ
## ନିର୍ଣ୍ଣାୟକ ଭୂମିକା ନେବ ଶ୍ରମଶକ୍ତି ପ୍ରସ୍ତୁତି:ଆଇଫରେଷ୍ଟ ରିପୋର୍ଟ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଆଇଫରେଷ୍ଟ ପକ୍ଷରୁ ନୂଆ ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନ ଓଡ଼ିଶାରେ ସ୍ୱତନ୍ତ୍ର ଭାବେ "ସବୁଜ ନିଯୁକ୍ତି ଓ ଦକ୍ଷତା ବିକାଶ ଅଭିଯାନ' ଆରମ୍ଭ କରିବାକୁ ଆହ୍ୱାନ ଦିଆଯାଇଛି । ସବୁଜ ଅର୍ଥନୀତି, ବିପୁଳ ନବୀକରଣଯୋଗ୍ୟ ଶକ୍ତି, ସବୁଜ ନିବେଶ ପ୍ରକଳ୍ପ ଏବଂ ଜଳବାୟୁ ସହନଶୀଳ କ୍ଷେତ୍ର ଆଗାମୀ ୧୦ ବର୍ଷ ମଧ୍ୟରେ ୧୦ ଲକ୍ଷ ପର୍ଯ୍ୟନ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ୨୦୩୦ ସୁଦ୍ଧା କେବଳ ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରୁ ୩୦ ହଜାର ନିଯୁକ୍ତି ସୃଷ୍ଟି ହୋଇପାରେ, ୨୦୩୫ରେ ଏହା ଦ୍ୱିଗୁଣିତ ହେବ । ବର୍ତ୍ତମାନ ଚାଲିଥିବା କୋଇଲା ଖଣିର ୮୯ ପ୍ରତିଶତ ଏବଂ ତାପଜ ବିଦ୍ୟୁତ ଶକ୍ତିର ୭୫ ପ୍ରତିଶତ ନିଯୁକ୍ତିକୁ ସ୍ୱଳ୍ପକାଳୀନ ଦକ୍ଷତା ପ୍ରଶିକ୍ଷଣ ମାଧ୍ୟମରେ ସବୁଜ କ୍ଷେତ୍ରକୁ ସ୍ଥାନାନ୍ତର କରାଯାଇପାରିବ ।

ଓଡ଼ିଶାରେ କର୍ମଜୀବୀ ଲୋକସଂଖ୍ୟାର ୩.୩ ପ୍ରତିଶତଙ୍କ ପାଖରେ ବୈଷୟିକ ଶିକ୍ଷା ରହିଛି । ବିଦ୍ୟାଳୟ ସ୍ତରରେ ବୈଷୟିକ ଶିକ୍ଷାର ସୁଦୃଢ଼ୀକରଣ ଜରିଆରେ ଏହି ଅଭାବକୁ ପୂରଣ କରାଯାଇପାରିବ । ଓଡ଼ିଶାରେ ଦକ୍ଷତାଭିତ୍ତିକ ଦୃଢ଼ ଭିତ୍ତିଭୂମି ଥାଇ ମଧ୍ୟ ମାତ୍ର ୩ ପ୍ରତିଶତ ଲୋକଙ୍କ ପାଖରେ ଧନ୍ଦାମୂଳକ ତାଲିମର ସର୍ବନିମ୍ନ ଶିକ୍ଷା ପହଞ୍ଚିପାରୁଛି । ନିଯୁକ୍ତି ପାଇଁ ଉନ୍ନତମାନର ଦକ୍ଷତା ତାଲିମ ଓ ପ୍ରମାଣପତ୍ର ଆବଶ୍ୟକ । ଓଡ଼ିଶାରେ ଶିକ୍ଷା, ଦକ୍ଷତା ବିକାଶ ଓ ଶିଳ୍ପ



ଆବଶ୍ୟକତାରେ ସମନ୍ୱୟ ସହ ନୂଆ ନୂଆ କ୍ଷେତ୍ରରେ ନିଯୁକ୍ତି ସମ୍ଭାବନାକୁ ବ୍ୟାପକ କରିବା ପାଇଁ ସ୍ୱତନ୍ତ୍ର ଭାବେ "ଓଡ଼ିଶା ସବୁଜ ନିଯୁକ୍ତି ଓ ଦକ୍ଷତା ବିକାଶ ଅଭିଯାନ' (ଓଜିଜେଏସଏମ) ଆରମ୍ଭ ପାଇଁ ରିପୋର୍ଟରେ ସରକାରଙ୍କୁ ସୁପାରିସ କରାଯାଇଛି ।

ରିପୋର୍ଟରେ ଦର୍ଶାଯାଇଛି, ସବୁଜ ରୂପାନ୍ତରଣ କ୍ଷେତ୍ରରେ ଓଡ଼ିଶା ପାଇଁ ଦୁଇଟି ବଡ଼ ସମ୍ଭାବନା ରହିଛି । ଗୋଟିଏ ହେଉଛି ଆଗକୁ ବଢୁଥିବା ସବୁଜ କ୍ଷେତ୍ରରେ ନୂଆ ନୂଆ ନିଯୁକ୍ତିର ସୁଯୋଗ ଏବଂ ଦ୍ୱିତୀୟଟି ହେଉଛି ରାଜ୍ୟରେ ଶିଳ୍ପକ୍ଷେତ୍ରରେ କାମ କରୁଥିବା ବୃହତ୍ ଶ୍ରମଶକ୍ତିର ଦକ୍ଷତା ବୃଦ୍ଧି କରିବା । ୨୦୩୦ ସୁଦ୍ଧା ରାଜ୍ୟର ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରୁ ହିଁ ପ୍ରାୟ ୩୦ ହଜାର ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି । ୨୦୩୫ ବେଳକୁ ଏହି ସଂଖ୍ୟା ଦ୍ୱିଗୁଣିତ ହୋଇଯିବ । ମଞ୍ଜୁର ହୋଇଥିବା ସବୁଜ ନିବେଶ ପ୍ରକଳ୍ପ ଦ୍ୱାରା ୪୮,୪୦୦ରୁ ଅଧିକ ନିଯୁକ୍ତି ଆସିପାରିବ । ରାଜ୍ୟର ସମ୍ପୂର୍ଣ୍ଣ ମୂଲ୍ୟ ଶୃଙ୍ଖଳାରେ ଏହା ଅଧିକ ସମ୍ଭାବନା ଆଣିଦେବ । କୃଷି ବନୀକରଣ, ଜଙ୍ଗଲ ପରିଚାଳନା ଏବଂ ହେନ୍ତାଳବଣର ପୁନରୁଦ୍ଧାର ଫଳରେ ଦୁଇଟି ଲାଭ ହେବ ଜଳବାୟୁ ସହନଶୀଳ ପରିବେଶ ନିର୍ମାଣ ସାଙ୍ଗକୁ ନିଯୁକ୍ତି ସୃଷ୍ଟି । ଏ ଦିଗରେ ସାଧାରଣ ବର୍ଜ୍ୟବସ୍ତୁ ପରିଚାଳନା ହେଉଛି ଅନ୍ୟ ଏକ ବଡ଼ ସମ୍ଭାବନା । ଏସବୁକୁ ମିଶାଇଲେ ଓଡ଼ିଶା ସବୁଜ ଅର୍ଥନୀତି ପ୍ରାୟ ୧୦ ଲକ୍ଷ ନିଯୁକ୍ତି ସୃଷ୍ଟି କରିବାରେ ସହାୟକ ହୋଇପାରିବ ବୋଲି ରିପୋର୍ଟରେ ଆକଳନ କରାଯାଇଛି ।

ରିପୋର୍ଟରେ ଆକଳନ କରାଯାଇଥିବା କୋଇଲା ଖନନ କାର୍ଯ୍ୟର ୮୯ ପ୍ରତିଶତ ନିଯୁକ୍ତିକୁ ରାଜ୍ୟର ଦ୍ରୁତ ଅଭିବୃଦ୍ଧିଶୀଳ ଥିବା ଧାତୁ ଓ ଅନ୍ୟ ଜଟିଳ ଖଣିଜ ଖନନ କ୍ଷେତ୍ରକୁ ସ୍ଥାନାନ୍ତର କରାଯାଇପାରିବ । ସବୁଜ ନିଯୁକ୍ତିର ସୁଯୋଗ କେବଳ ନବୀକରଣଯୋଗ୍ୟ ଶକ୍ତି ଓ ଉଦ୍ୟୋଗ ଭିତରେ ସୀମିତ ନୁହେଁ, ବରଂ ଏହାସହ ପରିବେଶ ଉପଯୋଗୀ ଓ ଦୀର୍ଘସ୍ଥାୟୀ ଆଧାରିତ ବିବିଧ ପ୍ରକାର ବୃତ୍ତି ଯୋ ହୋଇ ରହିଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ଓ ସବୁଜ ଦକ୍ଷତା ବିକାଶ ପରିକଳ୍ପନାକୁ ଆଗକୁ ନେବା ପାଇଁ ବିଭାଗ ପକ୍ଷରୁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ସୁକାନ୍ତ କୁମାର ପ୍ରଧାନ । ଏ ଦିଗରେ ଭଲ ଖବର ହେଉଛି ଯେ ଓଡ଼ିଶାରେ ଏବେ ନୂତନ ଭିତ୍ତିଭୂମିର ଆବଶ୍ୟକତା ନାହିଁ । ରାଜ୍ୟ ପାଖରେ ବହୁସଂଖ୍ୟାରେ ଆଇଟିଆଇ, ପଲିଟେକ୍ନିକ, ପିଏମେPଭିଓ୍ୱାଇ କେନ୍ଦ୍ର, ଜନ ଶିକ୍ଷଣ ସଂସ୍ଥାନ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ର ପରି ବୃହତ୍ ନେଟଓ୍ୱର୍କ ରହିଛି । ଏବେ ଏହି ନେଟଓ୍ୱର୍କ ଜରିଆରେ ସବୁଜ ପ୍ରଯୁକ୍ତିଭିତ୍ତିକ ପାଠ୍ୟକ୍ରମ ଓ ଉପକରଣ ଉପଲବ୍ଧ କରାଯିବା ସହ ଏହାକୁ ଶିଳ୍ପସଂସ୍ଥା ଭାଗୀଦାରୀ ସହିତ ଯୋଡ଼ି ଦିଆଯାଉ । ସବୁଜ ଅର୍ଥନୀତି ତିଆରି କରିବାରେ ଓ ପାଇଁ ବିପୁଳ ସମ୍ଭାବନା ରହିଛି ବୋଲି ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ରଶ୍ମି ରଞ୍ଜନ ମହାପାତ୍ର କହିଛନ୍ତି । ଏହା ବ୍ୟାପକ ମାତ୍ରାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ । ଏହି ସୁଯୋଗର ଲାଭ ଉଠାଇବା ପାଇଁ ରାଜ୍ୟକୁ ଏବେଠାରୁ ପଦକ୍ଷେପ ନେବାକୁ ପ ଏଥିପାଇଁ ସ୍ପଷ୍ଟ ନୀତି ଓ ଏହାକୁ ଆଗେଇନେବା ପାଇଁ ଏକ ସ୍ୱତନ୍ତ୍ର ସଂସ୍ଥା ଗଠନର ଆବଶ୍ୟକତା ରହିଛି । ଏକ ଦକ୍ଷ ଓ ପ୍ରସ୍ତୁତ ଶ୍ରମଶକ୍ତି ହିଁ ଏହି ନିବେଶକୁ ସଫଳ କରି ଗିତୋଳିବ । ଏହା ବିନା ଗୋଟିଏ ଭଲ ଯୋଜନାବଦ୍ଧ ପ୍ରକଳ୍ପ ମଧ୍ୟ ଫେଲ ମାରିପାରେ । କହିଛନ୍ତି ଆଇଫରେଷ୍ଟର ଜଷ୍ଟ ଟ୍ରାଞ୍ଜିସନ ଆଣ୍ଡ କ୍ଲାଇମେଟ ଚେଞ୍ଜ ବିଭାଗର ନିର୍ଦ୍ଦେଶକ ଡକଫର ଶ୍ରେଷ୍ଠା ବାନାର୍ଜୀ । ପିଏମ ସେତୁ କାର୍ଯ୍ୟକ୍ରମ ଅଧୀନରେ ଆଇଟିଆଇଗୁ ଆଧୁନିକୀକରଣ ସହ ତାହାକୁ ସବୁଜ ଉପକରଣ ଓ ସବୁଜ ଦକ୍ଷତା ତାଲିମ ପ୍ରଦାନ କରାଯାଉ । ଆଗାମୀ ୧୦ ବର୍ଷ ମଧ୍ୟରେ ଏକ ଆଞ୍ଚଳିକ ସବୁଜ ଦକ୍ଷତା ତାଲିମ କେନ୍ଦ୍ର ସ୍ଥାପନ କରାଯାଉ ।

## ସମ୍ ନର୍ସିଂ କଲେଜ ପକ୍ଷରୁ ଶିଶୁଙ୍କ ମଧ୍ୟରେ

# ସୁସ୍ଥ ପୋଷଣ ଓ କୁପୋଷଣ ନିବାରଣନେଇ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ) : ୫ ବର୍ଷରୁ କମ୍ ବୟସର ଶିଶୁଙ୍କ ପାଇଁ ଉପଯୁକ୍ତ ପୋଷଣ, ସ୍ୱାସ୍ଥ୍ୟକର ଖାଦ୍ୟ ଗ୍ରହଣ ଅଭ୍ୟାସ, ବୃଦ୍ଧି ଓ କୁପୋଷଣ ନିବାରଣ ଉପରେ ଗୁରୁତ୍ୱାରୋପ କରି ସମ୍ ନର୍ସିଂ କଲେଜ (ଏସ୍‌ଏନ୍‌ସି) କ୍ୟାମ୍ପସ-୧ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗ ଗ୍ରାମରେ ଏକ ପୋଷଣ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜାତୀୟ ପୋଷଣ ସପ୍ତାହ ପାଳନ ଅବସରରେ ଏସ୍‌ଏନ୍‌ସିର କମ୍ୟୁନିଟି ହେଲ୍‌ଥ ନର୍ସିଂ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ମହିଳା, ଶିଶୁ, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଏବଂ କମ୍ୟୁନିଟି ହେଲ୍‌ଥ ଅଫିସର ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଏସ୍‌ଏନ୍‌ସିର ପ୍ରଥମ ବର୍ଷ ଏମ୍.ଏସ୍‌ସି. ନର୍ସିଂ ଛାତ୍ରଛାତ୍ରୀମାନେ ଅଧ୍ୟାପକମାନଙ୍କ ମାର୍ଗଦର୍ଶନରେ ୫ ବର୍ଷରୁ କମ୍ ବୟସର ଶିଶୁଙ୍କ ଉପରେ କରାଯାଇଥିବା ପୋଷଣ ସମ୍ବନ୍ଧୀୟ ଆକଳନର ଫଳାଫଳ ଉପସ୍ଥାପନ କରିଥିଲେ । ଶିଶୁଙ୍କ ସୁସ୍ଥ ବୃଦ୍ଧି ଓ ସର୍ବାଙ୍ଗୀନ ବିକାଶ




ପାଇଁ ସନ୍ତୁଳିତ ଏବଂ ସ୍ୱାସ୍ଥ୍ୟକର ଖାଦ୍ୟ ଅଭ୍ୟାସର ଗୁରୁତ୍ୱ ଉପରେ ସେମାନେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଖାଦ୍ୟ ପ୍ରଦର୍ଶନୀ ଏବଂ ସିଧାସଳଖ ରନ୍ଧନ ପ୍ରଦର୍ଶନ ଅନ୍ୟତମ ପ୍ରମୁଖ ଆକର୍ଷଣ ଥିଲା । ପୁଷ୍ଟିକର, ସୁଲଭ ଓ ସ୍ଥାନୀୟ ଭାବେ ଉପଲବ୍ଧ ବିଭିନ୍ନ ଖାଦ୍ୟ ସାମଗ୍ରୀ ସଂପର୍କରେ ଅଂଶ ଗ୍ରହଣକାରୀଙ୍କୁ ଅବଗତ କରାଯିବା ସହ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତି ଏବଂ ଶିଶୁଙ୍କ ଉପଯୁକ୍ତ ଖାଦ୍ୟ ଗ୍ରହଣ ପଦ୍ଧତି ସଂପର୍କରେ ବ୍ୟବହାରିକ ପରାମର୍ଶ ଦିଆଯାଇଥିଲା । ଚନ୍ଦକାସ୍ଥିତ ଦାରୁଠେଙ୍ଗ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସବ୍-ସେଂଟରର କମ୍ୟୁନିଟି ହେଲ୍‌ଥ ଅଫିସର ମାନସୀ ମହାରଣା ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ଶିଶୁ କୁପୋଷଣ ରୋକିବାରେ ପରିବାର ଏବଂ ସାମୁଦାୟିକ ସ୍ୱାସ୍ଥ୍ୟ କର୍ମୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ଏସ୍‌ଏନ୍‌ସିର ଅତିରିକ୍ତ ଡିନ୍ ତଥା କମ୍ୟୁନିଟି ହେଲ୍‌ଥ ନର୍ସିଂ ବିଭାଗର ମୁଖ୍ୟ ପ୍ରଫେସର ତପତୀ ସାହାଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

## ଏଚସିଜି କ୍ୟାନସର ସେଣ୍ଟର କଟକ ପକ୍ଷରୁ

# ଅତ୍ୟାଧୁନିକ 'ରୋବୋଟିକ୍ ସର୍ଜରୀ ସିଷ୍ଟମ୍'ର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାରେ କର୍କଟ ରୋଗୀଙ୍କୁ ଅତ୍ୟାଧୁନିକ ତଥା ଉନ୍ନତମାନର ସର୍ଜିକାଲ୍ ଚିକିତ୍ସା ଯୋଗାଇଦେବା ଲକ୍ଷ୍ୟରେ କଟକ ସ୍ଥିତ ଏଚସିଜି କ୍ୟାନସର ସେଣ୍ଟର ପକ୍ଷରୁ ଏକ ନୂତନ ରୋବୋଟିକ୍-ଆସିଷ୍ଟେଡ୍ ସର୍ଜିକାଲ୍ ପ୍ଲାଟଫର୍ମ ଆରମ୍ଭ କରାଯାଇଛି । ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ 'ଏସଏସଆଇ ମନ୍ତ୍ର' ରୋବୋଟିକ୍ ସର୍ଜିକାଲ୍ ସିଷ୍ଟମ୍ ମାଧ୍ୟମରେ କର୍କଟ ଶଲ୍ୟ ଚିକିତ୍ସକମାନେ ଏହା ଜରିଆରେ ଅଧିକ ନିଖୁଣ ଏବଂ ସଠିକତାର ସହ ଜଟିଳ ଅସ୍ତ୍ରୋପଚାର କରିପାରିବେ ଯାହାର ଏକ ଥ୍ରୀ-ଡି ଭିଜୁଆଲାଇଜେସନ୍ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କୁ ଦେଖିବାକୁ ମିଳିଥିଲା । ଏହି ଉଦଘାଟନୀ ଉତ୍ସବରେ ଯୋଗଦେଇ ଏଚସିଜି କ୍ୟାନସର ହସ୍ପିଟାଲର ଆଞ୍ଚଳିକ ବ୍ୟବସାୟ ମୁଖ୍ୟ (ଇଷ୍ଟ୍ ଏବଂ



ଏପି) ଡକ୍ଟର ରୂପାଲି ବସୁ କହିଛନ୍ତି ଯେ, "ଓଡ଼ିଶାର ରୋଗୀମାନଙ୍କୁ ଉନ୍ନତମାନର କର୍କଟ ଚିକିତ୍ସା ପ୍ରଦାନ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ରୋବୋଟିକ୍ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଆମର ଡାକ୍ତରୀ ଦଳ ଜଟିଳ ଅସ୍ତ୍ରୋପଚାରକୁ ଅତି ନିଖୁଣ ଭାବରେ କରିପାରିବେ । ଏହାଦ୍ୱାରା ରୋଗୀମାନଙ୍କୁ ନିଜ ଘର ପାଖରେ ଅତ୍ୟାଧୁନିକ ଚିକିତ୍ସା ମିଳିପାରିବ । ପ୍ରାଥମିକ ପର୍ଯ୍ୟାୟରେ ଏହି ପ୍ଲାଟଫର୍ମ ମାଧ୍ୟମରେ ୟୁରୋ-ଅଙ୍କୋଲୋଜି, କୋଲୋରେକ୍ଟାଲ୍ ଏବଂ ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟାଇନାଲ୍ ଅଙ୍କୋଲୋଜି ସହିତ ଗାଇନେକୋଲୋଜିକାଲ୍ ଅଙ୍କୋଲୋଜି ଭଳି ବିଭାଗରେ ରୋବୋଟିକ୍ ଅସ୍ତ୍ରୋପଚାର କରାଯିବ । ତେବେ ରୋଗୀର କର୍କଟ ରୋଗର ପ୍ରକାର, ଷ୍ଟେଜ୍ ଓ ସାମଗ୍ରିକ ଅବସ୍ଥାକୁ ଦୃଷ୍ଟିରେ ରଖି ଡାକ୍ତରମାନେ ରୋବୋଟିକ୍ ସର୍ଜରୀର ନିଷ୍ପତ୍ତି ନେବେ ବୋଲି ହସ୍ପିଟାଲ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଏଚସିଜି କ୍ୟାନସର ସେଣ୍ଟରର ସିଇଓ ଡକ୍ଟର ସ୍ମିତା ପାଢ଼ୀଙ୍କ ସମେତ ସର୍ଜିକାଲ୍ ଅଙ୍କୋଲୋଜି ପରାମର୍ଶଦାତା ଡକ୍ଟର ମଞ୍ଜୁନାଥ, ଡକ୍ଟର ବିକାଶ ନାୟକ, ଡକ୍ଟର ସଂଗ୍ରାମ କେଶରୀ ପଣ୍ଡା ଏବଂ ଡକ୍ଟର ଜ୍ୟୋତିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଅତ୍ୟାଧୁନିକ ଜ୍ଞାନକୌଶଳର ଏହି ଶୁଭାରମ୍ଭ ଓଡ଼ିଶାର କର୍କଟ ରୋଗୀମାନଙ୍କ ପାଇଁ ଏକ ନୂଆ ଆଶାର ସଞ୍ଚାର କରିବ ।

## ବେଲଜିୟମ ପ୍ରଧାନମନ୍ତ୍ରୀଙ୍କ ସହ ମୋଦୀଙ୍କ ଆଲୋଚନା

# ସୁଦୃଢ଼ ହୋଇଛି ଦ୍ୱିପାକ୍ଷିକ ସମ୍ପର୍କ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ବେଲଜିୟମ ପ୍ରଧାନମନ୍ତ୍ରୀ ବାର୍ଟ ଡି ୱେଭରଙ୍କ ସହିତ ବ୍ୟାପକ ଆଲୋଚନା କରିବା ସମୟରେ ସଦ୍ୟତମ ତ୍ରୈମାସିକରେ ଭାରତର ୭.୮ ପ୍ରତିଶତ ଅର୍ଥନୈତିକ ଅଭିବୃଦ୍ଧିକୁ ଆଲୋକପାତ କରି କହିଛନ୍ତି ଯେ, ଭାରତର ଅଭିବୃଦ୍ଧି କାହାଣୀ ବିଶ୍ୱ ପାଇଁ ଆତ୍ମବିଶ୍ୱାସ ଓ ନୂତନ ସୁଯୋଗର ଉତ୍ସ ପାଲଟିଛି। ଡି ୱେଭରଙ୍କ ସହିତ ସାକ୍ଷାତ ପରେ ମୋଦୀ କହିଛନ୍ତି ଯେ, ବିଶ୍ୱ ଅନିଶ୍ଚିତତା, ଦ୍ୱନ୍ଦ୍ୱ ଓ ଖାଦ୍ୟ, ଇନ୍ଧନ ଓ ଯୋଗାଣ ଶୃଙ୍ଖଳରେ ବାଧା ସତ୍ତ୍ୱେ ଭାରତର ଅର୍ଥନୀତି ଏହାର ଗତି ବଜାୟ ରଖିଛି।ଭାରତ ଓ ବେଲଜିୟମ ବାଣିଜ୍ୟ, ପ୍ରତିରକ୍ଷା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ସ୍ୱଚ୍ଛ ଶକ୍ତି ଓ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗ ବିସ୍ତାର କରିବାକୁ ରାଜି ହୋଇଥିବାବେଳେ ମୋଦୀଙ୍କ ଏହି ମନ୍ତବ୍ୟ ଆସିଛି। ପ୍ରଧାନମନ୍ତ୍ରୀ ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗକୁ ଦ୍ୱିପାକ୍ଷିକ ସମ୍ପର୍କର 'ମୁଖ୍ୟ ସ୍ତମ୍ଭ' ଭାବରେ ବର୍ଣ୍ଣନା କରିଛନ୍ତି ଏବଂ କହିଛନ୍ତି ଯେ, ଦୁଇ ଦେଶ ସାମରିକ ଆଦାନପ୍ରଦାନ ଏବଂ ତାଲିମ ବୃଦ୍ଧି କରିବାକୁ ରାଜି ହୋଇଛନ୍ତି। ସେ କହିଛନ୍ତି ଯେ, ସରକାର ଓ ପ୍ରତିରକ୍ଷା ଶିଳ୍ପ ମଧ୍ୟରେ ଚୁକ୍ତିନାମା ପ୍ରତିରକ୍ଷା ସହ-ବିକାଶ ଓ ସହ-ଉତ୍ପାଦନ ପାଇଁ ସୁଯୋଗ ସୃଷ୍ଟି କରିବ। ଭାରତ ଓ ବେଲଜିୟମ୍ ଆସନ୍ତା ୫ ବର୍ଷରେ ଦ୍ୱିପାକ୍ଷିକ କାରବାରକୁ ଦ୍ୱିଗୁଣିତ କରିବାକୁ ରାଜି ହୋଇଛନ୍ତି।

ଭାରତ - ବେଲଜିୟମ୍ ସମ୍ପର୍କର ଗଭୀର ଐତିହାସିକ ଆଧାର ରହିଛି। ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ବେଲଜିୟମରେ ହଜାର ହଜାର ଭାରତୀୟ ସୈନିକଙ୍କ ସାହସ ଏବଂ ବଳିଦାନ ଆମର ସହଭାଗୀ ସ୍ମୃତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ।

ଆଜି, ଗଣତାନ୍ତ୍ରିକ ମୂଲ୍ୟବୋଧ, ବଜାର ଅର୍ଥନୀତି ଏବଂ ଗଭୀର ଲୋକ ସମ୍ପର୍କ ଆମକୁ ସ୍ୱାଭାବିକ ଅଂଶୀଦାର କରିଛି।

ଦଶ ବର୍ଷ ପୂର୍ବେ, ମୋତେ ବେଲଜିୟମ୍ ଗସ୍ତ କରିବାର ସୁଯୋଗ ମିଳିଥିଲା। ଏବଂ ମୁଁ ବହୁତ ଖୁସି ଯେ ଗତ ଦଶନ୍ଧିରେ ଆମର ସହଭାଗୀତା ଉଲ୍ଲେଖନୀୟ ପ୍ରଗତି କରିଛି।

ଆଜି, ଆମର ସହଯୋଗର ପରିସର ପାରମ୍ପରିକ କ୍ଷେତ୍ର ବାହାରେ ପ୍ରତିରକ୍ଷା ଏବଂ ସ୍ୱଚ୍ଛ ଶକ୍ତି ଭଳି ରଣନୈତିକ କ୍ଷେତ୍ରକୁ ବିସ୍ତାର କରିଛି। ଆମେ ଜୋରାୱାର ଟ୍ୟାଙ୍କ ଭଳି ଉନ୍ନତ ପ୍ରତିରକ୍ଷା ଉପକରଣ ଉପରେ ଏକାଠି କାମ କରୁଛୁ। ଆନ୍ଧ୍ରପ୍ରଦେଶର କାକିନାଡାରେ, ଆମେ ବିଶ୍ୱର ସର୍ବବୃହତ ସବୁଜ ଆମୋନିଆ ପ୍ରକଳ୍ପ ମଧ୍ୟରୁ ଗୋଟିଏ ବିକଶିତ କରୁଛୁ।

ଆଜି, ବିଶ୍ୱ ଘଡିସନ୍ଧି ସମୟ ଦେଇ ଗତି କରୁଛି। ବିଶ୍ୱର ଅନେକ ସ୍ଥାନରେ ଦ୍ୱନ୍ଦ୍ୱ ଜାରି ରହିଛି। ଖାଦ୍ୟ, ଇନ୍ଧନ କିମ୍ବା ଯୋଗାଣ ଶୃଙ୍ଖଳ ହେଉ, ପ୍ରତ୍ୟେକ କ୍ଷେତ୍ର ଅନିଶ୍ଚିତତା ଦ୍ୱାରା ପ୍ରଭାବିତ ହେଉଛି।

ଏହି ଆହ୍ୱାନମୂଳକ ପରିବେଶରେ, ଭାରତର ଅର୍ଥନୀତି ଏହାର ଗତି ବଜାୟ ରଖିଛି। ଗତ ତ୍ରୈମାସିକରେ ଆମେ ୭.୮% ଅଭିବୃଦ୍ଧି ରେକର୍ଡ କରିଛୁ। ଆଜି, ଭାରତର ଅଭିବୃଦ୍ଧି କାହାଣୀ ବିଶ୍ୱ ପାଇଁ ବିଶ୍ୱାସ ଏବଂ ନୂତନ ସୁଯୋଗର ଉତ୍ସ ପାଲଟିଛି।

ବନ୍ଧୁଗଣ,

ଏହି ବର୍ଷ ଆରମ୍ଭରେ, ଆମେ ଐତିହାସିକ ଭାରତ - ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସମ୍ପୂର୍ଣ୍ଣ କରିଛୁ। ବିଶ୍ୱର ଦୁଇଟି ସର୍ବବୃହତ ଗଣତାନ୍ତ୍ରିକ ଶକ୍ତି ମଧ୍ୟରେ ଏହି ଅଭୂତପୂର୍ବ ସହଯୋଗ ବିଶ୍ୱ ସ୍ଥିରତା, ବିକାଶ ଏବଂ ସହଭାଗୀ ସମୃଦ୍ଧିକୁ ନୂତନ ପ୍ରେରଣା ଦେବ।

## ବାର କାଉନସିଲ ଉପରେ ସୁପ୍ରିମକୋର୍ଟଙ୍କ ଲଗାମ

**ନୂଆଦିଲ୍ଲୀ:** ଆଇନ ଛାତ୍ରଛାତ୍ରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାର ଆଇନଗତ ଅଧିକାର ବାର୍ କାଉନ୍ସିଲ୍ ଅଫ୍ ଇଣ୍ଡିଆ (ବିସିଆଇ)ର ନାହିଁ ବୋଲି ଗୁରୁବାର ସ୍ପଷ୍ଟ କରିଛନ୍ତି ସୁପ୍ରିମ୍କୋର୍ଟ। ହାଇଦ୍ରାବାଦସ୍ଥିତ ନାଲସାର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଉପୁଜିଥିବା ବିବାଦର ଶୁଣାଣି କରି କୋର୍ଟ ଏହି ରାୟ ଦେଇଛନ୍ତି।ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ନାଲସାର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ପ୍ରଧାନ ବିଚାରପତି ଯୋଗଦେବା ପ୍ରସ୍ତାବକୁ କିଛି ଛାତ୍ରଛାତ୍ରୀ ବିରୋଧ କରିବା ପରେ ବିବାଦ ଆରମ୍ଭ ହୋଇଥିଲା। ଅଗଷ୍ଟ ୧୩ରେ ବିସିଆଇ ନାଲସାର ୨୦୨୬ ବ୍ୟାଚ୍ର ଆଇନ ସ୍ନାତକମାନଙ୍କ ନାମ ପଞ୍ଜୀକରଣ ନ କରିବାକୁ ରାଜ୍ୟସ୍ତରୀୟ ବାର୍ କାଉନ୍ସିଲଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲା। ଏହାକୁ ନେଇ ବ୍ୟାପକ ପ୍ରତିବାଦ ପରେ ବିସିଆଇ କିଛି ଘଣ୍ଟା ମଧ୍ୟରେ ନିର୍ଦ୍ଦେଶ ପ୍ରତ୍ୟାହାର କରିଥିଲା। ବିସିଆଇ ଅଧ୍ୟକ୍ଷ ମନନ କୁମାର ମିଶ୍ର ମଧ୍ୟ ଛାତ୍ରଛାତ୍ରୀଙ୍କୁ କ୍ଷମା ମାଗିଥିଲେ।ସୁପ୍ରିମ୍କୋର୍ଟ ବିସିଆଇ ପକ୍ଷରୁ ଜାରି ଦୁଇଟି ନୋଟିସ୍କୁ ରଦ୍ଦ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଆଡ୍ଭୋକେଟ୍ସ ଆକ୍ଟ, ୧୯୬୧ରେ ବିସିଆଇ କିମ୍ବା ରାଜ୍ୟ ବାର୍ କାଉନ୍ସିଲ୍କୁ ଆଇନ ଛାତ୍ରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାର କ୍ଷମତା ଦିଆଯାଇନାହିଁ। ଜଣେ ଆଇନ ସ୍ନାତକ ଆଡ୍ଭୋକେଟ୍ ଭାବେ ପଞ୍ଜୀକୃତ ହେବା ପରେ ହିଁ ବାର୍ କାଉନ୍ସିଲ୍ର ଶୃଙ୍ଖଳାଗତ ଅଧିକାର ଲାଗୁ ହୋଇଥାଏ। କୋର୍ଟ ଆହୁରି କହିଛନ୍ତି, ଆଇନ ଛାତ୍ରଙ୍କ ବିରୋଧରେ କୌଣସି ଶୃଙ୍ଖଳାଗତ ପଦକ୍ଷେପ ନେବାର ଅଧିକାର ସମ୍ପୃକ୍ତ ଶିକ୍ଷାନୁଷ୍ଠାନ କିମ୍ବା ତାହାର ନିୟମ ଅନୁସାରେ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କର ରହିଛି। ନାଲସାର ଘଟଣାରେ ବିସିଆଇର ହସ୍ତକ୍ଷେପକୁ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ପୂର୍ବରୁ ମଧ୍ୟ ଅନାବଶ୍ୟକ ବୋଲି କହିଥିଲେ।

## ତିବ୍ବତରେ ଭୂମିକମ୍ପ; ତୀବ୍ରତା ରିକ୍ଟର ସ୍କେଲରେ ୫

**କାଠମାଣ୍ଡୁ:** ତିବ୍ବତରେ ଗୁରୁବାର ଭୂମିକମ୍ପ ଅନୁଭୂତ ହୋଇଛି। ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫ ରହିଛି। ନେପାଳ ସୀମାବର୍ତ୍ତୀ ଅଞ୍ଚଳରେ ପ୍ରଳୟଙ୍କାରୀ ବନ୍ୟା ଆସିବାର ଗୋଟିଏ ସପ୍ତାହ ପରେ ଏହି ଭୂମିକମ୍ପ ଆସିଛି। ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର ଜିଓସାଇନ୍ସ (ଜେଏଫ୍ଜ) ଅନୁଯାୟୀ, ଭୂମିକମ୍ପ ୧୦ କିଲୋମିଟର ଗଭୀରରେ ଅନୁଭୂତ ହୋଇଥିଲା। କୌଣସି କ୍ଷୟକ୍ଷତି କିମ୍ବା ଆହତ ହେବାର ରିପୋର୍ଟ ତୁରନ୍ତ ମିଳିନାହିଁ।ଅଗଷ୍ଟ ୨୬ ତାରିଖରେ ନେପାଳ ସୀମା ନିକଟରେ ତିବ୍ବତରେ ଏକ ହିମଖଣ୍ଡ ଭୁଶୁଡ଼ି ପଡ଼ିବା ଫଳରେ ହୋଇଥିବା ମହାପ୍ରଳୟ ପରେ ଭୂମିକମ୍ପ ହୋଇଥିଲା, ଯାହା ସହର ଓ ଉପତ୍ୟକାକୁ ଭାଙ୍ଗି ପକାଇଥିଲା। ହଜାରେରୁ ଲୋକ ପ୍ରାଣ ହରାଇଥିଲେ କିମ୍ବା ନିଖୋଜ ହୋଇଯାଇଥିଲେ। ଗୁରୁବାର ସୁଦ୍ଧା ନେପାଳ ବନ୍ୟାଜନିତ ମୃତ୍ୟୁ ସଂଖ୍ୟା ୧,୨୫୨ରେ ପହଞ୍ଚିଛି। ଏହାସହିତ ଏପର୍ଯ୍ୟନ୍ତ ୪,୨୦୦ ଲୋକ ନିଖୋଜ ଅଛନ୍ତି।

## ଝାଡଖଣ୍ଡର ବିଶିଷ୍ଟ ଓଡ଼ିଆ କ୍ଷୀରୋଦ ମିଶ୍ରଙ୍କ ଦେହାନ୍ତ



**ଚିତ୍ତରଞ୍ଜନ (ଝାଡଖଣ୍ଡ) :** ଗତ ୩ ତାରିଖ ସକାଳେ ଝାଡଖଣ୍ଡର ବିଶିଷ୍ଟ ଓଡ଼ିଆ ସମାଜସେବୀ ଓ ବ୍ୟବସାୟୀ କ୍ଷୀରୋଦ ମିଶ୍ରଙ୍କର ୭୦ବର୍ଷ ବୟସରେ ଦେହାନ୍ତ ହୋଇଛି । ଫତେପୁରଠାରେ ତାଙ୍କର ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା । ତାଙ୍କ ସାନପୁଅ ଉତ୍ତମ ମିଶ୍ର ମୁଖାଗ୍ନି ଦେଇଥିଲେ ।ପନୀ ଶୈଳବାଳା ମିଶ୍ରଙ୍କ ସମେତ ଜ୍ୟେଷ୍ଠପୁତ୍ର ରାହୁଳ ମିଶ୍ର, ସାନଭାଇ ସୁଭାଷ ମିଶ୍ର, ସରୋଜ ଚନ୍ଦ୍ର ମିଶ୍ର, ମନୋଜ ମିଶ୍ର, ସନ୍ତୋଷ କୁମାର ମିଶ୍ର, ଡାକ୍ତର ନିଖିଳ ମିଶ୍ର, ଜେଏସ୍ଏସ୍ କଲେଜର ଅଧ୍ୟକ୍ଷ କୃଷ୍ଣମୋହନ ଶାହା, ସିଦ୍ଧାନ୍ତ ଶେଖର ପ୍ରଧାନ ଓ ଚିତ୍ତରଞ୍ଜନ ଜଗନ୍ନାଥ ମନ୍ଦିରର କର୍ମକର୍ତ୍ତାମାନେ ତାଙ୍କର ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସ୍ଥାନୀୟ ଓଡ଼ିଆ ସମାଜ ପକ୍ଷରୁ ତାଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ ପାଇଛି । ତାଙ୍କର ନିଜ ଗ୍ରାମ କେନ୍ଦ୍ରାପଡା ଜିଲ୍ଲାର ମାହାଙ୍ଗା ଅନ୍ତର୍ଗତ ଝାଡେଶ୍ୱରପୁର ଗାଁରେ । ସେ ଚିତ୍ତରଞ୍ଜନରେ ସ୍ଥାୟୀ ବାସିନ୍ଦା ଭାବେ ରହିଯାଇଥିଲେ

## ସିଜେପିରେ ବିଭାଜନ: ବିଦ୍ରୋହୀ ଗଠନ କଲେ ସିଜେପି-ଡି

**ନୂଆଦିଲ୍ଲୀ:** ଅଭିଜିତ ଦୀପକେଙ୍କ ନେତୃତ୍ୱାଧୀନ କକ୍ରୋଚ ଜନତା ପାର୍ଟି(ସିଜେପି) ଦୁଇ ଫାଳ। ସିଜେପି ସହ ଥିବା ଗୋଟିଏ ଗୋଷ୍ଠୀ ଏବେ ଗଠନ କରିଛନ୍ତି ନୂଆ ସାମ୍ମୁଖ୍ୟ। ସିଜେପିରୁ ଅଲଗା ହୋଇଥିବା ମନୀଷ ବ୍ରହ୍ମଭଟ୍ଟ ଆଜି ବିଧିବଦ୍ଧ ଭାବେ କକ୍ରୋଚ ଜନତା ପାର୍ଟି-ଡେମୋକ୍ରାଟିକ(ସିଜେପି-ଡି)ର ମୂଳଦୁଆ ପକାଇଛନ୍ତି। ସେ ସିଜେପି-ଡିର ଲଞ୍ଚ କରି ସିଜେପି ପ୍ରତିଷ୍ଠାତା ଦୀପକେଙ୍କ ଉପରେ ବର୍ଷିଛନ୍ତି। ଦୀପକେ ଏବେ ପ୍ରକୃତ ବିକ୍ଷୋଭକାରୀଙ୍କୁ ସାଇଡ କରି ଦେଇଛନ୍ତି ଓ ଯୁବଗୋଷ୍ଠୀ ନେତୃତ୍ୱାଧୀନ ବିପ୍ଳବକୁ ନିଜ ହାସବାରିସ ଭାବେ ବ୍ୟବହାର କରୁଛନ୍ତି। ଏବେ ଅଭିଜିତ ଦୀପକେ 'ଟିମ କେଜ୍ରିୱାଲ' ହୋଇଯାଇଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କ କହିବା କଥା ଯେ ପୂର୍ବରୁ ଆମ ଆଦମୀ ପାର୍ଟି ବା ଆପ୍ ସହ ଜଡ଼ିତ ଥିବା ଲୋକ ସିଜେପିରେ ନିଜର ଦବଦବା ଜାହିରି କରୁଛନ୍ତି। କେବଳ ବିଜେପିକୁ ବିରୋଧ କରିବା ହିଁ ସେମାନଙ୍କର ଏକମାତ୍ର ଲକ୍ଷ୍ୟ। ଅଗଷ୍ଟ ମାସ ଆରମ୍ଭରେ ମନୀଷ ବ୍ରହ୍ମଭଟ୍ଟ ଗୁଜରାଟରୁ ଛତ୍ରପତି ସମ୍ଭାଜୀନଗରକୁ ଯାଇଥିଲେ। ସେଠାରେ ଥିବା ଦୀପକେଙ୍କ ଘରେ ସିଜେପି କୋର ଟିମ ବୈଠକ ହେଉଥିବା ଜାଣି ସେ ଏପରି ପଦକ୍ଷେପ ନେଇଥିଲେ।ଯନ୍ତରମନ୍ତର ବିକ୍ଷୋଭରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସଦସ୍ୟମାନଙ୍କୁ ବାଦ ଦିଆଯାଇ ଦୀପକେ ବୈଠକ କରୁଥିବାରୁ ବ୍ରହ୍ମଭଟ୍ଟ ଓ ତାଙ୍କ ସହଯୋଗୀ ରାହୁଲ ପାଣ୍ଡ୍ୟା ସେହି ସ୍ଥାନରେ ହିଁ ପ୍ରତିବାଦ କରିଥିଲେ।ପରବର୍ତ୍ତୀ ଅବସ୍ଥାରେ ଉଭୟଙ୍କ ଅବସ୍ଥା ବିଗିଡ଼ିବାରୁ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେହି ସମୟରେ ବ୍ରହ୍ମଭଟ୍ଟ ସିଜେପିର ଜଣେ କର୍ମୀ ବୋଲି ଜଣାପଡ଼ିଥିଲା। ଗୁରୁବାର ବ୍ରହ୍ମଭଟ୍ଟ ବିଧିବଦ୍ଧ ଭାବେ ଦିଲ୍ଲୀରେ ସିଜେପି-ଡିର ଲଞ୍ଚ କରିଛନ୍ତି। ସେ ଅଭିଯୋଗ କରିଛନ୍ତି, ଅରବିନ୍ଦ କେଜ୍ରିୱାଲ ଓ ଆପର ରାଜନୀତିକ ସ୍ୱାର୍ଥ କଥା ଚିନ୍ତା କରୁଥିବା ଲୋକମାନେ ସିଜେପି ପ୍ରକୃତ ବିପ୍ଳବକୁ ହାଇଜ୍ୟାକ କରି ନେଇଛନ୍ତି। ସେ କହିଛନ୍ତି, "ଆଜି ଆମେ କକ୍ରୋଚ ଜନତା ପାର୍ଟି-ଡେମୋକ୍ରାଟିକ ଲଞ୍ଚ କରୁଛୁ। ଏପରି ଲଞ୍ଚ ପଛରେ କାରଣ ମଧ୍ୟ ରହିଛି। ପ୍ରକୃତ କକ୍ରୋଚ ଜନତା ପାର୍ଟି ଟିମ ଯାହା ଲୋକଙ୍କ ରକ୍ତ ଓ ଝାଳରେ ସୃଷ୍ଟି ହୋଇଥିବା ବିପ୍ଳବରୁ ସୃଷ୍ଟି ହୋଇଥିଲା।କିନ୍ତୁ ସମୟକ୍ରମରେ ଏହା ଏବେ କେଜ୍ରିୱାଲଙ୍କ ଆମ ଆଦମୀ ପାର୍ଟିର ହାତ ବାରିସରେ ପରିଣତ ହୋଇଛି। ସେମାନଙ୍କ ଏକମାତ୍ର ଲକ୍ଷ୍ୟ ରାଜନୀତି ଡିଲ୍। ଦେଶର ଶିକ୍ଷାର୍ଥୀ କିମ୍ବା ଅନ୍ୟ ରାଜ୍ୟର ଲୋକମାନେ ସାମ୍ନା କରୁଥିବା ସମସ୍ୟା ବିରୋଧରେ ଲଢ଼େଇ କରିବାକୁ ସେମାନେ ଆଦୌ ଆଗ୍ରହ ଦେଖାଉ ନାହାନ୍ତି। ସେମାନେ କେବଳ କେଜ୍ରିୱାଲଙ୍କ କଥାରେ କାମ କରୁଛନ୍ତି। ସେମାନଙ୍କ ଏକମାତ୍ର ଲକ୍ଷ୍ୟ ହେଲା ବିଜେପିକୁ ବିରୋଧ କରିବା।




## ସତ୍ୟେନ୍ଦ୍ର ଜୈନଙ୍କୁ ମିଳିଲା ଜାମିନ



**ନୂଆଦିଲ୍ଲୀ:** କୋଟି କୋଟି ଟଙ୍କାର ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସଟିପି) ଟେଣ୍ଡର ଦୁର୍ନୀତିରେ ଦିଲ୍ଲୀ ଆମ୍ ଆଦମୀ ପାର୍ଟି ସରକାରଙ୍କ ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ରାଉଜ୍ ଆଭେନ୍ୟୁ କୋର୍ଟରୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। କୋର୍ଟ ତାଙ୍କୁ ୨ ଲକ୍ଷ ଟଙ୍କାର ମୁଚାଲିକାରେ ଜାମିନ ପ୍ରଦାନ କରିଛନ୍ତି।ଶୁଣାଣି ସମୟରେ, ସତ୍ୟେନ୍ଦ୍ର ଜୈନଙ୍କ ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ଏନ ହରିହରନ ଯୁକ୍ତି ଦେଇଥିଲେ ଯେ ମାମଲା ରୁଜୁ ହେବାର ୨୭ ମାସ ପରେ ତାଙ୍କୁ ଗିରଫ କରାଯାଇଥିଲା, ଏହି ସମୟରେ ତାଙ୍କୁ କେବଳ ଥରେ ପଚରାଉଚରା ପାଇଁ ଡକାଯାଇଥିଲା ଏବଂ ଯେତେବେଳେ ତାଙ୍କୁ ପୁଣି ଡକାଯାଇଥିଲା ତାଙ୍କୁ ଗିରଫ କରାଯାଇଥିଲା। ସତ୍ୟେନ୍ଦ୍ର ଜୈନଙ୍କ ଆଇନଜୀବୀ କହିଛନ୍ତି ଯେ, ମାମଲାର ସମସ୍ତ ତଥ୍ୟ ଡକ୍ୟୁମେଣ୍ଟାରୀ ପ୍ରକୃତିର ଏବଂ ସମସ୍ତ ପ୍ରାସଙ୍ଗିକ ପ୍ରମାଣ ତଦନ୍ତ ଏଜେନ୍ସିଗୁଡ଼ିକ ଦ୍ୱାରା ପୂର୍ବରୁ ଜବତ କରାଯାଇଛି।ସତ୍ୟେନ୍ଦ୍ର ଜୈନ ଜଣେ ଅଭ୍ୟାସଗତ ଅପରାଧୀ ବୋଲି ଦୁର୍ନୀତି ନିବାରଣ ଶାଖା(ଏସିବି) ଅଭିଯୋଗ କରିଥିବା ବେଳେ, ଜାମିନ ଆବେଦନ ଉପରେ ନିଷ୍ପତ୍ତି ନେବା ସମୟରେ ଏହି ପ୍ରସଙ୍ଗଗୁଡ଼ିକୁ ବିଚାର କରାଯିବା ଆବଶ୍ୟକ ବୋଲି କହିଥିଲା।


## ପାଇଲଟ ଅସୁସ୍ଥ: ମସ୍କଟରେ ଇଣ୍ଡିଗୋ ବିମାନର ଜରୁରୀକାଳୀନ ଅବତରଣ

**ମସ୍କଟ:** ଦୋହାରୁ ବେଙ୍ଗାଲୁରୁ ଆସୁଥିବା ଇଣ୍ଡିଗୋ ବିମାନ ୬-ଇ-୧୩୦୨ ଗୁରୁବାର ସକାଳେ ମସ୍କଟରେ ସୁରକ୍ଷିତ ଜରୁରୀକାଳୀନ ଅବତରଣ କରିଛି। ଉଡ଼ାଣ ସମୟରେ ମଝି ଆକାଶରେ ପାଇଲଟଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଖରାପ ହୋଇଯାଇଥିଲା, ଯାହା ଫଳରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବିମାନକୁ ମସ୍କଟକୁ ସ୍ଥାନାନ୍ତରିତ କରାଯାଇଥିଲା। ବିମାନଟି ମସ୍କଟ ବିମାନବନ୍ଦରରେ ସୁରକ୍ଷିତ ଭାବରେ ଅବତରଣ କରିଥିଲା। ପାଇଲଟଙ୍କୁ ଚିକିତ୍ସା ପାଇଁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା। ବର୍ତ୍ତମାନ ତାଙ୍କର ଅବସ୍ଥା ସ୍ଥିର ଅଛି।ପାଇଲଟ ଅସୁସ୍ଥ ହେବା ଯୋଗୁଁ ବିମାନଟି ମସ୍କଟରେ ଅବତରଣ କରିବା ପରେ ଇଣ୍ଡିଗୋ ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳ ବେଙ୍ଗାଲୁରୁକୁ ପରିବହନ ପାଇଁ ବିକଳ୍ପ ବ୍ୟବସ୍ଥା କରିଛି। ଯାତ୍ରୀମାନଙ୍କୁ ପରିବହନ କରିବା ପାଇଁ ବିମାନ କମ୍ପାନି ବେଙ୍ଗାଲୁରୁରୁ ମସ୍କଟକୁ ଦ୍ୱିତୀୟ ବିମାନ ଏବଂ ନୂତନ କର୍ମଚାରୀ ପଠାଇବାର ବ୍ୟବସ୍ଥା କରିଛି। ଏକ ବିବୃତିରେ ଇଣ୍ଡିଗୋ ପକ୍ଷରୁ କୁହାଯାଇଛି, ଆମର ଗ୍ରାହକମାନଙ୍କୁ ହୋଇଥିବା ଅସୁବିଧା ପାଇଁ ଆମେ ଦୁଃଖିତ ଏବଂ ମସ୍କଟରେ ବିମାନ ପାଇଁ ଅପେକ୍ଷା କରିବା ସମୟରେ ଜଳପାନ ଏବଂ ସମୟାନୁସାରେ ଅପଡେଟ୍ ପ୍ରଦାନ କରିବା ସହିତ ପ୍ରତୀକ୍ଷା ସମୟକୁ କମ୍ କରିବା ପାଇଁ ସମସ୍ତ ପ୍ରୟାସ କରୁଛୁ। ଆମର ଗ୍ରାହକ, କର୍ମଚାରୀ ଏବଂ ବିମାନର ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା।

## ତେଲେଙ୍ଗାନା କ୍ୟାବିନେଟରୁ ବିଦା ହେଲେ କୋଣ୍ଡା ସୁରେଖା

**ହାଇଦ୍ରାବାଦ:** ତେଲଙ୍ଗାନା କ୍ୟାବିନେଟରୁ କୋଣ୍ଡା ସୁରେଖାଙ୍କୁ ବହିଷ୍କାର କରିବା ପାଇଁ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଗୁରୁବାର ଅନୁମୋଦନ କରିଛି, ଯାହା ଦ୍ୱାରା ରାଜ୍ୟରେ ପ୍ରାୟ ଦୁଇ ସପ୍ତାହ ଧରି ଚାଲିଥିବା ରାଜନୈତିକ ନାଟକର ଅନ୍ତ ଘଟିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ଜାରି ଏକ ନୋଟରେ କୁହାଯାଇଛି ଯେ, ମୁଖ୍ୟମନ୍ତ୍ରୀ ଏ ରେବନ୍ତ ରେଡ୍ଡୀ ସୁରେଖାଙ୍କୁ ମନ୍ତ୍ରୀ ପରିଷଦରୁ ବହିଷ୍କାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନିର୍ଦ୍ଦେଶ ତତ୍କାଳ ପ୍ରଭାବରେ କାର୍ଯ୍ୟକାରୀ ହେବ। ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ପରି ଶୀର୍ଷ ନେତୃତ୍ୱଙ୍କ ସହିତ ପରାମର୍ଶ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏଆଇସିସିର ନିଷ୍ପତ୍ତି ପରେ ସୁରେଖାଙ୍କୁ କ୍ୟାବିନେଟରୁ ବହିଷ୍କାର କରିବା ପାଇଁ ରାଜ୍ୟପାଳଙ୍କ ନିକଟକୁ ଏକ ଆନୁଷ୍ଠାନିକ ସୁପାରିସ ପଠାଯାଇଛି। ଲୋକଭବନ ଆଗାମୀ କିଛି ଘଣ୍ଟା ମଧ୍ୟରେ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିବ ବୋଲି ଆଶା କରାଯାଉଛି, ସମ୍ଭବତଃ ମୁଖ୍ୟମନ୍ତ୍ରୀ ଆଜି ସନ୍ଧ୍ୟାରେ ଦିଲ୍ଲୀରୁ ହାଇଦ୍ରାବାଦ ଫେରିବା ପୂର୍ବରୁ ବିଜ୍ଞପ୍ତି ଆସିପାରେ। ଅଗଷ୍ଟ ୧୯ ତାରିଖରେ ସୁରେଖାଙ୍କ ଝିଅ ସୁସ୍ମିତା ମୁଖ୍ୟମନ୍ତ୍ରୀ ଓ ତାଙ୍କ ଭାଇଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିବା ପରେ ରାଜନୈତିକ ଆଲୋଡ଼ନ ଆରମ୍ଭ ହୋଇଥିଲା। ରେଡ୍ଡୀ ତେଲେଙ୍ଗାନା ଯୋଜନା ବୋର୍ଡର ଉପାଧ୍ୟକ୍ଷ ଭାବରେ ଜି ଚିନ୍ନା ରେଡ୍ଡିଙ୍କ ନିଯୁକ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ସ୍ଥାନରେ ଗଡୱାଲ ବିଜୟଲକ୍ଷ୍ମୀଙ୍କୁ ନିଯୁକ୍ତ କରାଯାଇଛି। ରେଡ୍ଡୀ ମଧ୍ୟ ନରେଲା ଶାରଦାଙ୍କୁ ତେଲଙ୍ଗାନା ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷ ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ଜି ସୁଧା ରାଣୀଙ୍କୁ କାକତୀୟ ନଗର ଉନ୍ନୟନ ପ୍ରାଧିକରଣର ଅଧ୍ୟକ୍ଷ ଭାବରେ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି।

## ବାରାଣାସୀ-ଦିଲ୍ଲୀ ଏୟାର ଇଣ୍ଡିଆ ଏକ୍ସପ୍ରେସରେ ଯାନ୍ତ୍ରିକ ତ୍ରୁଟି




**ନୂଆଦିଲ୍ଲୀ:**ଯାନ୍ତ୍ରିକ ସମସ୍ୟା ଯୋଗୁଁ ବାରାଣସୀ-ଦିଲ୍ଲୀ ଏୟାର ଇଣ୍ଡିଆ ଏକ୍ସପ୍ରେସର ଏକ ବିମାନକୁ ଲକ୍ଷ୍ନୌକୁ ମାର୍ଗ ପରିବର୍ତ୍ତନ କରାଯାଇଛି। ଗୁରୁବାର ଏୟାରଲାଇନ୍ସ କହିଛି ଯେ, ବିମାନ ପରିଚାଳନା କରୁଥିବା କର୍ମଚାରୀମାନେ ଯାତ୍ରୀଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ସତର୍କତାମୂଳକ ପଦକ୍ଷେପ ଭାବେ ବିମାନର ମାର୍ଗ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଥିଲେ।ବିମାନ ସୁରକ୍ଷିତ ଭାବେ ଅବତରଣ କରିଥିଲା। ଲକ୍ଷ୍ନୌ ବିମାନବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ରିଫ୍ରେସ୍ମେଣ୍ଟ ଦିଆଯାଇଥିଲା। ଏହାପରେ ସେମାନଙ୍କୁ ପ୍ରାଥମିକତା ଦେଇ ସେମାନଙ୍କ ପାଇଁ ଅନ୍ୟ ବିକଳ୍ପ ବିମାନ ବ୍ୟବସ୍ଥା କରାଯାଇଥିଲା।

## ଜାନୁଆରୀ ୧୪ ରୁ ଜୟପୁର ସାହିତ୍ୟ ମହୋତ୍ସବ

**ଜୟପୁର(ରାଜସ୍ଥାନ) :** ଜୟପୁର ସାହିତ୍ୟ ମହୋତ୍ସବ ଆସନ୍ତା ଜାନୁଆରୀ ୨୦୨୭ରେ ଏହାର ଐତିହାସିକ ୨୦ତମ ସଂସ୍କରଣ ପାଳନ କରିବା ପାଇଁ ପ୍ରସ୍ତୁତ ହୋଇଛି । ବିଗତ ଦୁଇ ଦଶନ୍ଧି ହେବ ଜୟପୁର ସାହିତ୍ୟ ମହୋତ୍ସବ ଜୟପୁରରେ ଲେଖକ ଏବଂ ପାଠକଙ୍କର ଏକ ସମାବେଶରୁ ବିଶ୍ୱର ସବୁଠାରୁ ସ୍ୱୀକୃତିପ୍ରାପ୍ତ ସାହିତ୍ୟିକ ମଞ୍ଚ ମଧ୍ୟରୁ ଗୋଟିଏରେ ବିକଶିତ ହୋଇଛି । ୨୦୦୮ରେ ଆରମ୍ଭ ହେବା ପରଠାରୁ, ଏହି ମହୋତ୍ସବ ୮୦୦୦ ରୁ ଅଧିକ ଲେଖକ, ବକ୍ତା ଓ କଳାକାରଙ୍କୁ ଆତିଥ୍ୟ ପ୍ରଦାନ କରିଛି । ରାଜସ୍ଥାନ ସରକାରଙ୍କ ସହଯୋଗରେ, ଜୟପୁର ସାହିତ୍ୟ ମହୋତ୍ସବର ୨୦ତମ ସଂସ୍କରଣ ଆସନ୍ତା ଜାନୁଆରୀ ୧୪ ରୁ ୧୮ ତାରିଖ ୨୦୨୭ ପର୍ଯ୍ୟନ୍ତ ଜୟପୁରରେ ଅନୁଷ୍ଠିତ ହେବ, ଯାହା ସାହିତ୍ୟ, ସଂସ୍କୃତି, ଶିକ୍ଷା ଏବଂ କଳାର ପ୍ରମୁଖ ସ୍ୱରଗୁଡ଼ିକୁ ଏକତ୍ରିତ କରିବ । ଏସମ୍ପର୍କରେ ଜୟପୁର ସାହିତ୍ୟ ମହୋତ୍ସବର ଟିମ୍ୱର୍କ ଆର୍ଟସ୍ ବିଭାଗର ପରିଚାଳନା ନିର୍ଦ୍ଦେଶକ ଏବଂ ପ୍ରଯୋଜକ ସଞ୍ଜୟ କେ. ରୟ କହିଛନ୍ତି, ୨୦ ବର୍ଷ ହେବ, ଜୟପୁର ସାହିତ୍ୟ ମହୋତ୍ସବ ଏକ ସରଳ ବିଶ୍ୱାସ ଉପରେ ନିର୍ମିତ ହୋଇଆସୁଛି ଯେ ପୁସ୍ତକ ଏବଂ ବିଚାରଧାରା ଲୋକଙ୍କୁ ଏକତ୍ରିତ କରିବାର ଶକ୍ତି ରଖେ । ଜୟପୁର ସାହିତ୍ୟ ମହୋତ୍ସବର ଫେଷ୍ଟିଭାଲ କୋ-ଡାଇରେକ୍ଟର ନମିତା ଗୋଖଲେ କହିଛନ୍ତି, ଭାରତର ଆତ୍ମା ଏହାର ସାହିତ୍ୟିକ ଐତିହ୍ୟ ଓ ଭାଷାଗତ ବିବିଧତାରେ ଅନ୍ତର୍ନିହିତ ରହିଛି । ଟିମ୍ ଓ୍ୱର୍କ ଆର୍ଟସର ଅଧ୍ୟକ୍ଷା ପ୍ରୀତା ସିଂହ କହିଛନ୍ତି, ଏହି ଐତିହାସିକ ୨୦ତମ ସଂସ୍କରଣ ପାଳନ କରିବା ସହିତ, ଆମେ ମହୋତ୍ସବର ପରବର୍ତ୍ତୀ ଅଧ୍ୟାୟକୁ ମଧ୍ୟ ଅପେକ୍ଷା କରୁଛୁ ।ଆମର ଲକ୍ଷ୍ୟ ହେଉଛି ସାହିତ୍ୟ, ବିଚାରଧାରା ଓ ସାର୍ବଜନୀନ ଆଲୋଚନାକୁ ସମର୍ଥନ କରୁଥିବା ସହଭାଗିତାକୁ ପ୍ରୋତ୍ସାହିତ କରିବା ।

# ଜଳ ପ୍ରଳୟ ମୁହଁରୁ ଆସୁଛି ଛାତିଥରା କାହାଣୀ



**କାଠମାଣ୍ଡୁ:** ବାକି ସବୁଦିନ ଭଳି ସେ ଅଗଷ୍ଟ ୨୬ରେ କାମକୁ ଯାଇଥିଲେ। ନେପାଳର ରସୁୱା ଜିଲ୍ଲାର ପାୱାର ହାଉସରେ ପହଞ୍ଚିଥିଲେ। ହଠାତ୍ ବନ୍ୟା ପାଣି ବିନା ସତର୍କ ସୂଚନାରେ ଆସିଥିଲା ମାଡ଼ି। ଆଉ କିଛି କ୍ଷଣ ମଧ୍ୟରେ ସବୁ କିଛି ହୋଇଯାଇଥିଲା ଛାରଖାର।ଅଗଷ୍ଟ ୨୬ରେ ନେପାଳରେ ଆସିଥିବା ଜଳ ପ୍ରଳୟରୁ ଅଳ୍ପକେ ବର୍ତ୍ତି ଯାଇଥିବା ଉତ୍ତର ପ୍ରଦେଶର ଗୋରଖପୁରରେ ରହୁଥିବା ୨୨ ବର୍ଷୀୟ ଆଶୁତୋଷ ଉପାଧ୍ୟାୟ ଏବେ ନିଜ ଘରକୁ ସୁରକ୍ଷିତ ଫେରିଛନ୍ତି।ଏହି ବନ୍ୟା ୧୨୦୦ରୁ ଅଧିକ ଜୀବନ ନେଇ ସାରିଥିବା ବେଳେ ଏବେ ବି ୫ ହଜାର ଲୋକ ନିଖୋଜ ରହିଛନ୍ତି। ଆଶୁତୋଷ ମୃତ୍ୟୁମୁଖରୁ ବର୍ତ୍ତିବା ପରେ ଏବେ ଗୋରଖପୁରର ପିପ୍ରାଇଚ ସ୍ଥିତ ଘରେ ପହଞ୍ଚିଛନ୍ତି। ହେଲେ ଏବେ ବି ସେ ଘଟଣା ଦିନର ଛାତିଥରା ଦୃଶ୍ୟକୁ ଭୁଲି ପାରି ନାହାନ୍ତି। ଅଗଷ୍ଟ ୨୬ ତାରିଖ ସକାଳ। ଆଶୁତୋଷଙ୍କ ଭଳି ପାୱାର ହାଉସରେ କାମ କରୁଥିବା ଶ୍ରମିକମାନେ ସକାଳୁ ସକାଳୁ ସେଠାରେ ପହଞ୍ଚି ଯାଇଥିଲେ। କାମ ଚାଲିଥିବା ବେଳେ ସକାଳ ୯.୩୦ରେ ସବୁ କିଛି ବିଗିଡ଼ି ଯାଇଥିଲା। ଧୀରେଧୀରେ ରସୁୱାରେ ଥିବା ପାୱାର ହାଉସରେ ପଶିବାକୁ ଲାଗିଥିଲା ପାଣି।କଟି ଯାଇଥିଲା ବିଜୁଳି। ଏହାକୁ ଦେଖି ସମସ୍ତେ ଚିତ୍କାର କରି ବାହାରକୁ ଦୌଡ଼ିଥିଲେ। ବାହାରକୁ ଆସି ସମସ୍ତେ ପ୍ରଥମେ ଛିଡ଼ା ହୋଇଥିଲେ। କିନ୍ତୁ ବନ୍ୟା ପାଣିର ପ୍ରଖର ବଢ଼ିବାରେ ଲାଗିଥିଲା। ଜଳ ସ୍ତର ବୃଦ୍ଧି ପାଇଥିଲା। ଶେଷରେ ଶ୍ରମିକମାନେ ଗୋଟିଏ ଛୋଟ ପାହାଡ଼ ଉପରେ ଚଢ଼ି ଯାଇଥିଲେ।ଲେ ପାଣିର ସ୍ରୋତ ଏତେ ଭୟଙ୍କର ଥିଲା ଯେ ଆଶୁତୋଷଙ୍କ ଆଖି ସାମ୍ନାରେ ୩୦ରୁ ୪୦ ଜଣ ମାଟି କାଦୁଆ ମିଶା ପାଣିରେ ଭାସି ଯାଇଥିଲେ। ଏହାକୁ ଦେଖି ଜଳବନ୍ଦୀ ଅବସ୍ଥାରେ ପାହାଡ଼ ଉପରେ ଥିବା ଆଶୁତୋଷ ଓ ଆଉ କିଛି ଶ୍ରମିକ ପୂରା ଭୟଭୀତ ହୋଇ ଯାଇଥିଲେ। କିନ୍ତୁ ଜିତିବାର ଆଶା ଛାଡ଼ି ନଥିଲେ।ଏହି ଆଶ ହିଁ ସେମାନଙ୍କୁ ଦେଇଛି ନୂଆ ଜୀବନ। ଆଖି ସାମ୍ନାରେ ପ୍ରକୃତିର ଭୟଙ୍କର ରୂପକୁ ସେମାନେ ପ୍ରାୟ ୨୪ ଘଣ୍ଟା ଧରି ଛୋଟ ପାହାଡ଼ ରହି ଦେଖିଥିଲେ। ଶେଷରେ ପାଣି କମିବା ପରେ ଗୋଟିଏ ଉଦ୍ଧାରକାରୀ ଟିମ ସେମାନଙ୍କ ପାଖରେ ପହଞ୍ଚିଥିଲା।ସମସ୍ତଙ୍କୁ ସେଠାରୁ ଉଦ୍ଧାର କରି ତ୍ରିଶୂଳୀ ଆର୍ମି କ୍ୟାମକୁ ନିଆଯାଇଥିଲା। ମେଡିକାଲ ଚେକ ଅପରେ ଆଶୁତୋଷ ଓ ଅନ୍ୟମାନଙ୍କୁ କାଠମାଣ୍ଡୁର ଗୋଟିଏ ହୋଟେଲରେ ରଖିଥିଲେ ନେପାଳ ସରକାର। ଆଶୁତୋଷ ବନ୍ୟାରୁ ବର୍ତ୍ତି ଯାଇଥିଲେ ହେଁ ଏହାପରେ ଗୋଟିଏ ସାଂଘାତିକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। କାରଣ ବନ୍ୟା ତାଙ୍କୁ ଛାଡ଼ି ତାଙ୍କର ବାକି ସବୁ ଜିନିଷ ପତ୍ରକୁ ଭସାଇ ନେଇଥିଲା। କୌଣସି ପରିଚୟପତ୍ର ନଥିବାରୁ ସେ ନେପାଳ ଛାଡ଼ି ପାରି ନଥିଲେ।ଏତିକି ବେଳେ ଭାରତ ଓ ନେପାଳ ଦୂତାବାସ ସହଯୋଗର ହାତ ବଢ଼ାଇଥିଲା। ଦୂତାବାସରୁ ଆଶୁତୋଷ ନିଜର ଜରୁରୀ କାଗଜପତ୍ର ସଂଗ୍ରହ କରିଥିଲେ। ସେ କାମ କରୁଥିବା କମ୍ପାନୀ ମଧ୍ୟ ସହାୟତାର ହାତ ବଢ଼ାଇଥିଲା।କମ୍ପାନୀ ପକ୍ଷରୁ ଆଶୁତୋଷ ଓ ଅନ୍ୟମାନଙ୍କୁ ସୀମାନ୍ତ ଯାଏ ଯିବାକୁ ବ୍ୟବସ୍ଥା କରାଯାଇଥିଲା। ଏପରି କି ୧୦ ହଜାର ଟଙ୍କା ମଧ୍ୟ ଦିଆଯାଇଥିଲା। ସମସ୍ତଙ୍କ ସହାୟତରେ ଏବେ ଆଶୁତୋଷ ଘରକୁ ଫେରିଛନ୍ତି। ଏପଟେ ନେପାଳରେ ଆଜି ଉଦ୍ଧାର କାର୍ଯ୍ୟ ୯ମ ଦିନରେ ପହଞ୍ଚିଛି। ନେପାଳ ଆର୍ମି ଓ ଉଦ୍ଧାରକାରୀ ଟିମ ସହ ବିଶେଷଜ୍ଞମାନେ କାଦୁଅ ମିଶା ମାଟି ତଳୁ ଜୀବନ ଖୋଜିବାରେ ଲାଗିଛନ୍ତି।ଏକାଧିକ ହାଇଡ୍ରୋପାୱାର ଟନେଲରେ ୯୦୦ରୁ ଅଧିକ ଶ୍ରମିକ ଫସି ରହିଥିବା କୁହାଯାଉଛି। ସମୟ ଗଡ଼ିବା ସହ ସେମାନଙ୍କ ଜୀବନ ପ୍ରତି ବିପଦ ବଢ଼ିବାରେ ଲାଗିଛି। ଏପରି ସ୍ଥିତିରେ ଉଦ୍ଧାରକାରୀ ଟିମ ସେମାନଙ୍କ ପାଖରେ ପହଞ୍ଚିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛନ୍ତି।



# ବିଶ୍ୱ ପାୱାରଲିଫ୍ଟିଂ ମଞ୍ଚରେ କେୟାଙ୍କ ଚମକ

ନୂଆଦିଲ୍ଲୀ, ୩।୯ (ଏଜେନ୍ସି): ଅନ୍ତର୍ଜାତୀୟ ପାୱାରଲିଫ୍ଟିଂ ମଞ୍ଚରେ ଭାରତର ନାମ ଉଜ୍ଜ୍ୱଳ କରିଛନ୍ତି ଉଦୀୟମାନ ପାୱାରଲିଫ୍ଟର କେୟା କୁନାଲ ବାନାର୍ଜୀ। ଦକ୍ଷିଣ ଆଫ୍ରିକାର ସନ୍ ସିଟିରେ ଅଗଷ୍ଟ ୧୮ରୁ ୨୯ ପର୍ଯ୍ୟନ୍ତ ଆୟୋଜିତ ୨୦୨୬ ଆଇପିଏଫ୍ ବିଶ୍ୱ ସବ୍-ଜୁନିୟର ଓ ଜୁନିୟର କ୍ଲାସିକ୍ ପାୱାରଲିଫ୍ଟିଂ ଚାମ୍ପିଅନସିପରେ ସେ ଡେଡ୍ଲିଫ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ୨୧ ବର୍ଷୀୟା କେୟା ଡେଡ୍ଲିଫ୍ଟରେ ୧୪୦ କେଜି ଭାର ଉଠାଇ ଏହି ସଫଳତା ହାସଲ କରିଛନ୍ତି। ଉଲ୍ଲେଖନୀୟ ଯେ, ତାଙ୍କ ଉଠାଇଥିବା ଭାର ନିଜ ଶରୀର ଓଜନର ତିନି ଗୁଣରୁ ମଧ୍ୟ ଅଧିକ। ଅତ୍ୟନ୍ତ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ କେୟାଙ୍କ ଏହି ପ୍ରଦର୍ଶନ ଭାରତୀୟ ପାୱାରଲିଫ୍ଟରେ ବଢୁଥିବା ପ୍ରତିଭାର ପ୍ରମାଣ ଦେଇଛି।

**ଡେଡ୍ଲିଫ୍ଟରେ ବଢ଼ିଛି କେୟାଙ୍କ ଶକ୍ତି**

କେୟାଙ୍କ ଏହି ସଫଳତା ତାଙ୍କ ନିୟମିତ ଅଭ୍ୟାସ ଓ ପରିଶ୍ରମର ଫଳ। ଗତ କିଛି ବର୍ଷ ମଧ୍ୟରେ ତାଙ୍କ ପ୍ରଦର୍ଶନରେ ଲଗାତାର ଉନ୍ନତି ହୋଇଛି। ବିଶେଷକରି ଡେଡ୍ଲିଫ୍ଟରେ ସେ ନିଜ ରେକର୍ଡକୁ ଆହୁରି ଭଲ କରିଛନ୍ତି। ୨୦୨୫ ଜାତୀୟ ଚାମ୍ପିଅନସିପରେ ୧୨୭.୫ କେଜି ଭାର ଉଠାଇଥିବା କେୟା ଏଥର ବିଶ୍ୱ ଚାମ୍ପିଅନସିପ ୧୪୦ କେଜି ଉଠାଇଛନ୍ତି। ୨୦୦୫ ଫେବ୍ରୁଆରୀ ୧୬ରେ ଜନ୍ମିତ ହରିୟାଣାର କେୟା ଗତ କିଛି ସମୟ ଧରି ଭଲ ପ୍ରଦର୍ଶନ କରିଆସୁଛନ୍ତି। ଚଳିତ ବର୍ଷ ଅନୁଷ୍ଠିତ ଜାତୀୟ କ୍ଲାସିକ୍ ବେଞ୍ଚ୍ ପ୍ରେସ୍ ଚାମ୍ପିଅନସିପରେ ମହିଳା ୪୭ କେଜି ବର୍ଗରେ ମଧ୍ୟ ସେ ରୌପ୍ୟ ପଦକ ଜିତିଥିଲେ। କେୟାଙ୍କ ଏହି ସଫଳତା ଭାରତୀୟ ପାୱାରଲିଫ୍ଟିଂରେ ନୂଆ ପ୍ରତିଭାଙ୍କ ଉଦୟର ସଙ୍କେତ ଦେଇଛି। ଯେଉଁ କ୍ରୀଡ଼ା ଦେଶରେ ତୁଳନାମୂଳକ ଭାବେ କମ୍ ଚର୍ଚ୍ଚା ପାଏ, ସେହି ପାୱାରଲିଫ୍ଟିଂରେ ଭାରତୀୟ ଖେଳାଳିମାନେ ବିଶ୍ୱସ୍ତରରେ ନିଜ ଦକ୍ଷତା ଦେଖାଇବା ଏକ ଆଶାଜନକ ଦିଗ। ବିଶ୍ୱ ଚାମ୍ପିଅନସିପ କେୟାଙ୍କ ରୌପ୍ୟ ପଦକ ଭାରତ ପାଇଁ ଗର୍ବର ବିଷୟ। କଠୋର ପରିଶ୍ରମ, ନିୟମିତ ଅଭ୍ୟାସ ଓ ଦୃଢ଼ ମନୋବଳ ନେଇ ଆଗକୁ ବଢ଼ିଲେ ବଡ଼ ମଞ୍ଚରେ ସଫଳତା ମିଳିପାରେ—କେୟାଙ୍କ ପ୍ରଦର୍ଶନ ଏହାର ଏକ ଉଦାହରଣ।




## ଭିକ୍ଟର ଲାଇଙ୍କୁ ହରାଇଲେ ଶ୍ରୀକାନ୍ତ

ସେନଜେନ୍ (ଚୀନ୍), ୩/୯ (ଏଜେନ୍ସି): ଚାଇନା ମାଷ୍ଟର୍ସ ସୁପର ୭୫୦ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାରେ ଭାରତୀୟ ଖେଳାଳିଙ୍କ ଦମଦାର ପ୍ରଦର୍ଶନ ଜାରି ରହିଛି। ପୂର୍ବତନ ବିଶ୍ୱ ନମ୍ବର-୧ କିଦାମ୍ବି ଶ୍ରୀକାନ୍ତ ଓ ପୁରୁଷ ଡବଲ୍ସର ଷ୍ଟାର ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ-ଚିରାଗ ଶେଟ୍ଟୀ ନିଜ ନିଜ ମ୍ୟାଚ୍ ଜିତି କ୍ୱାର୍ଟରଫାଇନାଲରେ ପହଞ୍ଚିଛନ୍ତି। ବିଶ୍ୱ ନମ୍ବର-୯ ତଥା ନିକଟରେ ବିଶ୍ୱ ଚାମ୍ପିଅନଶିପ୍ରେ ବ୍ରୋଞ୍ଜ ପଦକ ଜିତିଥିବା କାନାଡାର ଭିକ୍ଟର ଲାଇଙ୍କୁ ୨୧-୧୮, ୨୧-୧୯ରେ ହରାଇ ଶ୍ରୀକାନ୍ତ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ଉଭୟଙ୍କ ମଧ୍ୟରେ ଏହା ଥିଲା ପ୍ରଥମ ମୁକାବିଲା। ପ୍ରଥମ ଗେମରେ ୧୧-୧୫ରେ ପଛୁଆ ଥିବା ଶ୍ରୀକାନ୍ତ ଲଢୁଆ ପ୍ରଦର୍ଶନ କରି ଗେମ୍କୁ ନିଜ ସପକ୍ଷରେ ନେଇଥିଲେ। ଦ୍ୱିତୀୟ ଗେମ୍ରେ ମଧ୍ୟ ସ୍କୋର ୧୮-୧୯ ଥିବାବେଳେ ଲଗାତାର ୩ ପଏଣ୍ଟ ହାସଲ କରି ମ୍ୟାଚ୍ ଜିତିଥିଲେ। ଏହା ସହ ୨୦୨୧ ପରେ ପ୍ରଥମ ଥର ପାଇଁ ଶ୍ରୀକାନ୍ତ ସୁପର ୭୫୦ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଶେଷ ଆଠରେ ସେ ହଂକଂର ଲି ଚେକ୍ ୟିଉଙ୍କୁ ଭେଟିବେ। ପୁରୁଷ ଡବଲ୍ସରେ ସାତ୍ୱିକ-ଚିରାଗ ଫ୍ରାନ୍ସର ଟୋମା ଜୁନିୟର ପୋପୋଭ ଓ କ୍ରିଷ୍ଟୋ ପୋପୋଭଙ୍କୁ ୨୧-୧୭, ୨୨-୨୪, ୨୧-୯ରେ ପରାସ୍ତ କରିଛନ୍ତି। ୬୯ ମିନିଟ୍ର ଏହି ମୁକାବିଲାରେ ଭାରତୀୟ ଯୋଡ଼ି ପ୍ରଥମ ଗେମ୍ ଜିତିଥିଲେ। ଦ୍ୱିତୀୟ ଗେମରେ ଫ୍ରାନ୍ସ ଯୋଡ଼ି ଜୋରଦାର ପ୍ରତ୍ୟାବର୍ତ୍ତନ କରି ସମାନତା ଆଣିଥିଲେ। ତେବେ ନିର୍ଣ୍ଣାୟକ ଗେମରେ ସାତ୍ୱିକ-ଚିରାଗ ଆରମ୍ଭରୁ ଦବଦବା ଦେଖାଇ ୬-୧ରେ ଅଗ୍ରଣୀ ହୋଇଥିଲେ ଏବଂ ଶେଷରେ ସହଜ ବିଜୟ ହାସଲ କରିଥିଲେ। କ୍ୱାର୍ଟରଫାଇନାଲରେ ସେମାନଙ୍କ ମୁକାବିଲା ଡେନମାର୍କର କିମ୍ ଆଷ୍ଟ୍ରପ୍ ଓ ଆଣ୍ଡର୍ସ ରାସମୁସେନ୍ଙ୍କ ସହ ହେବ। ଅନ୍ୟପକ୍ଷରେ, ମହିଳା ସିଙ୍ଗଲ୍ସରେ ତନ୍ୱୀ ଶର୍ମା ୬୬ ମିନିଟ୍ ଧରି ଲଢ଼େଇ କରିଥିଲେ ମଧ୍ୟ ଜାପାନର ବିଶ୍ୱ ନମ୍ବର-୯ ତୋମୋକା ମିୟାଜାକିଙ୍କଠାରୁ ୧୭-୨୧, ୨୧-୧୮, ୧୬-୨୧ରେ ପରାଜିତ ହୋଇଛନ୍ତି। ମିକ୍ସଡ୍ ଡବଲ୍ସରେ ଧ୍ରୁବ କପିଳା-ତନିଷା କ୍ରାଷ୍ଟୋଙ୍କ ଯାତ୍ରା ମଧ୍ୟ ଶେଷ ହୋଇଛି। ସେମାନେ ଚାଇନିଜ୍ ତାଇପେଇର ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ପରାଜିତ ହୋଇଛନ୍ତି।

# ରୋହିତଙ୍କ ଅବସର ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ

ନୂଆଦିଲ୍ଲୀ, ୩।୯ (ଏଜେନ୍ସି): ଟିମ୍ ଇଣ୍ଡିଆର ଭେଟେରାନ ରୋହିତ ଶର୍ମାଙ୍କ ଅବସର ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡିଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଏହି ଚର୍ଚ୍ଚା କେବଳ ଗୁଜବ ବୋଲି କହିଛନ୍ତି। ପୂର୍ବତନ ଅଧିନାୟକ ରୋହିତ ଶର୍ମା ଏବେ ଚମତ୍କାର ଖେଳୁଛନ୍ତି। ବର୍ତ୍ତମାନ ସ୍ଥିତିରେ ଭାରତର ଦିନିକିଆ ଦଳରେ ତାଙ୍କ ସ୍ଥାନକୁ କୌଣସି ବିପଦ ନାହିଁ। ମୁମ୍ବାଇରେ ବସିଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଉଚ୍ଚସ୍ତରୀୟ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏସିଆନ ଗେମ୍ସ ସମ୍ପର୍କିତ ଆଲୋଚନା ମଧ୍ୟ ହୋଇଥିଲା। ଭାରତୀୟ ଦଳର ମୁଖ୍ୟ କୋଚ ଗୌତମ ଗମ୍ଭୀର, ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସର ମୁଖ୍ୟ ଭିଭିଏସ ଲକ୍ଷ୍ମଣ, ଦିନିକିଆ ଓ ଟେଷ୍ଟ ଦଳର ଅଧିନାୟକ, ଟି-୨୦ ଅଧିନାୟକ ଶ୍ରେୟାସ ଆୟର ତଥା ବିସିସିଆଇର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଏହି ବୈଠକରେ ଭାରତୀୟ ଦଳର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ ଦେଖିବାକୁ ମିଳିନଥିଲା। ସେ ଭିଡ଼ିଓ କନଫରେନ୍ସ ବୈଠକରେ ସାମିଲ ହୋଇନଥିଲେ। ବୈଠକ ପରେ ସାଇକିଆଙ୍କୁ ରୋହିତଙ୍କ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ଏହାର ଜବାବରେ ସେ କହିଛନ୍ତି ରୋହିତ ଶର୍ମା ଚମତ୍କାର ଖେଳ ଜାରି ରଖିଛନ୍ତି। ପୂର୍ବ ମ୍ୟାଚରେ ମଧ୍ୟ ଶତକୀୟ ଇନିଂସ ଖେଳିଥିଲେ। ଆପଣମାନେ ଅଧିକ କଣ ଚାହୁଁଛନ୍ତି ବୋଲି ପ୍ରଶ୍ନ କରିଥିଲେ। କାହିଁକି ଅବସର ଆକଳନ କରାଯାଉଛି। ଆକଳନକୁ ବଢ଼ାଇବାର ଆବଶ୍ୟକତା ନାହିଁ। ମୁଁ ମଧ୍ୟ ଗୁଜବକୁ ପ୍ରଶ୍ରୟ ଦେବାକୁ ଚାହୁଁନାହିଁ। ଅଗରକରଙ୍କ କାର୍ଯ୍ୟକାଳ ଚଳିତ ବର୍ଷ ଅକ୍ଟୋବରରେ ଶେଷ ହେବ। ସେ ବୈଠକରେ ଯୋଗଦେଇନଥିବାରୁ ବିଭିନ୍ନ ଆକଳନ କରାଯାଉଛି। ଏସମ୍ପର୍କରେ ସାଇକିଆ କହିଛନ୍ତି ଖୁବ ସମୟ ମଧ୍ୟରେ ବୈଠକ ଡକାଯାଇଥିଲା। ଅଜିତ ଅଗରକର ବ୍ୟକ୍ତିଗତ କାରଣ ପାଇଁ ବୈଠକରେ ଯୋଗଦେଇପାରିନାହାନ୍ତି। ୩୯ ବର୍ଷୀୟ ରୋହିତ ଶର୍ମାଙ୍କ ଅବସରକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ବୈଠକରେ ତାଙ୍କ ଭବିଷ୍ୟତକୁ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଉଥିଲା। ୨୦୨୭ ଦିନିକିଆ ବିଶ୍ୱକପରେ ମଧ୍ୟ ରୋହିତ ନଜର ଆସିବେ ନାହିଁ ବୋଲି କିଛି କ୍ରିକେଟ ପଣ୍ଡିତ ଆକଳନ କରିଥିଲେ। କିନ୍ତୁ ବିସିସିଆଇ ସବୁ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ଟାଣି ଦେଇନଥିଲା। ଟିମ ଇଣ୍ଡିଆରୁ ରୋହିତଙ୍କୁ ବାଦ ଦେବା ନେଇ କୌଣସି ଯୋଜନା ନଥିବା ବିସିସିଆଇ ସ୍ପଷ୍ଟ କରିଛି।




**ୟୁଏସ ଓପନ**

# ପୋଲିନାଙ୍କୁ ହରାଇ ତୃତୀୟ ରାଉଣ୍ଡରେ ସାବାଲେଙ୍କା

ନ୍ୟୁୟର୍କ, ୩।୯ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ୍ ତଥା ବିଶ୍ୱର ଏକ ନମ୍ବର ଟେନିସ୍ ଖେଳାଳି ଆର୍ଯ୍ୟାନା ସାବାଲେଙ୍କା ୨୦୨୬ ୟୁଏସ୍ ଓପନରେ ନିଜ ଦବଦବା ଜାରି ରଖିଛନ୍ତି। ବୁଧବାର ଆର୍ଥର ଏସ୍ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ବେଲାରୁଷର ଏହି ତାରକା କ୍ୱାଲିଫାୟର୍ ପୋଲିନା ଲାଟଚେଙ୍କୋଙ୍କୁ ମାତ୍ର ୫୪ ମିନିଟରେ ୬-୧, ୬-୧ରେ ପରାସ୍ତ କରି ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

ଏହି ବିଜୟ ସହ ଫ୍ଲସିଂ ସାବାଲେଙ୍କାଙ୍କ ବିଜୟ ଧାରା ୧୫ ମ୍ୟାଚରେ ପହଞ୍ଚିଛି। ମ୍ୟାଚ୍ ଆରମ୍ଭରୁ ହିଁ ସାବାଲେଙ୍କା ଆକ୍ରମଣାତ୍ମକ ଖେଳ ଦେଖାଇ ପୋଲିନାଙ୍କୁ ଚାପରେ ରଖିଥିଲେ। ତାଙ୍କ ଶକ୍ତିଶାଳୀ ଫୋରହ୍ୟାଣ୍ଡ ଓ ବ୍ୟାକହ୍ୟାଣ୍ଡ ସଟରେ ସାମ୍ନା କରିବା ପୋଲିନାଙ୍କ ପାଇଁ କଷ୍ଟକର ହୋଇଥିଲା।

ମ୍ୟାଚରେ ସାବାଲେଙ୍କା ୨୪ଟି ୱିନର୍ ମାରିଥିବା ବେଳେ ପୋଲିନା ମାତ୍ର ୩ଟି ୱିନର୍ ହାସଲ କରିଥିଲେ। ସାବାଲେଙ୍କା ୧୧ଟି ନେଟ୍ ପଏଣ୍ଟ ୮ଟି ଜିତିଥିଲେ। ରିଟର୍ଣ୍ଣ ଗେମରେ ମଧ୍ୟ ସେ ଦମଦାର ପ୍ରଦର୍ଶନ କରିଥିଲେ। ପ୍ରତିପକ୍ଷଙ୍କ ସର୍ଭିସ୍କୁ ୬ଥର ବ୍ରେକ୍ କରି ସେ ଦୁଇଟି ସେଟକୁ ସହଜରେ ନିଜ ନାମରେ କରିଥିଲେ।

ପ୍ରଥମ ସେଟରେ ପୋଲିନା ୧-୫ରେ ଗୋଟିଏ ଗେମ୍ ଜିତିଥିଲେ। ଦ୍ୱିତୀୟ ସେଟରେ ମଧ୍ୟ ସାବାଲେଙ୍କାଙ୍କ ସର୍ଭିସ୍ ବ୍ରେକ୍ କରି କିଛି ସମୟ ପାଇଁ ଆଶା ସୃଷ୍ଟି କରିଥିଲେ। ତେବେ ବିଶ୍ୱର ଶୀର୍ଷ ଖେଳାଳି ସାବାଲେଙ୍କା ଶୀଘ୍ର ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ନେଇଥିଲେ।

**ହ୍ୟାଟ୍ରିକ୍ ଟାଇଟଲ୍ ଲକ୍ଷ୍ୟରେ ସାବାଲେଙ୍କା**

ଏହି ବିଜୟ ସହ ସାବାଲେଙ୍କା ଗ୍ରାଣ୍ଡସ୍ଲାମର ପ୍ରଥମ ରାଉଣ୍ଡରେ କ୍ରମାଗତ ୨୪ତମ ବିଜୟ ହାସଲ କରିଛନ୍ତି। ୨୦୨୪ ଅକ୍ଟୋବରରୁ ବିଶ୍ୱ ନମ୍ବର-୧ ରହିଥିବା ସାବାଲେଙ୍କାଙ୍କ ନାମରେ ଚାରିଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ରହିଛି। ସେଥିମଧ୍ୟରୁ ୨୦୨୪ ଓ ୨୦୨୫ ୟୁଏସ୍ ଓପନ୍ ଟାଇଟଲ୍ ଅନ୍ତର୍ଭୁକ୍ତ।

ଏବେ ନ୍ୟୁୟର୍କରେ କ୍ରମାଗତ ତୃତୀୟ ୟୁଏସ୍ ଓପନ୍ ଟାଇଟଲ୍ ଜିତି ହ୍ୟାଟ୍ରିକ୍ କରିବା ଲକ୍ଷ୍ୟରେ ରହିଛନ୍ତି ସାବାଲେଙ୍କା। ତୃତୀୟ ରାଉଣ୍ଡରେ ଶୁକ୍ରବାର ତାଙ୍କ ମୁକାବିଲା ଉଜବେକିସ୍ତାନର କାମିଲା ରାଖିମୋଭାଙ୍କ ସହ ହେବ। ଉଭୟଙ୍କ ମଧ୍ୟରେ ପୂର୍ବରୁ ହୋଇଥିବା ତିନୋଟି ମୁକାବିଲାରେ ସାବାଲେଙ୍କା ସମସ୍ତ ତିନୋଟି ମ୍ୟାଚ୍ ଜିତିଛନ୍ତି।





# ପାନପୋଷ କ୍ରୀଡ଼ା ଛାତ୍ରାବାସ ପାଚେରୀ ନିର୍ମାଣ କେବେ ?

ରାଉରକେଲା, ୩।୯ (ସବ୍ୟୁ): ଗତ ଅଗଷ୍ଟ ମାସରେ ହୋଇଥିବା ଲଗାଣ ବର୍ଷା ଯୋଗୁଁ ରାଉରକେଲା ସହରରେ ଥିବା ପାନପୋଷ କ୍ରୀଡ଼ା ଛାତ୍ରାବାସର ବାଳିକା ଅନ୍ତେବାସୀ ରହୁଥିବା ପାର୍ଶ୍ୱର ପ୍ରାୟ ୨୦୦ ଫୁଟ ଲମ୍ବା ପାଚେରୀ ଭାଙ୍ଗିଯାଇଥିଲା। ଏହି ଘଟଣା ଅଗଷ୍ଟ ୧୩ ତାରିଖ ଦିନ ଘଟିଥିଲା। ଏନେଇ କ୍ରୀଡ଼ାବିମାନେ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ସବୁଠାରୁ ଚିନ୍ତାର ବିଷତ ହେଉଛି ଭାଙ୍ଗିଯାଇଥିବା ପାଚେରୀ ପାଖ ଦେଇ ରେଳ ରାସ୍ତା ଯାଇଛି। ପାଚେରୀ ପାର୍ଶ୍ୱ ଦେଇ ସବୁଦିନିଆ ରାସ୍ତା ମଧ୍ୟ ଯାଇଛି। ଭାଙ୍ଗିଯାଇଥିବା ପାଚେରୀ ନିକଟକୁ ଲାଗି ରହିଥିବା ସ୍ଥାନ ସନ୍ତସନ୍ତିଆ ଓ ବୁଦାଳିଆ ହୋଇଥିବାରୁ ଏଠାରୁ ବିଶାକ୍ତ ଜୀବମାନଙ୍କର ଯାତାୟତ ଲାଗି ରହିଛି। ଏଭଳି ସ୍ଥିତିରେ ପ୍ରାୟ ତିନି ସପ୍ତାହ ଧରି ଭାଙ୍ଗିପଡିଥିବା ପାଚେରୀ ନିର୍ମାଣ ନ ହେବା କିମ୍ବା ଏଥିପାଇଁ କୌଣସି ଅସ୍ଥାୟୀ ବ୍ୟବସ୍ଥା ନହେବାକୁ ନେଇ ଛାତ୍ରୀନିବାସର ଅନ୍ତେବାସୀମାନେ ଆଶା ଓ ଆଶଙ୍କା ମଧ୍ୟରେ ରହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ପାଚେରୀ ଭଙ୍ଗା ସମ୍ପର୍କରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯିବା ଏବଂ ସମ୍ପ୍ରତି ଛାତ୍ରାବାସରେ ବାହାରୁ ଆସି ରହୁଥିବା ବାଳିକା ଖେଳାଳିମାନେ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି। ଇତି ମଧ୍ୟରେ ବେଶ୍ କିଛି ବର୍ଷ ଧରି ପାନପୋଷ କ୍ରୀଡ଼ା ଛାତ୍ରାବାସର ଅଧିକାରୀ ଥିବା ମୁଖ୍ୟ ପ୍ରଶିକ୍ଷକ ଅବସର ନେଇ ସାରିଛନ୍ତି। ସେହିଭଳି ଏହି ଛାତ୍ରାବାସର ତତ୍ତ୍ୱାବଧାରକଭାବେ କ୍ରୀଡ଼ା ବିଭାଗର ଜଣେ ଉପ ନିର୍ଦ୍ଦେଶକ ରହିଥିଲାବେଳେ ଏଠାକୁ ନିୟମିତଭାବେ ବରିଷ୍ଠ ଅଧିକାରୀ ଓ ବରିଷ୍ଠ ପ୍ରଶିକ୍ଷକମାନେ ଆସୁଛନ୍ତି। ଏସବୁ ସତ୍ତ୍ୱେ ବାଳିକା ଖେଳାଳି ଓ ମହିଳା ଖେଳାଳୀଙ୍କ ସୁରକ୍ଷା ପ୍ରତି କୌଣସି ପଦକ୍ଷେପ ନିଆଯାଇନାହିଁ। ଖୁବଶୀଘ୍ର ଜିଲ୍ଲା ପ୍ରଶାସନ ପକ୍ଷରୁ ପାଚେରୀ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉ ବୋଲି ସାଧାରଣରେ ଦାବି ହୋଇଛି।




ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍କୁ ବିଜ୍ଞାପନ ସହ ୭୯୭୮୫୩୩୧୭୭୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୭୪ରେ ଯୋଗାଯୋଗ କରନ୍ତୁ।

## ଜୋନେକ୍ସ-ସନରାଇଜ ଇଷ୍ଟଜୋନ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଉଦଘାଟିତ

ଭୁବନେଶ୍ୱର, ୩/୯ (ସବ୍ୟୁ): ଭୁବନେଶ୍ୱର ସ୍ଥିତ ପୋଖରୀପୁଟ ଇଣ୍ଡୋର ଷ୍ଟେଡ଼ିଅମରେ ଜୋନେକ୍ସ-ସନରାଇଜ ଇଷ୍ଟ ଜୋନ ଆନ୍ତଃ ରାଜ୍ୟ ବ୍ୟାଡ଼ମିଣ୍ଟନ ଚାମ୍ପିଅନସିପ ଉଦଘାଟିତ ହୋଇଯାଇଅଛି। ପ୍ରତିଯୋଗିତାକୁ ଓସବା ସମ୍ପାଦକ ତଥା ଆୟୋଜନ କମିଟି ସମ୍ପାଦକ ନିଳିନ କୁମାର ଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ରେଫରୀ ଇ.ପି. ଦିବାକରଣ, ଓଡିଶା ଦଳର ମୁଖ୍ୟ କୋଚ ଗୋବର୍ଦ୍ଧନ ରେଡ୍ଡୀ, ଓସବା ଉପସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ, ମନରଞ୍ଜନ ପଣ୍ଡା, କମଳ ଦାସ, ଅଜିତ ମହାନ୍ତି, ଚନ୍ଦନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଭାରତୀୟ ବ୍ୟାଡମିଣ୍ଟନ ସଂଘ ଓ ଓଡିଶା ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ର ସହଯୋଗରେ ୩ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାର ଦଳଗତ ଇଭେଣ୍ଟ ଆରମ୍ଭ ହୋଇଛି। ପ୍ରଥମଦିନ ଖେଳ ଶେଷ ସୁଦ୍ଧା ଦଳଗତ ଇଭେଣ୍ଟ ର ଜୁନିଅର ବର୍ଗ ଫାଇନାଲ ଲାଇନ ଅପ ଚୂଡାନ୍ତ ହୋଇଯାଇଛି। ଓଡ଼ିଶା ଜୁନିଅର ଦଳ ସେମିଫାଇନାଲରେ ପଶ୍ଚିମ ବଙ୍ଗ କୁ ୨-୧ ରେ ପରାସ୍ତ କରି ଫାଇନାଲ ପହଂଚିଛି। ଓଡିଶା ଦଳର ସୌମ୍ୟଜିତ ସାହୁ ପ୍ରଥମ ସିଙ୍ଗଲସରେ ପଶ୍ଚିମ ବଙ୍ଗ ର ଦିବ୍ୟାନସ ଅଗ୍ରୱାଲ ଙ୍କ ଠାରୁ ହାରିଯାଇଥିବା ବେଳେ ଓଡ଼ିଆ ଖେଳାଳି ଦିବ୍ୟମ କେଜ୍ରିୱାଲ ପଶ୍ଚିମ ବଙ୍ଗ ର ଆଦିତ୍ୟ ବ୍ରହ୍ମା ଙ୍କୁ ୧୫-୧୦, ୧୦-୧୫ ଓ ୧୫-୬ ପଏଣ୍ଟ ରେ ହରାଇ ବିଜୟୀ ହୋଇ ଛନ୍ତି। ଡବଲସରେ ଦିବ୍ୟମ କେଜ୍ରିୱାଲ ଓ ଶୁଭ୍ର କେତନ ଯୋଡି ପଶ୍ଚିମ ବଙ୍ଗ ଯୋଡି ଦିବ୍ୟାନସ ଅଗ୍ରୱାଲ ଓ ଆଦିତ୍ୟ ବ୍ରହ୍ମା ଙ୍କୁ ୧୫-୬ ଓ ୧୫-୭ ପଏଣ୍ଟ ରେ ହରାଇ ଫାଇନାଲରେ ପହଞ୍ଚି ଛନ୍ତି। ଫାଇନାଲରେ ଓଡିଶା ବାଳକ ଦଳ ଉତ୍ତରପ୍ରଦେଶ କୁ 2-0 ହରାଇଥିବା ଉତ୍ତରାଖଣ୍ଡ ଦଳକୁ ଭେଟିବ। ଓଡ଼ିଶା ବାଳିକା ଦଳ ଉତ୍ତର ପ୍ରଦେଶ କୁ ୨-୧ ରେ ହରାଇ ଫାଇନାଲକୁ ଯାଇଛି। ଅନ୍ୟ ପଟେ ପଶ୍ଚିମବଙ୍ଗ ବାଳିକା ଦଳ ବିହାର କୁ ୨-୧ ରେ ହରାଇ ଫାଇନାଲ ପହଂଚିଛି। ୪ ତାରିଖ ଦିନ ଦଳଗତ ଇଭେଣ୍ଟ ର ଫାଇନାଲ ମେଚ ଅନୁଷ୍ଠିତ ହେବ। ଇଷ୍ଟଜୋନ ବ୍ୟାଡମିଣ୍ଟେ ଚାମ୍ପିଅନସିପ୍ ରେ ପୂର୍ବାଂଚଳ ର ୬ ଟି ରାଜ୍ୟ ଯଥା ଓଡିଶା, ଝାରଖଣ୍ଡ, ବିହାର ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗ ଅଂଶଗ୍ରହଣ କରିଛନ୍ତି। ଦଳଗତ ପ୍ରତିଯୋଗିତା ୩ ତାରିଖରୁ ଓ ବ୍ୟକ୍ତିଗତ ପ୍ରତିଯୋଗିତା ୪ତାରିଖ ଅପରାହ୍ନରୁ ଆରମ୍ଭ ହୋଇ ୬ତାରିଖ ଦିନ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଓଡିଶା ରାଜ୍ୟ ବ୍ୟାଡ଼ମିଣ୍ଟନ ସଂଘ ସମ୍ପାଦକ ତଥା ଆୟୋଜନ କମିଟୀ ସମ୍ପାଦକ ନିଳିନ କୁମାର ସୂଚନା ଦେଇଛନ୍ତି। ପ୍ରତିଯୋଗିତା ର ଚିଫ ରେଫରୀ ଭାବେ କେରଳ ର ଇ.ପି. ଦିବାକରଣ, ଡେପୁଟି ରେଫରୀ ଆନ୍ଧ୍ର ପ୍ରଦେଶ ର ସମ୍ପଦ ରାଓ ଓ ମେଚ କଣ୍ଟ୍ରୋଲ ହରିଆଣାର ରବି ଚୌହାନ ଦାୟିତ୍ୱରେ ଅଛନ୍ତି।

## ରବିବାର ୟୁନିଟ୍-୬ ଆଥଲେଟିକ୍ ଆସୋସିଏସନ୍ ବୈଠକ

ଭୁବନେଶ୍ୱର, ୩/୯ (ସବ୍ୟୁ): ୟୁନିଟ୍-୬ ଆଥଲେଟିକ୍ ଆସୋସିଏସନ୍ର ସାଧାରଣ ବୈଠକ ଆସନ୍ତା ଅଗଷ୍ଟ ୬ ତାରିଖ, ରବିବାର ସନ୍ଧ୍ୟା ୭ଟାରେ ଆସୋସିଏସନ୍ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଏନେଇ ଆସୋସିଏସନ୍ ପକ୍ଷରୁ ସମସ୍ତ ସଦସ୍ୟଙ୍କୁ ସୂଚିତ କରାଯାଇଛି। ସଭାରେ ଗତ ବର୍ଷର କାର୍ଯ୍ୟାବଳୀ ସମୀକ୍ଷା ସହ ଆୟ-ବ୍ୟୟର ହିସାବ ଉପସ୍ଥାପନ ଓ ଆଲୋଚନା କରାଯିବ। ଏଥିସହ ଆସନ୍ତା ବର୍ଷ ପାଇଁ ଆସୋସିଏସନ୍ର ନୂତନ କର୍ମକର୍ତ୍ତାଙ୍କ ନିର୍ବାଚନ/ଚୟନ କରାଯିବ। ସଭାରେ ସମସ୍ତ ସଦସ୍ୟଙ୍କ ଉପସ୍ଥିତି ଓ ସକ୍ରିୟ ସହଯୋଗ କାମନା କରାଯାଇଛି।

## ଏସିଆନ ଗେମ୍ସରେ ଲକ୍ଷ୍ମଣ ଭାରତୀୟ ଦଳ କୋଚ

ନୂଆଦିଲ୍ଲୀ, ୩।୯ (ଏଜେନ୍ସି): ବିସିସିଆଇର ସେଣ୍ଟର ଅଫ୍ ଏକ୍ସିଲେନ୍ସର ମୁଖ୍ୟ ଭାବେ କାର୍ଯ୍ୟ କରୁଥିବା ଭିଭିଏସ ଲକ୍ଷ୍ମଣଙ୍କୁ ଗୁରୁଦାୟିତ୍ୱ ମିଳିଛି। ଚଳିତ ମାସ ଜାପାନରେ ଏସିଆନ ଗେମ୍ସ ବେଳେ ଭାରତୀୟ ପୁରୁଷ ଦଳର କୋଚ ଦାୟିତ୍ୱ ଲକ୍ଷ୍ମଣ ତୁଲାଇବେ। ଲକ୍ଷ୍ମଣ ପୁରୁଷ ଦଳର କୋଚ ଦାୟିତ୍ୱ ପାଇଥିବା ବେଳେ ଅମୋଲ ମଜୁମଦାର ଭାରତୀୟ ମହିଳା ଦଳର କୋଚ କାର୍ଯ୍ୟ ତୁଲାଇବେ। କ୍ରମାଗତ ଦ୍ୱିତୀୟଥର ପାଇଁ ଲକ୍ଷ୍ମଣଙ୍କ ପ୍ରଶିକ୍ଷଣରେ ଏସିଆନ ଗେମ୍ସ ଖେଳିବାକୁ ଯାଉଛି ଭାରତ। ୨୦୨୨ରେ ଚୀନରେ ଅନୁଷ୍ଠିତ ଏସିଆନ୍ ଗେମ୍ସରେ ଲକ୍ଷ୍ମଣ କୋଚ ରହିଥିଲେ। ଭାରତ ସ୍ୱର୍ଣ୍ଣ ପଦକ ଜିତିଥିଲା। ଏଥର ମଧ୍ୟ ଲକ୍ଷ୍ମଣଙ୍କୁ ଏସିଆନ ଗେମ୍ସ ଦାୟିତ୍ୱ ମିଳିଛି। ତାଙ୍କ କୋଚିଂ ଟିମରେ ସୁନୀଲ ଯୋଶୀ, ହୃଷିକେଶ କାନିତକର ଓ ସୁଭଦୀପ ଘୋଷ ରହିବେ। ଭାରତୀୟ ପୁରୁଷ ଦଳର ନିୟମିତ କୋଚ ଗୌତମ ଗମ୍ଭୀର ଏସିଆ ଗେମ୍ସ ପାଇଁ ଜାପାନ ଯାଇପାରିବେ ନାହିଁ। କାରଣ ଏସିଆନ ଗେମ୍ସ ବେଳେ ଭାରତ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଦିନିକିଆ ଶୃଙ୍ଖଳା ଖେଳିବ। ତେଣୁ ଗମ୍ଭୀର ଦିନିକିଆ ଦଳ ସହ ରହିବେ। ତାଙ୍କ ଅନୁପସ୍ଥିତିରେ ଲକ୍ଷ୍ମଣଙ୍କ ତତ୍ତ୍ୱାବଧାନରେ ଭାରତ ଏସିଆନ ଗେମ୍ସ ପଦକ ପାଇଁ ଲଢ଼ିବ।

ସମୟ ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି